R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୬୪
ତିଥି : ଦେବସ୍ନାନ ପୂର୍ଣ୍ଣିମା
୨୯ ଜୁନ୍ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 264
29 June 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଆଜି ମହାପ୍ରଭୁଙ୍କ ସ୍ନାନଯାତ୍ରା

## ହାତୀ ବେଶରେ ଦର୍ଶନ ଦେବେ ଚତୁର୍ଦ୍ଧା ମୂର୍ତ୍ତି

ପୁରୀ,୨୮।୬,(ସବ୍ୟୁ): ଆଜି ହେଉଛି ପବିତ୍ର ଦେବ ସ୍ନାନପୂର୍ଣ୍ଣିମା। ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନ ଯାତ୍ରା। ଏହି ଅବସରରେ ଶ୍ରୀମନ୍ଦିର ସ୍ନାନ ବେଦୀରେ ପବିତ୍ର ସ୍ନାନଯାତ୍ରା ଏବଂ ଗଜାନନ ବେଶ ଅନୁଷ୍ଠିତ ହେବ। ଏଥି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମହାପ୍ରଭୁ ରତ୍ନ ସିଂହାସନ ଛାଡ଼ି ସ୍ନାନ ମଣ୍ଡପକୁ ବିଜେ କରିବେ। ଅଗଣିତ ଭକ୍ତଙ୍କୁ ମହାପ୍ରଭୁ ଦିବ୍ୟ ସ୍ନାନ ଲୀଳା ଏବଂ ଗଜାନନ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେବେ। ସ୍ନାନଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ମହାପ୍ରଭୁଙ୍କ ପୂର୍ବ ନିର୍ଦ୍ଧାରିତ ନୀତି କାନ୍ତି କିଭଳି ସଠିକ୍ ସମୟରେ ହୋଇପାରିବ ସେନେଇ ସେବାୟତଙ୍କ ସହିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଲୋଚନା କରିଛନ୍ତି। ସୋମବାର ଭୋର ୫ ଟା ରୁ ମହାପ୍ରଭୁଙ୍କ ପହଣ୍ଡି ବିଜେ ନୀତି ଆରମ୍ଭ ହେବ। ଦିନ ୧୨ ଟା ରୁ ୨ ଟା ମଧ୍ୟରେ ଜଳ ବିଜେ, ପୂଜା ଓ ସ୍ନାନ ନୀତି ଅନୁଷ୍ଠିତ ହେବ। ୪ ଟା ରୁ ୫ ଟା ମଧ୍ୟରେ ଦୁର୍ଲଭ ହାତୀବେଶ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ ଟା ରୁ ୯ ଟା ୩୦ ପର୍ଯ୍ୟନ୍ତ ସାହାଣମେଲା, ରାତି ୧୦ ଟା ରେ ହାତୀବେଶ ମଇଲମ, ରାତି ୧୦ ଟା ୩୦ ପୁଷ୍ପାଞ୍ଜଳି ଏବଂ ଡୋର ଲାଗି, ରାତି ୧୧ ଟା ରୁ ୨ ଟା ମଧ୍ୟରେ ବାହୁଡା ପହଣ୍ଡି, ରାତି ୨ ଟା ୩୦ ରେ ସୁନା ଚିତା ଏବଂ ରାହୁରେଖା ମଇଲମ ନୀତି ଅନୁଷ୍ଠିତ ହେବ। ତେବେ ଭକ୍ତ ମାନେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରି ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଶ୍ରୀମନ୍ଦିରର ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ପାରମାଣିକ ଟିକେଟ କରିଥିବା ଭକ୍ତମାନେ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ସେପଟେ ସ୍ନାନଯାତ୍ରା ରେ ଶାନ୍ତି ଶୃଙ୍ଖଳା



ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଡ଼ଦାଣ୍ଡ ମାର୍କେଟ ଛକ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଛି। ପ୍ରବଳ ଖରା ଓ ଗୁଳୁଗୁଳି ରୁ ରକ୍ଷା ପାଇଁ ଛାମୁଣ୍ଡିଆ ର ବ୍ୟବସ୍ଥା ସହିତ ଭକ୍ତଙ୍କ ପାଇଁ ପାନୀୟ ଜଳ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ସିଞ୍ଚନ ବ୍ୟବସ୍ଥା କରାଯାଇଛି। କୌଣସି ଜରୁରୀକାଳୀନ ପରିସ୍ଥିତି ଉପୁଜିଲେ ଆମ୍ବୁଲାନ୍ସ ଦ୍ୱାରା ଭକ୍ତଙ୍କୁ ମେଡିକାଲ ରେ ଭର୍ତ୍ତି କରିବା ପାଇଁ ଅଗ୍ନିଶମ ବାହିନୀକୁ ମୁତୟନ ମଧ୍ୟ କରାଯାଇଛି। ( ୯ ପୃଷ୍ଠାରେ)

# ମୋଦୀଙ୍କୁ ସେଚେଲ୍ସର ସର୍ବୋଚ୍ଚ ସମ୍ମାନ



ଭିକ୍ଟୋରିଆ,୨୮।୬: ପରିବେଶ ସଂରକ୍ଷଣ ଓ ସ୍ଥାୟୀ ବିକାଶ କ୍ଷେତ୍ରରେ ଅଗ୍ରଣୀ ନେତୃତ୍ୱ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେଚେଲ୍ସର ସର୍ବୋଚ୍ଚ ରାଷ୍ଟ୍ରପତି ସମ୍ମାନ "ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହରା ଇଜନ୍" ପ୍ରଦାନ କରାଯାଇଛି। ଦ୍ୱୀପରାଷ୍ଟ୍ର ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଏହି ସମ୍ମାନ ଗ୍ରହଣ କରିବା ସହ ଏହାକୁ ଜଳବାୟୁ ପରିବର୍ତ୍ତନର ବଢୁଥିବା ଆହ୍ୱାନର ସାମ୍ନା କରୁଥିବା ଏବଂ ପରିବେଶ ସୁରକ୍ଷାକୁ ନିଜର ଦାୟିତ୍ୱ ମନେ କରୁଥିବା ସମସ୍ତ ଦେଶ ପ୍ରତି ଉତ୍ସର୍ଗ କରିଛନ୍ତି। ସୋସିଆଲ ମିଡିଆ ଆକାଉଣ୍ଟ "ଏକ୍ସ" ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ସେଶେଲ୍ସର ଜନସାଧାରଣ, ସରକାର ଓ ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କୁ ଏହି ସମ୍ମାନ ପାଇଁ କୃତଜ୍ଞତା ଜଣାଇଛନ୍ତି। ବିଶ୍ୱକୁ ଅଧିକ ସବୁଜ ସୁନ୍ଦର କରିବା ପାଇଁ ଭାରତର "ଲାଇଫ୍ ମିଶନ", ଆନ୍ତର୍ଜାତୀୟ ସୌର ମେଣ୍ଟ ଭଳି ବିଶ୍ୱସ୍ତରୀୟ ପ୍ରୟାସ ଏହି ଦିଗରେ କାର୍ଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ନିଜର ଏହି ତିନିଦିନିଆ ଗସ୍ତର ପ୍ରଥମ ଦିନରେ ରବିବାର ପ୍ରଧାନମନ୍ତ୍ରୀ ମୋଦୀ ସେଶେଲ୍ସର ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କ ସହ ଷ୍ଟେଟ୍ ହାଉସଠାରେ ଏକ ବ୍ୟାପକ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏଥିରେ ଦୁଇ ଦେଶ ମଧ୍ୟରେ ଥିବା ରଣନୀତିକ ସମ୍ପର୍କ, ଆଞ୍ଚଳିକ ଓ ଆନ୍ତର୍ଜାତୀୟ ପ୍ରସଙ୍ଗ ଏବଂ ସାମୁଦ୍ରିକ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତର "ମହାସାଗର" ଭିଜନ ଅଧୀନରେ ସେଶେଲ୍ସ ଭାରତର ଏକ ପ୍ରମୁଖ ସାମୁଦ୍ରିକ ସହଯୋଗୀ ଅଟେ।

# ଫ୍ରାନ୍ସରେ ବିମାନ ଦୁର୍ଘଟଣା: ୧୧ ମୃତ



ପ୍ୟାରିସ,୨୮।୬: ଫ୍ରାନ୍ସର ପୂର୍ବାଞ୍ଚଳ ସ୍ଥିତ ଟୋମ୍ବ୍ଲେନ୍ ସହରରେ ଏକ ବେସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୧୧ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଟୋମ୍ବ୍ଲେନ୍ ଦୁର୍ଘଟଣାକୁ ଫ୍ରାନ୍ସର ଚଳିତ ବର୍ଷର ଏକ ବଡ଼ ବିମାନ ଦୁର୍ଘଟଣା ଭାବେ ଗ୍ରହଣ କରାଯାଉଛି। ଟୋମ୍ବ୍ଲେନ୍ର ବିମାନବନ୍ଦର ନିକଟରେ ବିମାନଟି ଖସିପଡ଼ିବାରୁ ପୁଲିସ ସେହି ଅଞ୍ଚଳକୁ ଘେରାବନ୍ଦୀ କରିଥିଲା ଓ ଜରୁରୀକାଳୀନ ଦଳ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହିତ ଦୁର୍ଘଟଣାସ୍ଥଳକୁ ନ ଯିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିମାନଟି କିଛି ଲୋକଙ୍କୁ ନେଇ ସ୍କାଏଡାଇଭିଂ ଯାତ୍ରାରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ନିଶ୍ଚିତ କରିନାହାନ୍ତି। ବିମାନ ଦୁର୍ଘଟଣାର ତଦନ୍ତ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି। ବିମାନଟି ଏକ ପାରାଚୁଟ ପ୍ରଶିକ୍ଷଣ ସ୍କୁଲର ହୋଇଥିବାବେଳେ ଏଥିରେ ଜଣେ ପାଇଲଟ, ୫ ଜଣ ପ୍ରଶିକ୍ଷକ ଓ ୫ ଜଣ ପ୍ରଶିକ୍ଷାର୍ଥୀ ଥିଲେ। ଫ୍ରାନ୍ସର ଆଭ୍ୟନ୍ତରୀଣ ମନ୍ତ୍ରୀ ଦୁର୍ଘଟଣାସ୍ଥଳ ଗସ୍ତ କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ସ୍ୱଦେଶ ଫେରିଯିବେ ଶେଖ ହସିନା



ନୂଆଦିଲ୍ଲୀ,୨୮।୬: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଗତ ଦୁଇ ବର୍ଷ ହେଲା ଭାରତରେ ରହୁଥିବାବେଳେ ଚଳିତ ବର୍ଷ ସ୍ୱଦେଶ ଫେରିବେ ବୋଲି ବଡ଼ ଘୋଷଣା କରିଛନ୍ତି। ଏନ୍ଡିଟିଭିକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ହସିନା ନିଜ ଦେଶକୁ ଫେରିଯିବେ ବୋଲି ଘୋଷଣା କରିଛନ୍ତି। ପାକିସ୍ତାନଠାରୁ ଅଲଗା ହୋଇ ସ୍ୱତନ୍ତ୍ର ବାଂଲାଦେଶ ଗଠନ କରିବାରେ ତାଙ୍କ ବାପା ଶେଖ୍ ମୁଜିବର ରେହମାନଙ୍କର ପ୍ରମୁଖ ଭୂମିକା ରହିଥିଲା। ହସିନା ବାଂଲାଦେଶ ପ୍ରଧାନମନ୍ତ୍ରୀ ଥିବା ସମୟରେ ତାଙ୍କୁ କ୍ଷମତାରୁ ବିତାଡ଼ିତ କରିବାକୁ ୨୦୨୪ରେ ଦେଶରେ ବଡ଼ଧରଣର ଆନ୍ଦୋଳନ ଓ ହିଂସା ଦେଖାଯାଇଥିଲା। ଆନ୍ଦୋଳନକାରୀ ପ୍ରଧାନମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଚାଲି ଆସିଥିଲେ। ଫଳରେ ହସିନାଙ୍କୁ ଦେଶ ଛାଡ଼ି ପଳାୟନ କରିବାକୁ ପଡ଼ିଥିଲା। ଭାରତ ସହିତ ସୁସମ୍ପର୍କ ପାଇଁ ସେ ସେବେଠାରୁ ଭାରତରେ ରହି ଆସୁଛନ୍ତି। ହସିନାଙ୍କୁ ବାଂଲାଦେଶରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ତାଙ୍କ ରାଜନୈତିକ ଦଳ ଆୱାମୀ ( ୯ ପୃଷ୍ଠାରେ)

# ଜୁଲାଇ ପ୍ରଥମ ସପ୍ତାହରେ ଲଘୁଚାପ

## ୧ରୁ ବଢ଼ିବ ବର୍ଷାର ପରିମାଣ

ଭୁବନେଶ୍ୱର,୨୮।୬,(ସବ୍ୟୁ):ରାଜ୍ୟରେ ପ୍ରବେଶ କରିବା ସତ୍ତ୍ୱେ ଗୁଳୁଗୁଳି ଜାରି ରହିଛି। କାଁ ଭାଁ ଜିଲ୍ଲାରେ ବର୍ଷା ହୋଇଥିବା ବେଳେ ଉପକୂଳରେ ବର୍ଷା ଗାଏବ ହୋଇଯାଇଛି। ଫଳରେ ଆର୍ଦ୍ରତା ବୃଦ୍ଧି ଯୋଗୁ ଗରମ ଅନୁଭୂତ ହେଉଛି। ପାରଦ ୪୦ ଡିଗ୍ରୀ ନଟପିଲେ ମଧ୍ୟ ଆର୍ଦ୍ରତା ଯୋଗୁ ୫୦ ଡିଗ୍ରୀ ଅନୁଭୂତ ହେଉଛି। ଆସନ୍ତା ଜୁଲାଇ ପ୍ରଥମ ସପ୍ତାହରେ ଲଘୁଚାପ ହେବାର ସମ୍ଭାବନା ଅଛି ବୋଲି ଭାରତୀୟ ପାଣିପାଗ ବିଭାଗର ବିସ୍ତାରିତ ଆକଳନରୁ ଜଣାପଡିଛି।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶଙ୍କ କହିବା ଅନୁସାରେ, ଜୁଲାଇ ୩ରୁ ୫ ତାରିଖ ଭିତରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି। ଫଳରେ ପ୍ରବଳ ବର୍ଷା ହୋଇପାରେ। ବର୍ଷା ହେବା ଯୋଗୁ ଗୁଳୁଗୁଳିରେ ବ୍ରେକ ଲାଗିବ। ୧ରୁ ମୌସୁମୀ ପ୍ରଭାବ ଶକ୍ତିଶାଳୀ ହେବ। ଜୁଲାଇ ପହିଲାରୁ ବର୍ଷାର ପରିମାଣ ବୃଦ୍ଧି ପାଇବ।

ଆସନ୍ତାକାଲି (ସୋମବାର) ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସମ୍ବଲପୁର, ଅନୁଗୁଳ, ବଲାଙ୍ଗୀର, କଳାହାଣ୍ଡି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାକୁ ଗରମ ଓ ଗୁଳୁଗୁଳି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନାଗିରି ଓ ଗଜପତି ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ନେଇ ହଟଚମଟ ଜାରି କରାଯାଇଛି। ୩୦ ତାରିଖରେ କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ମାଲକାନାଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ ଓ ଗଜପତି ଜିଲ୍ଲାରେ କାଳବୈଶାଖୀ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ଦେବଗଡ, ଅନୁଗୁଳ, ଢ଼େଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, ନବରଙ୍ଗପୁର, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଆଦି ଜିଲ୍ଲାରେ କାଳବୈଶାଖୀ ବର୍ଷା ସହ ପବନ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ବୋହିପାରେ। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ଜଗତପୁର ଖଇରାଘାଟରେ ଅଘଟଣ

# ମହାନଦୀରେ ବୁଡ଼ି ୩ଛାତ୍ର ନିଖୋଜ: ଜଣେ ଉଦ୍ଧାର

କଟକ,୨୮।୬(ସବ୍ୟୁ): ଜଗତପୁର ଥାନା ଅନ୍ତର୍ଗତ ମହାନଦୀର ସାତବାଟିଆ ନିକଟବର୍ତ୍ତୀ ଖଇରା ଘାଟରେ ଆଜି ଅପରାହ୍ଣ ୪ଟା ୩୦ରେ ଘଟିଛି ଅଘଟଣ । ନଦୀର ପ୍ରଖର ସ୍ରୋତରେ ବୁଡ଼ିଯାଇ ୩ଜଣ ଛାତ୍ର ନିଖୋଜ ହୋଇଯାଇଛନ୍ତି । ସୌଭାଗ୍ୟବସତଃ ଜଣେ ଛାତ୍ର ଉଦ୍ଧାର ହୋଇଛି । ନିଖୋଜ ହୋଇଥିବା ଛାତ୍ରମାନେ ହେଲେ, ପୋତାପୋଖରୀ ଅଞ୍ଚଳର ଅରିଜିତ୍ ସାହୁ(୨୧) । ସେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ବିଏସ୍ସି ଶେଷ ବର୍ଷର ଛାତ୍ର । ବେଲେଶ୍ୱର ଅଞ୍ଚଳର ମୁକ୍ତିପ୍ରସାଦ ଦାସ(୨୧), ନୂଆବଜାର ମହିମାନଗରର ପ୍ରତ୍ୟୁଷ ସ୍ୱାଇଁ(୨୦), ତାଙ୍କ ଘର ଜଗତସିଂହପୁର କ୍ରିଷ୍ଣାନନ୍ଦପୁର ହୋଇଥିବା ବେଳେ ସେ ଭଡ଼ାରେ ରହୁଥିଲେ । ଉଦ୍ଧାର ହୋଇଥିବା ଛାତ୍ର କଲ୍ୟାଣନଗର ଅଞ୍ଚଳର ଅମ୍ଲାନପ୍ରସାଦ ନାୟକ(୨୦) । ସମସ୍ତ ଛାତ୍ର ବିଏସ୍ସି ଦ୍ୱିତୀୟ ଓ ଶେଷ ବର୍ଷର ଛାତ୍ର ବୋଲି ଜଣାପଡ଼ିଛି । ତେବେ ସନ୍ଧ୍ୟା ୬ଟା୩୦ରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ରେସ୍କ୍ୟୁ ଅପରେସନ୍ ଚାଲିଥିବା ବେଳେ ନିଖୋଜ ୩ଛାତ୍ରଙ୍କ ପତ୍ତା ମିଳି ପାରିନଥିବା ଚାଉଳିଆଗଞ୍ଜ ଅଗ୍ନିଶମ କାର୍ଯ୍ୟାଳୟର ଏଏସ୍ଓ ରମେଶଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ଘଟଣାସ୍ଥଳରେ ଜଗତପୁର ଥାନା ପୁଲିସ ରେସ୍କ୍ୟୁ ଅପରେସନ୍ରେ ସାମିଲ ଅଛନ୍ତି। ଅଗ୍ନିଶମ ବାହିନୀ ସୂଚନା ଅନୁସାରେ, ନୂଆବଜାର ଛକରେ ଅରିଜିତ୍, ମୁକ୍ତି, ଅମ୍ଲାନ୍ ଓ ପ୍ରତ୍ୟୁଷ ଆଜି ଅପରାହ୍ଣ ୨ଟାରେ ଏକତ୍ରିତ ହୋଇଥିଲେ । ଏହାପରେ ସାତବାଟିଆ ପାଖରେ ଥିବା ଖଇରାଘାଟରେ କମ୍ ପାଣିଥିବା ଆଲୋଚନା ହୋଇଥିଲା । ୪ଜଣ ସାଙ୍ଗ ଗୋଟିଏ ସ୍କୁଟି ଓ ଗୋଟିଏ ବାଇକ୍ ଯୋଗେ ମହାନଦୀର ଖଇରାଘାଟ ନିକଟରେ ୪ଟା୨୦ସୁଦ୍ଧା ପହଞ୍ଚିଥିଲେ । ସେଠାରେ ଡ୍ରେସ୍ ବଦଳାଇ ନଦୀ ମଧ୍ୟକୁ ( ୯ ପୃଷ୍ଠାରେ)

# ଜଙ୍ଗଲରୁ ମାଓବାଦୀଙ୍କ ବିପୁଳ ମାରଣାସ୍ତ୍ର ଜବତ



ମାଲକାନଗିରି,୨୮।୬,(ସବ୍ୟୁ): ମାଲକାନଗିରି ପୋଲିସ ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ (ଡିଭିଏଫ୍) ଟିମ୍ ରବିବାର ସକାଳେ କାଲିମେଲା ପୋଲିସ୍ ଷ୍ଟେସନ ଅନ୍ତର୍ଗତ ଗୁଣ୍ଡାବାଡା ଏବଂ କଦମଗୁଡାର ଏକ ଘଞ୍ଚ ଜଙ୍ଗଲ ଅଞ୍ଚଳରୁ ପ୍ରମୁଖ ମାଓବାଦୀ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରିଛି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଠାରୁ ସୂଚନା ପାଇ ମାଲକାନଗିରି ଡିଭିଏଫ ପୋଲିସ ବାହିନୀ ମାଓ ଡମ୍ପକୁ ଚିହ୍ନଟ କରିଥିଲେ । ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମ ରାଜୁ ଜିଲ୍ଲାର ଡଙ୍କରାଇ ପୋଲିସ୍ ଷ୍ଟେସନ ସୀମାରେ ସକାଳ ପ୍ରାୟ ୬.୩୦ ମିନିଟ ସମୟରେ ଡମ୍ପିଂ କରାଯାଇଥିବା ସମସ୍ତ ମାଓ ସାମଗ୍ରୀ ଗୁଡ଼ିକୁ ଜବତ କରାଯାଇଛି । ଡମ୍ପରୁ ଜବତ ହୋଇଥିବା ବିସ୍ଫୋରଣ ସାମଗ୍ରୀ ମଧ୍ୟରେ ୨ଟି ବନ୍ଧୁକ, ୨ଟି ହାତ ତିଆରି ପିସ୍ତଲ, ଗୋଟିଏ ଆମେରିକା ନିର୍ମିତ ପିସ୍ତଲ, ଗୋଟିଏ ୩୦୩ ବନ୍ଧୁକ ବ୍ୟାରେଲ, ୫କିଲୋ ଓ ୨କିଲୋଗ୍ରାମର ଆଇଇଡି, କ୍ଲେମୋର ମାଇନ୍ ଏବଂ ୪ଟି ବିଜିଏଲ ସେଲ, ୭ଟି ୱାକିଟକ, ୩ଟି ଚାର୍ଜର, ୩ଟି ବ୍ୟାଟେରୀ ଏବଂ ୨ଟି ଆଣ୍ଟିନା, ୪୫ଟି ପେନଡ୍ରାଇଭ, ଗୋଟିଏ ହାର୍ଡଡିସ୍କ, ଗୋଟିଏ ପାୱାର ବ୍ୟାଙ୍କ ଏବଂ ଗୋଟିଏ କି-ବୋର୍ଡ ରହିଛି । ଏଥିସହିତ ୫ଟି କାର୍ଟିଜ, ୪ ମିଟର ଏମସିପି ସୁଇଚ୍ ତାର, ମୋଟର ସାଇକେଲ ବ୍ୟାଟେରୀ, ମାଓ ପୋଷାକ ଏବଂ ମେଡିସିନ୍ କିଟ୍ ସହ ଅନ୍ୟାନ୍ୟ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି ।

ସାଧାରଣ ନାଗରିକ ତଥା ସୁରକ୍ଷା ବାହିନୀ ବିରୁଦ୍ଧରେ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ବିସ୍ଫୋରକ ସାମଗ୍ରୀ ବ୍ୟବହାର କରାଯିବା ପାଇଁ ଏହା ଗଚ୍ଛିତ ରଖାଯାଇଛି ବୋଲି ପୋଲିସ ସନ୍ଦେହ କରୁଛି । ଏହି କାର୍ଯ୍ୟ ମାଓବାଦୀଙ୍କ (ଆନ୍ଧ୍ର-ଓଡିଶା ସୀମା ସ୍ପେଶାଲ ଜୋନାଲ କମିଟି) କ୍ୟାଡ଼ରଙ୍କ ବୋଲି ଜଣାପଡିଛି । ( ୯ ପୃଷ୍ଠାରେ)

## ଗୋ ସ୍ୱିଡ୍ ଗୋ ସ୍କିମ ନାଁରେ ୫ କୋଟି ଠକେଇ

# ନେପାଳ ସୀମାରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୬,(ସବ୍ୟୁ): ଗୋ ସ୍ୱିଡ ଗୋ ସ୍କିମ ନାଁରେ ଅଭିଯୁକ୍ତ ପଟିଆଠାରେ ଏକ କାର୍ଯ୍ୟାଳୟ ଖୋଲି କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇଥିଲା। ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ପ୍ରଭାବିତ କରି ତା ସଂସ୍ଥାରେ ଟଙ୍କା ବିନିଯୋଗ କରିବାକୁ ଲୋକଙ୍କୁ ପ୍ରବର୍ତ୍ତାଇ ଥିଲା। ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କଠାରୁ ପ୍ରାୟ ୫ କୋଟି ଟଙ୍କା ସଂଗ୍ରହ କରିବା ପରେ ଅଫିସ ବନ୍ଦ କରି ଫେରାର ହୋଇଯାଇଥିଲା। ଏପରିକି ଅଫିସ କର୍ମଚାରୀକୁ ମଧ୍ୟ ଚୁକ୍ତି ଅନୁଯାୟୀ ଦରମା ଦେଇନଥିଲା। ଇନଫୋସିସ ଥାନାରେ ଏସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ୍ ନେପାଳ ସୀମାରୁ ଅଭିଯୁକ୍ତ



ସଚିଦାନନ୍ଦ ଭୋଇ (୫୧)କୁ ଗିରଫ କରି ଟ୍ରାଞ୍ଜିଟ ରିମାଣ୍ଡରେ ଓଡ଼ିଶା ଆଣିଛି।

ଗୋ ସ୍ୱିଡ ଗୋ ସ୍କିମ ଅଫିସରେ ବିମଳ କୁମାର ତ୍ରିପାଠୀ ଠକେଇ ହୋଇଥିବା ଇନଫୋସିଟି ଥାନରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, ଅଭିଯୁକ୍ତ ସଚ୍ଚିଦାନନ୍ଦ ଗୋ ସ୍ୱିଡ ଗୋ ଅଫିସରେ ସିଇଓ ତଥା ନିର୍ଦ୍ଦେଶକ ବୋଲି ପରିଚୟ ଦେଇ ବିଭିନ୍ନ ବ୍ୟକ୍ତିଙ୍କୁ କମ୍ପାନୀର ଫ୍ରାଞ୍ଚାଇଜ ନେବାକୁ ପ୍ରବର୍ତ୍ତାଉଥିଲା। ସମ୍ପୂର୍ଣ୍ଣ ବ୍ୟବସାୟୀଙ୍କ ସହଯୋଗ, ନିଶ୍ଚିତ ବ୍ୟବସାୟ ଏବଂ ଅଧିକ ଲାଭ ବୋଲି ପ୍ରଲୋଭିତ କରାଇଥିଲା। ସେହିପରି କମ୍ପାନୀର କାର୍ଯ୍ୟରତ କର୍ମଚାରୀଙ୍କୁ ନିୟମିତ ଦରମା ଦିଆଯିବ ବୋଲି ବିଶ୍ୱାସ ଜନ୍ମାଇ ନିଯୁକ୍ତି ଦେଇଥିଲା। ଏହି ପ୍ରତିଶ୍ରୁତିରେ ବିଶ୍ୱାସ କରି ଅନେକ ଫ୍ରାଞ୍ଚାଇଜର ବିପୁଳ ପରିମାଣର ଅର୍ଥ ଜମା କରୁଥିବା ବେଳେ ବହୁ କର୍ମଚାରୀ କମ୍ପାନୀରେ ଯୋଗଦେଇଥିଲେ। ଫ୍ରାଞ୍ଚାଇଜରମାନଙ୍କଠାରୁ ଆଦାୟ କରାଯାଇଥିବା ପ୍ରାୟ ୫ କୋଟି ଏବଂ କର୍ମଚାରୀଙ୍କ ଦରମା ୬୩ ଲକ୍ଷ ଆତ୍ମସାତ କରିଥିଲା । ସେ ଫ୍ରାଞ୍ଚାଇଜରମାନଙ୍କୁ ପ୍ରତିଶ୍ରୁତି ଅନୁଯାୟୀ ସେବା ଯୋଗାଇଥିବା ବେଳେ କର୍ମଚାରୀମାନଙ୍କୁ ମଧ୍ୟ ଦରମା ଦେଇନଥିଲେ। ପରେ ଗିରଫଦାରୀ ଏଡାଇବା ପାଇଁ ସେ ଫେରାର ହୋଇଗଲା।

ଏତଲା ଅନୁଯାୟୀ ପୋଲିସ ତଦନ୍ତ କରୁଥିବା ବେଳେ ସୂଚନା ମିଳିଥିଲା ନେପାଳ ( ୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ଆମକୁ ସବୁବେଳେ ପରଫେକଫ ଦେଖାଯିବା ପାଇଁ ବାଧ୍ୟ କରାଯାଇଥାଏ। ଫ୍ୟାଶନ ସହ ଜଡିତ ଲୋକ ସବୁବେଳେ ଆମକୁ ଆମର ବଡି ୱେଟ୍ ବିଷୟରେ କହିଥାଆନ୍ତି, ଯାହା ଖରାପ ଲାଗିଥାଏ ।

ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ



ପବ୍ଲିକ୍ ଫିଗର୍ ହୋଇଥିବାରୁ ଚେଷ୍ଟା କରେ ଫ୍ୟାନଙ୍କ ମନକୁ କେବେ ବି କଷ୍ଟ ଦେବିନି । ମୋତେ ସବୁବେଳେ ମେସେଜ୍ ଆସେ କି ମୋତେ ଏଭଳି ରିଲ୍ସ କରିବା ଶୋଭା ଦେଉନି, ଯେହେତୁ ସୀତା ଚରିତ୍ରରେ ଅଭିନୟ କରିଛି ।

ଦିପିକା ଚିଖଲିୟା, ଅଭିନେତ୍ରୀ



ମୁଁ ଯେତେବେଳେ ବି କୌଣସି ଚରିତ୍ରରେ ଅଭିନୟ କରିବା ଆରମ୍ଭ କରେ ସେତେବେଳେ ଚରିତ୍ର ଓ ମୋ ଭିତରେ କମନ୍ ପଏଣ୍ଟ୍ କଣ ଅଛି ତାହା ଖୋଜିବା ଆରମ୍ଭ କରିଥାଏ ।

ଅପାରଶକ୍ତି ଖୁରାନା, ଅଭିନେତା



## ଦେବସ୍ନାନ ପୂର୍ଣ୍ଣିମା

ପୃଥିବୀ ପ୍ରସିଦ୍ଧ ରଥଯାତ୍ରାର ଆଦ୍ୟପର୍ବ ଭାବେ ସ୍ନାନଯାତ୍ରାକୁ ବିବେଚନା କରାଯାଇଥାଏ । ଏହି ଦିନଠାରୁ ମହାପ୍ରଭୁଙ୍କର ରଥଯାତ୍ରାର ନୀତିକାନ୍ତି ଆରମ୍ଭ ହୋଇଥାଏ । ସ୍ନାନପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀଜିୟୁଙ୍କୁ ସ୍ନାନବେଦୀରେ ୧୦୮ ଗରା ସୁବାସିତ ଜଳ ଦ୍ୱାରା ସ୍ନାନ କରାଯାଇଥାଏ । ଏହି ଦିନ ଠାକୁର ଭକ୍ତମାନଙ୍କୁ ଗଜାନନ ବେଶରେ ଦର୍ଶନ ଦିଅନ୍ତି । ଏହାକୁ ଭଗବାନଙ୍କର ଏକ ମାନବୀୟ ଲୀଳା ବୋଲି ଆଖ୍ୟା ଦିଆଯାଇଥାଏ । ଏହି ଦିନ ଠାକୁର ୧୦୮ ସୁବାସିତ ଅଭିମନ୍ତ୍ରିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡିଥାଆନ୍ତି । ତେଣୁ ଏହାପରେ ଅଣସର ନୀତି ଅନୁଷ୍ଠିତ ହୋଇଥାଏ । ଏହି ଦିନ କୀମ୍ବଦନ୍ତୀ ଅନୁସାରେ ଠାକୁରଙ୍କର ବିଭିନ୍ନ ନୀତି ଅନୁଷ୍ଠିତ ହୋଇଥାଏ । ସ୍ନାନପୂର୍ଣ୍ଣିମାଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ ଧରି ଶ୍ରୀଜିୟୁ ଜ୍ୱରରେ ପଡ଼ନ୍ତି । ଏହି ଦିନମାନଙ୍କରେ ଠାକୁରଙ୍କର ଦର୍ଶନ ବନ୍ଦ ରହିଥାଏ । ଏହି ସମୟରେ ଭକ୍ତମାନେ ନିକଟସ୍ଥ ବ୍ରହ୍ମଗିରିରେ ପୂଜିତ ହେଉଥିବା ଅଲାରନାଥଙ୍କୁ ଦର୍ଶନ କରନ୍ତି ।

## ଇତିହାସ

୧୮୯୩- ପ୍ରସିଦ୍ଧ ଭାରତୀୟ ବୈଜ୍ଞାନିକ ଏବଂ ଷ୍ଟାଟିଷ୍ଟିସିଆନ୍ ପି.ସି. ମହାଲନୋବିସ୍‌ଙ୍କ ଜନ୍ମ ।

୧୯୬୧- ଭାରତର ପ୍ରସିଦ୍ଧ ସ୍ୱତନ୍ତ୍ରତା ସେନାନି, ରାଜନୀତିଜ୍ଞ ଏବଂ ପ୍ରଥମ ପ୍ରତିରକ୍ଷା ମନ୍ତ୍ରୀ ସର୍ଦ୍ଦାର ବଳଦେବ ସିଂହଙ୍କ ପରଲୋକ ।

୨୦୦୦- ବିଶ୍ୱର ପ୍ରମୁଖ କମ୍ପାନୀ ଆଇବିଏମ୍ ଦ୍ୱାରା ବିଶ୍ୱର ସବୁଠୁ ଦ୍ରୁତ କମ୍ପ୍ୟୁଟର ବିକଶିତ କରାଗଲା ।

୨୦୦୫- ଭାରତ ଏବଂ ଆମେରିକା ମଧ୍ୟରେ ୧୦ ବର୍ଷର ବୁଝାମଣା ସ୍ୱାକ୍ଷର ।

୨୦୦୭- ଦକ୍ଷିଣ ଆଫ୍ରିକା ବିପକ୍ଷରେ ଫ୍ୟୁଚର କପ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଆନ୍ଦ୍ରେ ନେଲ୍‌ଙ୍କ ବଲ୍‌ରେ ସଚିନ ତେନ୍ଦୁଲକର ନିଜ ୱାନ୍‌ଡେ କ୍ୟାରିୟର୍‌ର ୧୫ ହଜାର ରନ୍ ପୂରା କଲେ । ୬ ୱିକେଟ୍‌ରେ ଭାରତ ଏହି ମ୍ୟାଚ୍ ଜିତିଥିଲା ।

୨୦୦୮ - ପରିବେଶ ସହ ସମ୍ବନ୍ଧିତ ବେସରକାରୀ ସଂସ୍ଥା ଜନହିତ ଫାଉଣ୍ଡେସନ୍‌କୁ ପରିବେଶ କ୍ଷେତ୍ରର ପ୍ରସିଦ୍ଧ ପୁରସ୍କାର "ଆଇକମ୍' ପ୍ରଦାନ କରାଗଲା ।

୨୦୦୮ - ବିଶ୍ୱର ପ୍ରଥମ ଗର୍ଭଧାରୀ ପୁରୁଷ ଥୋମାସ୍ ଜଣେ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଲେ ।

୨୦୧୧- ମାନବ ତସ୍କରୀର ୱାଚ୍ ଲିଷ୍ଟ୍‌ରୁ ଭାରତକୁ ବାହାର କରାଗଲା ।

୨୦୧୩- ସମଲିଙ୍ଗୀ ବିବାହ ଉପରେ କାଲିଫର୍ଣ୍ଣିଆ ପ୍ରତିବନ୍ଧକ ଲାଗୁ କଲା ।

୨୦୧୪- ସାଇନା ନେହ୍ୱାଲ୍ ଅଷ୍ଟ୍ରେଲିଆନ୍ ସୁପର ସିରିଜ୍ ଜିତିଲେ ।

## ଗୋଡ଼ ମୋଡ଼ିହେବାକୁ କରନ୍ତୁନି ଅଣଦେଖା

ଅନେକ ସମୟରେ ଚାଲିବା ସମୟରେ, ସିଡ଼ିରୁ ଓହ୍ଲାଇବା ବେଳେ ସନ୍ତୁଳନ ବିଗିଡ଼ିଯିବା କିମ୍ବା ଖାଲଖମାରେ ପାଦ ପଡ଼ିବା ଦ୍ୱାରା ପାଦ ମୋଡ଼ିହୋଇଯାଇଥାଏ । ତେବେ ଏହି ସମସ୍ୟାକୁ ସାଧାରଣ ଆଘାତ ଭାବି ନଜରଅନ୍ଦାଜ କରିବା ଅନୁଚିତ । କାରଣ ଏହାଦ୍ୱାରା ଶରୀରର ଗଣ୍ଠିଗୁଡ଼ିକୁ ସ୍ଥିରତା ପ୍ରଦାନ କରୁଥିବା ଲିଗାମେଣ୍ଟ ଗମ୍ଭୀର ଭାବେ କ୍ଷତିଗ୍ରସ୍ତ ହୋଇପାରେ। ଶରୀରର ଓଜନ ସମ୍ଭାଳୁଥିବା ଗୋଡ଼ର ଗଣ୍ଠିରେ ସବୁଠାରୁ ଅଧିକ ପ୍ରଭାବ ପଡିବାର ଆଶଙ୍କା ଥାଏ । ଏହି ସମୟରେ ଯଦି ପ୍ରାରମ୍ଭିକ ୪୮ ଘଣ୍ଟା ମଧ୍ୟରେ ଉପଯୁକ୍ତ ପ୍ରାଥମିକ ଚିକିତ୍ସା ନମିଳେ, ତେବେ ଯନ୍ତ୍ରଣା ଓ ପ୍ରଦାହ ବହୁତ ବଢ଼ିଯାଇଥାଏ । ଗୋଡ ମୋଡିହେଲେ ଲିଗାମେଣ୍ଟ ଛିଣ୍ଡିବା ବା ଟାଣି ହେବାର ଆଶଙ୍କା ଅଧିକଥାଏ । ଯେଉଁଠି ହାଡ଼ ଭାଙ୍ଗିବା ସମସ୍ୟା ଅଧିକ ଗମ୍ଭୀର ହୋଇଥାଏ, ତେଣୁ ଏଭଳି ପରିସ୍ଥିତିରେ ଡାକ୍ତରଙ୍କ ପରାମର୍ଶ ନେବା ତୁରନ୍ତ ଆବଶ୍ୟକ। ତେବେ ଆଘାତପ୍ରାପ୍ତ ସ୍ଥାନକୁ ଆରାମ ଦେବାସହ ପ୍ରତି ୨-୩ ଘଣ୍ଟାରେ ୧୫-୨୦ ମିନିଟ୍ ପାଇଁ ବରଫ ସେକ ଦେବା, ଇଲାଷ୍ଟିକ ବ୍ୟାଣ୍ଡେଜ୍ ବାନ୍ଧି ହାଲୁକା ଚାପ ଦେବା ଏବଂ ଶୋଇବା ସମୟରେ ପାଦକୁ ହୃଦୟର ସ୍ତରଠାରୁ ଉପରକୁ ଟେକି ରଖିପାରିବେ । ଏହି ସମୟରେ ପ୍ରଭାବିତ ପାଦ ଉପରେ ଓଜନ ଦେଇ ଚାଲିବା, ମାଲିସ କରିବା, ଗରମ ପାଣି ବା ହିଟ୍ ପ୍ୟାଡ୍‌ରେ ସେକ ଦେବା ଭଳି ଭୁଲ୍ ଆଦୌ କରିବା ଉଚିତ ନୁହେଁ । ଯଦି ଅତ୍ୟଧିକ କଷ୍ଟ ହେବା ସହ ପାଦ ପକାଇବା ମୁସ୍କିଲ୍ ହୁଏ କିମ୍ବା ଫ୍ରାକ୍ଚରର ସନ୍ଦେହ ଥାଏ, ତେବେ ବିନା ବିଳମ୍ବରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ଆବଶ୍ୟକ ।



## ଡରାଇବେ ଜ୍ୟାକଲିନ

ବର୍ତ୍ତମାନ ସମୟରେ ସିନେପ୍ରେମୀଙ୍କ ମଧ୍ୟରେ ହରର୍ ଫିଲ୍ମ ପାଇଁ ଏକ ନୂଆ କ୍ରେଜ୍ ଦେଖିବାକୁ ମିଳୁଛି । ଯାହାକୁ ଦୃଷ୍ଟିରେ ରଖି ବଲିଉଡ୍‌ର ଅନେକ କଳାକାର ଏଭଳି ସ୍କ୍ରିପ୍ଟ ସନ୍ଧାନରେ ଅଛନ୍ତି। ଏହି କ୍ରମରେ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ପ୍ରଥମ ଥର ପାଇଁ ସାମିଲ ହୋଇଛନ୍ତି । ସୂଚନା ଅନୁଯାୟୀ, ଜ୍ୟାକଲିନ୍ ବହୁ ଦିନରୁ ଏକ ଭଲ ହରର୍ ସ୍କ୍ରିପ୍ଟ ଖୋଜୁଥିଲେ ଯାହା ତାଙ୍କୁ ଏବେ ମିଳିଛି। କାହାଣୀରେ ଭୟ ସହିତ ଇମୋସନ ମଧ୍ୟ ରହିଛି, ଯାଗା ଦର୍ଶକଙ୍କୁ ଏକ ସୁନ୍ଦ ଅନୁଭୂତି ଦେବ ବୋଲି ମେକର୍ସ ଆଶା ରଖିଛନ୍ତି। ଖ୍ୟାତି ମଦାନଙ୍କ 'ନଟ୍ ଆଉଟ୍ ଏଣ୍ଟରଟେନମେଣ୍ଟ' ବ୍ୟାନରରେ ଏକ ବଡ଼ ସ୍କେଲ୍‌ରେ ପ୍ରଯୋଜିତ ହେବାକୁ ଥିବା ଏହି ଚଳଚ୍ଚିତ୍ରରେ ଜ୍ୟାକଲିନ୍ ମୁଖ୍ୟ ଭୂମିକାରେ ନଜର ଆସିବେ। ତେବେ ତାଙ୍କ ବିପକ୍ଷରେ ଦୁଇଜଣ ଅଭିନେତା ଚୂଡ଼ାନ୍ତ ହୋଇସାରିଛନ୍ତି, କିନ୍ତୁ ସେମାନଙ୍କ ନାମ ସାମ୍ନାକୁ ଆସିନାହିଁ। ଏହି ପ୍ରୋଜେକ୍ଟ ପାଇଁ ଏକ ଗୀତ ଓ ଟିଜର୍ ସୁଟିଂ ସରିଯାଇଛି ଏବଂ କଳାକାରମାନେ ବର୍ତ୍ତମାନ ୱାର୍କସପ୍‌ରେ ବ୍ୟସ୍ତ ଥିବା ବେଳେ ଚଳିତ ମାସ ଶେଷ ସୁଦ୍ଧା ଏହାର ସୁଟିଂ ଆରମ୍ଭ ହେବାର ସମ୍ଭାବନା ରହିଛି । ତେବେ ଖବର ସାମନାକୁ ଆସିବାପରେ ଜ୍ୟାକଲିନଙ୍କ ଫ୍ୟାନ ଖୁବ ଖୁସି ଅଛନ୍ତି।



## ରୋବୋଟ୍ ମାଗୁଛି ଭିକ

ଚୀନର ସିଚୁଆନ୍ ପ୍ରଦେଶର ଏକ ରାସ୍ତାକଡ଼ରେ ଆଣ୍ଠୁମାଡ଼ି ବସିଥିବା ଏକ ହ୍ୟୁମାନଏଡ୍ ରୋବୋଟ୍‌ର ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହି ରୋବୋଟ୍‌ଟି ନିଜର କୌଣସି ଅସାଧାରଣ କାର୍ଯ୍ୟ ପାଇଁ ନୁହେଁ, ବରଂ ନିଜର ବିଦ୍ୟୁତ୍ ବିଲ୍ ପରିଶୋଧ କରିବା ଏବଂ ଚାର୍ଜିଂ ପାଇଁ ଲୋକମାନଙ୍କୁ ସାହାଯ୍ୟ ମାଗୁଥିବାର ଦେଖିବାକୁ ମିଳିଛି। ଭିଡିଓରେ ରୋବୋଟ୍‌ଟି ଗୋଟିଏ ଆଣ୍ଠୁ ମାଡ଼ି ଦୁଇ ହାତ ଯୋଡ଼ି ଯାତ୍ରୀମାନଙ୍କୁ ପ୍ରଣାମ କରୁଥିବା ବେଳେ ତା' ପାଖରେ ନଗଦ ଟଙ୍କା ରଖିବା ପାଇଁ ଏକ ପ୍ଲେଟ୍ ଏବଂ ଡିଜିଟାଲ୍ ପେମେଣ୍ଟ ପାଇଁ ଏକ କ୍ୟୁଆର କୋଡ୍ ରଖାଯାଇଛି। ଏଥିସହିତ ସେଠାରେ ଲାଗିଥିବା ଏକ ଏଲଇଡି ସାଇନ୍ ବୋର୍ଡ ଏବଂ ଲାଉଡସ୍ପିକର ମାଧ୍ୟମରେ "ରିଚାର୍ଜ କରିବାକୁ ଟଙ୍କା ନାହିଁ"ଏବଂ "ଦୟାକରି ବିଦ୍ୟୁତ୍ ବିଲ୍ ପାଇଁ ସାହାଯ୍ୟ କରନ୍ତୁ"ଭଳି ବାର୍ତ୍ତା ବାରମ୍ବାର ପ୍ରସାରିତ ହେଉଛି। ରିପୋର୍ଟ ଅନୁଯାୟୀ, ଏହି ରୋବୋଟ୍‌ଟି ଚୀନର ରୋବୋଟିକ୍ସ କମ୍ପାନୀ 'ୟୁନିଟ୍ରି' ଦ୍ୱାରା ନିର୍ମିତ 'ୟୁନିଟ୍ରି ଜି୧' ଅଟେ, ଯାହା ଚଳିତ ବର୍ଷ ଆରମ୍ଭରେ ଇକ୍ୱାଡୋରର ଚିମ୍ବୋରାଜୋ ଆଗ୍ନେୟଗିରି ଆରୋହଣ କରି ଚର୍ଚ୍ଚାକୁ ଆସିଥିଲା। ଏହି ଭିଡିଓକୁ ନେଇ ସୋସିଆଲ ମିଡିଆରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି ।



## ସ୍ୱର ପରିବର୍ତ୍ତନ ଦେଇଥାଏ ରୋଗର ସଙ୍କେତ

ଆମେ ସାଧାରଣତଃ ସ୍ୱରକୁ କେବଳ କଥାବାର୍ତ୍ତାର ଏକ ମାଧ୍ୟମ ବୋଲି ଭାବିଥାଉ, କିନ୍ତୁ ଏହା ଆମ ସ୍ୱାସ୍ଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସଂକେତ ମଧ୍ୟ ଅଟେ । ଥଣ୍ଡା - ଜ୍ୱର କିମ୍ବା କ୍ଲାନ୍ତି ଯୋଗୁଁ ସ୍ୱରରେ ସାମାନ୍ୟ ପରିବର୍ତ୍ତନ ହେବା ସ୍ୱାଭାବିକ, ହେଲେ ଅନେକ ସମୟରେ ଏହି ପରିବର୍ତ୍ତନ ମଧୁମେହ, ଥାଇରଏଡ୍, ହୃଦ୍‌ରୋଗ କିମ୍ବା ସ୍ନାୟୁଗତ ସମସ୍ୟାର ଇସାରା ହୋଇପାରେ । ସ୍ୱର ପ୍ରସ୍ତୁତ ହେବା ପଛରେ ଆମ ମସ୍ତିଷ୍କ, ଫୁସଫୁସ ଓ ଭୋକାଲ୍ କର୍ଡର ସମନ୍ୱୟ ରହିଥାଏ, ତେଣୁ ଏଥିମଧ୍ୟରୁ କୌଣସି ବି ଅଙ୍ଗରେ ତ୍ରୁଟି ଦେଖାଦେଲେ ତାହାର ସିଧାସଳଖ ପ୍ରଭାବ ସ୍ୱର ଉପରେ ପଡ଼ିଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି କାହାର ସ୍ୱର ୨ - ୩ ସପ୍ତାହରୁ ଅଧିକ ସମୟ ଧରି ବସି ରହେ, କଥାବାର୍ତ୍ତା କଲାବେଳେ ହଠାତ୍ ପାଟି ଲାଖିଯାଏ ବା ସ୍ୱର ଥରେ, କାଶିବା ସହ ରକ୍ତ ପଡ଼େ କିମ୍ବା ନିଶ୍ୱାସ ନେବାରେ କଷ୍ଟ ହୁଏ, ତେବେ ଏହାକୁ ନେଇ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । କାରଣ ଏହା କୌଣସି ମାରାତ୍ମକ ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। କେବଳ ଶାରୀରିକ ନୁହେଁ, ବରଂ ମାନସିକ ସ୍ୱାସ୍ଥ୍ୟର ମଧ୍ୟ ଆମ ସ୍ୱର ଉପରେ ସିଧାସଳଖ ପ୍ରଭାବ ପଡ଼ିଥାଏ । ଯେଉଁଥିପାଇଁ ଅବସାଦ ସମୟରେ ମଣିଷର ସ୍ୱର ମନ୍ଥର ଓ ନିସ୍ତେଜ ହୋଇଯାଉଥିବା ବେଳେ ଅତ୍ୟଧିକ ଚିନ୍ତା ଯୋଗୁଁ ସ୍ୱର ତୀବ୍ର ଏବଂ କମ୍ପିତ ହେବା ଭଳି ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ତେଣୁ ସ୍ୱରରେ ପରିବର୍ତ୍ତନକୁ ସାଧାରଣ ଭାବି ଅଣଦେଖା କରନ୍ତୁ ନାହିଁ।





**ମେଷ:** କର୍ମରେ ଉନ୍ନତି, ଭୂମିବାହନ ଲାଭ, ଭଲ ବ୍ୟବସାୟ, କର୍ମକ୍ଷେତ୍ରରେ ଖୁସି, ସୁସମ୍ପର୍କ, ପାରିବାରିକ ସହଯୋଗ, ବିଶିଷ୍ଟ କାର୍ଯ୍ୟ ପ୍ରତି ଆଗ୍ରହ, ଦୂର ଯାତ୍ରା, ଶତ୍ରୁ ନାଶ, କଚେରି ମାମଲାରେ ଖୁସି, ବିଦ୍ୟା ଲାଭ। କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୫, ଆରାଧନା- କୁବେର ଭଗବାନ ।

**ବୃଷ:** ଖର୍ଚ୍ଚାନ୍ତ ଯୋଗ, କାର୍ଯ୍ୟରେ ଅସନ୍ତୁଷ୍ଟ, ବ୍ୟବସାୟରେ ଉନ୍ନତି, ନୂତନ ସହଯୋଗ, ତୀର୍ଥାଟନ, ସ୍ୱଜନ କଷ୍ଟ, ମାନସିକ ଖୁସି, ଅତିଥି ଚର୍ଚ୍ଚା, ଦୂରସ୍ଥାନକୁ ଯାତ୍ରା, କିଛି କାର୍ଯ୍ୟରେ ଅଗ୍ରଗତି, ବିଦ୍ୟାରେ ଉନ୍ନତି, ଶତ୍ରୁ ଲାଗି ଚିନ୍ତିତ, ଗାଡ଼ି ଚାଳନାରେ ସାବଧାନ। ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୩, ଆରାଧନା- ମା' ଗ୍ରାମଦେବତୀ।

**ମିଥୁନ:** ଧନ ଲାଭ, କାର୍ଯ୍ୟ କ୍ଷେତ୍ରରେ ଉନ୍ନତି, ବ୍ୟବସାୟରେ ଲାଭ, ସୁମିଷ୍ଟ ଖାଦ୍ୟ ପ୍ରାପ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର ମିଳିବ, ସହଯୋଗ ବୃଦ୍ଧି, ପାରିବାରିକ ଖୁସି, ଶୁଭ ଆଲୋଚନା, ଦୂର ଯାତ୍ରା, ନ୍ୟାୟିକ ବ୍ୟବସ୍ଥାରେ ଆନନ୍ଦ। ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ:** କର୍ମ ପ୍ରତି ଆଗ୍ରହ, ବ୍ୟବସାୟରେ ଉନ୍ନତି, ସମ୍ମାନିତ, ମନରେ ନୂଆ କାର୍ଯ୍ୟରେ ଆଗ୍ରହ, କର୍ମ ସଫଳ, ବନ୍ଧୁଗୃହକୁ ଯାତ୍ରା, ଭୂସମ୍ପତ୍ତି ଲାଭ, ଆର୍ଥିକ ସମସ୍ୟା ସମାଧାନ, ଗୃହେ ଉତ୍ସବ, ପରିଶ୍ରମ ଅଧିକ ରହିବ, ବିଦ୍ୟାରେ ସଫଳ। ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଲାଲ୍, ସଂଖ୍ୟା-୨, ଆରାଧନା-ମା' ଦକ୍ଷିଣକାଳୀ ।

**ସିଂହ:** ଗୁରୁଜନଙ୍କ କୃପା, ଅନୁଷ୍ଠାନରୁ ଲାଭ, ପାରିବାରିକ ଖୁସି, ମାନସମ୍ମାନ ପ୍ରାପ୍ତି, ପରିଭ୍ରମଣ ଯୋଗ, ବନ୍ଧୁ ସହଯୋଗ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି, ଉଚ୍ଚ ଆଶା ଫଳପ୍ରଦ, ଶତ୍ରୁରେ କଷ୍ଟ, ଭୂମି ବାହନ ଲାଭ, ଧାର୍ମିକ କର୍ମ ପ୍ରତି ଆଗ୍ରହ, ପିଲାଙ୍କ ଖୁସି, ବିଦ୍ୟାରେ ସଫଳତା। ପୂର୍ବା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା-ମା' ଭଗବତୀ।

**କନ୍ୟା:** ଶରୀର ଅସୁସ୍ଥ, ଉତ୍ସବ ପ୍ରତି ଆଗ୍ରହ, ଶତ୍ରୁ ପରାଭବ, କାମରେ ବିଳମ୍ବ, ସ୍ୱଜନବିରୋଧ, ଗାଡ଼ି ଚାଳନାରେ ସାବଧାନ, ନୂତନ ସମସ୍ୟା, ଭ୍ରାତୃ ବିରୋଧ, କମ୍ ଲାଭ, ବିଦ୍ୟାରେ ଉନ୍ନତି। ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ଲକ୍ଷ୍ମୀନାରାୟଣ।

**ତୁଳା:** ଆନନ୍ଦ ପ୍ରାପ୍ତି, ଗୃହେ ଉତ୍ସବ, ଅତିଥି ଚର୍ଚ୍ଚା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ପୀଡ଼ା, ଉଚ୍ଚ ଆଶା ସଫଳ, ମାନସିକ ଅବସାଦ, ଦୂର ଯାତ୍ରା, ଭୂସମ୍ପତ୍ତି ଲାଭ, ପରୋପକାର, ସମାଜସେବା, ଶୁଭ ଖବର ପ୍ରାପ୍ତି। ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ।

**ବିଛା:** ଦ୍ରବ୍ୟ ଲାଭ, ସମାଜସେବା, ଧର୍ମ କାର୍ଯ୍ୟ ପ୍ରତି ଆଗ୍ରହ, ଶରୀର ସୁସ୍ଥ, କର୍ମରେ ସହଯୋଗ, ନୂଆ ବ୍ୟବସାୟ ପ୍ରତି ଆଗ୍ରହ, ଶତ୍ରୁ ପରାଭବ, ଶୁଭକାର୍ଯ୍ୟରେ ଧନବ୍ୟୟ, ଆର୍ଥିକ ସହାୟତା, ସନ୍ତାନ ସ୍ନେହ, ଦୂର ଯାତ୍ରା, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୪, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ:** ରୋଗନାଶ, ଶତ୍ରୁତା ଲାଗିରହିବ, ହଠାତ୍ ଲାଭ, ଶାରୀରିକ ସୁସ୍ଥତା, ଗୃହେ ଉତ୍ସବ, ଶୁଭ ଖବର, ପରିଭ୍ରମଣ ଯୋଗ, ମାନସିକ ଶାନ୍ତି, ପିଲାଙ୍କ ଚିନ୍ତା, ଜଞ୍ଜାଳ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଦର୍ଶନ, ପଡ଼ୋଶୀ କଳହ, ପାରିବାରିକ ଖୁସି, ବିଦ୍ୟାରେ ଅବନତି। ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୨, ଆରାଧନା- ଗ୍ରାମଦେବତୀ।

**ମକର:** ଗୃହେ ଅଶାନ୍ତି, ସ୍ୱଜନ ବିରୋଧ, ଉଚ୍ଚଆଶାରେ ବିଳମ୍ବ, ଅଯଥା ଖର୍ଚ୍ଚ, ମୂଲ୍ୟବାନ ପ୍ରଦାର୍ଥ ପ୍ରାପ୍ତି, ଦୂର ଯାତ୍ରା, ବନ୍ଧୁ ସହଯୋଗ, ଧାମିର୍କ ଉତ୍ସବରେ ଯୋଗଦାନ, ସ୍ତ୍ରୀ କଳହ, ଉତ୍ତମ ସ୍ୱାସ୍ଥ୍ୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିଦ୍ୟାରେ କଷ୍ଟ। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୧୦, ଆରାଧନା- ମା' ବଗଳାମୁଖୀ ।

**କୁମ୍ଭ:** ରାଜସମ୍ମାନ ପ୍ରାପ୍ତି, ତୀର୍ଥାଟନ ଯୋଗ, ପାରିବାରିକ ସହଯୋଗ, ଉତ୍ସବ ପ୍ରତି ଆଗ୍ରହ, ନୂତନ ଦ୍ରବ୍ୟ ଲାଭ, ଉଚ୍ଚ ଆଶା ସଫଳ, ସ୍ୱାସ୍ଥ୍ୟରେ ସତର୍କତା, ଶତ୍ରୁ ନାଶ, ଭୂମିବାହନ ଲାଭ, ନୂତନ ବ୍ୟବସାୟାରମ୍ଭ, ବିଦେଶ ଯାତ୍ରା, ଗାଡ଼ିମୋଟରରେ ସାବଧାନ। ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୧୧, ଆରାଧନା- ଲକ୍ଷ୍ମୀନୃସିଂହ।

**ମୀନ:** କାର୍ଯ୍ୟରେ ବିଳମ୍ବ, ଶତ୍ରୁ ଦେଖାଦେବେ, ପରି ଶ୍ରମ ଅଧିକ, ଲାଭ କମ୍, ଉତ୍ସବ ପ୍ରତି ଆଗ୍ରହ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶାରୀରିକ ସୁସ୍ଥ, ଧନଦ୍ରବ୍ୟ ନଷ୍ଟ, ନ୍ୟାୟିକ ବ୍ୟବସ୍ଥାରେ ଦୁଖ, ଅତିଥି ସତ୍କାର, ନୂତନ କର୍ମନିଯୁକ୍ତି, ପାରିବାରିକ ଖୁସି। ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୮, ଆରାଧନା- ମା' ଭୁବନେଶ୍ୱରୀ।

**ଜ୍ୟେଷ୍ଠ ଶୁକ୍ଳପକ୍ଷ ପୂର୍ଣ୍ଣମୀ**
**୨୯.୬.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପେକ୍ଷାରେ ସ୍ନାନବେଦୀ

## ଜୁନରେ ଲୁଚକାଳି ଖେଳିଲା ମୌସୁମୀ ବର୍ଷା

# ଆରମ୍ଭ ହୋଇପାରୁନି ଚାଷ

ଭୁବନେଶ୍ୱର(ସବ୍ୟୁ): ଦିନକ ପରେ ଜ୍ୟେଷ୍ଠ ସରି ଆଷାଢ ଆରମ୍ଭ ହେବାକୁ ଯାଉଛି । ହେଲେ ଏ ପର୍ଯ୍ୟନ୍ତ ବର୍ଷାର ଦେଖା ନାହିଁ । ସାରା ରାଜ୍ୟକୁ ମୌସୁମୀ ବାୟୁ ଛୁଇଁଥିଲେ ହେଁ ପର୍ଯ୍ୟାପ୍ତ ପରିମାଣର ବର୍ଷା କରିପାରିନାହିଁ । ଆଉ ତାର ଚାଷୀଙ୍କ ଉପରେ ସିଧାସଳଖ ପ୍ରଭାବ ପଡ଼ିଛି । ପର୍ଯ୍ୟାପ୍ତ ବର୍ଷା ନହେବାରୁ ଚାଷ କାମ ଆଗେଇ ପାରୁନି । ଯଦି ଆଗକୁ ଠିକଠାକ୍ ବର୍ଷା ନହୁଏ ଚାଷ କାର୍ଯ୍ୟ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ତେବେ ଜୁଲାଇ ପ୍ରଥମ ସପ୍ତାହରେ ଲଘୁଚାପ ସୃଷ୍ଟି ହୋଇ ରାଜ୍ୟରେ ଭଲ ବର୍ଷିବ ବୋଲି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ । ଜୁନ୍ ସରି ଜୁଲାଇ ଆରମ୍ଭ ହେବାକୁ ଯାଉଛି, ହେଲେ ଏବେ ବି ଚାଷ ଜମିଗୁଡ଼ିକ ସେମିତି ପଡ଼ିଆ ପଡ଼ିଛି । ପର୍ଯ୍ୟାପ୍ତ ବର୍ଷା ଅଭାବରୁ ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏ ଯାଏ ଆରମ୍ଭ ହୋଇ ପାରିନି ଚାଷ କାମ ।

ସେହିପରି ହୀରାକୁଦ କେନାଲ ପାଣି ଜରିଆରେ ଜିଲ୍ଲାର ଅଧିକାଂଶ ବ୍ଲକରେ ଚାଷ ହୁଏ । ଆଉ ଏଥିରେ ମୌସୁମୀ ବର୍ଷା ଭିଟାମିନ୍ ଭଳି କାମ ଦେଇଥାଏ । ହେଲେ ବର୍ତ୍ତମାନ କେନାଲ ପାଣି ଛଡା ଯାଇ ନଥିବା ବେଳେ ପର୍ଯ୍ୟାପ୍ତ ବର୍ଷା ବି ହୋଇ ନାହିଁ । ତେଣୁ ଚାଷ

### ରାଜ୍ୟରେ ସ୍ୱାଭାବିକ ଠାରୁ କମ୍ ବର୍ଷା

କାମ ଆରମ୍ଭ ହୋଇପାରିନାହିଁ । ସମାନ ସ୍ଥିତି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଚାଷୀଙ୍କର । ଜୁନ ମାସରେ ବିହନ ବୁଣା ଏବଂ ତଳି ପକାଇ ଜମିରେ କାମ କରୁଥିବା ଚାଷୀ ବର୍ଷା ନ ହେବାରୁ ଆଶଙ୍କାରେ । କୋରାପୁଟରେ ମଧ ବର୍ଷାକୁ ଦେଖି ଚାଷୀ ପ୍ରାରମ୍ଭିକ ଚାଷ କାମ ଆରମ୍ଭ କରିଥିଲେ । ହେଲେ ବର୍ଷାର ଲୁଚକାଳି ଖେଳ ସେମାନଙ୍କୁ ଚିନ୍ତାରେ ପକାଇଛି ।

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ ୨୩ ସୁଦ୍ଧା ସାରା ରାଜ୍ୟକୁ ଛୁଇଁ ସାରିଥିଲେ ବି ଅଧିକାଂଶ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇ ନାହିଁ । ପାଣିପାଗ ବିଜ୍ଞାନ ବିଭାଗର ତଥ୍ୟ ଅନୁସାରେ, ଜୁନ୍‌ରେ ଓଡ଼ିଶାରେ ୧୯୨.୩ ମିଲିମିଟର ବର୍ଷା ହେବା କଥା । ହେଲେ ଜୁନ ୧ରୁ ୨୭ ତାରିଖ ମଧ୍ୟରେ ମାତ୍ର ୯୧.୪ ମିଲିମିଟର ବର୍ଷା ହୋଇଛି । ତେବେ ପରିବର୍ତ୍ତିତ ପାଣିପାଗକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ବୈଜ୍ଞାନିକ ପରାମର୍ଶ ଓ ଆଧୁନିକ ଚାଷ ପଦ୍ଧତି ସମ୍ପର୍କରେ ସଚେତନ କରାଯିବ । ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ୩୦ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ । ଜୁଲାଇ ପ୍ରଥମ ସପ୍ତାହରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ବର୍ଷା ପରିମାଣ ବିବାର ସମ୍ଭାବନା ରହିଛି ।

## ଅଣସର ଦର୍ଶନ ଲାଗି ଅଲାରନାଥରେ ବ୍ୟାପକ ବ୍ୟବସ୍ଥା

# ୭ ପ୍ଲାଟୁନ ପୋଲିସ ଫୋର୍ସ, ୭୦ରୁ ଅଧିକ ଅଫିସର ମୁତୟନ

ଭୁବନେଶ୍ୱର(ସବ୍ୟୁ): ଶ୍ରୀକ୍ଷେତ୍ରରେ ସ୍ନାନପୂର୍ଣ୍ଣିମା ପରେ ଚତୁର୍ଦ୍ଧାମୂର୍ତ୍ତି ଅଣସର ଗୃହକୁ ଚାଲିଯିବେ । ଏପଟେ ଅଲାରନାଥ ଭକ୍ତଙ୍କୁ ଦର୍ଶନ ଦେବେ । ଏଥିପାଇଁ ଚଳିତମାସ ୩୦ରୁ ବ୍ରହ୍ମଗିରିରେ ଲୋକଙ୍କ ଭିଡ଼ ବୃଦ୍ଧି ପାଇବ । ଏହାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଆନନ୍ଦ ବଜାର ସଫାସୁତରା ହୋଇ ଭୋଗ ଦୋକାନ ପାଇଁ ଟେଣ୍ଟ ଲାଗିଲାଣି । ପିଇବା ପାଣି, ପରିମଳ ବ୍ୟବସ୍ଥା, ଡ୍ରେନେଜ, ଲାଇଟ କାମ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଲାଣି । ମନ୍ଦିର ଭିତରେ, ବାହାରେ, ପାର୍କିଂ, ବ୍ୟାରିକେଡ, ଆନନ୍ଦ ବଜାର, ଭୋଗ ଦୋକାନ ସବୁଆଡେ ସିସିଟିଭି ଲାଗିବା କାମ ଜୋରଦାର ଚାଲିଛି । ଚଳିତ ବର୍ଷ ୫୦ରୁ ଅଧିକ ସିସିଟିଭି ଲାଗିବ । ମନ୍ଦିର ଭିତର ସହିତ ବେଢା ଏବଂ ବାହାର ଅଳରେ ସିସିଟିଭି ନଜରରେ ରଖାଯିବ ବୋଲି ପୁଲିସ କହିଛି । ଧାଡ଼ିଦର୍ଶନ ନିମନ୍ତେ ବ୍ୟାରିକେଡର ବ୍ୟବସ୍ଥା କରାଯିବ । ଗ୍ରୀଷ୍ମ ତାପରୁ ଶ୍ରଦ୍ଧାଳୁଙ୍କ ରକ୍ଷା ନିମନ୍ତେ ଟେଣ୍ଟ ଏବଂ ଫ୍ୟାନ୍ ବ୍ୟବସ୍ଥା କରାଯିବ ।



ଏହା ସହିତ ପ୍ରତ୍ୟକ ସେବାୟତଙ୍କ ପରିବାରକୁ ୨୦ଟି ଲେଖାଏ ପାସ ଦିଆଯାଇଛି । ଯାହାକି ସ୍ୱତନ୍ତ୍ର ଭାବରେ ତିଆରି କରାଯାଇଛି । ନକଲି ପାସ ରୋକିବାକୁ ପ୍ରଶାସନର ଏକ ସ୍ୱତନ୍ତ୍ର ଟିମ ନିୟୋଜିତ ରହିବେ । ଅନ୍ୟପଟେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ଦର୍ଶନ ପାଇଁ ୭ ପ୍ଲାଟୁନ ପୋଲିସ ଫୋର୍ସ, ୭୦ରୁ ଅଧିକ ଅଫିସର ମୁତୟନ ରହିବେ । ସାଦାପୋଷାକରେ ଦୁଇ ସେକସନ ପୋଲିସ ଫୋର୍ସ ରହିବେ । ଅତିରିକ୍ତ ଏସପିଙ୍କ ନରତ୍ୱରେ ପୁରା ସୁରକ୍ଷା ବ୍ୟବସ୍ଥା ତଦାରଖ ହେବ । ପ୍ରତ୍ୟକ ବର୍ଷ ମନ୍ଦିର ଗର୍ଭ ଗୃହରେ ଚୋରି ହେଉଥିବାରୁ ସାଦାପୋଷାକରେ ପୁଲିସ ମୁତୟନ ରହିବା ସହିତ ସିସିଟିଭି ନଜରରେ ପୁରା ମନ୍ଦିର ରହିବ ।

ଏଥିପାଇଁ ପୁରୀ ଏସପି, କେନ୍ଦ୍ରାଳ ଆଇଜି, ବିଧାୟିକା, ଜିଲ୍ଲାପାଳ, ସ୍ଥାନୀୟ ଅଧିକାରୀଙ୍କୁ ନେଇ ବହୁ ପୂର୍ବରୁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ଉପରେ ଗୁରୁତ୍ୱ ଦେଇଛନ୍ତି । ଏହା ସହିତ ଚଳିତ ବର୍ଷ ବରାଦି ଭୋଗ ଶ୍ରୀଗଣେଷଙ୍କ ମନ୍ଦିର ଆଗରେ ଅସ୍ଥାୟୀ ଭୋଗ ମଣ୍ଡ ପରେ ଭଣ୍ଡ ଉଠିବ । କେବଳ ନୀତି ଭୋଗ ଶ୍ରୀଜିଉଙ୍କ ମନ୍ଦିର ଭିତରେ କରାଯିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି । ଯାହାକି ଶ୍ରଦ୍ଧାଳୁଙ୍କ ଦର୍ଶନରେ ସୁବିଧା ହେବ ।

ଦୀପ ଷ୍ଟାଣ୍ଡ ଏବଂ ଚାପ ପୋଖରୀ ପାଖରେ ଅଗ୍ନିଶମ ବାହିନୀ ମୁତୟନ ରହିବେ ଅଗ୍ନିଶମ ଅଧିକାରି କହିଛନ୍ତି । ମେଡିକାଲ ପକ୍ଷରୁ ଗୋଟିଏ ଆମ୍ବୁଲାନ୍ସ ରହିବା ସହିତ ଅସ୍ଥାୟୀ ମେଡିକାଲ ଟିମ୍ କ୍ୟାମ୍ପ କରି ମନ୍ଦିର ଆଗରେ ରହିବେ । ଚଳିତ ବର୍ଷ ନୂତନ ଭାବେ ଯେଉଁ ଶ୍ରଦ୍ଧାଳୁ ଶ୍ରୀଜିଉଙ୍କ ମନ୍ଦିରକୁ ଦାନ କରିବେ ଅନଲାଇନରେ ଦାନ ପାଇଁ ବ୍ୟବସ୍ଥା କରାଯାଇଥିବା ଅନ୍ତରୀଣ ନ୍ୟାସୀ ତଥା ବ୍ରହ୍ମଗିରି ତହସିଲଦାର ଦେବାଶିଷ ସେଠୀ କହିଛନ୍ତି ।

## ବର୍ଷାରେ ବଢ଼ିବ ଡ୍ରେନେଜ୍ ସମସ୍ୟା

# ସବୁ ପୌରାଞ୍ଚଳରେ ଡ୍ରେନରୁ ମାଟି ବାହାରିନି

ଭୁବନେଶ୍ୱର(ସବ୍ୟୁ): ସାରା ଓଡ଼ିଶାକୁ ମୌସୁମୀ ଛୁଇଁଲାଣି । ଜୁଲାଇ ୨-୩ ତାରିଖରୁ ଉପକୂଳ ଓ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସୂଚନା ଦେଇଛି ପାଣିପାଗ ବିଭାଗ । ଏସବୁ ଭିତରେ ଟ୍ୱିନସିଟି ସମେତ ବିଭିନ୍ନ ସହରରେ ଡ୍ରେନେଜ ସଫେଇ ଓ ମରାମତି କାମ ସରିନାହିଁ । ଯାହା ବର୍ଷା ଋତୁରେ ସାଧାରଣ ଜନତାଠୁ ଆରମ୍ଭ କରି ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିବାକୁ ଯାଉଛି ।

ବର୍ଷା ଆସିଲାଣି । ଏ ସମୟରେ ଡ୍ରେନେଜ ସଫେଇ, ମରାମତି କାମ ସାରିଥିବା କଥାଛ ସ୍ମାର୍ଟ ସିଟି ଭୁବନେଶ୍ୱରରେ ସ୍ଥିତି ଓଲଟା । ଦୁଇ ମାସ ହେଲା ଡ୍ରେନ ସଫେଇ ଚାଲିଛି, କିନ୍ତୁ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି ମୁଖ୍ୟ ଡ୍ରେନ । ବର୍ଷା ହେଲେ କଣ ହେବ ସହଜରେ ଜାଣି ହେଉଛି । ବର୍ଷ ବର୍ଷ ଧରି ସମସ୍ୟା ସୃଷ୍ଟି କରୁଥିବା ବମିଖାଲ ଡ୍ରେନେଜ, ବଡ଼ଗଡ଼ ସାଇଫନ କାମ ଚାଲିଛି । ହେଲେ ଏବେ ସରିବା ଭଳି ଲାଗୁନି । ଏହାଛଡ଼ା ମୁକୁଳା ଡ୍ରେନ ଆଗକୁ ବଡ଼ ସମସ୍ୟା ସୃଷ୍ଟି କରିପାରେ । ସେପଟେ ବଡ଼ ବର୍ଷା ହେଲେ ପାଣିରେ ଭାସୁଛି କଟକ ସହର । ଖରା ଦିନେ ଠିକରେ ଡ୍ରେନ ସଫା ହୋଇ ନଥିବାରୁ ଏଭଳି ସ୍ଥିତି ଉପୁଜୁଛି । ଆଗକୁ ସହରବାସୀଙ୍କୁ ଜଳବନ୍ଦୀ ସମସ୍ୟା ହନ୍ତସନ୍ତ କରିବ ଏବେଠୁ ଜଳଜଳ ଦିଶୁଛି । କୋଟି କୋଟି ଟଙ୍କା ଖର୍ଚ୍ଚରେ ବକ୍ସ ଡ୍ରେନ



ଅଳିଆ ଭର୍ତ୍ତି ହୋଇଥିବାରୁ ସ୍ଥିତି ସଙ୍ଗୀନ ହେବା ଆଶଙ୍କା ରହିଛି ।

- ପାଣି ନିଷ୍କାସନ ଲାଗି ବଡ଼ ଆହ୍ୱାନ
- ଆଗକୁ କନ୍ଦାଇଦେବ ଜଳବନ୍ଦୀ ସମସ୍ୟା

କେବଳ ଟ୍ୱିନସିଟି ନୁହେଁ, ବରଂ ରାଉରକେଲା, ପୁରୀ ଓ ବ୍ରହ୍ମପୁର ସହରରେ ବି ବର୍ଷା ଜଳ ନିଷ୍କାସନ ସମସ୍ୟା ରହିଛି । ମହାନଗର ନିଗମ ହେବା ପରେ ମଧ ବଦଳିନି ପୁରୀ ସହରର ଚିତ୍ର । ବିଭିନ୍ନ ସ୍ଥାନରେ ମୁକୁଳା ପଡ଼ିଛି ଡ୍ରେନ୍ । ବର୍ଷା ହେଲେ କେଉଁଠି ରାସ୍ତା ଓ କେଉଁଠି ଡ୍ରେନ ଜଣାପଡ଼େ ନାହିଁ । ଟିକିଏ ଅନ୍ୟମନସ୍କ ହେଲେ ମୁକୁଳା ଡ୍ରେନରେ ପଡ଼ି ଖଣ୍ଡିଆଖାବରା ହେବା ଥୟ । ରେଳ ବିଭାଗର ଡ୍ରେନ୍ ପାଇଁ ଜଳବନ୍ଦୀ ଜୀବନ ଜୀଉଁଛନ୍ତି ରାଉରକେଲା ଏଫସିଆଇ ବସ୍ତି ବାସିନ୍ଦା । ଆଗକୁ ବର୍ଷା ଦିନ ଥିବାରୁ ଏବେଠୁ ଲୋକଙ୍କୁ ଘାରିଲାଣି ଚିନ୍ତା । ମାତ୍ର ଆର୍‌ଏମସି ଓ ରେଳ ବିଭାଗ ଏଥିପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି । ସେପଟେ ବ୍ରହ୍ମପୁର ସହରରେ ମଧ ଅବସ୍ଥା ସମାନ । ସାଧାରଣତଃ ଖରାଦିନେ ଡ୍ରେନେଜ ସଫେଇ ହେବା କଥାଛ କିନ୍ତୁ ବର୍ଷା ଆରମ୍ଭର ଅଳ୍ପ ଦିନ ପୂର୍ବରୁ ଡ୍ରେନେଜ ସଫେଇ ଓ ମରାମତି ଭଳି କାମ ପ୍ରଶାସନ ଆରମ୍ଭ କରୁଥିବାରୁ ଏହା ଫଳପ୍ରଦ ହେଉନଥିବା ଅଭିଯୋଗ ହେଉଛି ।

### ନାବାଳିକାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଭୁଲାଇ ନେବା ପରେ ପଳାଷପଲ୍ଲୀ ଅଞ୍ଚଳରେ ଦୁଷ୍କର୍ମ କରିଥିବା ଅଭିଯୁକ୍ତକୁ ଗିରଫ କରିଛି ଚନ୍ଦକା ଥାନା ପୋଲିସ । ସୋସିଆଲ ମିଡିଆରେ ନାବାଳିକାଙ୍କ ସହ ପଳାଷପଲ୍ଲୀର ଅଭିଯୁକ୍ତ ସୁପ୍ରିୟ ମହାରଣାର ପରିଚୟ ହୋଇଥିଲା । ଉଭୟ ଅନଲାଇନରେ କଥାବାର୍ତ୍ତା ଓ ଚାଟିଂ କରାକରି ହେବା ଦ୍ୱାରା ଉଭୟଙ୍କ ସମ୍ପର୍କ ନିବିଡ ହୋଇଥିଲା । ସୁପ୍ରିୟ ନାବାଳିକାଙ୍କୁ ଚନ୍ଦକାରୁ ଭୁଲାଇ ନେଇ ପଳାଷପଲ୍ଲୀ ଅଞ୍ଚଳରେ ଦୁଷ୍କର୍ମ କରିଥିବା ଚନ୍ଦକା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ତଦନ୍ତ କରି ସୁପ୍ରିୟକୁ ଗିରଫ କରିବା ପରେ ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଛି । ରବିବାର ସାମ୍ବାଦିକଙ୍କୁ ପୋଲିସ ଦୁଷ୍କର୍ମ ସମ୍ପର୍କରେ ସୂଚନା ଦେବା ପରେ ଅଭିଯୁକ୍ତ ସୁପ୍ରିୟକୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇଦିଆଯାଇଛି ।

# ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଗିରଫ

ବେତନଟୀ/ବାରିପଦା(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଇଲାକାର ଜନୈକା ବିବାହିତା ମହିଳାଙ୍କୁ ବାରିପଦା ଗାନ୍ଧୀ ମାର୍କେଟସ୍ଥିତ କ୍ରୀଷ୍ଣା ଲଜ୍‌ରେ ଦୁଷ୍କର୍ମ କରିବାପରେ ଯୌନାଙ୍ଗରେ ମଦବୋତଲ ପୁରାଇଦେବା ଘଟଣାରେ ଗଭୀର କ୍ଷତ ପୂର୍ବକ ମାତ୍ରାଧିକ ରକ୍ତସ୍ରାବରୁ ପୀଡିତାଙ୍କର ମୃତ୍ୟୁ ଘଟିଥିବା ବେଳେ ଏନେଇ ଦୁଷ୍କର୍ମ ଏବଂ ହତ୍ୟା ମାମଲା ରୁଜୁକରି ତଦନ୍ତ କରୁଥିବା ବେତନଟୀ ଆଇଆଇସି କ୍ରୀଷ୍ଣା ପିଙ୍ଗୁଆ ଉକ୍ତ ଲଜ୍‌ରେ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି । ସୂଚନା ମୁତାବକ ପୁରୁଷବନ୍ଧୁ ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ଦାୟିଆମୁହାଁ ଉପକଣ୍ଠ ଗରୁଡବସା ଗ୍ରାମର ଦାମୋଦର ମହାନ୍ତଙ୍କ ପୁଅ କଟି ଓରଫ ଜୀତେନ୍ଦ୍ରଙ୍କ ସହିତ ପୀଡିତାଙ୍କର ଅନୈତିକ ସମ୍ପର୍କ ରହିଥିଲା । ଘଟଣାଦିନ ଅର୍ଥାତ ଶୁକ୍ରବାର ପୂର୍ବାହ୍ନରେ ବାରିପଦା ଲୁଗାପଟା କିଣାକିଣି କରିବାକୁ କହି ଘରୁ ବାହାରି ଆସିଥିବା ବେଳେ ଅପରାହ୍ନ ୧ଟା ସମୟରେ ଅଭିଯୁକ୍ତ ପୁରୁଷବନ୍ଧୁ ଦୁଷବନ୍ଧୁଙ୍କ ସହିତ ଉକ୍ତ ଲଜ୍‌କୁ ଯାଇଥିବାର ସିସିଟିଭି ଫୁଟେଜ ପୁଲିସର ହସ୍ତଗତ ହୋଇଛି । ଉଭୟ ଉକ୍ତ ଲଜ୍‌ରେ ୧୧୬ ନମ୍ବର ରୁମରେ ରହିଥିବା ବେଳେ ରାତି ୧୧ଟା ସମୟରେ ପୀଡିତାଙ୍କୁ ମୁମୂର୍ଷ ଅବସ୍ଥାରେ ଅଭିଯୁକ୍ତ ପୁରୁଷବନ୍ଧୁ ଟେକିଟେକି ନେଇ ଡାକ୍ତରଖାନା ଯାଉଥିବାର ସିସିଟିଭି ଫୁଟେଜ ମଧ ବେତନଟୀ ପୁଲିସର ହସ୍ତଗତ ହୋଇଛି । ସେଠାରେ ରେ ଡାକ୍ତର ପୀଡିତାଙ୍କୁ ମୃତ ଘୋଷଣା କରିଥିବା ବେଳେ ମଧ୍ୟରାତ୍ରୀ ୧୨ଟାରେ ପୀଡିତାଙ୍କ



ବପଡଝିଅକୁ ମହିଳାଙ୍କ ମୃତ୍ୟୁ ବାବଦରେ ଅଭିଯୁକ୍ତ ପୁରୁଷବନ୍ଧୁ ଫୋନଯୋଗେ ଜଣାଇଥିଲା ଓ ତେବେ ଶବ ପଞ୍ଚନାମା ସମୟରେ ପୀଡିତାଙ୍କ ଯୌନାଙ୍ଗରେ ଗଭୀର କ୍ଷତ ଏବଂ ପ୍ରଚୁର ରକ୍ତସ୍ରାବରୁ ଯୌନାଙ୍ଗରେ କୌଣସି ବୋତଲ କିମ୍ବା କଠିନ ଧାତବ ପଦାର୍ଥର ପ୍ରୟୋଗ କରାଯାଇଥିବା ନେଇ ପୁଲିସ ପ୍ରଥମେ ଅନୁମାନ କରିଥିଲା । ଏହାପରେ ଦୁଷ୍କର୍ମ ଏବଂ ହତ୍ୟାକାଣ୍ଡ ଜନିତ ମାମଲା ରୁଜୁକରି ଆଇଆଇସି ତଦନ୍ତଭାର ଗ୍ରହଣ କରିଥିବା ବେଳେ ଅଟକ ପୁରୁଷବନ୍ଧୁକୁ ଜେରା କରିଥିଲା । ଅଭିଯୁକ୍ତ ପୁରୁଷବନ୍ଧୁ କଟି ଓରଫ ଜୀତେନ୍ଦ୍ରର ବୟାନ ଆଧାରରେ ରବିବାର ଆଇଆଇସି କ୍ରୀଷ୍ଣା ପିଙ୍ଗୁଆ ରବିବାର ବାରିପଦା ଗାନ୍ଧି ମାର୍କେଟସ୍ଥିତ କ୍ରୀଷ୍ଣା ଲଜ୍‌ରେ ପହଞ୍ଚିଥିଲେ । ଲଜ୍‌ର ସମସ୍ତ ସିସିଟିଭି ଫୁଟେଜ ଯାଞ୍ଚ ପୂର୍ବକ ସଂଗ୍ରହ କରିବା ସହିତ କର୍ମଚାରୀମାନ ର୍ମଚାରୀମାନଙ୍କୁ ପଚରା ଉଚରା କରିଥିଲେ । ଏହାପରେ ସାଇଣ୍ଟିଫିକ ଟିମ ସହାୟତାରେ ଯୌନାଙ୍ଗରେ ପ୍ରୟୋଗ ପ୍ରୟୋଗ କରାଯାଇଥିବା ରକ୍ତଲଗା ମଦବୋତଲକୁ ଜବତ କରାଯାଇଛି । ଅଭିଯୁକ୍ତ କଟି ଓରଫ ଜୀତେନ୍ଦ୍ରକୁ ସୋମବାର ସ୍ୱାସ୍ଥ୍ୟପରୀକ୍ଷା ପରେ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି କ୍ରୀଷ୍ଣା ପିଙ୍ଗୁଆ ସୂଚନ ଦେଇଛନ୍ତି । ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିବା ବେଳେ ପୀଡିତାଙ୍କ ପରିବାର ସହିତ ଆଲୋଚନା ସାଙ୍ଗକୁ ଦୋଷୀ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ପକ୍ଷରୁ ଏକ ୧୦ଜଣିଆ ଟିମ୍ ସ୍ଥିତି ଅନୁଧ୍ୟାନରେ ଆସିବା ନେଇ ରବିବାର ବିଜେଡି ପକ୍ଷରୁ ଭୁବନେଶ୍ୱରସ୍ଥିତ ଶଙ୍ଖଭବନରେ ଏକ ପ୍ରେସମିଟର ଆୟୋଜନ କରିଛନ୍ତି ।

# ଷ୍ଟାର ହୋଟେଲରେ ନାଇଟ ପାର୍ଟିରେ ସଂଘର୍ଷ: ୩ ଆହତ, ୩ ଗିରଫ

ଭୁବନେଶ୍ୱର,(ସବ୍ୟୁ): ନୟାପଲ୍ଲୀ ଥାନା ଅନ୍ତର୍ଗତ ଏକ ଷ୍ଟାର ହୋଟେଲରେ ନାଇଟ ପାର୍ଟି ବେଳେ ୩ ଜଣ ବିଟେକ୍ ପାସ ଆଉଟ୍ ମାତ୍ର ଅନ୍ୟ ୩ ଜଣଙ୍କୁ ଆକ୍ରମଣ



କରିଥିଲେ । ଆକ୍ରମଣରେ ୩ ଜଣଙ୍କ ମୁଣ୍ଡ ଫାଟି ଯାଇଥିଲା । ରାଜ କୁମାର ମେହେରା (୩୮), ବିଜୟ ଗୋଲଦାର (୩୫) ଓ ଭିନେସ ପରିଡା (୨୭) । ଆହତ ଯୁବକଙ୍କ ଏତଲାରେ ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପୂନ୍ୟ ପ୍ରସନ୍ନ ମହାନ୍ତି (୨୨), ଆଶୀର୍ବାଦ ଧୀର (୨୫) ଓ ନିଖିଳ କୁମାର ସାହୁ (୨୩) । ଏମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି । ଉଭୟଙ୍କ ମଧ୍ୟରେ ସଂଘର୍ଷ ହୋଇଥିବାରୁ ଦୁଇ ପକ୍ଷ ଥାନାରେ ଏତଲା କରିଥିଲେ ପୋଲିସ କହିଛି ।

୨୬ ତାରିଖ ରାତିରେ ନୟାପଲ୍ଲୀ ଥାନା ଅଞ୍ଚଳ ଷ୍ଟାର ହୋଟେଲରେ (ହିଡେନରେ ଆପ୍ପରର୍ସ) କାର୍ଯ୍ୟକ୍ରମରେ ସ୍ଥାନ ମିଳିନାହିଁ । ଉଭୟ ପକ୍ଷ ଉପସ୍ଥିତ ଥିଲେ । ରାତି ପ୍ରାୟ ୧୦.୩୦ ବେଳେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାଡପିଟ ହୋଇଥିଲା । ରାତି ପ୍ରାୟ ୧୧ଟା ବେଳେ ସୂଚନା ପାଇଁ ନୂୟାପଲ୍ଲୀ ଥାନା ପୋଲିସ ପିସିଆର ଘଟଣାସ୍ଥଳରେ ପହଞ୍ଚି ଘଟଣାର ସମ୍ପୃକ୍ତ କାବୁ କରି ପରିସ୍ଥିତି କାବୁ କହିଥିଲେ । ଆକ୍ରମଣରେ ଆହତ ହୋଇଥିବା ୩ ଜଣ ଚିକିତ୍ସା ପାଇଁ କ୍ୟାପିଟାଲ ନିଆଯାଇଥିଲା । ସିସିଟିଭି ଫୁଟେଜ ଆଧାରରେ ଯାଞ୍ଚ କରି ପୋଲିସ ଜାଣିବାକୁ ପାଇଥିଲା ଯେ, ଅଭିଯୁକ୍ତ ପୂର୍ଣ୍ଣ ପସନ୍ନ ମହାନ୍ତି ତାଙ୍କର ସହଯୋଗୀମାନଙ୍କ ସହ ଅଭିଯୋଗକାରୀ ରାଜ କୁମାର ମେହେରା ଓ ତାଙ୍କ ସାଙ୍ଗମାନଙ୍କୁ ଆକ୍ରମଣ କରିଥିଲେ । ସିସିଟିଭି ଫୁଟେଜରୁ ପୋଲିସ ଜାଣିବାକୁ ପାଇଥିଲା ଯେ, ପୁନ୍ୟ ପସନ୍ନ ମହାନ୍ତି ଏକ ମୋବାଇଲ ଫୋସ ସାହାର୍ଯ୍ୟରେ ଅଭିଯୋଗୀଙ୍କୁ ଆଘାତ କରି ଗୁରୁତର ଆହତ କରିଛି ।

ବ୍ରେଥ ଆନାଲାଇଜର୍ସ ପରୀକ୍ଷାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ମଦ ପିଇଥିବା ଜଣାପଡିଥିଲା । ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଜଣାପଡିଛି ଯେ, ପୂନ୍ୟ ପ୍ରସନ୍ନ ମହାନ୍ତିଙ୍କ ନାମରେ ଇନଫୋସିଟି ଥାନାରେ ୧୧ ମାମଲା ରହିଛି । ରବିବାର ପୋଲିସ ସାମ୍ବାଦିକମାନଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେବା ପରେ ୩ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

## ଆଜି ଦେବସ୍ନାନ ପୂର୍ଣ୍ଣିମା

# ପୁରୀ ସହରରେ ସମସ୍ତ ସ୍କୁଲ ଛୁଟି

ଭୁବନେଶ୍ୱର(ସବ୍ୟୁ): ମହାପ୍ରଭୁଙ୍କ ଦିବ୍ୟ ଓ ଭବ୍ୟ ସ୍ନାନଯାତ୍ରା ଆସନ୍ତାକାଲି(ସୋମବାର) ଅନୁଷ୍ଠିତ ହେବ । ବିଶ୍ୱ ପ୍ରସିଦ୍ଧ ଏହି ଯାତ୍ରା ପାଇଁ ପୁରୀ ସହର ଚଳଚଞ୍ଚଳ ହୋଇ ଉଠିଛ । ପୁରୀ ଅଭିମୁଖେ ହଜାର ହଜାର ଭକ୍ତଙ୍କର ପ୍ରବେଶ ହେଉଛି । ଭୋରରୁ ବଡ଼ଦାଣ୍ଡରେ ଲୋକାରଣ୍ୟ ହୋଇ ସାରିଥିବ । ଏହି ଭିଡ଼କୁ ଦୃଷ୍ଟିରେ ରଖି ପୁରୀ ମହାନଗର ନିଗମ ଅଧୀନରେ ସମସ୍ତ ସ୍କୁଲକୁ ଆସନ୍ତାକାଲି ଅର୍ଥାତ ୨୯ ତାରିଖରେ ଛୁଟି ଘୋଷଣା କରାଯାଇଛି । ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପୁରୀ ସହରର ସମସ୍ତ ସ୍କୁଲ ଛୁଟି ନେଇ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛ । ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଦେବସ୍ନାନ ପୂର୍ଣ୍ଣିମା ଭିଡ଼କୁ ଦେଖି ପୁରୀ ସହର ଭିତରେ ଥିବା ସବୁ ସ୍କୁଲ ଆସନ୍ତାକାଲି ବନ୍ଦ ନିଷ୍ପତ୍ତି ନିଆଯାଇଛି । ଫଳରେ ସମସ୍ତ ସରକାରୀ, ବେସରକାରୀ ସ୍କୁଲ ବନ୍ଦ ରହିବ । ସେହିପରି ଶିଶୁ ବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ୍ ଛୁଟି ରହିବ । ଗୋରୁଆଳସ୍ଥିତ ମଦର୍ସ ପବ୍ଲିକ ସ୍କୁଲ, ମାଳତିପାଟପୁରସ୍ଥିତ ପ୍ରଭୁଶ୍ରୀ ଇଂଲିଶ ମିଡିୟମ ସ୍କୁଲ ଏବଂ ପୁରୀ ସଦରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଧ ବନ୍ଦ ରହିବ ।

# ତୃଣମୂଳ ସ୍ତରର ଉଦ୍ୟୋଗୀଙ୍କୁ ସଶକ୍ତ କରିବାକୁ ଓଡ଼ିଶା ସରକାର ପ୍ରତିବଦ୍ଧ

ଭୁବନେଶ୍ୱର (ସବ୍ୟୁ): ଆନ୍ତର୍ଜାତୀୟ ବିଶ୍ୱ ଏମଏସଏମଇ ଦିବସ ଅବସରରେ ବାରିପଦାସ୍ଥିତ ଐତିହାସିକ ଶ୍ରୀରାମ ଚନ୍ଦ୍ର ପାଠାଗାରଠାରେ ମୟୂରଭଞ୍ଜ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ' ଅଧୀନରେ ଶନିବାର ଏକ ସ୍ୱତନ୍ତ୍ର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । 'ଉଦ୍ୟୋଗୀ ସଚେତନତା ଏବଂ ଋଣ ସୁବିଧା' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସେମିନାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ଆଶାୟୀ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଏବଂ ଏହି ଅଞ୍ଚଳରେ ଥିବା ସୂକ୍ଷ୍ମ ଉଦ୍ୟୋଗଗୁଡ଼ିକର ବିକାଶ କରିବା । ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନୂତନ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ବ୍ୟବସାୟୀମାନଙ୍କ ସମାବେଶକୁ ସମ୍ବୋଧିତ କରି ଡ. ମହାପାତ୍ର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ



ଏକ ସୁଦୃଢ଼ ଓ ଆତ୍ମନିର୍ଭରଶୀଳ ବ୍ୟବସ୍ଥା ଗଠନ କରିବା ନେଇ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ପ୍ରକାଶ କରିଥିଲେ ଯେ, ଆର୍ଥିକ ସାକ୍ଷରତାର ପ୍ରସାର ଏବଂ ସଂସ୍ଥାଗତ ଋଣ ପ୍ରକ୍ରିୟାକୁ ସହଜ କରିବା ଦ୍ୱାରା ମୟୂରଭଞ୍ଜର ବିପୁଳ ତଥା ଅପ୍ରକାଶିତ ଉଦ୍ୟୋଗୀ ପ୍ରତିଭାକୁ ସାମ୍ନାକୁ ଅଣାଯାଇପାରିବ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଋଣ ଯୋଜନା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ନୀତି ଏବଂ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ବିପଦମୁକ୍ତ କରିବା ପାଇଁ ପ୍ରସ୍ତୁତ ସବସିଡି ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।



କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

## ଟ୍ରକ-ବାଇକ ମଧ୍ୟରେ ଦୁର୍ଘଟଣା, ଜଣେ ମୃତ

ବେତନଟୀ, (ସବ୍ୟୁ) - ୧୮ ନଂ ଜାତୀୟ ରାଜପଥ ତୁଳସୀଚଉରା ଉପକଣ୍ଠ ପୁରୁଣାପାଣି ଠାରେ ରବିବାର ଅପରାହ୍ନରେ ଟ୍ରକ ଏବଂ ବାଇକ ମଧ୍ୟରେ ଘଟିଯାଇଥିବା ଦୁର୍ଘଟଣାରେ ଜନୈକ ରୋଷେୟାଙ୍କର ଘଟଣାସ୍ଥଳରେ ହିଁ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ହୋଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ମୃତକ ଜଣକ ହେଉଛନ୍ତି ବଡସାହି ଥାନା ଅଧୀନ ଗମ୍ଭାରିଆ ଗ୍ରାମର ମେହନ୍ତ୍ର ଦେଙ୍କ ପୁଅ ସଞ୍ଜୀବ ଦେ(୩୫) । ସୂଚନା ମୁତାବକ ସଞ୍ଜୀବ ଏବଂ ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ଗ୍ରାମର ଗୋବିନ୍ଦ ପରିଡାଙ୍କ ପୁଅ ତ୍ରିଲୋଚନ ପରିଡା(୫୮) ଦୁହେଁ ଓଡି-୧୧ଏସି-୯୯୨୬ ନମ୍ବର ବିଶିଷ୍ଟ ବାଇକ ଯୋଗେ ବାରିପଦାରୁ ବେତନଟୀ ଅଭିମୁଖେ ଆସୁଥିବା ବେଳେ ପୁରୁଣାପାଣି ଛକଠାରେ ଏପି -୦୩ଟିଜେ-୦୬୮୯ ନମ୍ବର ବିଶିଷ୍ଟ ଟ୍ରକ ସହିତ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାରେ ସଞ୍ଜୀବଙ୍କର ଘଟଣାସ୍ଥଳରେ ହିଁ ଶୋଚନୀୟ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ଏତେ ଶକ୍ତିଶାଳ ଥିଲା ଯେ ସଞ୍ଜୀବଙ୍କ ବାମଗୋଡ଼ ଶରୀରରୁ ଅଲଗା ହୋଇ ଯାଇଥିଲା । ଖବର ପାଇ ବେତନଟୀ ଅଗ୍ନିଶମବାହିନୀ ଏବଂ ବେତନଟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସଞ୍ଜୀବ ଏବଂ ତ୍ରିଲୋଚନଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସୁଦ୍ଧା ସଞ୍ଜୀବଙ୍କୁ ମୃତବୋଲି ଘୋଷଣା କରିଥିଲେ । ଏ ନେଇ ଏକ ମାମଲା ରୁଜୁ କରି ଟ୍ରକ ଏବଂ ବାଇକ ଟିକୁ ଜବତ କରି ବା ସହ ତଦନ୍ତ ଜାରି ରଖିଛି ବେତନଟୀ ପୁଲିସ ।

### ୧୩୫ ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ

## ମୋଦିଜୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ପୂରା ବିଶ୍ୱରେ ଅନନ୍ୟ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ପ୍ରତିଥର ପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ୧୩୫ ତମ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଉପଲବ୍ଧି ବିଷୟରେ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଜୀ ଏକ ମାତ୍ର ରାଷ୍ଟ୍ରମୁଖ୍ୟ ଯିଏକି ବିଶ୍ୱରେ ଏଭଳି ଅନନ୍ୟ କାର୍ଯ୍ୟକ୍ରମ କରୁଛନ୍ତି। ପୂରା ଦେଶର ଚିତ୍ରକୁ ଜନସାଧାରଣଙ୍କ ଆଗରେ "ମନ୍ କି ବାତ୍" ମାଧ୍ୟମରେ ରଖୁଛନ୍ତି। ଖେଳଠାରୁ ଆରମ୍ଭ କରି, ଐତିହ୍ୟ, ପରମ୍ପରା ବିଷୟରେ ଅବଗତ କରାଇବା ସହ ସାଧାରଣ ଲୋକଙ୍କ ଦକ୍ଷତା ଓ ଯୋଗ୍ୟତାକୁ ପ୍ରଶଂସା କରୁଛନ୍ତି। ଯିଏ ନିଷ୍ଠା ଓ ଧୈର୍ଯ୍ୟର ସହ କାମ କରୁଛି, ତାର ତପସ୍ୟା, ସାଧନା, ଆତ୍ମବିଶ୍ୱାସକୁ ବଢ଼ାଇବା ସହ ସେମାନଙ୍କ ବିଷୟକୁ ଲୋକଲୋଚନକୁ ଆଣି ମୋଦିଜୀ ସେମାନଙ୍କୁ ଅସାଧାରଣ ବ୍ୟକ୍ତିତ୍ୱରେ ପରିଣତ କରୁଛନ୍ତି ବୋଲି



ଭୁବନେଶ୍ୱର ଉତର ବିଧାନସଭା ନିର୍ବାଚନ ମଣ୍ଡଳୀର ୧୯୬ ନମ୍ବର ବୁଥ୍‌ରେ "ମନ୍ କି ବାତ୍" କାର୍ଯ୍ୟକ୍ରମ ଶୁଣିବା ପରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ଆଜିର ଅଧ୍ୟାୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ସୁରକ୍ଷା କ୍ଷେତ୍ରରେ ଦେଶର ଉପଲବ୍ଧି, ସ୍ୱଦେଶୀ ଜ୍ଞାନ କୌଶଳ, ଯୋଗରେ ଭାରତର ସଫଳତା, ବର୍ଷା ଜଳ ସଂରକ୍ଷଣ, ସ୍ୱଦେଶୀ ମାଟିରେ ପ୍ରଭୁ ଶ୍ରୀ ଗଣେଶଙ୍କ ମୂର୍ତ୍ତି ନିର୍ମାଣ, ଆସାମର ହର୍ଗିଲା ପକ୍ଷୀ ସଂରକ୍ଷଣ, ମେଘାଳୟର ନୈସର୍ଗିକ ସୌନ୍ଦର୍ଯ୍ୟ, ରୁଟ୍ ବ୍ରିଜ, ନାଗାଲାଣ୍ଡାର ବେବି ଲିଗ୍, ମଧ୍ୟପ୍ରଦେଶରେ ପ୍ଲାଷ୍ଟିକ୍ ବର୍ଜନ ସଚେତନତା ଆଦି ପ୍ରସଙ୍ଗ ଉଠାଇ ଭାରତର ବିବିଧ ସାଂସ୍କୃତିକ ଓ ପ୍ରାକୃତିକ ସମ୍ପଦ ବିଷୟରେ ଦେଶବାସୀଙ୍କୁ ଅନୁପ୍ରାଣିତ କରିଛନ୍ତି। ଏଥିସହ ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଏଆଇ, ଡାଟାସାଇନ୍ସ କୋର୍ସ ଆରମ୍ଭ, ନାଳନ୍ଦା ବିଶ୍ୱବିଦ୍ୟାଳୟ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଆଦି ବିଷୟରେ ଆଲୋଚନା କରି ଆତ୍ମନିର୍ଭରଶୀଳ, ସୁସ୍ଥ, ସଶକ୍ତ ଓ ବିକଶିତ ଭାରତ ଗଢ଼ିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ଅପରପକ୍ଷେ ସ୍ୱର୍ଗତଃ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମବାର୍ଷିକ ପୂର୍ତ୍ତି ୬ ଜୁଲାଇରେ ପଡୁଥିବାରୁ ତାଙ୍କ ସ୍ମୃତିରେ ୨୩ ଜୁନ୍ (ବଳିଦାନ ଦିବସ)ରୁ ୬ ଜୁଲାଇ (ଜନ୍ମଦିବସ) ପର୍ଯ୍ୟନ୍ତ ସ୍ମୃତିପକ୍ଷ ପାଳନ କରାଯାଉଛି। ଏନେଇ "ମନ କି ବାତ" କାର୍ଯ୍ୟକ୍ରମରେ ସ୍ୱର୍ଗତଃ ମୁଖାର୍ଜୀଙ୍କ ଫଟୋଚିତ୍ରରେ ଶ୍ରୀ ସାମଲଙ୍କ ସମେତ ଉପସ୍ଥିତ କାର୍ଯ୍ୟକର୍ତାମାନେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବ୍ରହ୍ମାକୁମାରୀ ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ମୁଖପାତ୍ର ତପନ କୁମାର ଚାନ୍ଦ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ମଣ୍ଡଳ ସଭାପତି ବିଭୁତି ଭୂଷଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିସ, ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

ପୁରୀ (ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଜନଗହଳିକୁ ନିୟନ୍ତ୍ରଣ କରିବା ସବୁଠାରୁ ବଡ ଆହ୍ୱାନ । ତେବେ ମହାପ୍ରଭୁଙ୍କ ପ୍ରତି ସମର୍ପିତ ହୋଇ,ତାଙ୍କ ଆଶୀର୍ବାଦ ନେଇ, ପାରସ୍ପରିକ ସମନ୍ୱୟ ମାଧ୍ୟମରେ ଏହା ଆମେ ଭଲରେ ନିୟନ୍ତ୍ରଣ କରିପାରିବା ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ। ରବିବାର ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ଆଗାମୀ ରଥଯାତ୍ରା ଓ ସ୍ନାନଯାତ୍ରା କୁ ଶାନ୍ତି ଶୃଙ୍ଖଳା ର ସହ ସମ୍ପନ୍ନ କରିବାକୁ ପୋଲିସ ମାଜିଷ୍ଟ୍ରେଟ ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଯୋଗ ଦେଇ ସମସ୍ତ ଅଧିକାରୀ, କର୍ମଚାରୀ ରଥଯାତ୍ରା, ସ୍ନାନଯାତ୍ରା ପାଇଁ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ମହାପ୍ରଭୁଙ୍କ ପ୍ରତି ସେବା।ତେଣୁ ମହାପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କୁ ଉଚିତ



ବ୍ୟବହାର ପ୍ରଦର୍ଶନ, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ଭିଡ ନିୟନ୍ତ୍ରଣ ଇତ୍ୟାଦି କୁ ସୁଚାରୁ ରୁପେ ସମ୍ପର୍ଣ୍ଣ ପାଇଁ ପରାମର୍ଶ ଦେଇଥିଲେ।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଚଳିତ ରଥଯାତ୍ରା ଓ ସ୍ନାନଯାତ୍ରା ରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି କହିଥିଲେ। ଏହାକୁ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକ ମାନଙ୍କୁ ସୁବିଧା ଓ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ।ଏସପି ପ୍ରତୀକ ସିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନେ ନିଜର ଦାୟିତ୍ୱ କୁ ସଠିକ ଭାବେ ବୁଝି ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନ ମାନଙ୍କ ରେ କାର୍ଯ୍ୟ କରିବାକୁ ମତ ଦେଇଥିଲେ।ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ରଥଯାତ୍ରା ଓ ସ୍ନାନଯାତ୍ରା ସମୟରେ ମହାନଗର ନିଗମ ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା,ଶୌଚାଳୟ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ସୂଚନା ଦେଇଥିଲେ।ଏହି ସମନ୍ୱୟ ବୈଠକରେ ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀ,ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ନୂଆ ପାଠବହି - ଶିକ୍ଷାବର୍ଷ ସରିଯିବ

ଭୁବନେଶ୍ୱର,(ତଥ୍ୟ) ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରି ଛାତ୍ରଛାତ୍ରୀଙ୍କୁ ଯଦି ନୂତନ ପାଠ୍ୟପୁସ୍ତକ ପ୍ରଦାନ କରାଯାଏ ତେବେ ଚଳିତବର୍ଷ ଶିକ୍ଷାବର୍ଷ ଭିତରେ ସେମାନେ ଏହା ପାଇବା ନେଇ ସନ୍ଦେହ ଉପୁଜିଛି। କାରଣ ବର୍ତ୍ତମାନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିବା ତ୍ରୁଟିପୂର୍ଣ୍ଣ ପୁସ୍ତକ ଛାପିବାକୁ କର୍ତ୍ତୃପକ୍ଷଙ୍କୁ ୧୦ମାସ ସମୟ ଲାଗିଯାଇଥିଲା। ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିବା ମାଗଣା ପାଠ୍ୟପୁସ୍ତକରେ ଦୁଇ ହଜାରରୁ ଅଧିକ ତ୍ରୁଟି ନଜରକୁ ଆସିବାପରେ ସବୁ ସ୍ତରରୁ ଏହାକୁ ନେଇ ସରକାରଙ୍କୁ ସମାଲୋଚନା କରାଯାଉଛି। ଉଭୟ ରାଜ୍ୟ ଓ ଜାତୀୟ ସ୍ତରର ଗଣମାଧ୍ୟମ ଗୋଟିଏ ପରେ ଗୋଟିଏ ତ୍ରୁଟି ଦେଖାଇବାରେ ଲାଗିଛନ୍ତି। କେଉଁ ଶ୍ରେଣୀର ଇଂରାଜୀ ପୁସ୍ତକରେ ରଜଦୋଳି ଗୀତ ରହିଛି ତ ଆଉ କେଉଁ ଶ୍ରେଣୀର ପୁସ୍ତକରେ ହିନ୍ଦୀ ସିନେମାଗୀତ ସ୍ଥାନ ପାଇଛି। କେବଳ ସେତିକି ନୁହେଁ ନିଉଟନଙ୍କୁ ଜଣେ ପାଇଲଟ୍ ଭାବେ ଦର୍ଶାଯାଇଥିବାବେଳେ ଓଡିଶା ବିଧାନସଭାର ଚିତ୍ର ସ୍ଥାନରେ କର୍ଣ୍ଣାଟକ ବିଧାନସଭା ଚିତ୍ର ସ୍ଥାନ ପାଇଛି। ଏହାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଥିବାବେଳେ ଏକ ତଦନ୍ତ କମିଟି ବସାଇଥିଲେ। ତଦନ୍ତ ରିପୋର୍ଟ ପାଇବାପରେ ୪ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ଏବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକଗୁଡ଼ିକୁ ଫେରାଇ ଆଣି ଛାତ୍ରଛାତ୍ରୀଙ୍କୁ ସଠିକ୍ ପୁସ୍ତକ ଦେବାପାଇଁ କୁହାଗଲାଣି। ତେବେ ମିଳିଥିବା ସୂଚନା ଅନୁଯାୟୀ ଚଳିତବର୍ଷ ଛାତ୍ରଛାତ୍ରୀଙ୍କୁ ଯେଉଁସବୁ ପୁସ୍ତକ ଯୋଗାଇ ଦିଆଯାଇଛି ସେଥିପାଇଁ ୩୮୦ କୋଟି ଟଙ୍କା ବ୍ୟୟ ହୋଇଥିବାବେଳେ ୧୦ମାସ ସମୟ ଲାଗିଯାଇଛି। ଏଥିରେ ଟେଣ୍ଡର ଠାରୁ ଆରମ୍ଭକରି ପ୍ରସ୍ତୁତି, ଯାଞ୍ଚ ଓ ଛପେଇ ଆଦି ରହିଛି। ୫୦ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଏକ କୋଟି ପୁସ୍ତକ ଛପାଯାଇଥିବାବେଳେ ଏଥିରେ ୫୮ଟି ପ୍ରକାରର ପାଠ୍ୟ ପୁସ୍ତକ ସ୍ଥାନ ପାଇଛି।

ବର୍ତ୍ତମାନ ମାତ୍ର ୧୦ମାସ ଭିତରେ ୫୮ଟି ପ୍ରକାରର କୋଟିଏ ପୁସ୍ତକ ଛପେଇକୁ ନେଇ ପ୍ରଶ୍ନ ଉଠିଛି। କାରଣ ଏହା ପୂର୍ବ ଶିକ୍ଷାବର୍ଷରେ ୪୮ଟି ପ୍ରକାରର ପୁସ୍ତକ ପ୍ରସ୍ତୁତି ଛପେଇ କାର୍ଯ୍ୟ ସାରିବାକୁ ତିନିବର୍ଷ ଲାଗି ଯାଇଥିଲା। ପୁସ୍ତକ ପ୍ରସ୍ତୁତି, ବିଭିନ୍ନ ସ୍ତରରେ ଯାଞ୍ଚ, ଡିଟିପି ଓ ଛପେଇ ଆଦି ରହିଥିଲା। ୪୮ ପ୍ରକାରର ପୁସ୍ତକ ଛାପିବାପାଇଁ ଯଦି ୩ବର୍ଷ ସମୟ ଲାଗିଗଲା ତେବେ ୫୮ଟି ପ୍ରକାରର ପୁସ୍ତକ ଛାପିବା କାର୍ଯ୍ୟ କିଭଳି ୧୦ମାସ ଭିତରେ ସରିଗଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଠ୍ୟପୁସ୍ତକ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବେ ତନାଘନା କରିବାପରେ ପୁସ୍ତକ ପ୍ରକାଶନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଭିତରେ ଭାଳେଣି ପଡିଛି। ନୂତନ ପାଠ୍ୟ ପୁସ୍ତକ ଛପାଯିବ କି ନାହିଁ ଓ ଯଦି ଛପାଯିବ ତାହା କେବେସୁଦ୍ଧା ଛାତ୍ରଛାତ୍ରୀଙ୍କୁ ମିଳିବ ତାହାକୁ ନେଇ ଏବେ ସମସ୍ତେ ଚିନ୍ତାରେ ପଡିଛନ୍ତି।

## କୁରାଙ୍ଗ ଶାସନରେ ସମର୍ପିତ ହେଲା "ମା ତାରିଣୀ' ବିଶ୍ରାମ ଗୃହ

ଫୁଲନଖରା ,(ସବ୍ୟୁ): :କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନ ଗ୍ରାମରେ ଦିବ୍ୟାଙ୍ଗମାନଙ୍କ ସୁବିଧା ଓ ସାମାଜିକ କଲ୍ୟାଣକୁ ଦୃଷ୍ଟିରେ ରଖି ନିର୍ମିତ "ମା ତାରିଣୀ ଦିବ୍ୟାଙ୍ଗ ବିଶ୍ରାମ ଗୃହ'ର ଶୁଭ ଉ"ାଟନ ହୋଇଯାଇଛି । ମୁଖ୍ୟ ଅତିଥି ନିଆଳି ବିଧାୟକ ଇଂ. ଛବି ମଲ୍ଲିକ ଏହି ବିଶ୍ରାମ ଗୃହର ଶୁଭ ଉ"ାଟନ କରିଥିଲେ । ଉ"ାଟନ ଅବସରରେ ବିଧାୟକ ଶ୍ରୀ ମଲ୍ଲିକ କହିଥିଲେ ଯେ, ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ସମାନ ସୁବିଧା ଓ ସମ୍ମାନ ମିଳିବା ସରକାରଙ୍କ ପ୍ରାଥମିକତା । ଦିବ୍ୟାଙ୍ଗ ଭାଇଭଉଣୀମାନେ ବିଭିନ୍ନ ସମୟରେ ଯାତାୟାତ କିମ୍ବା ଅନ୍ୟ କାର୍ଯ୍ୟରେ ଆସି ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଏହି ବିଶ୍ରାମ ଗୃହ ନିର୍ମାଣ କରାଯାଇଛି । ସ୍ଥାନୀୟ ଅଞ୍ଚଳବାସୀ ବିଧାୟକ ଇଂ. ଛବି ମଲ୍ଲିକଙ୍କ ଏହି ଜନହିତକର ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିବା ସହ କହିଥିଲେ ଯେ, ସମାଜର ଅବହେଳିତ ଓ ଦିବ୍ୟାଙ୍ଗ ବର୍ଗଙ୍କ କଲ୍ୟାଣ ପାଇଁ ଏଭଳି ଭିତ୍ତିଭୂମି ସୃଷ୍ଟି ସମୟର ଆବଶ୍ୟକତା ଥିଲା । ଏହି ବିଶ୍ରାମ ଗୃହ ଅନେକ ଦିବ୍ୟାଙ୍ଗଙ୍କ ପାଇଁ ଆଶୀର୍ବାଦ ସଦୃଶ ପ୍ରମାଣିତ ହେବ ବୋଲି ସେମାନେ କହିଥିଲେ । କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ପାତ୍ର ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ କଲ୍ୟାଣ ନିମନ୍ତେ ଏଭଳି ପଦକ୍ଷେପର ପ୍ରଶଂସା କରିଥିଲେ । ଏହି ଅବସରରେ ଅଭିମନ୍ୟୁ ପାତ୍ର, ସନ୍ତୋଷ ସାହୁ, ବିଜୟ ସାହୁ, ଅଶୋକ ସାହୁ, ଜିତୁ ବିଶ୍ୱାଳ, ଆଲୋକ ପାତ୍ର, ପ୍ରତାପ ପଣ୍ଡା, ମନମୋହନ ପାତ୍ର, ଅଜିତ ସାହୁ, ସୁବାଷ ପାତ୍ର, ଉପେନ୍ଦ୍ର ସାହୁ, ବିଜୟ ରାୟ, ଯତୀନ୍ଦ୍ର ସାହୁ, ଅଶୋକ ଦାସ, ନିରୋଧ ଜେନା, ଜୟନ୍ତ କୁମାର ଜେନା, ଗୌରାଙ୍ଗ ଚରଣ ନାଥ, ବିକାଶ ସାହୁ, ପ୍ରଦୀପ ସୁନ୍ଦରରାୟ, ସନ୍ଦୀପ ବାରିକ, ଲୋକନାଥ ମହାନ୍ତି, ତୁଷାରକାନ୍ତ ଜେନା, ଅକ୍ଷୟ ଦଲାଇ ଓ ବିଜୟ ପ୍ରଧାନଙ୍କ ସମେତ ବହୁ ସାମାଜିକ କର୍ମୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ସମସ୍ତ ଅତିଥି ଓ ସ୍ଥାନୀୟ ବାସିନ୍ଦା ଏହି ମହି ପଦକ୍ଷେପକୁ ସ୍ୱାଗତ କରିବା ସହ ଦିବ୍ୟାଙ୍ଗଙ୍କ କଲ୍ୟାଣ, ସାମାଜିକ ଅନ୍ତର୍ଭୁକ୍ତି ଓ ମାନବିକ ସେବା କ୍ଷେତ୍ରରେ ଆଗାମୀ ଦିନରେ ମଧ୍ୟ ଏଭଳି ଜନହିତକର ପ୍ରକଳ୍ପ କାର୍ଯ୍ୟକାରୀ ହେଉ ବୋଲି ଆଶା ପ୍ରକାଶ କରିଥିଲେ । ଏହି ବିଶ୍ରାମ ଗୃହ କେବଳ ଏକ ଭବନ ନୁହେଁ, ବରଂ ଦିବ୍ୟାଙ୍ଗଙ୍କ ପ୍ରତି ସମାଜର ସମ୍ବେଦନଶୀଳତା, ସହଯୋଗ ଓ ସମ୍ମାନର ଏକ ସୁନ୍ଦର ନିଦର୍ଶନ ବୋଲି ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ ।

## ଶ୍ରୀଲିଙ୍ଗରାଜ ମନ୍ଦିର ଉପରେ ଡ୍ରୋନ, ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଶ୍ରୀଲିଙ୍ଗରାଜ ମନ୍ଦିର ଉପରେ ଡ୍ରୋନ୍ ଉଡାଇବା ଅଭିଯୋଗରେ ଡୁମୁଡୁମା ଅଞ୍ଚଳରେ ସମ୍ବିତ କରକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୋଲିସ। ଅଧଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଶ୍ରୀଲିଙ୍ଗରାଜ ମନ୍ଦିର ଉପରେ ଡ୍ରୋନ ଉଡାଇବା ପରେ ତାହା ସେବାୟତଙ୍କ ଦୃଷ୍ଟିକୁ ଆସିଥିଲା। ସେବାୟତ ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚିଥିଲା। ସେବାୟତ ଓ ପୋଲିସ ମିଶି ଅଭିଯୁକ୍ତ ଯୁବକ ସମ୍ବିତ କରକୁ ଧରିଥିଲେ। ସେ ମନ୍ଦିର ଉପରେ ଉଡାଉଥିବା ଡ୍ରୋନ ମଧ୍ୟ ପୋଲିସ ଜବତ କରିଛି। ନିଷିଦ୍ଧ ଅଞ୍ଚଳରେ ସେ ଡ୍ରୋନ ଉଡାଉଥିବାରୁ ତା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବର୍ଷକ ପୂର୍ବରୁ ଏହିପରି ଆଉ ଜଣେ ଯୁବକ ମନ୍ଦିର ଉପରେ ଡ୍ରୋନ ଉଡାଇଥିଲା। କିପରି ଏମାନେ ସାହାସ ପାଉଛନ୍ତି ନିଷିଦ୍ଧାଞ୍ଚଳ ଉପରେ ଡ୍ରୋନ ଉଡାଇବାକୁ ତାହା ସନ୍ଦେହ ସୃଷ୍ଟି କରିଛି।

## ସାଢେ ୮ ଲକ୍ଷ ସାଇବର ଠକେଇ, ଆସାମରୁ ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସାଢେ ୮ ଲକ୍ଷ ଟଙ୍କା ସାଇବର ଠକେଇ ଅଭିଯୋଗରେ ସାଇବର ଥାନା ପୋଲିସ ଆସାମରୁ ୩ ଜଣଙ୍କୁ ଗିରଫ କରିଛି। ଗିରଫ ୩ ଜଣ ହେଲେ ଆସାମର ଜୁନାଇଦୁର ଇସଲାମ (୨୨), ହାରୁନ୍ ରସିଦ୍(୨୯) ଓ ଫିଜାଜୁଲ ହକିୟୁ(୨୩) । ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ବୁଲୁ ଦାସ ଅନଲାଇନରେ ସର୍ଚ୍ଚ କରୁଥିଲେ ଲାଇଫ୍ ଟାଇମ୍ ପେନ୍‌ସନ୍ କାର୍ଡ ପାଇଁ। ଏହି ସମୟରେ ସେ ଆନ୍ତଃରାଜ୍ୟ ସାଇବର ଠକଙ୍କ ଶିକାର ହୋଇଥିଲେ। ବୁଲୁ ଦାସ ଯାହା ଚାହୁଁଥିଲେ ତାହା କରାଇଦେବା ପ୍ରତିଶ୍ରୁତି ଦେଇ ତାଙ୍କ ବ୍ୟାଙ୍କ ସବିଶେଷ ତଥ୍ୟ ନେଇ ଏକ ଓଟିପି ମାଗିଥିଲେ। ଓଟିପି ସେୟାର କରିବା ପରେ



ତାଙ୍କ ଆକାଉଣ୍ଟରୁ ସାଢେ ୮ ଲକ୍ଷ ଟଙ୍କା ଠକି ନେଇଥିଲେ ସାଇବର ଠକ। ଏହି ଆନ୍ତଃରାଜ୍ୟ ସାଇବର ଠକଙ୍କ ବିରୋଧରେ ୱାରେଣ୍ଟ ଠାରୁ ଆରମ୍ଭ କରି ବହୁ ମାମଲା ପଞ୍ଜିକୃତ ରହିଛି। ଏହି ଆନ୍ତଃରାଜ୍ୟ ସାଇବର ଠକଙ୍କ ଠକେଇ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପରେ ତଦନ୍ତ ଜାରି ରହିଥିଲେ ମଧ୍ୟ ୩ ଜଣଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତ ପଠାଇଦିଆଯାଇଛି।

## ୮ ନଂ କେନାଲ ବନ୍ଧ ରାସ୍ତା ବର୍ଷାରେ ହେଉଛି ପିଚୁକାର୍ଯ୍ୟ : ସ୍ଥାୟିତ୍ୱ ନେଇ ସନ୍ଦେହ

ମାହାଙ୍ଗା , ( ସ ବ୍ୟୁ ) :କେନ୍ଦୁପାଟଣା ଜଳସଂପଦ ବିଭାଗ ଅଧିନରେ ଥିବା ୮ ନମ୍ବର କେନାଲ ବନ୍ଧ ରାସ୍ତାର ଉନ୍ନତି କରଣ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୀର୍ଘମାସ ହେବ ଏହାକୁ ମେଟାଲିଙ୍ଗ୍ କରି ପକାଇ ରଖାଯାଇଥିବା ବେଳେ ଯାତାୟାତରେ ପଥଚାରୀମାନେ ବହୁ ହୀନସ୍ତା ହେଉଥିବାର ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଏହାପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଠିକାଦାର ସହାୟତାରେ ଏବେ ତରବାରିଆ ଭାବେ ବର୍ଷାରେ ପିଚୁ କାର୍ଯ୍ୟ କରୁଥିବା ଦେଖାଯାଇଛି। ଏହି ପିଚୁ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି। ଏଠାରେ ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିଶ୍ଚିନ୍ତକୋଇଲି-ଡିହିଗୋପ ୮ ନମ୍ବର କେନାଲ ବନ୍ଧ ରାସ୍ତାକୁ ଉନ୍ନତି କରଣ କରାଯିବା ପାଇଁ ମୋଟ ୧୨ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ରାସ୍ତା କାର୍ଯ୍ୟ ନିଶ୍ଚିନ୍ତକୋଇଲିଠାରୁ ବୁହାଳ ପର୍ଯ୍ୟନ୍ତ ମେଟାଲିଙ୍ଗ୍ ହୋଇନଥିବା ବେଳେ ଡିହିଗୋପଠାରୁ ବଡକ୍ଷୀର ପର୍ଯ୍ୟନ୍ତ ପିଚୁ କାର୍ଯ୍ୟ ଚାଲିଛି। ଜୁନ୍‌ମାସଠାରୁ ସେପଟେମ୍ବର ମାସ ପର୍ଯ୍ୟନ୍ତ ମୌସୁମୀ ପ୍ରବାହିତ ଅଂଚଳ ତଥା ବର୍ଷାଋତୁରେ ପିଚୁ କାର୍ଯ୍ୟ ନହେବା ପାଇଁ ସରକାରଙ୍କର ସ୍ପଷ୍ଟ ନିୟମ ରହିଥିବା ବେଳେ ଉକ୍ତ ରାସ୍ତାକୁ ଝିପି ଝିପି ବର୍ଷା ସେ%ଁ କରାଯାଉଥିବା ଦେଖିବାକୁ ମିଳିଛି। ରାସ୍ତାରେ ପିଚୁ କାର୍ଯ୍ୟ ପାଇଁ ୩କୋଟି ୧୭ ଲକ୍ଷ ଟଙ୍କା ଏବଂ ପିଚୁ କାର୍ଯ୍ୟ ହେବା ପୂର୍ବରୁ ରାସ୍ତାରେ ପାଇମର ପଡିବା ପାଇଁ ୧୭ ଲକ୍ଷ ୪୮ ହଜାର ଟଙ୍କା ଖର୍ଚ୍ଚ ପାଇଁ ଅଟକଳ ରହିଥିବା ବେଳେ ଠିକାଦାର ସଠିକ୍ ଭାବେ ଏହାକୁ କରୁନଥିବା ଅଭିଯୋଗ ହେଉଛି। ସରକାରୀ ଅଟକଳ ଅନୁସାରେ ପ୍ରଥମେ ରାସ୍ତାକୁ ଭଲ ଭାବରେ ସଫେଇ କରାଯାଇ ପାଇମର ପକାଇବାର ୧୨ ଘଣ୍ଟା ପରେ ପିଚୁ ହେବାର ନିୟମ ରହିଥିବା ବେଳେ ଠିକାଦାର ଜଣକ ସଙ୍ଗେ ସଙ୍ଗେ ପାଇମର ପକାଇ ତତ୍କ୍ଷଣାତ୍ ପିଚୁ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ରାସ୍ତାର ପ୍ରଥମ ସ୍ତରରେ ମୋଟାଗୋଟି ମିଶା ପିଚୁ ୫୦ ଏମ୍ ଏମ୍ ଉଚ୍ଚତାରେ ହେବାର ବିଧେୟ ରହିଥିବା ବେଳେ ଠିକାଦାର ଏହାକୁ ୨୦ ରୁ ୩୦ ଏମ୍ ଏମ୍ କରୁଥିବା ବେଳେ ଶେଷ ସ୍ତରରେ ଛୋଟ ଗୋଡି ମିଶା ପିଚୁ ୨୦ ଏମ୍ ଏମ୍ ମୋଟେଇର ହେବାର ନିୟମ ରହିଥିବା ବେଳେ ଏହାକୁ ୧୦ ରୁ ୧୫ ଏମ୍ ଏମ୍ କରୁଥିବା ଦେଖାଯାଇଛି।

## ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ସ୍ପେନରୁ ଫେରିଲା ଯୁବ ଇଞ୍ଜିନିୟରଙ୍କ ମରଶରୀର

ଭୁବନେଶ୍ୱର, (ସବ୍ୟୁ): ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ସ୍ପେନରେ ମୃତ ଓଡିଆ ଯୁବ ଇଞ୍ଜିନିୟର ଦେବାଶିଷ କରିଥିଲେ। ଭୁବନେଶ୍ୱରରେ ଅବସ୍ଥାପିତ କଟକ ଜିଲ୍ଲା ସାଲେପୁର ଅନ୍ତର୍ଗତ ଭଟିମୁଣ୍ଡା ଗ୍ରାମର ହୃଷୀକେଶ ସାହୁଙ୍କ ବଡ଼ ପୁଅ ଦେବାଶିଷ କୋଲକତା ଆଇ ବି ଏମ୍ ରେ



ପ୍ରିୟଦର୍ଶୀ ସାହୁଙ୍କ ମରଶରୀର ଆଜି ତାଙ୍କ ବାସଭବନରେ ପହଞ୍ଚିଛି। ଦେବାଶିଷଙ୍କ ମରଶରୀର ଭାରତ ଫେରାଇ ଆଣିବାପାଇଁ ସ୍ପେନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଶ୍ରୀ ପଣ୍ଡା ଏକ ପତ୍ର ଲେଖି ନିବେଦନ କାର୍ଯ୍ୟରତ ଥିଲେ। ୨ ସପ୍ତାହ ପ୍ରଶିକ୍ଷଣ ପାଇଁ ଚଳିତ ମାସ ୧୪ ତାରିଖରେ ସ୍ପେନ ଗସ୍ତ କରିଥିଲେ। ହଠାତ ୧୬ ତାରିଖରେ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଖବର କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ। ଦେବାଶିଷଙ୍କ ଅନ୍ତିମ ସଂସ୍କାର ପାଇଁ ମରଶରୀରକୁ ଭାରତ ଫେରାଇ ଆଣିବା ପାଇଁ ପରିବାର ଲୋକ ଶ୍ରୀ ପଣ୍ଡାଙ୍କୁ ଅନୁରୋଧ କରିଥିଲେ। ଅନୁରୋଧକ୍ରମେ, ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରି ଦେବାଶିଷଙ୍କ ମରଶରୀର ସ୍ୱଦେଶ ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ। ରବିବାର ମରଶରୀର ଭୁବନେଶ୍ୱର ବାସଭବନରେ ପହଞ୍ଚିବା ପରେ ସାଂସଦ ଶ୍ରୀ ପଣ୍ଡାଙ୍କ କାର୍ଯ୍ୟାଳୟ ତରଫରୁ ବିଜେପି ମହଙ୍ଗା ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼ାଇ ଅନ୍ତିମ ଦର୍ଶନ କରିବା ସହ ଶୋକସଂତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଦୂତାବାସର ତ୍ୱରିତ ପଦକ୍ଷେପ ପାଇଁ ଶ୍ରୀ ପଣ୍ଡା ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପଣ୍ଡାଙ୍କ ଉଦ୍ୟମ ଓ ସହଯୋଗ ପାଇଁ ପରିବାର ଲୋକ କୃତଜ୍ଞତା ଜଣାଇଛନ୍ତି।

## ପ୍ରଭାତଙ୍କୁ ଭେଟିଲେ ପ୍ରକାଶ



କଟକ,(ସବ୍ୟୁ): ବରିଷ୍ଠ ନେତା ତଥା କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କଟକ ଏସ୍‌ସିବି ମେଡିକାଲ୍‌ର ନ୍ୟୁଉ ମେଡ଼ିସିନ ୱାର୍ଡରେ ଚିକିତ୍ସିତ ହେଉଛନ୍ତି । ଏହା ଜାଣି ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଆଜି ମେଡିକାଲରେ ତାଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଥିଲେ । ତାଙ୍କ ସହିତ ସ୍ଥାନୀୟ କର୍ପୋରେଟର କେ. କାମେଶ୍ୱର ରାଓ,ସାଂସଦଙ୍କ ପ୍ରତିନିଧି ଅଜିତ କୁମାର ଦାଶ, ବହୁ ବରିଷ୍ଠ ବ୍ୟକ୍ତି ବିଶେଷ ଓ ଯୁବ ଛାତ୍ର ସଂଗଠକମାନେ ଉପସ୍ଥିତ ଥିଲେ ।

## ଶ୍ରୀମତୀ ଶାଲୁ ଜିନ୍ଦଲଙ୍କୁ 'ସିଏସଆର ଭିଜିଅନାରି ଲିଡର ଅଫ୍ ଦି ଇୟର' ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ସାମାଜିକ ପ୍ରଗତିରେ ଅଗ୍ରଣୀ ନେତୃତ୍ୱ ଓ ଉଲ୍ଲେଖନୀୟ ଅବଦାନ ପାଇଁ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କୁ ସମ୍ମାନଜନକ 'ସିଏସଆର ଭିଜିଓନାରି ଲିଡର ଅଫ ଦି ଇୟର- ୨୦୨୬' ଆୱାର୍ଡ ମିଳିଛି। ଦି ବ୍ରେନାଲିଟିକ୍ସ ପକ୍ଷରୁ ନୂଆଦିଲ୍ଲୀ ପ୍ରାଇଡ ପ୍ଲାଜା ହୋଟେଲ, ଏରୋସିଟିରେ ଆୟୋଜିତ 'ଭାରତ ସିଏସଆର ଏଣ୍ଡ ସଷ୍ଟେନବିଲିଟି ସମିଟ ଏଣ୍ଡ ଆୱାର୍ଡ' ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଦେଶର ବିଭିନ୍ନ ସମୁଦାୟର ଜୀବନଶୈଳୀରେ ଉନ୍ନତି ପାଇଁ ଜିନ୍ଦଲ ଫାଉଣ୍ଡେସନର କାର୍ଯ୍ୟକ୍ରମରେ ଶ୍ରୀମତୀ ଜିନ୍ଦଲଙ୍କ ନେତୃତ୍ୱକୁ, ଏହି ସମ୍ମାନ ସ୍ୱୀକୃତି



ପ୍ରଦାନ କରୁଛି। ତାଙ୍କ ନେତୃତ୍ୱରେ ଫାଉଣ୍ଡେସନ ଏହାର କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ, ଦକ୍ଷତା ବିକାଶ, ଜୀବୀକା, ଜଳ ଓ ପରିମଳ, ଗ୍ରାମାଞ୍ଚଳରେ ଭିତ୍ତିଭୂମିର ଉନ୍ନୟନ, ପରିବେଶ ସୁସ୍ଥିରତା, କଳା ଓ ସଂସ୍କୃତି ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣରେ ଜିନ୍ଦଲ ଫାଉଣ୍ଡେସନର ଉଲ୍ଲେଖନୀୟ ଅବଦାନ ରହିଛି। ଜିନ୍ଦଲ ଫାଉଣ୍ଡେସନ ଯେଉଁ ସମୁଦାୟଗୁଡ଼ିକର ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଏବଂ ସମାବେଶୀ ସମାଜ ଗଠନ ଦିଗରେ ନିୟୋଜିତ ସହଯୋଗୀ ଓ କର୍ମୀମାନଙ୍କୁ, ଶ୍ରୀମତୀ ଜିନ୍ଦଲ ଏହି ସମ୍ମାନ ଓ ସ୍ୱୀକୃତିକୁ ସମର୍ପିତ କରିଛନ୍ତି।

# ଗୋଡି ବୋଝେଇ ହାଇୱାରୁ ଗଳିତ ଶବ ଉଦ୍ଧାର

## ହତ୍ୟା ଅଭିଯୋଗ



ଖଣ୍ଡପଡ଼ା /ଭାପୁର , (ସବ୍ୟୁ) : ନୟାଗଡ଼ ଜିଲ୍ଲାର ଫତେଗଡ଼ ଥାନା ଭାପୁର ଅଞ୍ଚଳରେ ଏକ ଗୋଡି ବୋଝେଇ ହାଇୱା ଗାଡିରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି । ଏହି ଘଟଣାନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ପାରିପାଶ୍ୱର୍କ ତଥ୍ୟକୁ ଆଧାର କରି ପୁଲିସ ଘଟଣାର ତଦନ୍ତ କରୁଥିବା ଫତେଗଡ ଥାନାଧିକାରୀ ଅଜୟ କୁମାର ସାହୁ କହୁଥିବା ବେଳେ ମୃତ ଯୁବକଙ୍କ ପରିବାର ଏହା ଏକ ସୁକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି । ହାଇୱାରୁ ମିଳିଥିବା ଗଳିତ ମୃତ ଯୁବକ ଜଣକ ଫତେଗଡ଼ ଥାନାର ବିଜିପୁର ପଞ୍ଚାୟତ ଅଧୀନ ସୁନାଖଳା ଗ୍ରାମର ଦିବାକର ରାଉତଙ୍କ ପୁଅ ମୁନା ରାଉତ (୧୯) ବୋଲି ଜଣାପଡିଛି । ମୁନା ଉକ୍ତ ହାଇୱା ଗାଡିରେ ହେଲପର ଭାବେ କାର୍ଯ୍ୟ କରୁଥିବା କୁହାଯାଉଛି । ମୃତକ ଯୁବକଙ୍କ ପରିବାରବର୍ଗଙ୍କ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ଶନିବାର ରାତିରେ ଗୋଡ଼ି ବୋଝେଇ ହାଇୱା ଗାଡିଟି ଭାପୁର ବଜାରର ମହୋତ୍ସବ ପଡ଼ିଆ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ବାସଗୃହ ସମ୍ମୁଖରେ ଗୋଡ଼ି ଖାଲି କରିବା ସମୟରେ ମୃତ ଦେହଟି ଗୋଡି ସହ ତଳକୁ ଖସି ପଡିଥିଲା । ହାଇୱା ଚାଳକ କଟକ ଜିଲ୍ଲା ତିଗିରିଆ ଅଞ୍ଚଳର ହୋଇଥିବା ବେଳେ ସେ ଏ ସଂପର୍କରେ ଅବଗତ ହେବା ପରେ ଗାଡି ଛାଡି ଘଟଣାସ୍ଥଳରୁ ଚମ୍ପଟ ମାରିଛି । ଖବରପାଇ ଫତେଗଡ ଓ ଭାପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ହାଇୱାକୁ ଜବତ କରିଛି । ପୁଲିସ ଓ ସାଇନଟିଫିକ ଟିମ ପହଂଚି ଘଟଣାର ଖୋଳତାଡ କରୁଥିବା ଜଣାପଡିଛି । ସୁଚିନ୍ତିତ ଉପାୟରେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ମୃତ ଯୁବକଙ୍କ ପରିବାର ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବା ପରେ ଘଟଣାର ଫର୍ଦ୍ଦାଫାସ ହେବ ବୋଲି ନୟାଗଡ ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ପଣ୍ଡାଓ ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି ।

# ଗୋଲିଆ-ତାଳସର ରାସ୍ତା ଶୋଚନୀୟ, ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ) : ସରକାରଙ୍କ ନାରା ବିକଶିତ ଓଡିଶା, ବିକଶିତ ଗାଁ ଏବଂ ବିକାଶର ଧାରା, ଓଡିଶା ସାରା ସମ୍ପ୍ରତି ବୁଗୁଡା ଅଞ୍ଚଳବାସୀଙ୍କ ପାଇଁ ପରିହାସର ବାଣୀ ପାଲଟିଛି । ଦେଶ ସ୍ୱାଧୀନତାର ଦୀର୍ଘ ୭୮ ବର୍ଷ ବିତିଯାଇଥିଲେ ବି ନିଜ ଗାଁକୁ ଭଲ ରାସ୍ତାଟିଏ ଗ୍ରାମବାସୀ ପାଇପାରି ନାହାନ୍ତି । ଖରା ଓ ଶୀତ ଦିନରେ ଖାଲଢେପରେ ପଡି ଲୋକେ ଗାଁକୁ ଯାଉଥିବା ବେଳେ ବର୍ଷା ଦିନେ ଯମଯନ୍ତ୍ରଣା ଭୋଗୁଛନ୍ତି । ପ୍ରାଶାସନିକ ଉଦାସୀନତା ଓ ନେତାଙ୍କ ଅପାରଗତା ଯୋଗୁଁ ତିନିଖଣ୍ଡ ଗାଁର ଲୋକଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି । ଏଭଳି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଥିବା ରାସ୍ତାର ଦୃଶ୍ୟ ବୁଗୁଡା ବ୍ଲକ ଉପାଧ୍ୟକ୍ଷଙ୍କ ଗୋଲିଆ ପଞ୍ଚାୟତରେ ଦେଖିବାକୁ ମିଳିଛି ।




ଗୋଲିଆ ଗ୍ରାମ ଉପକଣ୍ଠସ୍ଥ କୋଇଲୁଣ୍ଡି ଛକଠାରୁ ମରେଇପଲ୍ଲୀ ଓ ଡାହାଣୀପଲ୍ଲୀ ଗାଁ ଦେଇ ତାଳସର ଗ୍ରାମକୁ ଯାଇଥିବା ରାସ୍ତାର ଅବସ୍ଥା ଅତୀବ ଦୟନୀୟ ହୋଇପଡିଛି । ଏ ନେଇ ଏହି ତିନିଗୋଟି ଗାଁରେ ଲୋକେ ଅନେକ ଥର ଗୁହାରି କରିଥିଲେ ମଧ ସ୍ଥାନୀୟ ବ୍ଲକ ପ୍ରଶାସନ ଶୁଣୁନଥିବା ଅଭିଯୋଗ ହେଉଛି । ଗତ ୨୦୨୩ ଅଗଷ୍ଟ ୨୮ ତାରିଖ ଦିନ ଏହି ରାସ୍ତା ଯୋଗୁଁ ହିନସ୍ଥା ହେଉଥିବା ଗ୍ରାମବାସୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରି ରାସ୍ତା ତିଆରି ନକଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ ।

ତତ୍କାଳୀନ ବିଡିଓ ବାବୁ ରାସ୍ତା ନିର୍ମାଣର ଆଶ୍ୱାସନା ଦେଇ ଲୋକଙ୍କୁ ଫେରାଇ ଦେଇଥିଲେ ଏବଂ ପରବର୍ତ୍ତୀ ନିର୍ବାଚନ ସମୟରେ ନେତାଗଣଙ୍କ ମିଥ୍ୟା ପ୍ରତିଶ୍ରୁତିରେ ଫସିଯାଇ ଲୋକେ ଭୋଟ ମଧ ଦେଇଥିଲେ । ଭୋଟ ସରିଯାଇ ସରକାର ବଦଳି ଯାଇ ଦୁଇ ବର୍ଷ ବିତିଯାଇଥିଲେ ସୁଦ୍ଧା ସେହି କଦର୍ଯ୍ୟ ରାସ୍ତାର ଅବସ୍ଥା ବଦଳିଲା ନାହିଁ କି ଗାଁ ଲୋକଙ୍କ ଦୁର୍ଦ୍ଦଶା ଦୂର ହୋଇନାହିଁ । ବର୍ଷା ଦିନେ ସେହି ପାଣିଭରା ଖାଲଖମା ରାସ୍ତାରେ ଯାନବାହାନ ଚଳାଚଳ କଷ୍ଟକର ହେଉଥିବା ବେଳେ ଗୋଲିଆ ଗ୍ରାମସ୍ଥ ହାଇସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏଁ ପଢୁଥିବା ଛାତ୍ରଛାତ୍ରୀ ଏବଂ ଭତ୍ତା ଓ ରାସନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାଆସିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ଅନ୍ୟପକ୍ଷରେ ବିପଦ ସମୟରେ ଆମ୍ବୁଲାନ୍ସ ମରେଇପଲ୍ଲୀ ଗାଁ ପାଖକୁ ଯାଇପାରୁଥିବା ବେଳେ ଅନ୍ୟ ଦୁଇ ଗାଁକୁ ଯାଇ ନପାରି ବାଟରେ ଅଟକି ଯାଉଥିବାରୁ ଲୋକେ ରୋଗୀକୁ ଆମ୍ବୁଲାନ୍ସ ପାଖକୁ ଆଣିବାକୁ ପଡୁଛି । ଏଥି ପାଇଁ ସ୍ଥାନୀୟ ପ୍ରଶାସନର ନିନ୍ଦନୀୟ ଉଦାସୀନତା ଓ ନେତାଙ୍କ ଅକ୍ଷମଣୀୟ ଅପାରଗତାକୁ ଦାୟୀ କରି ଦୁର୍ଦ୍ଦଶାଗ୍ରସ୍ତ ଗ୍ରାମବାସୀମାନେ ଏକ ବଡ ଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି । ଉକ୍ତ ରାସ୍ତାର ଦୁରାବସ୍ଥାକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିବା ବେଳେ ଆଗାମୀ ଦିନରେ ଯେକୌଣସି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥିବାଯୋଗୁଁ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର କରିବା ପାଇଁ ସାଧାରଣରେ ଦୃଢ ଦାବି ହେଉଛି ।

# ବାହାଘର ଭୋଜିରୁ ନାବାଳିକାକୁ ଡାକିନେଇ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଚାଞ୍ଚଲ୍ୟ ଖେଳିଯାଇଛି । ଜଣେ ୧୩ବର୍ଷୀୟା ସପ୍ତମ ଶ୍ରେଣୀର ନାବାଳିକା ଛାତ୍ରୀକୁ ବଳପୂର୍ବକ ଦୁଷ୍କର୍ମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚାନ୍ଦୁଆ ଥାନା ପୋଲିସ କୋଖାରୁଣୀ ଗ୍ରାମର ୧୯ ବର୍ଷୀୟ ଅଭିଯୁକ୍ତ ଦୀପକ କୁମାର ଟୁଡୁକୁ ଗିରଫ କରିଛି । ଅତିରିକ୍ତ ଏସପି ଦୀପକ ଗୋଛାୟତ ସୂଚନା ଦେଇ ପ୍ରକାଶ କରିଥିଲେ ଚାନ୍ଦୁଆ ଥାନା ଅନ୍ତର୍ଗତ ସୁନାରିଆ ଗ୍ରାମରେ ଏକ ବାହାଘର ଭୋଜି ଚାଲିଥିବା ସମୟରେ ଉକ୍ତ ନାବାଳିକା ଜଣକ ସେଠାକୁ ଆସିଥିଲେ । ସେହି ସମୟରେ ଅଭିଯୁକ୍ତ ଦୀପକ କୁମାର ଟୁଡୁ ନାବାଳିକାଙ୍କୁ ନିକଟସ୍ଥ ଏକ ଜଙ୍ଗଲ ଭିତରକୁ ଡାକି ନେଇଥିଲା ଏବଂ ସେଠାରେ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲା । ଏହି ଘଟଣା ସାମ୍ନାକୁ ଆସିବା ପରେ ପୀଡ଼ିତାଙ୍କ ବାପାଙ୍କ ଲିଖିତ ଅଭିଯୋଗ ଆଧାରରେ ଚାନ୍ଦୁଆ ଥାନାରେ କେସ୍ ନଂ ୯୬/୨୬ ରୁଜୁ କରାଯାଇଛି ।

ନାବାଳିକାର ବୟସ ମାତ୍ର ୧୩ ବର୍ଷ ହୋଇଥିବାରୁ ପୋଲିସ ଏହାକୁ ଏକ ସଙ୍ଗୀନ ମାମଲା ଦର୍ଶାଇ ପୋକ୍ସୋ ଆକଟ ଧାରା ୬(୧) ଧାରା ଗୁଡ଼ିକ ଆଧାରରେ ମାମଲା ଦାୟର ରୁଜୁ କରିଛି । ପୋଲିସ ପୀଡ଼ିତା ନାବାଳିକାର ବୟାନ ରେକର୍ଡ କରିବା ସହ ଡାକ୍ତରୀ ମାଇନା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି ଏବଂ ଗିରଫ ଯୁବକକୁ ଅଧିକ ପଚରାଉଚରା ଜାରି ରଖିଛି । ଅଭିଯୋଗ ପାଇବା ମାତ୍ରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମାମଲା ରୁଜୁ କରିଛି । ଅଭିଯୁକ୍ତକୁ ଗିରଫ କରାଯାଇଛି ଏବଂ ଏହି ସମ୍ବେଦନଶୀଳ ଘଟଣାର ସମସ୍ତ ଦିଗକୁ ନେଇ ଅଧିକ ତଦନ୍ତ ପ୍ରକ୍ରିୟା ଜାରି ରହିଛି ।

# ଶ୍ରୀଶ୍ରୀ ଶିବ ସେବକ ରାଉଳ ମୁନି କୁଳ ଉନ୍ନୟନ ମହାସଂଘ ମହାସଭା




ବ୍ରହ୍ମପୁର, (ସବ୍ୟୁ): ଶ୍ରୀଶ୍ରୀ ଶିବ ସେବକ ରାଉଳ ମୁନି କୁଳ ଉନ୍ନୟନ ମହାସଂଘ ଗଂଜାମ ଓଡ଼ିଶା ଏବଂ ଆନ୍ଧ୍ରର ମହାସଭା ସ୍ଥାନୀୟ ବ୍ରହ୍ମପୁର ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସଭାପତି ରୂପେଶ୍ୱର ମହାପାତ୍ରଙ୍କ ପୌରୋହିତ୍ୟରେ ବ୍ରହ୍ମପୁର ସ୍ଥିତ ଚନ୍ଦ୍ରଶେଖର ମନ୍ଦିରରେ ମହାସଭାର ବୈଠକ ଅନୁଷ୍ଠିତ ହୋଇଥିଲା ।

ଏଥିରେ ଗଂଜାମ ଜିଲ୍ଲାର ୧୭ଟିତାଲୁକାର ସଭାପତି ସମେତ ତାଲୁକାର କର୍ମକର୍ତ୍ତାଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ, ମହାସଂଘର ସଭାପତି ରୂପେଶ୍ୱର ମହାପାତ୍ରଙ୍କ ସମେତ ମୁଖ୍ୟ ଅତିଥି ରଶ୍ମିରଞ୍ଜନ ମହାପାତ୍ର (ଭାରତୀୟ ସେନା ଅଧିକାରୀ) ମୁଖ୍ୟ ବକ୍ତା ଡଃ ଅଜିତ କୁମାର ମୁନି (ଅଧ୍ୟାପକ ବିଜ୍ଞାନ ମହାବିଦ୍ୟାଳୟ, ଆସ୍କା ,ସମ୍ମାନୀତ ଅତିଥି ଶ୍ରୀ ଭଗବାନ ମୁନି (ସଭାପତି ପଲ୍ଲୀମୁଠା ତଥା ଉପସଭାପତି ମହାସଂଘ), ଗୌରୀ ଶଙ୍କର ରାଉଳ (ଆଇନ ପରାମର୍ଶ ଦାତା ମହାସଂଘ), ଦୁର୍ଗା ପ୍ରସାଦ ରାଉଳ (କୋଷାଧ୍ୟକ୍ଷ ମହାସଂଘ),ମନୋଜ କୁମାର ରାଉଳ (ସଭାପତି ମହୁରୀ), ପ୍ରକାଶ ଚନ୍ଦ୍ର ମୁନି (ଧରାକୋଟ) ,ସଦାନନ୍ଦ ରାଉଳ (ସଭାପତି ଭିଲିଙ୍ଗି), ଅଭିମନ୍ୟୁ ରାଉଳ ( ସଭାପତି ଚିକିଟୀ) ନିରଞ୍ଜନ ରାଉଳ (ସଭାପତି ତେରସ୍ଥାନ),ଲଡୁ କିଶୋର ମୁନି (ସଭାପତି ବଡ଼ଗଡ଼), ପିତାମ୍ବର ମୁନି (ସଭାପତି ଆଠଗଡ଼), ଉପେନ୍ଦ୍ର ମୁନି (ସଭାପତି ଖାଲ୍ଲି, ଆସ୍କା),କିଷାନ ମହାପାତ୍ର (ସଭାପତି ହୁମା), ବିଜୟ ରାଉଳ (ସଭାପତି ବିନ୍ଧ୍ୟଗିରି),ପ୍ରଫୁଲ୍ଲ ମୁନି ( ଘୁମୁସର) ,ସୁରେଶ ମୁନି (ସଭାପତି ସୋରଡ଼ା), ମନ୍ମଥ ମୁନି (ସଭାପତି ) ସୁବାସ ରାଉଳ (ସଭାପତି ଖାଲ୍ଲି, ଆନ୍ଧ୍ର) ସୁରେନ୍ଦ୍ର ମହାପାତ୍ର (ସଭାପତି ମହାନଗର ନିଗମ, ବ୍ରହ୍ମପୁର) ଶିବରାମ ରାଉଳ (ପୂର୍ବତନ ସଭାପତି, ମହୁରୀ) ପ୍ରମୁଖ ମଞ୍ଚାସୀନ ଥିଲେ । ଗଂଜାମ ଜିଲ୍ଲାର ବିଭିନ୍ନ କୋଣରୁ ଏବଂ ରାଜ୍ୟ ତଥା ରାଜ୍ୟ ବାହାରୁ ରାଉଳ ମୁନି କୁଳର କର୍ମକର୍ତ୍ତା ଓ ଲୋକଙ୍କ ପ୍ରବଳ ସମାଗମ ହୋଇଥିଲା ।

ଏହି ମହାସଂଘ ୧୯୮୩ ମସିହାରେ ଆରମ୍ଭ ହୋଇଥିବା ବେଳେ ୨୦୧୬ ମସିହାରେ ମହାସଙ୍ଘକୁ ଆଗକୁ ବଢ଼ିବା ପାଇଁ ରୁପେଶର ମହାପାତ୍ରଙ୍କୁ ସଭାପତି ଭାବେ ରହିଥିଲେ ପୁଣି ଦଶବର୍ଷ ପରେ ଏହି ମହାସଂଘ ର ବୈଠକ ରାଉଳ ମୁନି କୁଳର ଗାରିମା କୁ ବଢ଼ାଇ କୁଳ ସମାଜକୁ ସୁଦୃଢ଼ କରିବା ପାଇଁ ଏହି ବୈଠକ ବସିଥିଲା ଏକ ସୁସ୍ଥ ସମାଜ ଗଠନ କରିବା ଏବଂ ରାଉଳ ମୁନି କୁଳର ଭାଇଭଉଣୀ ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପରମ୍ପରା କୁ ଗୁରୁତ୍ୱ ଦେଇ ଏହି ମହାସଂଘକୁ ଆଗକୁ ନେବା ସଙ୍ଘର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଙ୍ଘ ସଭାପତି ଶ୍ରୀ ରୁପେଶର ମହାପାତ୍ର କହିଛନ୍ତି, ଏଥି ସହିତ ମହାସଂଘ ର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା ,ମହାସଂଘ ଯୁଗ୍ମ ସମ୍ପାଦକ ଇଂ ବିଚିତ୍ରାନନ୍ଦ ମୁନି ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ବୃନ୍ଦ ବୈଠକରେ ଯୋଗ ଦେଇଥିଲେ ।

# ଖେଳୁଥିବା ବେଳେ ବଜ୍ରାଘାତ

## ବାଳକ ମୃତ

ଢେଙ୍କିକୋଟ, (ସବ୍ୟୁ) : ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ତୋରାଣିପୋଖରୀ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡା ସାହିରେ ଘଟିଯାଇଛି ଏକ ଦୁଃଖଦାୟକ ଘଟଣା । ଉକ୍ତ ମୁଣ୍ଡା ସାହିର କମଳାକାନ୍ତ ମୁଣ୍ଡାଙ୍କ ପୁଅ ଓମ ପ୍ରକାଶ ମୁଣ୍ଡା ( ୧୨) ଶନିବାର ଅପରାହ୍ନରେ ବାହାରେ ଖେଳୁଥିବା ବେଳେ ବଜ୍ରାଘାତର ଶୀକାର ହୋଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ପରିବାର ଲୋକେ କେନ୍ଦୁଝର କବିତ୍ରା ଠାରେ ଥିବା ଧରଣୀଧର ମେଡିକାଲ କଲେଜକୁ ନେଇଥିଲେ । ତେବେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବର ପୋଷ୍ଟ ମଟମ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ତେବେ ଓମ ପ୍ରକାଶର ମୃତ୍ୟୁ ଯୋଗୁଁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ଓଜେସି ରାଜ୍ୟ ସମ୍ପାଦକ ହେଲେ ଅଂଶୁମାନ



ବାରିପଦା, (ସବ୍ୟୁ) : ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପକ୍ଷରୁ ରାଜ୍ୟ କମିଟି ଘୋଷଣା କରାଯାଇଛି । ରାଜ୍ୟ ସଭାପତି ଇଂ ମହମ୍ମଦ ମୋକିମଙ୍କ ଅନୁମୋଦନକ୍ରମେ ଓଜେସିର ରାଜ୍ୟସ୍ତରୀୟ ୨୬ ଜଣିଆ କମିଟି ଘୋଷଣା ହୋଇଛି । ଏହି କମିଟିରେ ମୟୂରଭଞ୍ଜ ଜିଲ୍ଲାର ଯୁବନେତା ଅଂଶୁମାନ ଦାସଙ୍କୁ ସ୍ଥାନିତ କରାଯାଇଛି । ରାଜ୍ୟ ସମ୍ପାଦକ ଭାବେ ଅଂଶୁମାନ ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ବାରିପଦାର ଯୁବ ନେତା ଅଂଶୁମାନ ଦାସ ଜଣେ ଦକ୍ଷ ଯୁବ ସଂଗଠକ ଭାବରେ ପରିଚିତ ଅଟନ୍ତି । ତେବେ ଓଡ଼ିଶା ଜନତା କଂଗ୍ରେସରେ ଯୁବ ନେତୃତ୍ୱ ମାନଙ୍କୁ ବରିଷ୍ଠ ନେତୃତ୍ୱ ସ୍ଥାନରେ ଦାୟିତ୍ୱ ଦେଇ ନୂତନ ସୁଯୋଗ ପ୍ରଦାନ କରିଛନ୍ତି । ଯାହାକୁ ନେଇ ସେ ରାଜ୍ୟ ସଭାପତି ଇଂ ମହମ୍ମଦ ମୋକିମଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସଂଗଠନକୁ ସୁଦୃଢ଼ କରିବା ପାଇଁ ସଦା କାର୍ଯ୍ୟଧାରା ଜାରି ରଖିବେ ବୋଲି କହିଛନ୍ତି ।

# ଯୌତୁକ ନିର୍ଯାତନା ସହ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

ବ୍ରହ୍ମପୁର,(ସବ୍ୟୁ): ଯୌତୁକ ଦାବିରେ ପନିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ତକିଆରେ ମୁହଁ ଚାପି ହତ୍ୟା କରିବାକୁ ଚେଷ୍ଟା କରିବା ଅଭିଯୋଗରେ ଗୋଶାଣିନୁଆଗାଁ ଥାନା ପୋଲିସ ହିଲପାଟଣାର କାଟାରୀ ରାଜେଶ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି । ମାମଲା ନଂ ୧୫୮/୨୬ ରେ ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ଘଟଣାରୁ ପ୍ରକାଶ ଯେ, ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମର ପି. ସ୍ୱାତୀ (୩୧) ନାମକ ଜଣେ ମହିଳା ଓ ରାଜେଶଙ୍କ ମଧ୍ୟରେ ପ୍ରେମ ବିବାହ ହୋଇଥିଲା । ହେଲେ ବିବାହ ପରେ ସ୍ୱାତୀଙ୍କୁ ତାଙ୍କ ଶାଶୁ ଘର ଲୋକେ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ । ୨୦୨୩ରେ ହାଇଦ୍ରାବାଦରେ ରହୁଥିବା ସମୟରେ ସ୍ୱାମୀଙ୍କ ମାଡ଼ ଯୋଗୁଁ ସ୍ୱାତୀଙ୍କର ଗର୍ଭପାତ ହୋଇଥିଲା । ରାଜେଶ ତାଙ୍କ ସହମତି ବିନା ଜବରଦସ୍ତି ଶାରୀରିକ ସମ୍ପର୍କ ରଖୁଥିଲେ ଏବଂ ଏ ବିଷୟରେ କାହାକୁ କହିଲେ ସ୍ୱାତୀ ଓ ତାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ ।

ନିର୍ଯାତନା ସହି ନପାରି ଶେଷରେ ସେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ସ୍ଥିତ ନିଜ ପୈତୃକ ଗ୍ରାମକୁ ଚାଲିଯାଇଥିଲେ । ଗତମାସରେ ସ୍ୱାତୀଙ୍କୁ ତାଙ୍କ ସ୍ୱାମୀ ରାଜେଶ ମାଡ ମାରିଥିଲେ । ଏପରିକି ତକିଆ ସାହାଯ୍ୟରେ ତାଙ୍କ ମୁହଁକୁ ଜୋର ଚାପି ଧରି ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲେ । ଆକ୍ରମଣ ଓ ମାଡ଼ ଯୋଗୁଁ ସ୍ୱାତୀଙ୍କ କାନର ପରଦା ଫାଟିଯାଇଥିଲା । ପୂର୍ବରୁ ମଧ ରାଜେଶ ପ୍ରାୟ ୩ ଥର ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ସେ ନିଜ ଅଭିଯୋଗରେ ଦର୍ଶାଇଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଆଜି ପୋଲିସ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ରାଜେଶଙ୍କୁ ଗିରଫ କରିଥିଲା ।

# ଜିଲ୍ଲାସ୍ତରୀୟ ଏମଏସଏମଇ ପ୍ରଦର୍ଶନୀ ଉଦ୍‌ଘାଟିତ




ବ୍ରହ୍ମପୁର, (ସବ୍ୟୁ): ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି), ଗଞ୍ଜାମ ପକ୍ଷରୁ ସଂସ୍କୃତି ଭବନ, ହିଲପାଟଣା, ବ୍ରହ୍ମପୁରଠାରେ “ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ’ ଏବଂ ପାଞ୍ଚ ଦିନିଆ ଜିଲ୍ଲାସ୍ତରୀୟ ଏମଏସଏମଇ ପ୍ରଦର୍ଶନୀର ଶୁଭାରମ୍ଭ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସାଂସଦଙ୍କ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ଜିଲ୍ଲା ଶିଳ୍ପ କେନ୍ଦ୍ର ଗଞ୍ଜାମର ସାଧାରଣ ପରିଚାଳକ ବସନ୍ତ କୁମାର ସେଠୀ, ଗଞ୍ଜାମର ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜର (ଏଲଡିଏମ) ହିମାଞ୍ଚଳ ସାହୁ, ଏଫଏଫିସି ଏକ୍ସଟେନ୍ସନ ସେଣ୍ଟର, ବ୍ରହ୍ମପୁରର କେନ୍ଦ୍ରମୁଖ୍ୟ ଭି. ଭି. ରାମା ରାଓ, ୟୁସିପି ଇଞ୍ଜିନିୟରିଂ ସ୍କୁଲର ଅଧ୍ୟକ୍ଷ, ଓଏଏସଏମଇର ସଭାପତି ସତ୍ୟ ଶଙ୍କର ରାଜ, ଓଓ୍ୱାଇଇଏର ସଭାପତି ଟି. ସୁବାଷ ପାତ୍ର, ହୋଟେଲ ଆସୋସିଏସନର ସଭାପତି ଉମା ଶଙ୍କର ପାଣିଗ୍ରାହୀ ଏବଂ ଅଟୋନଗର ଆସୋସିଏସନର ସଭାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏମଏସଏମଇ କ୍ଷେତ୍ରର ବିକାଶ, ରୋଜଗାର ସୃଷ୍ଟି ଏବଂ ନୂତନ ଉଦ୍ୟୋଗ ସ୍ଥାପନାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ ।

ଏହି ଅବସରରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସଦସ୍ୟ ଏବଂ ବିଭିନ୍ନ କ୍ଷେତ୍ରର ଅଂଶଗ୍ରହଣକାରୀମାନେ ଉପସ୍ଥିତ ଥିଲେ । ପାଞ୍ଚ ଦିନିଆ ଏହି ପ୍ରଦର୍ଶନୀରେ ବୃହି ଶିଳ୍ପ ସଂସ୍ଥା, ଏମଏସଏମଇ ୟୁନିଟ, ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟାଙ୍କ ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ବନ୍ଧୀୟ ଷ୍ଟଲ ଖୋଲାଯାଇଛି । ଏହା ମାଧ୍ୟମରେ ସ୍ଥାନୀୟ ଉଦ୍ୟୋଗୀ ଏବଂ ସାଧାରଣ ଜନତାଙ୍କୁ ଉଦ୍ୟୋଗ ସ୍ଥାପନା, ଆର୍ଥିକ ସହାୟତା ଏବଂ ସରକାରୀ ପ୍ରୋତ୍ସାହନ ଯୋଜନା ସମ୍ପର୍କରେ ସଚେତନ କରାଯାଉଛି । କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ସମନ୍ୱୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ଗଞ୍ଜାମର ଅଧିକାରୀ ଏବଂ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ ।

# ଆପାର୍ଟମେଣ୍ଟରୁ ଚୋରି, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଏକ ଆପାର୍ଟମେଣ୍ଟ ଭିତରେ ପଶି ଏକାଧିକ ମୋବାଇଲ ଓ ସାଇକଲ ଚୋରି କରିବା ଅଭିଯୋଗରେ ଗୋସାଇଁନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗୋସାଇଁନୂଆଗାଁର ସଂଗ୍ରାମ ସାସମଲ(୨୩)। ସୂଚନାଥାଉକି, ୨୬ ତାରିଖ ବିଳମ୍ବିତ ରାତିରେ ଗୋସାଇନୂଆଗାଁ ଠାରେ ଥିବା ଭରତବାଟିକା ଆପାର୍ଟମେଣ୍ଟ ଭିତରେ ଜଣେ ଦୁବୃର୍ତ୍ତ ପଶିବା ସହ ଏକାଧିକ ଲୋକଙ୍କ ଘରୁ ମୋବାଇଲ ଚୋରି କରିଥିଲେ। ଏହାପରେ ଆପାର୍ଟମେଣ୍ଟ ପରିସରରେ ଥିବା ଏକ ସାଇକଲ ମଧ ଚୋରି କରି ନେଇ ଯାଇଥିଲେ। ଏହି ଚୋରି ବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ସକାଳୁ ମୋବାଇଲ ଓ ସାଇକଲ ଗାଏବ ଥିବା ଜାଣିବା ପରେ ଆପାର୍ଟମେଣ୍ଟର ୩ ଜଣ ବାସିନ୍ଦା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଅଭିଯୁକ୍ତ ସଂଗ୍ରାମକୁ ଚିହ୍ନଟ କରିଥିଲା। ଆଜିତାକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାରେ ଯୋଗଦେଲେ ଲକ୍ଷ୍ମୀପୋଷି ପଞ୍ଚାୟତର ଶତାଧିକ ସାଧାରଣ କର୍ମୀ

ବାରିପଦା, (ସବ୍ୟୁ): ଲକ୍ଷ୍ମୀପୋଷି ପଂଚାୟତର ଶତାଧିକ ସାଧାରଣ କର୍ମୀ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ସଭାପତି ଅଞ୍ଜନୀ ସୋରେନ ନେତୃତ୍ୱକୁ ସମର୍ଥନ କରି ଲକ୍ଷ୍ମୀପୋଷି ପଞ୍ଚାୟତ ଅନ୍ତର୍ଗତ କଇଁଫୁଲିଆ ଗ୍ରାମରେ ଅନୁଷ୍ଠିତ ଏକ ସଭାରେ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ସୁଶାନ୍ତ ସିଂଙ୍କ ନେତୃତ୍ୱରେ ଯୋଗଦାନ କରିଥିଲେ । ଉକ୍ତ ସଭାରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଆଗାମୀ ଦିନରେ ମୟୂରଭଞ୍ଜରେ ବିକଳ୍ପ ରାଜନୈତିକ ଦଳ ହୋଇ ଛିଡା ହେବବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

ନୂତନ ଭାବେ ଯୋଗ ଦାନ କରିଥିବା କର୍ମୀ ମାନେ ହେଲା ସର୍ବଶ୍ରୀ ସବାନ ମାରାଣ୍ଡି, କାମେଶ୍ୱର ଲୁହାରୀ, ପ୍ରେମ ସିଂ, ମଣ୍ଟୁ ବିନ୍ଧାଣି, ଦେବବ୍ରତ ସିଂ, ବୃନ୍ଦାବନ ସିଂ, ଦୁର୍ଗା ସିଂ, ଅମିତ ସିଂ, ପ୍ରଦୀପ ସିଂ, ସରୋଜିତ ସିଂ, କପିଳା ସିଂ, ମୁନା ସିଂ, ଆକାନ୍ତ ସିଂ, ଅନନ୍ତ ସିଂ, ଲଛମଣ ସୋରେନ ଓ ସୁରେଶ ସିଂ ଉକ୍ତ ସଭା ଶେଷରେ ରାଜ୍ୟ ପରିଷଦ ସଭ୍ୟ ସୁଜିତ ବେହେରା ଓ ବାରିପଦା ସହର ସଭାପତି ତରେନ ସେନାପତି ପ୍ରମୁଖ ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ।



କଟକ ଜିଲ୍ଲା ନରସିଂହପୁର ପ୍ରେସ କ୍ଲବ ସଭାପତି ଦେବୀ ପ୍ରସାଦ ରଥଙ୍କ ସଭାପତିତ୍ୱରେ ନରସିଂହପୁର ନିକଟ ଜୟପୁର ମା ପ୍ରଗଳା ପୀଠରେ ଖଣ୍ଡପଡ଼ା, କଣ୍ଟିଲୋ, ଗଣିଆ, ଦଶପଲ୍ଲା ନୂଆଗାଁ, ଦଶପଲ୍ଲା, ନରସିଂହପୁର ଅଞ୍ଚଳର ସାମ୍ବାଦିକମାନଙ୍କୁ ନେଇ ରବିବାର ଦିନ ଅନୁଷ୍ଠିତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ।

# ମାମଲା ପ୍ରତ୍ୟାହାର ନେଇ ଧମକ

## ଅଭିଯୁକ୍ତ ପୁଣି ଗିରଫ

ବ୍ରହ୍ମପୁର,(ସବ୍ୟୁ) କୋର୍ଟରେ ଚାଲିଥିବା ମାମଲା ପ୍ରତ୍ୟାହାର କରିବା ପାଇଁ ଧମକ ଦେବା ଅଭିଯୋଗରେ ବ୍ରହ୍ମପୁର ଗୋସାଇଁନୂଆଗାଁ ଥାନା ପୋଲିସ ରୂପାଲି ବେହେରାଙ୍କୁ ଗିରଫ କରିଛି । ମାମଲା ନଂ ୨୫୦/୨୬ ରେ ରବିବାର କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ଯେ , ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର ସୁଦାମ ସେଠୀ ୨୬ ତାରିଖ ଅପରାହ୍ନରେ ସାଇ ମନ୍ଦିର ନିକଟସ୍ଥ ଓମ ବିହାରଠାରେ କାମ କରୁଥିଲେ । ଏହି ସମୟରେ ପୂର୍ବ ରାଗ ସୁଝାଇବାକୁ ଅଭିଯୁକ୍ତ ରୂପାଲି ବେହେରା ଓ ତାଙ୍କ ୩ ଜଣ ସହଯୋଗୀ ସେଠାରେ ପହଞ୍ଚି ସୁଦାମଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । କୋର୍ଟରେ ରୂପାଲିଙ୍କ ବିରୋଧରେ ଚାଲିଥିବା ମାମଲାକୁ ଯଦି ସୁଦାମ ପ୍ରତ୍ୟାହାର ନକରନ୍ତି ତେବେ ତାଙ୍କୁ ଜୀବନରୁ ମାରିଦେବାକୁ ସେମାନେ ଧମକ ଦେଇଥିଲେ । ସୁଦାମ ଏହାର ପ୍ରତିବାଦ କରିବାରୁ ରୂପାଲି ବେହେରା ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ସୁଦାମଙ୍କ ସାନଭାଇ ଟିଲୁ ସେଠୀ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ । ରୂପାଲି ବେହେରା ଜେଲୁ ଜାମିନରେ ଆସିବା ପରଠାରୁ ତାଙ୍କୁ ବିଭିନ୍ନ ପ୍ରକାରେ ହଇରାଣ ହରକତ ଓ ମାନସିକ ନିର୍ଯାତନା ଦେଇ ଆସୁଥିବା ସୁଦାମ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ରୂପାଲି ବେହେରାଙ୍କୁ ଗିରଫ କରିଥିବା ବେଳେ ଫେରାର ଥିବା ତାଙ୍କ ସହଯୋଗୀ ମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି ।

# ବାରିପଦା କ୍ରିକେଟ : ବାଲେଶ୍ୱର ବିଜୟୀ

ବାରିପଦା, (ସବ୍ୟୁ): ମଧୁବନ ମିନି ଷ୍ଟାଡିୟମ ପଡିଆରେ ବାରିପଦା କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ବାଲେଶ୍ୱର କ୍ରିକେଟ ଏକାଡେମୀ ଓ ବାରିପଦା କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୧୪ ବର୍ଷରୁ କମ ଖେଳାଳିଙ୍କ ମଧ୍ୟରେ ଏକ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି।

ଏହି ମ୍ୟାଚରେ ବାଲେଶ୍ୱର ୧ ୱିକେଟରେ ବାରିପଦାକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ବାରିପଦା ୩୦ ଓଭରରେ ୭ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଂଶୁମାନ ସର୍ବାଧିକ ୬୮ ଓ ବିଶ୍ୱପ୍ରସାଦ ୧୫ରନ କରିଥିବା ବେଳେ ବିପକ୍ଷ ଦଳର ମାନବ



ତାଳଦି ୨ଟି ଓ ଆଶିଷ କାଦରୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ବାଲେଶ୍ୱର ୨୨.୩ ଓଭରରେ ୯ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ।

ଦଳ ପକ୍ଷରୁ ଆୟୁଷ୍ମାନ ଦାସ ସର୍ବାଧିକ ୪୦ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ତନ୍ମୟ ୩ଟି ଓ ସଂକେତ ଚାକଲଦାର ୨ଟି ଉଇକେଟ ଅକ୍ତିଆର କରିଥିଲେ। ମିର ଆକବର ଅଲ୍ଲୀ ଓ ମହମ୍ମଦ ନାଫିସୁଲ ଖେଳ ପରିଚାଳନା କରିଥିବାବେଳେ ତାପସ ଦେ ସ୍କୋରିଙ୍ଗରେ ସହାୟତା ପ୍ରଦାନ କରିଥିଲେ। ଉଭୟ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଯୁବ ଖେଳାଳିଙ୍କୁ ମ୍ୟାଚ ଖେଳିବାର ସୁଯୋଗ ଦେବାପାଇଁ ଏହି ଖେଳର ଆୟୋଜନ କରାଯାଇଥିଲା ବୋଲି ମୁଖ୍ୟ ଆୟୋଜକ ସୁଶାନ୍ତ କୁମାର ଦାସ ଓ ପୂର୍ବତନ ରାଜ୍ୟ ସ୍ତରୀୟ ଖେଳାଳି ସାଇବା ସିଂ ଜଣାଇଛନ୍ତି।

# ନିଶା ଉଜାଡୁଛି ଜୀବନ, ଦୁଇ ଶିଶୁଙ୍କୁ ଧରି ଦୁଃଖରେ ଚଳୁଛି ବିଧବା



ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଅଂଚଳରେ ବଢୁଥିବା ନିଶା କାରବାରକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ନିଶାର ପ୍ରଭାବରେ ଅନେକ ଘର ଭାସିଯାଉଥିବା ବେଳେ ଏହା ଉପରେ ପ୍ରତିବନ୍ଧକ ଲଗା ଯାଇ ପାରୁନାହିଁ ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଏହି ଥାନା ଅଧିନ କାଏମା ଅଂଚଳରେ ନିଶା ଯେଉଁ ଏକ ପରିବାର ଉଜୁଡି ପଡିଛି। କାଏମା ଗ୍ରାମର ଝିଲିରାଣୀ ନାଥଙ୍କ ସ୍ୱାମୀ ମନୋଜ ନାଥ କିଛି ମାସ ପୂର୍ବରୁ ମୃତ୍ୟୁବରଣ କରିଛନ୍ତି । ପେଶାରେ ସେ ଜଣେ ରାଜମିସ୍ତ୍ରୀ ଓ ରଙ୍ଗମିସ୍ତ୍ରୀ ଭାବେ ପରିଚିତ ।ସେ ନିଜ ପରିଶ୍ରମରେ ପରିବାର ଚଳାଉଥିଲେ । ବିବାହ ପରେ ତାଙ୍କର ଛୋଟ ଛୋଟ ଦୁଇଟି ସନ୍ତାନ ଅଛନ୍ତି । ମନୋଜ ମୃତ୍ୟୁ ବେଳକୁ ବଡ଼ ଝିଅର ବୟସ ୬ ବର୍ଷ ହୋଇଥିବା ବେଳେ ପୁଅର ବୟସ ମାତ୍ର ୬ ମାସ ହୋଇଥିଲା ।

ପରିବାରର ଅଭିଯୋଗ ଅନୁଯାୟୀ, ମନୋଜ ନିଶା ଦ୍ରବ୍ୟ ଓ ନିଶା ବଟିକାର ଶିକାର ହୋଇଥିଲେ । ନିଶା ଛାଡ଼ିବା ପାଇଁ ସେ ବାରମ୍ବାର ଚେଷ୍ଟା କରିଥିଲେ ଏବଂ ପରିବାର ଲୋକମାନେ ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ଭର୍ତି ମଧ କରିଥିଲେ । ଆର୍ଥିକ ଅଭାବ ସତ୍ୱେ ବୃଦ୍ଧ ବାପା ଅରକ୍ଷିତ ନାଥ କାମ କରି ଚିକିତ୍ସା ଓ କେନ୍ଦ୍ରର ଖର୍ଚ୍ଚ ବହନ କରୁଥିଲେ । କିନ୍ତୁ ଦୀର୍ଘଦିନ ଧରି ଖର୍ଚ୍ଚ ବହନ କରିବା ସମ୍ଭବ ନ ହେବାରୁ ମନୋଜଙ୍କୁ ଘରକୁ ଫେରାଇ ଆଣାଯାଇଥିଲା । ତଥାପି ନିଶାର କବଳରୁ ସେ ମୁକ୍ତି ପାଇ ପାରିନଥିଲେ ଏବଂ ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହାପରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି । ବୃଦ୍ଧ ବାପା-ମାଆ, ପନୀ ଓ ଦୁଇ ଛୋଟ ଛୁଆ ଏବେ ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ପରେ ବିଧବା ଝିଲିରାଣୀ ଦୁଇ ଛୋଟ ପିଲାଙ୍କୁ ଧରି ଅତଯନ୍ତ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି ।

ବୃଦ୍ଧ ଶ୍ୱଶୁର ଅରକ୍ଷିତ ନାଥ ମଜୁରି ଲାଗି ପରିବାର ଚଳାଉଥିବା ବେଳେ, ଶାଶୁଙ୍କ ଅସୁସ୍ଥତା ଯୋଗୁଁ ଔଷଧ ଖର୍ଚ୍ଚ ମଧ ବଢ଼ି ଚାଲିଛି । ଫଳରେ ଘରେ ଖାଦ୍ୟ ଓ ଅନଯାନଯ ଆବଶଯକତା ପୂରଣ କରିବା କଷ୍ଟକର ହୋଇପଡ଼ିଛି । ଝିଲିରାଣି ବିଧବା ଭତା ଲାଗି ଏଣେତେଣେ ଧାଇଁ ମଧ ତାଙ୍କୁ ଅଦ୍ୟାବଧି ବିଧବା ଭତା ମିଳିନାହିଁ ଝିଲିରାଣିଙ୍କ ଦୁଃଖଦ ଘଟଣାକୁ ନେଇ ଅଂଚଳବାସୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ପ୍ରଶାସନ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏହି ପରିବାର ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ବିଶେଷକରି ଦୁଇ ଛୋଟ ଶିଶୁଙ୍କ ଭବିଷ୍ୟତ ସୁରକ୍ଷା, ଶିକ୍ଷା ଓ ଭରଣପୋଷଣ ପାଇଁ ସରକାରୀ ସହାୟତା ଯୋଗାଇ ଦିଆଯିବା ସହିତ ଝିଲିରାଣୀ ନାଥଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ରୋଜଗାର ଭିତିକ ସହଯୋଗ ପ୍ରଦାନ କରାଯାଉ ବୋଲି ଗ୍ରାମବାସୀମାନେ ନିବେଦନ କରିଛନ୍ତି । ନିଶା କାରବାର ଯୋଗୁଁ ଏକ ପରିବାର ଉଜୁଡ଼ି ଯାଇଥିବା ବେଳେ, ଏଭଳି ଘଟଣାର ପୁନରାବୃତି ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଯୋଗଦେଲେ ସାଂସଦ

ସାଲେପୁର,(ସବ୍ୟୁ) :ସାଲେପୁର ବ୍ଲକ ଅନ୍ତର୍ଗତ ପୁରୁଣାହାଟ ପଞ୍ଚାୟତର ଓଡ଼ିକିମୀରା ଠାରେ ଅବସ୍ଥିତ ଜ୍ୟୋତି ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଆଜି ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ସହିତ ସମ୍ବର୍ଦ୍ଧନା ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ବିଭିନ୍ନ ଜନ କଲ୍ୟାଣ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଦଳୀୟ କର୍ମୀମାନଙ୍କୁ ମାର୍ଗଦର୍ଶନ ଦେବା ସହିତ ମାତ୍ରେ ଥରେ ବ୍ୟବହାର ହେଉଥିବା ଯେକୌଣସି ପ୍ଲାଷ୍ଟିକ ସାମଗ୍ରୀ କୁ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ ।

ବିଶିଷ୍ଟ ଅତିଥି ଭାବେ ଟାଙ୍ଗୀ - ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତା ଅରିନ୍ଦମ ରାୟ ଯୋଗ ଦେଇ ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ସୁଦୃଢ଼ କରିବା ଦିଗରେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ତଥା ରାଜ୍ୟ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ଉପ ସଭାପତି ସତ୍ୟବାଦୀ ଚଇନି ପୌରହିତ୍ୟ କରିଥିଲେ ।ସମ୍ମାନିତ ଅତିଥି ଭାବେ କଟକ ଜିଲ୍ଲା ବିଜେପି ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି,ଜିଲ୍ଲା ବିଜେପି ଗ୍ରାମୀଣ ଉପ ସଭାପତି ହିମାଂଶୁ ମହାନ୍ତି,ବିଜେପି ନେତା ପ୍ରଫୁଲ୍ଲ କୁମାର ସାହୁ,ସଂଗଠକ ସନ୍ତୋଷ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ ।ଏହି ଅବସରରେ କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ପଣ୍ଡାଙ୍କ ସହିତ ବିଜେପି ନେତୃବୃନ୍ଦ ଓ ଦଳୀୟ କର୍ମୀମାନେ ପ୍ରଧାନମନ୍ତ୍ରୀଙ୍କ ମନ କି ବି ଶୁଣିଥିଲେ ।ପରେ ଅତିଥି ମାନଙ୍କ ଦ୍ୱାରା ଅଂଚଳର ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏଥିସହ ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ମୁଖ୍ୟ ଅତିଥି ଶ୍ରୀ ପଣ୍ଡାଙ୍କ ଦ୍ୱାରା ବୃକ୍ଷରୋପଣ କରାଯିବା ସହିତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଦାମୋଦରପୁର ଠାରୁ ସମିତଙ୍ଗା ପର୍ଯ୍ୟନ୍ତ ହେବାକୁ ଥିବା ଗ୍ରାମ୍ୟଉନ୍ନୟନ ରାସ୍ତାର ଶିଳାନ୍ୟାସ ଦେଇଥିଲେ । ସଂଗଠକ ଅସି ମହାନ୍ତି ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ବିଜେପି ସଂଗଠକ ଯଶୋବନ୍ତ ରାଉତ,ସମାଜସେବୀ ଚିତ୍ତ ରଞ୍ଜନ ଶତପଥୀ, ଶିକ୍ଷାବିତ୍ ସୀତାରାମ ପଣ୍ଡା ,ସମାଜସେବୀ ହେମନ୍ତ କୁମାର ମହାପାତ୍ର,ସୁବାଷ ଚନ୍ଦ୍ର ସାହୁ, ସଂଗଠକ କେଦରସନ ସାହୁଙ୍କ ସମେତ ବହୁ ସଂଖ୍ୟାରେ ବରିଷ୍ଠ,ଯୁବ,ଛାତ୍ର ଓ ମହିଳା ବିଜେପି କର୍ମୀ ମାନେ ଯୋଗ ଦେଇଥିଲେ ।

# ପୂର୍ବତନ ବ୍ଲକ ଅଧକ୍ଷ ନରି ସ୍ୱାଇଁଙ୍କ ଦେହାନ୍ତ



ତିର୍ତ୍ତୋଲ, (ସବ୍ୟୁ) : ପ୍ରଜା ସୋସିଆଲିଷ୍ଟ ପାର୍ଟି (ପିଏସପିରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରି ଦଶନ୍ଧି ଦଶନ୍ଧି ଧରି ଜାତୀୟ କଂଗ୍ରେସ ଦଳର ତିର୍ତ୍ତୋଲ ବ୍ଲକ ଅଞ୍ଚଳ ତଥା ପୁରୁଣା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ ମଙ୍ଗ ଧରିଥିବା ଅତ୍ୟନ୍ତ ସ୍ୱଚ୍ଛ, ନିର୍ଭିକ, ଉଦାରବାଦୀ ତାରକା ରାଜ ନେତା, ପୂର୍ବତନ ବ୍ଲକ ଅଧକ୍ଷ (୧୯୮୦-୮୫) ନରି ସ୍ୱାଇଁଙ୍କ ଆଜି ତା ୨୮.୦୬.୨୦୨୬ ରିଖ ଅପରାହ୍ନ ୨:୨୩ ମିନିଟ ସମୟ ରେ ନିଜ ପୈତୃକ ଗ୍ରାମ ସମନ୍ତରାପୁରର ଉକୁସାହି ଠାରେ ଦେହାନ୍ତ ହୋଇଯାଇଛି। ତାଙ୍କ ପରଲୋକ ଖବରରେ ତିର୍ତ୍ତୋଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକଦା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ, ଉପ-ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ, ପ୍ରଦେଶ କଂଗ୍ରେସ କୋଷାଧକ୍ଷ ସ୍ୱର୍ଗତ ନିତ୍ୟାନନ୍ଦ ସାମନ୍ତରାୟଙ୍କ ଅତ୍ୟନ୍ତ ଘନିଷ୍ଠ ଥିଲେ ସ୍ୱର୍ଗତ ସ୍ୱାଇଁ । ସ୍ୱର୍ଗତ ସ୍ୱାଇଁଙ୍କ ପରଲୋକରେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଏବଂ ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ ଗଭୀର ଶୋକ ପ୍ରକଟ କରି ତାଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

ମା ସାରଳାଙ୍କ ପାଦ ପଦ୍ମରେ ପ୍ରାର୍ଥନା ସ୍ୱର୍ଗତ ସ୍ୱାଇଁଙ୍କ ପବିତ୍ର ଆତ୍ମା ସଦଗତି ପ୍ରାପ୍ତ ହେଉ ଏବଂ ତାଙ୍କ ପରିବାର ବର୍ଗ ଏହି ଦୁଃଖ ସମୟରେ ଅସୀମ ଧୈର୍ଯ୍ୟ ଓ ଶକ୍ତି ପାଆନ୍ତୁ ।

# ୪୨ତମ ଆଞ୍ଚଳିକ ଶ୍ରୀ ଅରବିନ୍ଦ ପାଠଚକ୍ର ସମ୍ମିଳନୀ

ମାହାଙ୍ଗା,(ସବ୍ୟୁ) : ମାହାଙ୍ଗା ବ୍ଲକ ଗୋପାଳପୁର ପଂଚାୟତ ସ୍ଥିତ ଗୋପାଳପୁର ଠାରେ ଶ୍ରୀ ଅରବିନ୍ଦ ସୋସାଇଟ୍ ସେଣ୍ଟରଆନୁକୂଲ୍ୟରେ ୪୨ତମ ଶ୍ରୀ ଅରବିନ୍ଦ ପାଠଚକ୍ର ସମ୍ମିଳନୀ ପଲ୍ଲୀ ସାଂସ୍କୃତିକ ସାମୁଖ୍ୟ କାର୍ଯ୍ୟାଳୟ ପରିସରରେ ଦେବବ୍ରତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ଅବସରରେ ଅତିଥିମାନେ ଶ୍ରୀ ମା ଶ୍ରୀ ଅରବିନ୍ଦଙ୍କ ଫଟୋଚିତ୍ରରେ ଧୂପ ପୁଷ୍ପ ଅର୍ପଣ କରିଥିଲେ । ସମବେଦ ଧ୍ୟାନ ସହିତ ଦୁର୍ଗାସ୍ତୋତ୍ର ପାଠ , ମା ବହିର ତୃତୀୟ ଅଧ୍ୟାୟ ପଠନ, ଚିରନ୍ତନୀ, ଧ୍ୟାନ ଓ ପ୍ରାର୍ଥନା ପୁସ୍ତକ ଏବଂ ସାବିତ୍ରୀ ପଠନ କରାଯିବା ପରେ ମାତୃସଂଗୀତ ଗାନ କରାଯାଇଥିଲା । କୃତିବାସ ମିଶ୍ର "ଦିବ୍ୟକର୍ମ"ଶୀର୍ଷକ ଆଲୋଚନାରେ ଚକ୍ରରେ ଅଂଶଗ୍ରହଣ କରି ବରିଷ୍ଠ ମାତୃସାଧନ ଇଂ.ଗୁଣନିଧି ତ୍ରିପାଠୀ, ସାଧୀକା ଉର୍ମିଳା ରାଉତ, ଅଞ୍ଜନା ପ୍ରଧାନ ଓ ମାତୃସାଧକ ହରିହର ମଲିକ ଶ୍ରୀ ଅରବିନ୍ଦଙ୍କ ଯୋଗରେ ଦିବ୍ୟକର୍ମର ଆବଶ୍ୟକତା ସଂପର୍କରେ ବହୁ ତାତ୍ତ୍ୱିକ ଆଲୋଚନା କରିଥିଲେ ।

ଆଶ୍ରମର ସାଧକ ବାବାଜୀ ମହାରାଜାଙ୍କ ଲୋକସାହିତ୍ୟପୁସ୍ତକର ତୃତୀୟ ଖଣ୍ଡ ଆଧାରରେ ରଚିତ ଦିବ୍ୟକର୍ମର ପ୍ରକାର ଓ ଗୁଣବତ୍ତା ଯୋଗୀମାନଙ୍କ ପାଇଁ ତାର ଆବଶଯକ କରଣ ଓ ସାଧାରଣ ମଣିଷ ଭାଗବତ ଅଭିପ୍ରସୁ ହେଲେ କିଭଳି କର୍ମ କରିବା ଦରକାର ସେ ସଂପର୍କରେ ଆଲୋଚନା କରିଥିଲେ । ଶ୍ରୀ ଅରବିନ୍ଦ ସୋସାଇଟ୍ ସେଣ୍ଟର ଆବାହକ ତଥା ସଂପାଦକ ଗୌତମ ଚରଣ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଅନୁଷ୍ଠାନର ସଭାପତି ଶଶଧର ପ୍ରଧାନ ସମସ୍ତଙ୍କୁ କୃତଜ୍ଞତା ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ,ଡେରାବିଶ, ନିଶ୍ଚିନ୍ତକୋଇଲି,ମାହାଙ୍ଗା ଓ ସାଲେପୁର ଅଂଚଳର ପାଠଚକ୍ରର ଭାଇ ଓ ଭଉଣୀମାନେ ଯୋଗଦେଇଥିଲେ ।

# କଣ୍ଟପଡା ବଜାରରେ ରାସ୍ତା ଜାମ କରୁଛି ଫାଷ୍ଟଫୁଡ ଦୋକାନ

ରାଜକନିକା,(ସବ୍ୟୁ) : ରାଜକନିକା ସଦର କଣ୍ଟପଡା ବଜାରରେ ସନ୍ଧ୍ୟା ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି ଫାଷ୍ଟଫୁଡ ଦୋକାନ । ରାସ୍ତା ପାଖରେ ଖୋଲିଥିବା ଫାଷ୍ଟଫୁଡ ଦୋକାନ ସମ୍ମୁଖରେ ସନ୍ଧ୍ୟା ହେଲେ ଗ୍ରାହକଙ୍କ ଭିଡ ଲାଗୁଛି । ଫଳରେ କଣ୍ଟପଡା ସ୍କୁଲ ପାଖରୁ ଷ୍ଟ୍ରକଚର ଛକ ଯାଏ ରାସ୍ତା ଯାମ ରହୁଛି । ଗ୍ରାହକମାନେ କିଏ ସାଇକେଲ, ମଟର ସାଇକେଲ, ୩ ଚକିଆ, ୪ ଚକିଆ ଠାରୁ ଆରମ୍ଭ କରି ବିଭିନ୍ନ ଗାଡି ମଟର ରାସ୍ତା ଉପରେ ରଖି ଫାଷ୍ଟଫୁଡ ଖାଇବାରେ ବ୍ୟସ୍ତ ରହୁଥିବା ଯୋଗୁଁ ରାସ୍ତାରେ ଦୂରଦୂରାନ୍ତକୁ ଯାତାୟତ କରୁଥିବା ଯାନବାହାନ ବସ, ଟ୍ରକ ଓ ଅନ୍ୟାନ୍ୟ ଭାରି ଯାନ ସମେତ ସମସ୍ତ ଗାଡିମଟର ଯାତାୟତରେ ବାଧା ସୃଷ୍ଟି ହେଉଛି ।



ଏମିତିକି କେବେ କେବେ ଛୋଟବଡ ଦୁର୍ଘଟଣା ମଧ ଘଟୁଛି । ସେହିପରି ସକାଳ ସମୟରେ କଲେଜ ଛକଠାରୁ ଷ୍ଟ୍ରକଚର ଛକ ଯାଏଁ ଉଠା ପରିବା ଦୋକାନୀ ରାସ୍ତା ଉପରେ ପସରା ମେଲେଇ ବେପାର ବଣିଜ କରୁଥିବା ବେଳେ, ବଜାରରେ ବହୁଳ ମାତ୍ରାରେ ଟ୍ରାଫିକ ସମସ୍ୟା ଉପୁଜିବା ସହ କଲେଜକୁ ଯାତାୟତ କରୁଥିବା ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆହୁରି ମଧ ବଜାରର ପଞ୍ଚାୟତ ଅଫିସ ଛକ ଓ ଷ୍ଟ୍ରକଚର ଛକ ପାଖ ରାସ୍ତା ପାଖରେ ମାଛ, କଙ୍କଡା, ମାଂସ(ଚିକେନ, ଖାସି, ଘୁଷୁରୀ), ଶୁଖୁଆ, ଅଣ୍ଡା ବିକ୍ରି କରିବାର ସରକାରୀ ପ୍ରବଧାନ ନ ଥିବା ସେ‰ ବୁଧବାର, ଶୁକ୍ରବାର ଓ ରବିବାର ଦିନ ମାନଙ୍କରେ ପ୍ରବଳ ମାତ୍ରାରେ ଭିଡ ହେଉଥିବାରୁ ଛକ ଦେଇ ପାସ କରିବା ମୁସ୍କିଲ ହୋଇ ପଡୁଛି । ବିଶେଷକରି ସୋମବାର କଣ୍ଟପଡା ପଞ୍ଚାୟତର ସାପ୍ତାହିକ ହାଟ ଥିବା ଦୃଷ୍ଟିରୁ ପଡୋଶୀ ଯାଜପୁର, ଭଦ୍ରକ ଜିଲ୍ଲାର ବିଭିନ୍ନ ବଜାରରୁ ବିଭିନ୍ନ ଦୋକାନୀମାନେ ଆସିଥାନ୍ତି । ସେଥିପାଇଁ ମଧ ବଜାରରେ ଅଧିକ ଭିଡ ପରିଲକ୍ଷିତ ହୁଏ । ଭିଡ ସମୟରେ ଆମ୍ବୁଲାନ୍ସ, ଦମକଳ ଗାଡି ଫସି ରହୁଥିବାର ଅନେକଥର ନଜିର ଅଛି । ତେବେ ବହୁଳ ମାତ୍ରାରେ ଟ୍ରାଫିକ ସମସ୍ୟା ହେଉ ଥିବା ନେଇ ଏପରି ସମସ୍ୟା ଉପୁଜୁଥିବା ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ମତ ପୋଷଣ କରିଛନ୍ତି । ତେବେ ଏହି ଟ୍ରାଫିକ ସମସ୍ୟା କିପରି ନିୟନ୍ତ୍ରଣ ହୋଇପାରିବ ସେଥିପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ଯୋରଧରିଛି ।

# ଓଜେସିର ଯାଜପୁର ଜିଲ୍ଲା ସଭାପତି ହେଲେ ବିଦ୍ୟାଧର



ବ୍ୟାସନଗର,(ଜିପ୍ର): ଓଡିଶା ଜନତା କଂଗ୍ରେସ (ଓ, ଜେ, ସି ) ପାର୍ଟିର ଯାଜପୁର ଜିଲ୍ଲା ସଭାପତି ଭାବେ ବିଦ୍ୟାଧର ମହାନ୍ତିଙ୍କୁ ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ଇଂ ମହଂମଦ ମୋକିମ ରାଜ୍ୟ ରେ ୯ଗୋଟି ଜିଲ୍ଲା ମଧ୍ୟରୁ ଯାଜପୁର ଜିଲ୍ଲା ପାଇଁ ଶ୍ରୀ ମହାନ୍ତିଙ୍କୁ ଚୟନ କରିଛନ୍ତି । ସେ ଜଣେ ଅନୁଭବି ସଂଗ୍ରାମୀ ନେତା ଭାବେ ଜିଲ୍ଲାରେ ବିଭିନ୍ନ ସମସ୍ୟାକୁ ନେଇ ବ୍ଲକ ଠାରୁ ଆରଂଭ କରି ମୁନିସିପାଲିଟି ପର୍ଯ୍ୟ ନ୍ତ ଦୀର୍ଘ ୪୦ ବର୍ଷ ଧରି ଲଢ଼େଇ କରିବା ସହିତ କୋରାଇ ବିଧାନସଭା ପାଇଁ ସ୍ୱାଧୀନ ପ୍ରାର୍ଥି ଭାବେ ୨୦୦୦ ଓ ୨୦୦୪ ମସିହା ରେ ନିର୍ବାଚନ ଲଢ଼ିଥିବାରୁ ତାଙ୍କ ଉପରେ ରାଜ୍ୟ ସଭାପତି ଶ୍ରୀ ମୋକିମ ବିଶ୍ୱାସ ପ୍ରକଟ କରିଥିବାରୁ ଶ୍ରୀ ମହାନ୍ତି କୃତଜ୍ଞତା ଜଣାଇବା ସହିତ ସରକାରଙ୍କ ବିଫଳତା ବିରୋଧର ସଂଗ୍ରାମ ଜାରୀ ରଖିବାକୁ ଏକ ବିବୃତିରେ ପ୍ରକାଶ କରିଛନ୍ତି ।

# ରାଜନଗରରେ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ

ରାଜନଗର,(ସବ୍ୟୁ) : ରାଜନଗର ରେ ଜାତୀୟ ପୋଲିଓ ଦିବସଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଓ ବିଭିନ୍ନ ବୁଥରେ ପାଳନ କରାଯାଇଛି । ୨୮ ତାରିଖ ଦିନ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବା ସହ ୨୯ତାରିଖ ଦିନ ଗୃହ ପରିଦର୍ଶନଂ ପୋଲିଓ ପାଇନଥିବା ଶିଶୁଙ୍କ ଗୃହ ଚିହ୍ନଟ କରାଯିବ । ୩୦ ତାରିଖ ଦିନ ସେହିଗୃହ ଗୁଡିକ ପରିଦର୍ଶନକରାଯାଇ ବାହାରକୁ ଯାଇଥିବା ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥାଏ ।ଏ ବିଷୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା ରଶ୍ମିରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି ।ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମୁଖ୍ୟ ଅତିଥି ଭାବେ ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ଓ ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଯୋଗଦେଇ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରି ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ଖୁଆଇ ଥିଲେ । ୦ ରୁ ୫ ବର୍ଷ ବୟସର ୧୨୧୩୭ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ବ୍ଲକରେ ୮୧ ଟି ପୋଲିଓ ବୁଥ ଓ ୭ ଟି ଟ୍ରାନ ଜିକ ମୋବାଇଲ ଟିମ ଗଠନ କରାଯାଇଛି । ଆଜି ପ୍ରଥମ ଦିନରେ ୧୧୮୩୪ ଜଣ ଶିଶୁ ଙ୍କୁ ପୋଲିଓ ବୁନ୍ଦା ଖୁଆଯାଇଥି ସୂଚନା ମିଳିଛି । ବୁଥ ରେ ୧୧୫୨୪ ଓ ଟ୍ରାନ ଜିଟ ପଏଣ୍ଟରେ ୩୧୦ ଜଣ ଶିଶୁ ପୋଲିଓ ବୁନ୍ଦା ଖାଇଛନ୍ତି ବୋଲି ଡା ରଶ୍ମି ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । ଆସନ୍ତା କାଲି ସ୍ୱାସ୍ଥ୍ୟକର୍ମୀ,ଆଶା ଓ ଅଙ୍ଗନବାଡି କର୍ମୀ ଘରକୁ ଘର ବୁଲି ବାକି ରହିଯାଇଥିବା ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବେ ।

# ପଲ୍ସ ପୋଲିଓ : ୯୬ ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଟିକାଦାନ ଲକ୍ଷ୍ୟ



ଜଗତସିଂହପୁର,(ସବ୍ୟୁ) : ରବିବାର ଦିନ ଜଗତସିଂହପୁର ଜିଲ୍ଲା ମୁଖଯ ଚିକିତ୍ସାଳୟଠାରେ ତିନି ଦିନିଆ ଜାତୀୟ ପଲ୍ସ ପୋଲିଓ ଟିକାଦାନ କାର୍ଯ୍ୟକ୍ରମ ( ଆଇପିପିଆଇ - ୨୦୨୬ ) ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସ୍ନିଗ୍ଧାମୟୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ଆଜିଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାକୁ ସମ୍ପୂର୍ଣ୍ଣ ପୋଲିଓ ମୁକ୍ତ କରିବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲାରେ ଜନ୍ମରୁ ୫ ବର୍ଷ ବୟସର ସମୁଦାୟ ୯୬,୬୭୮ ଜଣ ଶିଶୁଙ୍କୁ ପୋଲିଓ ଟିକା ଖୁଆଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ଜିଲ୍ଲାରେ ମୋଟ ୨,୫୩,୩୩୯ ଟି ଘରକୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୫୫୫ ଟି ବୁଥ୍ ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ତୁଲାଇବା ପାଇଁ ୨୨୨୦ ଜଣ ଟିମ୍ ସଦସ୍ୟ (ଟିକାପ୍ରଦାନକାରୀ), ୧୧୪ ଜଣ ସୁପରଭାଇଜର, ୩୪ ଟି ଟ୍ରାଞ୍ଜିଟ୍ ପଏଣ୍ଟଏବଂ ୨୧ ଟି ମୋବାଇଲ୍ ଟିମ୍ ଗଠନ କରାଯାଇଛି ।

ଅଭିଯାନର ପ୍ରଥମ ଦିନରେ କେବଳ ବୁଥ୍ ଗୁଡ଼ିକରେ ଟିକାଦାନ କରାଯାଉଥିବା ବେଳେ, ଦ୍ୱିତୀୟ ଓ ତୃତୀୟ ଦିନ (୨୯ ଓ ୩୦ ତାରିଖ) ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ବାଦ୍ ପଡ଼ିଥିବା ଶିଶୁମାନଙ୍କୁ ଚିହ୍ନଟ କରି ପୋଲିଓ ବୁନ୍ଦା ଖୁଆଇବେ ।ଏହି ଅଭିଯାନକୁ ସଫଳ କରିବା ପାଇଁ ପୂର୍ବରୁ ସମସ୍ତ ସୁପରଭାଇଜର ଏବଂ ଟିକାପ୍ରଦାନକାରୀ ଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇଥିଲା । ଗତ ଜୁନ୍ ୨୫ ତାରିଖ ଦିନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ଶତପ୍ରତିଶତ ଟିକାଦାନ କରାଇବା ସହ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଜନସାଧାରଣଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ ।

# ବିପଜ୍ଜନକ ଅବସ୍ଥାରେ ଗବଡିହ ଗ୍ରାମ୍ୟରାସ୍ତା

ବିଞ୍ଝାରପୁର, (ସବ୍ୟୁ) : ବିଞ୍ଝାରପୁର ବ୍ଲକର ଆଉଁରୀ ପଞ୍ଚାୟତ ଅଧୀନ କୁଆଁରପୁର ରାଜସ୍ୱ ଗ୍ରାମ ଅନ୍ତର୍ଗତ ଗବଡିହ ପଡା ଗ୍ରାମରେ ଗମନା ଗମନ ବିପର୍ଯ୍ୟସ୍ତ ହୋଇ ପଡିଛି। ଗ୍ରାମର ପଶ୍ଚିମ ଦିଗରେ ରହିଥିବା ମୁଖ୍ୟରାସ୍ତାଟି ଭାଙ୍ଗି ପଡିଥିବାରୁ ଯାନବାହନ ଗମନାଗମନ ବ୍ୟାହତ ହୋଇଛି। ଛାତ୍ରଛାତ୍ରୀ ମାନଙ୍କର ବିଦ୍ୟାଳୟ କୁ ଯାତାୟାତର ଏହା ମୁଖ୍ୟରାସ୍ତା। ରାସ୍ତାର ଦୁରବସ୍ଥା ଯୋଗୁ ବହୁ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେଲେଣି। ତୁରନ୍ତ ରାସ୍ତା ମରାମତି କରାଯିବା ନିମନ୍ତେ ଯୁବବିଜେଡିର ସମ୍ପାଦକ ଶ୍ୟାମପ୍ରସାଦ ଭୂୟାଁ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାଛଡା ଗ୍ରାମବାସୀମାନେ ବିଞ୍ଝାରପୁର ବ୍ଲକ ପ୍ରଶାସନକୁ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ କରିଛନ୍ତି।

# ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ୨୦୨୬ ଉଦ୍‌ଘାଟିତ

## ୧,୧୦,୬୪୩ ଶିଶୁଙ୍କୁ ପିଆଯିବ ପୋଲିଓର ଦୁଇ ବୁନ୍ଦା

କେନ୍ଦ୍ରାପଡ଼ା, (ସବ୍ୟୁ) : ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦ୍ରାପଡ଼ା ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ କାର୍ଯ୍ୟକ୍ରମ୨୦୨୬କୁ ଆଜି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, କେନ୍ଦ୍ରାପଡ଼ାଠାରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଶୁଭ ଉଦ୍‌ଘାଟନ କରିଥିଲେ ।

ଚଳିତ ବର୍ଷ ୨୮ରୁ ୩୦ ଜୁନ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଅଭିଯାନରେ ଜନ୍ମରୁ ୫ ବର୍ଷ ବୟସର ମୋଟ ୧,୧୦,୬୪୩ ଜଣ ଶିଶୁଙ୍କୁ ପୋଲିଓ ପ୍ରତିଷେଧକର ଦୁଇ ବୁନ୍ଦା ଔଷଧ ପ୍ରଦାନ କରାଯିବ । ପ୍ରଥମ ଦିନ ବୁଥଗୁଡ଼ିକରେ ପୋଲିଓ ଡ୍ରପ ପ୍ରଦାନ କରାଯାଉଥିବା ବେଳେ ଆସନ୍ତା ୨୯ ଓ ୩୦ ଜୁନରେ ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ଯେଉଁ ଶିଶୁମାନେ ପୋଲିଓ ଡ୍ରପ ନେଇନଥିବେ ସେମାନଙ୍କୁ ଏହା ପ୍ରଦାନ କରିବେ ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.




ନମିତା ପଟ୍ଟନାୟକ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଚରଣ ଗିରି, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡା. ମନୋରଞ୍ଜନ ସାହୁ, ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ) ଡା. ସୁକାନ୍ତ କୁମାର ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତି ରଞ୍ଜନ ପରିଡ଼ା, ଆସିଷ୍ଟାଣ୍ଟ ମ୍ୟାନେଜର (କମ୍ୟୁନିଟି ପ୍ରୋସେସ) ନୃସିଂହ ଚରଣ ଭୂୟାଁ, ଆସିଷ୍ଟାଣ୍ଟ ମ୍ୟାନେଜର (ଏନ୍‌ଡି) ଶ୍ୟାମ ସୁନ୍ଦର ବିଶ୍ୱାଳ, ଆସିଷ୍ଟାଣ୍ଟ ମ୍ୟାନେଜର (ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ) ମମତା ଦାଶ, ଜିଲ୍ଲା ଭ୍ୟାକ୍ସିନ ଲଜିଷ୍ଟିକ ମ୍ୟାନେଜର ଅବିନାଶ ଦାସ, ଜିଲ୍ଲା ଇମ୍ୟୁନାଇଜେସନ ଆସିଷ୍ଟାଣ୍ଟ ମନୋଜ ଦାଶ, ଆଇଡିଏସପି ଡାଟା ମ୍ୟାନେଜର ଜ୍ୟୋତି ରଞ୍ଜନ ରାଉତ ଏବଂ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମାଥାନ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସମସ୍ତ ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଉଦ୍‌ଘଟନ ପରେ ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ ପରାମର୍ଶଦାତା ବିଭିନ୍ନ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଲିଥିବା ପଲ୍ସ ପୋଲିଓ ବୁଥଗୁଡ଼ିକର ତଦାରଖ ପାଇଁ ବାହାରିଥିଲେ ।

ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଆୟର କହିଥିଲେ ଯେ, ତିନି ଦିନିଆ ଏହି ଅଭିଯାନର ସଫଳତା ପାଇଁ ସମସ୍ତ ଅଧିକାରୀ ଓ କ୍ଷେତ୍ରସ୍ତରୀୟ କର୍ମଚାରୀ ସମନ୍ୱିତ ଭାବେ କାର୍ଯ୍ୟ କରନ୍ତୁ । ବିଶେଷକରି ଘରକୁ ଘର ବୁଲି କୌଣସି ଶିଶୁ ଯେପରି ପୋଲିଓ ଡ୍ରପ୍ରୁ ବଞ୍ଚିତ ନ ରୁହନ୍ତି, ସେଥିପ୍ରତି ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଅଗ୍ରଗତିର ସମୀକ୍ଷା କରି ୧୦୦ ପ୍ରତିଶତ ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ ସେ ନିର୍ଦ୍ଦେଶ ଦେଇଥିଲେ ।

# ପ୍ରଣବପ୍ରକାଶଙ୍କ ୫୪ତମ ଜୟନ୍ତୀ ପାଳିତ

କୁଆଖିଆ,(ସବ୍ୟୁ) :ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନହାଟ ଅମୃର୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବି ଜେ ଡି ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସଙ୍କ ୫୪ ତମ ଜନ୍ମଦିନଉତ୍ସବ କୋରେଇ ଯୁବ ବାହିନୀ ପକ୍ଷରୁ ପାଳିତ ହୋଇଯାଇଛି । ଯୁବ ନେତା ନିହାର ରଞ୍ଜନ କଣ୍ଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବବି ଭାଇ ଜନ୍ମଜୟନ୍ତୀ ଉତ୍ସବରେ ଯୁବ ସଦସ୍ୟ ମାନେ କେକ କାଟି ଈଶ୍ୱରଙ୍କ ପାଖରେ ବବି ଭାଇଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ପୂଜାପାଠ କରିଥିଲେ । ଅଭାସି ମାଧମରେ ଯୁବକର୍ମୀଙ୍କ ଶୁଭ ମନାସି ଥିଲେ । ଉତ୍ସବ ରେ ପ୍ରମୋଦ ସଓ୍ୱାଇଁ, ପପନ ପଟ୍ଟନାୟକ, ରଶ୍ମିରଞ୍ଜନ ତରାଇ, ପ୍ରଶାନ୍ତ କୁମାର ଦାସ, ସମସର ଅଲି ଖାଁ, ପବିତ୍ର ପଣ୍ଡା, ଶୁଭ୍ରଜ୍ୟୋତି ସ୍ୱାଇଁ, ଅମରେଶ ଦ୍ୱିବେଦୀ, ସୌମ୍ୟ ରଞ୍ଜନ ରଥ, ଜିତେନ୍ଦ୍ର ତରାଇ, ବର୍ଣ୍ଣନ ଦେବୀପ୍ରସାଦ ସାହୁ, ଅନନ୍ତ ତରାଇ, ମୁକେଶ ତରାଇ, ଦୟାନିଧି ଜେନା, ପ୍ରମୁଖ ବହୁ କୋରେଇ ଯୁବ ବାହିନୀ ସଦସ୍ୟ ତାଂକ ପାଇଁ ଅମୃେତଶ୍ୱର ଙ୍କ ନିକଟରେ ପୂଜାପାଠ କରିଥିଲେ ।

# ଓଜସିର ରାଜ୍ୟ ସମ୍ପାଦକ ହେଲେ ତପନ



ଜଗତସିଂହପୁର,(ସବ୍ୟୁ) : ଜଗତସିଂହପୁର ଓଡିଶା ଜନତା କଂଗ୍ରେସ ପକ୍ଷରୁ ସଂଗଠନକୁ ମଜଭୁତ କରିବା ନିମନ୍ତେ ନୂତନ ରାଜ୍ୟ କମିଟି ଘୋଷଣା କରାଯାଇଛି । ଏହି କମିଟିରେ ଜଗତସିଂହପୁର ଅ*ଳର ଜଣେ ଜଣାଶୁଣା ଯୁବନେତା ତଥା ସାମ୍ବାଦିକ ତପନ କୁମାର ରାଉତରାୟଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି । ଦଳର ଏହି ନିଷ୍ପତ୍ତିକୁ ସଂଗଠନକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଦଳୀୟ ମହଲରେ ମତପ୍ରକାଶ ପାଇଛି । ତପନ କୁମାର ରାଉତରାୟ ଦୀର୍ଘ ଦିନ ଧରି ସଂଗଠନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରି ଆସୁଥିଲେ ଓ ତାଙ୍କର ସାଂଗଠନିକ ଦକ୍ଷତା ଏବଂ ଦଳ ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ବିଚାର କରି ତାଙ୍କୁ ଏହି ଦାଇତ୍ୱ ପ୍ରଦାନ କରାଯାଇଛି । ଶ୍ରୀ ରାଉତରାୟ ଦଳର ସୁପ୍ରିମୋ ମହମ୍ମଦ ମୋକିମଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି ଓ ସେ କହିଛନ୍ତି ଯେ ଦଳ ତାଙ୍କ ଉପରେ ଯେଉଁ ବିଶ୍ୱାସ ରଖିଛି ତାହାକୁ ସେ ନିଷ୍ଠା ଓ ଦାୟିତ୍ୱବୋଧର ସହ ପାଳନ କରିବେ ।

## କାମରେ ଆସୁନି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

କଣ୍ଟିଲୋ,(ସବ୍ୟୁ): କଣ୍ଟିଲୋ ଗ୍ରାମପଞ୍ଚାୟତ ପାଟଣା ଗ୍ରାମ ରେ ଏକ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ନିର୍ମାଣ ହୋଇଥିଲେ ହେଁ ତାହା ନିର୍ମାଣ ପରଠୁଁ ତାଲା ଝୁଲୁଥିବା ଦେଖାଯାଇଛି । ଗ୍ରାମାଞ୍ଚଳ ରେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷରେ ସରକାର ପ୍ରତି ପଞ୍ଚାୟତ ରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରମାନ ନିର୍ମାଣ କରିଥିଲେ । ଉକ୍ତ କେନ୍ଦ୍ରରେ ଟୀକାକରଣ କାର୍ଯ୍ୟକ୍ରମ ସହ ପ୍ରାଥମିକ ଚିକିତ୍ସା ତଥା ଜ୍ୱର, ଝାଡା, ଆଦି ପାଇଁ ଔଷଧ ଉପଲବ୍ଧ ହେବା ସଂଗେ ସଂଗେ ଉକ୍ତ କେନ୍ଦ୍ର ରେ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବା ନିମିତ୍ତ ନିର୍ମାଣ ହୋଇଛି । ଏଥିପାଇଁ ତାଲିମ ପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନିୟୋଜିତ ହେବେ ।ତେବେ ପାଟଣା ଆରୋଗ୍ୟ କେନ୍ଦ୍ର ନିର୍ମାଣ ଶେଷ ହୋଇଥିଲେ ମଧ ଏହା କାର୍ଯ୍ୟକ୍ଷମ ହୋଇନଥିବାରୁ ସ୍ଥାନୀୟ ଜନସାଧାରଣ ପ୍ରାଥମିକ ଚିକିତ୍ସାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କ ରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଭିସାର ପଣ୍ଡା ଙ୍କ ପ୍ରତିକ୍ରିୟା ନେବାରେ, ଉକ୍ତ ଆରୋଗ୍ୟ କେନ୍ଦ୍ର ବ୍ୟବହାର ଉପଯୋଗୀ ହୋଇନାହିଁ । ପାନୀୟ ଜଳ ବୋରିଂ ହୋଇନାହିଁ । ଏହାଛଡା କୋଠା ନିର୍ମାଣ ରେ ଅନେକ ତ୍ରୁଟି ରହିଛି ଓ ଏହା ହସ୍ତାନ୍ତର ହୋଇନାହିଁ । ନିର୍ମାଣ ସଂସ୍ଥା ଗ୍ରାମ୍ୟ ଉନ୍ନୟନ ବିଭାଗ କୁ ଅବଗତ କରାଯାଇଛି ବୋଲି କହିଛନ୍ତି । ତେବେ ତୁରନ୍ତ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ପାଇଁ ଦାବୀ ହେଉଛି ।

## ପାନ୍ଥନିବାସ ପରିଚାଳକଙ୍କୁ ଧମକ ମାମଲା : ଅଭିଯୁକ୍ତ କର୍ମଚାରୀଙ୍କୁ ଜରିମାନା ନିର୍ଦ୍ଦେଶ

ବାଲୁଗାଁ ,(ସବ୍ୟୁ): ରାଜ୍ୟ ପର୍ଯ୍ୟଟନ ବିଭାଗ ଅଧିନ ବଡକୁଳ ପାନ୍ଥନିବାସରେ କାର୍ଯ୍ୟରତ ପରିଚାଳକଙ୍କୁ ଜଣେ କର୍ମଚାରୀ ଧମକ ଦେବା ମାମଲାରେ ବିଚାର କରି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ୧୫ ଦିନ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି । ଅଭିଯୁକ୍ତ ହେଲେ ଜଗତସିଂହପୁର ଜିଲ୍ଲା ତିତ୍ତୋଲ ଥାନା ତାଳପଦା ଗ୍ରାମର ନୃସିଂହ ସେନାପତି (୪୫) ।ପ୍ରକାଶ ଯେ, ବଡକୁଳ ପାନ୍ଥନିବାସରେ ନୃସିଂହ ଏକ ଏଜେନ୍ସି ଜରିଆରେ ରୋଷେଇୟା ଭାବେ ନିୟୋଜିତ ହୋଇଥିଲେ । ସେଠାରେ ରହିବା ପାଇଁ ତାଙ୍କୁ ଏକ କ୍ୱାର୍ଟର ମଧ ଦିଆ ଯାଇଥିଲା । ଏପରି ସ୍ଥଳେ ଗତ ୨୦୨୩ ମସିହା ଅକ୍ଟୋବର ମାସରେ ଉକ୍ତ ଏଜେନ୍ସି ନୃସିଂହଙ୍କୁ ବଡକୁଳରୁ କଟକ ପାନ୍ଥନିବାସକୁ ବଦଳି ପାଇଁ ନିର୍ଦ୍ଦେଶ ଦେଇଥିଲା । କିନ୍ତୁ ନୃସିଂହ ଏହି ବଦଳି ଆଦେଶକୁ ନ ମାନି ଏଠାରେ ଜୋର ଜବରଦସ୍ତ ରହି ସାଥି କର୍ମଚାରୀଙ୍କୁ ହଇରାଣ ହରକତ କରିବା ସହ କ୍ୱାର୍ଟରକୁ ମଧ ନିଜ ଅକ୍ତିଆରରେ ରଖିଥିଲେ । ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କର ପର୍ଯ୍ୟାୟ କ୍ରମେ ୩ ଥର ତାଙ୍କୁ କ୍ୱାର୍ଟର ଛାଡିବା ପାଇଁ ନୋଟିସ ଜାରି କରିଥିଲେ । କିନ୍ତୁ ସେ କ୍ୱାର୍ଟର ଛାଡିବା ତ ଦୂରର କଥା ଓଲଟି ଉତକ୍ଷିପ୍ତ ହୋଇ ପରିଚାଳକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଧମକ ଚମକ ଦେଇଥିଲା । ଶେଷରେ ପରିଚାଳକ କର ଏ ସମ୍ପର୍କରେ ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୩୫୮/୨୦୨୩ ରେ ଏକ ମାମଲା ରୁଜୁ କରିଥିଲା ।ପରବର୍ତ୍ତୀ ସମୟରେ ଚିଲିକା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତରେ ଏହି ମାମଲାଟି ବିଚାରାଧୀନ ଥିଲା ୯ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଗତ ଗୁରୁବାର ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ଏହି ମାମଲା ପରିଚାଳନା କରୁଥିଲେ ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜନ୍ମଦିନରେ ରକ୍ତଦାନ ଶିବିର

ଗୋପ,(ସବ୍ୟୁ) : ନିମାପଡ଼ା - ଗୋପ ନିର୍ବାଚନ ମଣ୍ଡଳୀର ଗୋପ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଜଳସଂପଦ ଡାକବଙ୍ଗଳାରେ ଶୁକ୍ରବାର ଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ ତମ ଜନ୍ମଦିନ ଆଣିଥିଲେ । ନିମାପଡ଼ାର ବରିଷ୍ଠ ରାଜନେତା ଜୀବନାନନ୍ଦ ମହାପାତ୍ର, ବିମଳେନ୍ଦୁ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ । ଭୁବନେଶ୍ୱର ସରକାରୀ ହସ୍ପିଟାଲର ଓଡ଼ିଶା ବ୍ଲଡ଼ ସେଣ୍ଟର କର୍ମଚାରୀମାନେ ରକ୍ତଦାନ



ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଉଦଘାଟନ କରିଥିଲେ । ପୂର୍ବାହ୍ନରେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶ ପହଞ୍ଚିବା ମାତ୍ରେ ଭାଜପା ଯୁବମୋର୍ଚ୍ଚା ର ମୁଖ୍ୟ ଯୁବ ନେତା ମନଦିପ ପାଇକରାୟ, ଦେବାଶିଷ ସାହୁ,ସ୍ୱରାଜ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଯୁବ ନେତୃତ୍ବ ରକ୍ତଦାନ କାର୍ଯ୍ୟକ୍ରମକୁ ପାଛୋଟି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଡାକ୍ତର ମହମ୍ମଦ ସରିଫ ଅହେମଦ ଙ୍କ ନେତୃତ୍ୱରେ ଏକ ୭ ଟିମ ଉପସ୍ଥିତ ରହିବା ସହ ୩୭ଯୁନିଟି ରକ୍ତ ସଂଗ୍ରହ କରିଥିଲେ । ଶେଷ ଭାଗରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ରକ୍ତଦାତାମାନଙ୍କୁ ସାର୍ଟିଫିକେଟ ସହିତ ଉତରିଅ ଦେଇ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ କମଳାକାନ୍ତ ମହାନ୍ତି, କୃଷ୍ଣଚନ୍ଦ୍ର ବେହେରା,ସୁମନ ସାହୁ, ଅମୂଲ୍ୟ ସେଠୀ, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

### ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ନୂତନ ବିଜ୍ଞାନ ଭବନ ଉଦଘାଟିତ, ମୁଖପତ୍ର 'ପ୍ରକୃତିବାଣୀ' ଲୋକାର୍ପିତ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା କମାଗୁରୁ ସ୍ଥିତ ପ୍ରସିଦ୍ଧ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ଏକ ଭବ୍ୟ ପରିବେଶରେ ବିଜ୍ଞାନ ବିଭାଗର ନୂତନ ଭବନ ଓ ଉନ୍ନତିକରଣ ଗୃହର ଶୁଭ ଉଦଘାଟନ ସମ୍ପନ୍ନ ହୋଇଯାଇଛି । ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନୂତନ ଭବନର ଶୁଭ ଉଦଘାଟନ କରିଥିଲେ ।ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ସଭାରେ କଲେଜର ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ମହାନ୍ତି ସଭାପତିତ୍ୱ କରିଥିଲେ । ଅଧାପିକା ଡ. ରେଣୁବାଳା ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ ।ଏହି ଉତ୍ସବରେ ଅନ୍ୟତମ ବରିଷ୍ଠ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ତଥା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିଶ୍ମା ମାଈଡା, ଉପାଧ୍ୟକ୍ଷ ଦୁର୍ଗା ନାଥ ଶର୍ମା, ଏବଂ ଟାଙ୍ଗୀ ବ୍ଲକର ସହକାରୀ ଯନ୍ତ୍ରୀ ଅଶୋକ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଶିକ୍ଷାର ବିକାଶ ଓ ଭିତ୍ତିଭୂମିର ଉନ୍ନତି ଉପରେ ନିଜର ବକ୍ତବ୍ୟ ରଖିଥିଲେ ।ଏଥିସହିତ ସ୍ଥାନୀୟ ଜନପ୍ରତିନିଧିଙ୍କ ମଧ୍ୟରେ



କମାଗୁରୁ ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ଚମ୍ପତି, ଓଲସିଂହ ସରପଞ୍ଚଙ୍କ ପ୍ରତିନିଧି ଚିରଞ୍ଜନ ଭୋଳ, ବଡପୋଖରିଆ ସମିତି ସଭ୍ୟା ଜ୍ୟୋତିରାଣୀ ଜେନା, ଛଣଗିରି ସମିତି ସଭ୍ୟା ସୁମିତ୍ରା ବରିସଲ, ଅଚ୍ୟୁତପୁର ସମିତି ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସିଂହ, ଯୁବନେତା ମାଧବ ପ୍ରସାଦ ମହାନ୍ତିଙ୍କ ସମେତ ଆଖପାଖ ଅଞ୍ଚଳର ଅନେକ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ମହାନ ଅବସରରେ ଅତିଥିମାନଙ୍କ କରକମଳରେ କଲେଜର ବାର୍ଷିକ ମୁଖପତ୍ର 'ପ୍ରକୃତିବାଣୀ' ପୁସ୍ତକ ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଥିଲା । ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀବୃନ୍ଦ ଏହି ଭବ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ଉଦ୍ୟମ ବିଷୟ ଗୋଷ୍ଠୀ ଭିତ୍ତିକ ସଚେତନତା ସଭା

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ବ୍ଲକ ତେଣ୍ଡାବାଡ଼ି ଗ୍ରାମ ପଂଚାୟତ ବାଟେଣୀ ଗ୍ରାମରେ ଅଧିକାର ମିତ୍ର ଉର୍ମିଳା ଯାନୀଙ୍କ ଆୟୋଜନ କ୍ରମେ ଗ୍ରାମୀଣ ଅର୍ଥନୀତି ଓ ରୋଜଗାର ବୃଦ୍ଧି କରିବା ଲକ୍ଷ୍ୟ ନେଇ କ୍ଷୁଦ୍ର, ଛୋଟ ଓ ମଧ୍ୟମ ଉଦ୍ୟମ ବିଷୟରେ ଗୋଷ୍ଠୀ ଭିତ୍ତିକ ସଚେତନତା ସଭା ଅନୁଷ୍ଠିତ ହେଇଯାଇଛି । ଏଥିରେ ଗ୍ରାମର ମହିଳା, ଅଙ୍ଗନବାଡି କର୍ମୀ ଓ ୱାର୍ଡ ମେମ୍ବର ଇତ୍ୟାଦି ଯୋଗଦାନ କରି ଆଲୋଚନାର ଆବଶ୍ୟକତାକୁ ଅନୁଭବ କରିବା ସହିତ ଗରିବ ଲୋକମାନଙ୍କ ରୋଜଗାର ପାଇଁ ବିଭିନ୍ନ ଛୋଟ ଛୋଟ ଉଦ୍ୟମ କରିବା ଉଚିତ ବୋଲି ନିଜ ନିଜର ମତାମତ ଦେଇଥିଲେ । ଛୋଟ ଓ କ୍ଷୁଦ୍ର ଉଦ୍ୟମ ସ୍ଥାପନ କରି ଆତ୍ମନିର୍ଭର ହେବାକୁ ପ୍ରୟାସ କରିବା ପାଇଁ ଶ୍ରୀନିବାସ ରଣା ସମସ୍ତଙ୍କୁ କହିଥିବା ବେଳେ କୁକୁଡ଼ା ଚାଷ, ଛେଳି ଚାଷ, ଛତୁ ଚାଷ, ମହୁ ଚାଷ,ଆୟୋଲା ଚାଷ ଓ ଟେଲରିଙ୍ଗ ଇତ୍ୟାଦି ଗ୍ରାମୀଣ ମହିଳା ମାନଙ୍କ ଦ୍ୱାରା ସମ୍ଭବ ହେଇପାରିବ ବୋଲି ଅଧିକାର ମିତ୍ର ଶ୍ରୀମତୀ ପ୍ରତିମା ପ୍ରଧାନ କହିଥିଲେ । ଦେଶର ଅର୍ଥନୀତି ସୁଦୃଢ଼ କରିବା , ଗାଁ ଗାଁ ରେ ରୋଜଗାର ସୃଷ୍ଟି କରିବା ଏବଂ ସ୍ଥାୟୀ ବିକାଶ କରିବା କ୍ଷେତ୍ରରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟମ ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଅଧିକାର ମିତ୍ର ମନୋରଞ୍ଜନ ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ ।

## ବୁଧବାର ଠାରୁ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଗୀତା ଜ୍ଞାନଯଜ୍ଞ

କାକଟପୁର ,(ସବ୍ୟୁ): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମାମଙ୍ଗଳାଙ୍କ ପ୍ରାଙ୍ଗଣରେ ଥିବା ପୁରାଣ ମଣ୍ଡପ ଠାରେ ବାବା ବୈକୁଣ୍ଠନାଥ ପ୍ରଚାର ପ୍ରସାର ସମିତି ଓ ଗୀତାଜ୍ଞାନ ଯଜ୍ଞ କମିଟି ଆୟୋଜନରେ ଆସନ୍ତା ଜୁଲାଇ ୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଭାଗବତ ସପ୍ତାହ ଓ ଗୀତ ଜ୍ଞାନଯଜ୍ଞ । ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବଚକ ତଥା ସନ୍ଥ ଶ୍ରୀ ସତ୍ୟାନନ୍ଦ ବାବାଙ୍କ ଦ୍ୱାରା ଶ୍ରୀମଦ ଭାଗବତ ର ବ୍ୟାଖ୍ୟା କରାଯିବା ସହିତ ଭଗବାନ କୃଷ୍ଣଙ୍କର ବିଭିନ୍ନ ଲୀଳା ସମ୍ପର୍କରେ ଶ୍ରୋତାମାନଙ୍କୁ ବୁଝାଇବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମ ୧ ତାରିଖ ବୁଧବାର ଆରମ୍ଭ ହୋଇ ୧୦ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ଅଛି । ପ୍ରତ୍ୟେକ ଦିନ ପ୍ରବଚନ ଶେଷରେ ଆଳତୀ ଏବଂ ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି ବୋଲି ବାବା ବୈକୁଣ୍ଠ ନାଥ ଭାଗବତ ପ୍ରଚାର ପ୍ରସାର ସମିତି ଓ ଗୀତା ଜ୍ଞାନଯଜ୍ଞ ଆୟୋଜକ କମିଟି ସଭ୍ୟ ଜଗବନ୍ଧୁ ସ୍ୱାଇଁ, ସୁଧାଂଶୁ ଦୀକ୍ଷିତ,ଶାନ୍ତନୁ କୁମାର ଦୀକ୍ଷିତ, ପ୍ରମୁଖ ପ୍ରକାଶ କରିଛନ୍ତି । ତତସହିତ ଏହି ମହାନ ସତସଙ୍ଗ ଅନୁଷ୍ଠାନ ରେ ଆବାଳ ବୃଦ୍ଧବନିତା ଶହ ଶହ ସଂଖ୍ୟାରେ ଯୋଗଦାନ କରି ବାଂଛିତ ବିଭୁକୃପା ଲାଭ କରିବାକୁ ଅନୁରୋଧ କରିଛନ୍ତି ।

## ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ବାର୍ଷିକ ଅଧିବେଶନ

ଟାଙ୍ଗୀ,(ସବ୍ୟୁ): ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ୪୭ ତମ ବାର୍ଷିକ ଅଧିବେଶନ ରଣପୁର ରାଜ୍ୟ ମହତପଲା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ୮ଟି ରାଜ୍ୟର ସଭାପତିଙ୍କ ଉପସ୍ଥିତିରେ ଅଷ୍ଟମ ରାଜ୍ୟ ସଭାପତି ରଘୁନାଥ ସାହୁ ସ୍ୱଜାତୀୟ ପତାକା ଉତ୍ତୋଳନ କରି ଅଧିବେଶନକୁ ଉଦଘାଟନ କରିଥିଲେ । ସାଧାରଣ ସଂପାଦକ ଭାଗିରଥି ସାମନ୍ତରାୟଙ୍କ ସଂଯୋଜନାରେ ଅଷ୍ଟମ ରାଜ୍ୟ ଉପସଭାପତି ସୁଶାନ୍ତ କୁମାର ସାହୁ, ସହ ସମ୍ପାଦକ ଭିକାରି ଚରଣ ସାହୁ, ରଣପୁର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ମଙ୍ଗଳାଯୋଡି ରାଜ୍ୟ ସଭାପତି ବିରଞ୍ଚି ନାରାୟଣ ସାହୁ, ନଇରୀ ସଭାପତି ପ୍ରଶାନ୍ତ କୁମାର ସାହୁ, ବାଣପୁର ସଭାପତି ପ୍ରଫୁଲ କୁମାର ସୁବୁଦ୍ଧି, ସମ୍ପାଦକ ଦିଲୀପ କୁମାର ସାହୁ, ସରପାରୀ ସଭାପତି ପ୍ରଭାକର ସାହୁ, ସିକୋ ସଭାପତି କୈଳାସ ଚନ୍ଦ୍ର



ସାହୁ, ମୁଗମଣ୍ଡା ରାଜ୍ୟ ସଂପାଦକ ମାଧବ ଚନ୍ଦ୍ର ସାହୁ, ଗୋଡିପଦର ରାଜ୍ୟ ସମ୍ପାଦକ ବିଜୟ କୁମାର ସାହୁ, ଅଷ୍ଟମ ରାଜ୍ୟ ଉପଦେଷ୍ଟା ରଘୁନାଥ ସାହୁ(ଚାନ୍ଦପୁର), ଗୋବିନ୍ଦ ଚନ୍ଦ୍ର ସାହୁ, ସୁରେଶ କୁମାର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଯୌତୁକ ଭଳି ଏକ ଘୃଣ୍ୟ କାର୍ଯ୍ୟକୁ ବିରୋଧ କରିବା ସହ ସ୍ୱଜାତିର ଯୁବକ ଯୁବତୀମାନଙ୍କ ବିବାହ ପାଇଁ ଏକ ମାଟ୍ରିମୋନିଆଲ ଆପ ସୃଷ୍ଟି କରିବାକୁ ମଙ୍ଗଳାଯୋଡି ସଂପାଦକ ପ୍ରଦୀପ କୁମାର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ତୈଳିକ ଜାତି ଏକ ପଛୁଆ ବର୍ଗ ହୋଇଥିବାରୁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ କେନ୍ଦ୍ର ଓ ରାଜ୍ୟସରକାରଙ୍କୁ ଦାବି କରାଯାଇଥିଲା । ସମାଜ ଗଠନରେ ମହିଳା ମାନଙ୍କ ଗୁରୁତ୍ୱକୁ ସମ୍ମାନ ଜଣାଇ ମହାସଭାରେ ଏକ ମହିଳା ସଂଗଠନ ନିମନ୍ତେ ଏକ ସଂଯୋଜକ କମିଟି ଗଠନ କରାଯାଇଥିଲା । କୋଷାଧକ୍ଷ ଚୌଧୁରୀ ଅରବିନ୍ଦ ସାହୁ ଆୟବ୍ୟୟ ବିବରଣୀ ପାଠ କରିଥିଲେ । ଶେଷରେ ଆଗାମୀ ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ରଘୁନାଥ ସାହୁ(ଟାଙ୍ଗୀ), ଉପସଭାପତି ସୁଶାନ୍ତ କୁମାର ସାହୁ(ନଇରୀ), ସାଧାରଣ ସଂପାଦକ ଭାଗିରଥି ସାମନ୍ତରାୟ(ବୋଡଙ୍ଗରା), ସହ ସଂପାଦକ ଭିକାରୀ ଚରଣ ସାହୁ(ଗଇନଡା), ଭଞ୍ଜ କିଶୋର ସାହୁ(ବାଣପୁର), ଯୁଗ୍ମ ସଂପାଦକ ପ୍ରିୟ ରଂଜନ ସାହୁ, ସନ୍ତୋଷ କୁମାର ସାହୁ, କୋଷାଧକ୍ଷ ଚୌଧୁରି ଅରବିନ୍ଦ ସାହୁ, ସମୀକ୍ଷକ ଭାବେ ସୁଦର୍ଶନ ସାହୁ, ଭକ୍ତ ଭୂଷଣ ସାହୁ ଓ ପ୍ରଫୁଲ କୁମାର ସାହୁ ମନୋନୀତ ହୋଇଥିଲେ । ମହିଳା ସଂଗଠନର ସଂଯୋଜକ ଭାବେ କୁମୁଦିନୀ ସାହୁ, ଶୁଭଲକ୍ଷ୍ମୀ ସାହୁ, ସଂଯୁକ୍ତା ମହାପାତ୍ର, ରୋଜାଲିନ ସାହୁ,ପୁଷ୍ପାNଳି ସାହୁ, ସଂଯୁକ୍ତା ସାହୁ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ମନୋନୀତ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ରଣପୁର ରାଜ୍ୟ ସମ୍ପାଦକ ବିଜୟ କୁମାର ସାହୁ ଓ ଅଭ୍ୟର୍ଥନା କମିଟି ସଭାପତି ଅରକ୍ଷିତ ସାହୁ ଧନ୍ୟବାଦ ଦେଇଥିଲେ ।

## ବିଦ୍ୟୁତ ବିଭାଗ ଉପରେ ପୁଞ୍ଜିଭୂତ ଅସନ୍ତୋଷ : ୩୦ ରେ ଦଶପଲ୍ଲା ବନ୍ଦ

ଦଶପଲ୍ଲା ,(ସବ୍ୟୁ): ନୟାଗଡ ଜିଲ୍ଲା ଦଶପଲ୍ଲା ରେ ଅଘୋଷିତ ବିଦ୍ୟୁତ କାଟ, ୨୦୧୮ ମସିହା ଠାରୁ ୫୦ କୋଟି ଟଙ୍କା ରେ ନିର୍ମିତ ୨୨୦/୩୩ କିଲୋ ଭୋଲଟ ପାୱାର ଗ୍ରୀ ଷ୍ଟେସନକୁ କାର୍ଯ୍ୟକ୍ଷମ ନକରିବା,ଲୋ - ଭୋଲେଟଜ କୁ ଦୁରାଇବା,ବିଭିନ୍ନ ସମୟରେ ଯୁବକମାନଙ୍କ ବିରୋଧରେ ଟି ପି ସିଓ ଡି ଏଲ କରିଥିବା ମାମଲା ପ୍ରତ୍ୟାହାର ଆଦି ଦାବିରେ ଦଶପଲ୍ଲା ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ଗତ ୧୦ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା । ୨୫ ତାରିଖ ଭିତରେ ଏହି ସମସ୍ୟାର ସମାଧାନ ପାଇଁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା । ଇତି ମଧ୍ୟରେ ନିର୍ଦ୍ଧିଷ୍ଟ ସମୟ ସୀମା ଅତିବାହିତ ହୋଇ ସାରିଥିବା ବେଳେ ଦୀର୍ଘ ୧୭ ଦିନ ପରେ ବି ଦାବି ଗୁଡିକ ସମ୍ପର୍କ ରେ ବିଚାର କରାଗଲା ନାହିଁ କିମ୍ବା ସଂଘ ସହ କୌଣସି ଆଲୋଚନା କରାଗଲା ନାହିଁ । ଜିଲ୍ଲା ପ୍ରଶାସନ କିମ୍ବା ବିଦ୍ୟୁତ ସଞ୍ଚାଳନ କରୁଥିବା ଘରୋଇ ଟାଟା କମ୍ପାନୀ ର କୌଣସି ପଦସ୍ଥ ଅଧିକାରୀ ଏହି ସମସ୍ୟା ବିଷୟ ରେ ଆଲୋଚନା କଲେନାହିଁ । ଟିପିସିଓଡିଏଲର ଯିଦ ଖୋର ମନୋଭାବ ପାଇଁ ଏବେ ବିଦ୍ୟୁତ ଉପଭୋକ୍ତା ସଂଘ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଦଶପଲ୍ଲା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଦଳମତ ନିର୍ବିଶେଷରେ ସମସ୍ତ ରାଜ ନୈତିକ ଦଳ, ଓକିଲ ସଂଘ, ସାମ୍ବାଦିକ ସଂଘ, ଘରୋଇ ମୋଟର କର୍ମଚାରୀ ସଂଘ,ବସ ମଲିକ ସଂଘ,ମହାବୀର ବଣିକ ମହାସଂଘ ର ସହଯୋଗୀ ୧୨ ଗୋଟି ବଜାର ,ବରିଷ୍ଠ ନାଗରିକ ମଞ୍ଚ, ଅବସର ପ୍ରାପ୍ତ କର୍ମଚାରୀ ସଂଘ,୨୫ଗୋଟି ଯୁବକ ସଂଘ,ଓଡିଶା ଡ୍ରାଇଭର ମହାସଂଘ,ଅଟୋ ରିକ୍ସା ସଂଘ,ସରପଞ୍ଚ ମହାସଂଘ, ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଅଧକ୍ଷା, ଏ ନ ଏ ସି ଅଧକ୍ଷା, କାଉଁସିଲର ମନେ ଦୃଢ ସମର୍ଥନ ଜ୍ଞାପନ କରିଛନ୍ତି. ଏ ନେଇ୨୬ ତାରିଖ ରାତ୍ରରେ ମହାବୀର ମନ୍ଦିର ଠାରେ ଆହୁତ ବିଭିନ୍ନ ସଂଗଠନ କାର୍ଯ୍ୟକର୍ତ୍ତା ଓ ପ୍ରତିନିଧି ମାନଙ୍କ ବୈଠକ ରେ ପ୍ରଶାସନ ର ଏତାଦୃଶ ମନୋଭାବକୁ ନେଇ ତୀବ୍ର ଉଦବେଗ ପ୍ରକାଶ ପାଇବା ସହ ପୂର୍ବ ଘୋଷଣା ମୁତାବକ ଆସନ୍ତା ୩୦ ତାରିଖ ମଙ୍ଗଳବାର ଦିନ ଦଶପଲ୍ଲା ବନ୍ଦ ଭଳି କଠୋର ନିଷ୍ପତି ନିଆଯାଇଛି । ଉକ୍ତ ଦିନ ସମସ୍ତ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ, ଜାତୀୟ ରାଜପଥ ଖୋର୍ଦ୍ଧା - ବଲାଙ୍ଗୀର ନଂ ୫୭, ରାଜ୍ୟ ସଡ଼କ ପଥ ବନ୍ଦ ଓ ଦଶପଲ୍ଲାର ସମସ୍ତ ବ୍ୟବସାୟୀକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆହ୍ୱାନ ଦିଆ ଯାଇଛି ।

## ଉଦ୍ୟମ ବିଷୟ ଗୋଷ୍ଠୀ ଭିତ୍ତିକ ସଚେତନତା ସଭା

ଦ ଶ ପ ଲ୍ଲା , ( ସ ବୁ ୟ ) : ଦଶପଲ୍ଲା ବ୍ଲକ ତେଣ୍ଡାବାଡ଼ି ଗ୍ରାମ ପଂଚାୟତ ବାଟେଣୀ ଗ୍ରାମରେ ଅଧିକାର ମିତ୍ର ଉର୍ମିଳା ଯାନୀଙ୍କ ଆୟୋଜନ କ୍ରମେ ଗ୍ରାମୀଣ ଅର୍ଥନୀତି ଓ ରୋଜଗାର ବୃଦ୍ଧି କରିବା ଲକ୍ଷ୍ୟ ନେଇ କ୍ଷୁଦ୍ର, ଛୋଟ ଓ ମଧ୍ୟମ ଉଦ୍ୟମ ବିଷୟରେ ଗୋଷ୍ଠୀ ଭିତ୍ତିକ ସଚେତନତା ସଭା ଅନୁଷ୍ଠିତ ହେଇଯାଇଛି । ଏଥିରେ ଗ୍ରାମର ମହିଳା, ଅଙ୍ଗନବାଡି କର୍ମୀ ଓ ୱାର୍ଡ ମେମ୍ବର ଇତ୍ୟାଦି ଯୋଗଦାନ କରି ଆଲୋଚନାର ଆବଶ୍ୟକତାକୁ ଅନୁଭବ କରିବା ସହିତ ଗରିବ ଲୋକମାନଙ୍କ ରୋଜଗାର ପାଇଁ ବିଭିନ୍ନ ଛୋଟ ଛୋଟ ଉଦ୍ୟମ କରିବା ଉଚିତ ବୋଲି ନିଜ ନିଜର ମତାମତ ଦେଇଥିଲେ । ଛୋଟ ଓ କ୍ଷୁଦ୍ର ଉଦ୍ୟମ ସ୍ଥାପନ କରି ଆତ୍ମନିର୍ଭର ହେବାକୁ ପ୍ରୟାସ କରିବା ପାଇଁ ଶ୍ରୀନିବାସ ରଣା ସମସ୍ତଙ୍କୁ କହିଥିବା ବେଳେ କୁକୁଡ଼ା ଚାଷ, ଛେଳି ଚାଷ, ଛତୁ ଚାଷ, ମହୁ ଚାଷ,ଆୟୋଲା ଚାଷ ଓ ଟେଲରିଙ୍ଗ ଇତ୍ୟାଦି ଗ୍ରାମୀଣ ମହିଳା ମାନଙ୍କ ଦ୍ୱାରା ସମ୍ଭବ ହେଇପାରିବ ବୋଲି ଅଧିକାର ମିତ୍ର ଶ୍ରୀମତୀ ପ୍ରତିମା ପ୍ରଧାନ କହିଥିଲେ । ଦେଶର ଅର୍ଥନୀତି ସୁଦୃଢ କରିବା , ଗାଁ ଗାଁ ରେ ରୋଜଗାର ସୃଷ୍ଟି କରିବା ଏବଂ ସ୍ଥାୟୀ ବିକାଶ କରିବା କ୍ଷେତ୍ରରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟମ ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଅଧିକାର ମିତ୍ର ମନୋରଞ୍ଜନ ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ ।

### ରାମେଶ୍ୱରଚନ୍ଦନପୁର ନୂଆ ଜଗନ୍ନାଥ ସଡ଼କ

## ଶ୍ରୀମୁକୁନ୍ଦପୁର ଠାରେ ତୀବ୍ର ଟ୍ରାଫିକ ଜାମ, ଜନଅସନ୍ତୋଷ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରଚନ୍ଦନପୁର ନୂଆ ଜଗନ୍ନାଥ ସଡ଼କର ଶ୍ରୀମୁକୁନ୍ଦପୁର (ରୋଷଣା) ଠାରେ ଦେଖାଦେଇଥିବା ସଂକୀର୍ଣ୍ଣ ଓ ଅଙ୍କାବଙ୍କା ରାସ୍ତା ଯୋଗୁଁ ନିତିଦିନିଆ ଟ୍ରାଫିକ ଜାମ ଏବଂ ଦୁର୍ଘଟଣା ଜନସାଧାରଣଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ପାଲଟିଛି । ଶ୍ରୀକ୍ଷେତ୍ର ପୁରୀକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କର ଏଭଳି ଦୂରାବସ୍ଥା ଯୋଗୁଁ ଯାତ୍ରୀ, ସ୍ଥାନୀୟ ବ୍ୟବସାୟୀ ଓ ନିୟମିତ ଯାତାୟାତ କରୁଥିବା ଲୋକେ ଚରମ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ସୂଚନାଯୋଗ୍ୟ ଯେ, ବଡ଼ପୋଖରିଆମସାକଣି କୋଷ୍ଟାଲ ହାଇୱେ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ ମିଳିବା ପରେ ଏହି ପୁରୁଣା ରାସ୍ତାର ରକ୍ଷଣାବେକ୍ଷଣ ଓ ପ୍ରଶସ୍ତୀକରଣ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଉ ପଡୁନାହିଁ । ନୂଆ ବୃହି ପ୍ରକଳ୍ପର ଆଳ ଦେଖାଇ ଚଳିତ ଜଗନ୍ନାଥ ସଡ଼କକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିବା ପରି ମନେହେଉଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି ।ଶ୍ରୀମୁକୁନ୍ଦପୁର ଅଞ୍ଚଳରେ ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ହେବା ସହ ଏହାର ଅଙ୍କାବଙ୍କା ଗତି ଯୋଗୁଁ ସାମ୍ନାପଟୁ ଆସୁଥିବା ବଡ଼ ଗାଡ଼ିଗୁଡ଼ିକ ପରସ୍ପରକୁ ଅତିକ୍ରମ କରିବା କଷ୍ଟକର ହୋଇପଡୁଛି । ଫଳରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଯାନବାହନ ଅଟକି ରହୁଛି । ରାସ୍ତାର ଏହି ଦୁର୍ବଳ ଭିତ୍ତିଭୂମି ଯୋଗୁଁ ସାଧାରଣ ପରିବହନ ବାଧାପ୍ରାପ୍ତ ହେବା ସହ ଆମ୍ବୁଲାନ୍ସ ଓ ଜରୁରୀକାଳୀନ ସେବା ମଧ୍ୟ ପ୍ରଭାବିତ ହେଉଛି ।ନୂଆ କୋଷ୍ଟାଲ ହାଇୱେ ନିର୍ମାଣ ହେବାକୁ ଆହୁରି ସମୟ ଲାଗିବାକୁ ଥିବାବେଳେ, ବର୍ତ୍ତମାନର ଏହି ବ୍ୟସ୍ତବହୁଳ ସଡ଼କର ଜନସ୍ୱାର୍ଥ ଦୃଷ୍ଟିରୁ ଶ୍ରୀମୁକୁନ୍ଦପୁର ଠାରେ ତୁରନ୍ତ ପ୍ରଶସ୍ତୀକରଣ ଓ ସରଳୀକରଣ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଂଗଠନ ପକ୍ଷରୁ ଦାବି ହୋଇଛି । ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ନଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କୁହାଯାଇଛି ।

## ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ୮ ଦିନହେବ ଭଜନ ସମାରୋହ

ଆଠଗଡ ,(ସବ୍ୟୁ): ଆସନ୍ତା ରଥଯାତ୍ରା ଉପଲକ୍ଷେ ଆଠଗଡ଼ ଶ୍ରୀ ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ଆଠଗଡ଼ ପୁରୁଣା ବସଷ୍ଟାଣ୍ଡ ମାଉସୀ ମା ମନ୍ଦିର ନିକଟରେ ୮ ଦିନ ଧରି ଭଜନ ସମାରୋହ ଅନୁଷ୍ଠିତ ହେବ । ଓଡ଼ିଶା ର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ପଙ୍କଜ ଜାଲ,ମାନସୀ ପାତ୍ର, ସୁଧାକର ମିଶ୍ର,ବାଦଲ ଆଚାର୍ଯ୍ୟ ଙ୍କ ସହିତ ଅନ୍ୟାନ୍ୟ କଣ୍ଠଶିଳ୍ପୀ ମାନେ ଭଜନ ପରିବେଷଣ କରିବା ସହିତ ୨୨ ତାରିଖ ରେ ପ୍ରବଚକ ଅସୀତ ଜେନା ଙ୍କ ଦାରା ପ୍ରବଚନ କାର୍ଯ୍ୟକ୍ରମ



ରହିଛି । ରଥଯାତ୍ରା ଦିନ ରଥ ଆସି ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ଲକ୍ଷ୍ମୀ ବଜାର ମଣ୍ଡପରେ ଅଧରପଣା ଏବଂ ସନ୍ଧ୍ୟା ରେ ମାଉସୀ ମା ମନ୍ଦିର ପରିସରରେ ଆନନ୍ଦ ବଜାର ରେ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଛି । ଶ୍ରୀ ଜଗନ୍ନାଥ ସେବା ସଂସ୍ଥା ର ଏହି ୪୮ ତମ ଭଜନ ସମାରୋହ ଆସନ୍ତା ଜୁଲାଇ ୧୬ ଶ୍ରୀ ଗୁଣ୍ଡିଚା ଠାରୁ ଆରମ୍ଭ ହୋଇ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ପର୍ଶୁରାମ ସାହୁ, ଉପସଭାପତି ଅଶୋକ କୁମାର ଦଳାଇ, ସମ୍ପାଦକ ଜଗଦାନନ୍ଦ ତ୍ରିପାଠୀ, ସହ ସମ୍ପାଦକ ଅଜୟ କୁମାର ଦାସ, କୋଷାଧକ୍ଷ ଶ୍ରୀନିବାସ ଦାସ ଯୁଗ୍ମ ସମ୍ପାଦକ ଅସୀତ କୁମାର ପ୍ରଧାନ ଏବଂ ଆଇନ ପରାମର୍ଶଦାତା ବନବିହାରୀ ସାହୁ ଜ୍ଞାନ ପ୍ରକାଶ ଦଳ ସାମନ୍ତ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଥିଲେ ।

## ପିଇବା ପାଣି ବନ୍ଦକୁ ନେଇ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ନରସିଂହପୁର, (ସବ୍ୟୁ): କଟକ ଜିଲ୍ଲା ନରସିଂହପୁର ବ୍ଲକର ର ଏକାଧିକ ଗ୍ରାମରେ ଦେଖିବାକୁ ମିଳିଛି ପାନୀୟ ଜଳର ସମସ୍ୟା । ନରସିଂହପୁର ବ୍ଲକ ଅନ୍ତର୍ଗତ ସୀତାରାମପୁର ଗ୍ରାମକୁ ଯାଇଥିବା ମେଘା ପ୍ରକଳ୍ପ ଯୋଜନାରେ ପାନୀୟ ଜଳର ପାଇପ ଏକାଧିକ ସ୍ଥାନରେ ଫାଟି ପାଣି ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଥିଲେ ମଧ କୌଣସି ସୁବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇପାରିବ ନ ଥିଲା । ଏହାକୁ ନେଇ ଗ୍ରାମବାସୀ ଏକତ୍ରିତ ହୋଇ ନରସିଂହପୁର-କାମଲାଡ଼ିହ ମୁଖ୍ୟ ରାସ୍ତାକୁ ବାଲିଟି, ଗରା ରଖି ରାସ୍ତାକୁ ଅବରୋଧ କରିଥିଲେ ।ଏହି ରାସ୍ତା ଅବରୋଧର କିଛି ସମୟ ପରେ ଘଟଣା ସ୍ଥଳରେ ଯୋଡମୁଁ ଥାନା ଅଧିକାରୀ ଦିଲ୍ଲୀପ କୁମାର କାଣ୍ଡି ପହଁଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଇଥିଲେ । ଏହାପରେ ବିଭାଗୀୟ ଅଧିକାରୀଙ୍କ ସହିତ ଥାନା



ଅଧିକାରୀ ଯୋଗାଯୋଗ କରି ଗ୍ରାମବାସୀଙ୍କୁ ୫ଦିନ ମଧ୍ୟରେ ସଠିକ ଭାବେ ଜଳଯୋଗଣ ହେବା ବୋଲି ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା ।

## ପତିତପାବନ ଦେବଙ୍କ ରଥଯାତ୍ରା ପରିଚାଳନାର ରଥଯାତ୍ରା ବୈଠକ

ପିପିଲି ,(ସବ୍ୟୁ): -ପିପିଲି ସ୍ଥିତ ପତିତପାବନ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପତିତପାବନ ଦେବଙ୍କ ରଥଯାତ୍ରା ପରିଚାଳନା କମିଟି ର ଏକ ସମନ୍ୱୟ କାର୍ଯ୍ୟକାରିଣୀ ବୈଠକ, କାର୍ଯ୍ୟକାରୀ ସଭାପତି ବାମଦେବ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ପ୍ରଭାତ କୁମାର ମହାପାତ୍ର ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ବିଶେଷ କରି ସ୍ନାନ ପୂର୍ଣ୍ଣିମା ଠାରୁ, ନବଜଉବନ ଦର୍ଶନ,ଗୁଣ୍ଡିଚା ଯାତ୍ରା, ହେରାପଞ୍ଚମୀ, ସଂନ୍ଧ୍ୟା ଦର୍ଶନ,ବାହୁଡା, ସୁନାବେଶ,ଅଧରପଣା, ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଶୃଙ୍ଖଳିତ ନୀତିକାନ୍ତି ଓ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ପିପିଲି ଏସ ଡି ପି ଓ ଦେବାଶିଷ ମିଶ୍ର, ଥାନା ଆଇ ଆଇ ସି ସୌମେନ୍ଦୁ ଶେଖର ତ୍ରିପାଠୀ, ପୌରପାଳିକା ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ବିଦ୍ୟୁତ ବିଭାଗ ଏସ ଡି ଓ ମାନସ ମହାନ୍ତି ଓ ଦୁଇ କନିଷ୍ଠ ଯନ୍ତ୍ରୀ ଙ୍କ ସମେତ ଦମକଳ ବାହିନୀର ଭାରପ୍ରାପ୍ତ ଅଧିକାରୀ ସୁକାନ୍ତ ଜେନା ପ୍ରମୁଖ ଯୋଗଦେଇ ଶୃଙ୍ଖଳିତ ରଥଯାତ୍ରା ସମ୍ପର୍କରେ ସମୀକ୍ଷା କରିବା ସହିତ ସମସ୍ତ ସହଯୋଗ ଯୋଗାଇବା ପାଇଁ ପ୍ରତିଶୃତି ଦେଇଥିଲେ ।ରଥଯାତ୍ରା କମିଟିର କର୍ମକର୍ତ୍ତା ସୁରେନ୍ଦ୍ର ମହାପାତ୍ର,ମନୋଜ ପ୍ରଧାନ, ରମେଶ ମହାପାତ୍ର, ଉପଦେଷ୍ଟା ପ୍ରଫୁଲ୍ଲ କୁମାର ପଣ୍ଡା, ରାମଚନ୍ଦ୍ର ଦାଶ, ସଚ୍ଚିଦାନନ୍ଦ ନାୟକ ଏବଂ ମନ୍ଦିର ର ସେବାୟତ ଙ୍କ ସମେତ ସମସ୍ତ କମିଟି କର୍ମକର୍ତ୍ତା ଓ ସଦସ୍ୟ ମାନେ ଯୋଗ ଦେଇଥିଲେ ।

## କଣାସ ବ୍ଲକରେ ୧୧,୭୫୪ ଶିଶୁଙ୍କୁ ଦିଆଗଲା ପୋଲିଓ ବୁନ୍ଦା

କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକରେ ରବିବାର ଦିନି ଜାତୀୟ ପୋଲିଓ ମୁକ୍ତ ଅଭିଯାନ ଅନ୍ତର୍ଗତ ବ୍ୟାପକ ଭାବେ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ମୋଟ ୮୦ ଟି ପୋଲିଓ ବୁଥ ଜରିଆରେ ୧୧,୭୫୪ ଜଣ ଶିଶୁଙ୍କୁ ସଫଳତାର ସହ ପୋଲିଓ ବୁନ୍ଦା ଖୁଆଇ ଦିଆଯାଇଛି ।ଏହି ବୃହତ ସ୍ୱାସ୍ଥ୍ୟ ଅଭିଯାନକୁ ସଫଳ କରିବା ପାଇଁ ମୋଟ ୨୧୬ ଜଣ ପୋଲିଓ କର୍ମୀ ନିୟୋଜିତ ହୋଇଥିଲେ । ଏଥିରେ ସମସ୍ତ ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ଅଙ୍ଗନବାଡି କର୍ମୀମାନେ ସାମିଲ ହୋଇ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ । କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ପାଇଁ ୧୧ ଜଣ ପୋଲିଓ ସୁପରଭାଇଜର ବିଭିନ୍ନ ବୁଥ ବୁଲି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ । ଆସନ୍ତା ଦୁଇଦିନ ପୋଲିଓ କର୍ମୀମାନେ ଘର ଘର ବୁଲି ଯେଉଁ ଶିଶୁ ପୋଲିଓ ବୁନ୍ଦା ଖାଇ ନଥିବେ ସେମାନଙ୍କୁ ଖୋଜି ପୋଲିଓ ବୁନ୍ଦା ଖୁଆଇବେ । ଏଥିରେ ଜନସାଧାରଣ ସହଯୋଗ କରିବା ପାଇଁ ଡାକ୍ତରଖାନା ଅଧିକ୍ଷକ ଡାକ୍ତର ବିବେକ ଅନୁରାଗ ସୂଚନା ଦେଇଛନ୍ତି ।ଏହି କାର୍ଯ୍ୟକ୍ରମକୁ ବ୍ଲକ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ପର୍ଯ୍ୟବେକ୍ଷଣ କରିଥିଲେ । ବ୍ଲକ ସ୍ତରରୁ ଡାକ୍ତର ବିବେକ ଅନୁରାଗ, ବିପିଏମ ଧନେଶ୍ୱର ସ୍ୱାଇଁ, ବିଡିଏମ କୃଷ୍ଣଚନ୍ଦ୍ର ବରାଳ, ଆକାଉଣ୍ଟସ ମ୍ୟାନେଜର ଶିପ୍ରସାଦ ଦୀକ୍ଷିତ ଏବଂ ପିଏଚଓ ସର୍ଣ୍ଣଲତା ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ ।ଜିଲ୍ଲା ସ୍ତରରୁ ଡାକ୍ତର ମାନସ ରଞ୍ଜନ ଦାଶ, ଡାକ୍ତର ସୁଶାନ୍ତ ରାଉତ ଏବଂ ସହାୟକ ମ୍ୟାନେଜର ମନୋଜ କୁମାର ପଣ୍ଡା ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟକ୍ରମର ନିରୀକ୍ଷଣ କରିବା ସହ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ ।ସ୍ଥାନୀୟ ଜନସାଧାରଣ ଓ ଅଭିଭାବକମାନଙ୍କ ସହଯୋଗ ଯୋଗୁଁ ଆଜିର ଏହି ପୋଲିଓ ଅଭିଯାନ କଣାସ ବ୍ଲକରେ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ସହ ସଫଳ ହୋଇଥିବା ଜଣାପଡ଼ିଛି ।

# ସମ୍ପାଦକୀୟ

## ନିଜ ଭାଷାକୁ ସୁରକ୍ଷିତ ରଖିବା କିପରି ?

ନିଜ ଭାଷା ବା ମାତୃଭାଷା ଆମାନଙ୍କୁ ପିଲାଦିନରୁ ବଡ଼ ହେବା ଯାଏଁ, ବିଭିନ୍ନ କାର୍ଯ୍ୟରେ ପ୍ରେରଣା ଦେଇ ଆସୁଛି । ଆମ ଜୀବନରେ ମା'ଙ୍କ ଅବଦାନ ଯେମିତି ଗୁରୁତ୍ୱପୂର୍ଣ୍ଣ, ଆମ ମାତୃଭାଷାର ଅବଦାନ ମଧ୍ୟ ସେହିପରି ଗୁରୁତ୍ୱପୂର୍ଣ୍ଣ । ଭାଷା ଭିତ୍ତିରେ ଭାରତରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟରେ ପ୍ରଥମ ଥର ଲାଗି ପରିଣତ କରାଯାଇଥିଲା । ସେହି ରାଜ୍ୟ ଓଡ଼ିଶା ଦଶ ବର୍ଷ ପରେ ତାହାର ଶତବାର୍ଷିକ ପାଳନ କରିବାକୁ ଯାଉଛି । ଭାରତବର୍ଷ ମଧ୍ୟ ୧୯୪୭ ଅଗଷ୍ଟ ୧୫ ତାରିଖରେ ଅହିଂସା ଆନ୍ଦୋଳନରେ ସଫଳତା ପାଇ ଯେପରି ସ୍ୱାଧୀନତା ହାସଲ କରିଥିଲା, ଆଗାମୀ ୨୦୪୭ରେ ଭାରତ ତାହାର ସ୍ୱାଧୀନତାର ଶତବାର୍ଷିକ ମଧ୍ୟ ପାଳନ କରିବ, ସେତେବେଳେ ଭାରତ ଗୋଟିଏ ବିକଶିତ ରାଷ୍ଟ୍ରରେ ପରିଣତ ହୋଇ ସାରିଥିବ ବୋଲି ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶା ପ୍ରକାଶ କରିଛନ୍ତି ।

**ଶହେପାଞ୍ଚ ବର୍ଷ ପୂର୍ବେ ୧୯୨୧ରେ, ଗାନ୍ଧିଜୀ ଯେତେବେଳେ ପ୍ରଥମ ଓଡ଼ିଶା ଗସ୍ତରେ ଆସି କଟକରେ ଓଡ଼ିଆମାନଙ୍କୁ ଉଦ୍‌ବୋଧନ ଦେଇଥିଲେ, ସେତେବେଳେ ସେ ଇଂରାଜୀ ଭାଷା ଉପରେ ବେଶୀ ନିର୍ଭର ନ କରି ନିଜ ମାତୃଭାଷା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ମାତ୍ର ଗାନ୍ଧିଜୀ କହିବାର ଶହେ ବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାତୃଭାଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଫଳରେ ଉଚ୍ଚ ବୈଷୟିକ ଶିକ୍ଷା ଇଞ୍ଜିନିୟରିଂ ବା ଡାକ୍ତରୀ ପାଠ୍ୟକ୍ରମର ପୁସ୍ତକ ଏବେ ମାତୃଭାଷା ଓଡ଼ିଆରେ ପ୍ରସ୍ତୁତ ହୋଇ ପାରିଛି । ଏହାକୁ ଯେପରି ଫଳପ୍ରଦ କରାଯାଇ ପାରିବ, ତାହା ଆମେ ଚିନ୍ତା କରିବା କଥା ।**

ଆମେ ଗର୍ବ କରିବା କଥା, ଭାଷା ଭିତ୍ତିରେ ଭାରତରେ ଗଠିତ ହୋଇଥିବା ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ । ମାତ୍ର ଆମମାନଙ୍କ ମଧ୍ୟରୁ ଅଧିକାଂଶ ନିଜ ମାତୃଭାଷାର ଅମର୍ଯ୍ୟାଦା କରୁଥିବା ଦେଖାଯାଇଛି । ଇଂରାଜୀ ଭାଷା ଉପରେ ଆମର ଦଖଲ ବେଶୀ ନାହିଁ, କିନ୍ତୁ ଆମେ ଗର୍ବ ଅନୁଭବ କରୁଁ ଯେ ଇଂରାଜୀ ଭାଷାରେ ଆମେ ସତେ ଯେପରି ଅଧିକ ଜ୍ଞାନୀ । ଆମ ରାଜ୍ୟରେ ଦୀର୍ଘ ଚବିଶ ବର୍ଷ ଧରି ମୁଖ୍ୟମନ୍ତ୍ରୀ ରହିବା ପରେ ମଧ୍ୟ ନବୀନ ପଟ୍ଟନାୟକ ସ୍ୱତଃପ୍ରବୃତ୍ତ ଭାବେ ଓଡ଼ିଆ କହି ପାରନ୍ତି ନାହିଁ କିମ୍ବା ଲେଖି ପାରନ୍ତି ନାହିଁ । ଏବେ ସେ ବିରୋଧୀ ଦଳର ନେତା । ଟିଭି ବା ୱେବ ଚାନେଲମାନଙ୍କରେ ସେ ବି ଇଂରାଜୀ ଭାଷାରେ ବିବୃତିମାନ ରଖି ଆସୁଛନ୍ତି । ଏବର ବିଜେପି ସରକାରଙ୍କ ଅମଳରେ ସ୍କୁଲ ବହିରେ ଯେଉଁସବୁ ତ୍ରୁଟିବିଚ୍ୟୁତି ଧରା ପଡ଼ିଛି, ମନେ ହେଉଛି, ନିଜ ମାତୃଭାଷା ଉପରେ ଦଖଲ ନଥିଲେ, ଅନ୍ୟାନ୍ୟ ଭାଷା ଉପରେ ମଧ୍ୟ ଦଖଲ ରହିବ ନାହିଁ । ତେଣୁ ପାଠ୍ୟପୁସ୍ତକରେ ଥିବା ତ୍ରୁଟିବିଚ୍ୟୁତିକୁ ପ୍ରସ୍ତୁତକର୍ତ୍ତା ଓ ଅଧିକାରୀମାନେ ଖାମଖିଆଲି ମନୋଭାବ ଯୋଗୁଁ ଧରି ପାରିଲେ ନାହିଁ । ତଦନ୍ତ ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ନେଇ ବିଭିନ୍ନ ପଦାଧିକାରୀଙ୍କୁ ସରକାରୀ କାର୍ଯ୍ୟରୁ ନିଲମ୍ବନ କରିବାକୁ ଆଦେଶ ଦେଇଛନ୍ତି । ମାତ୍ର ଏହି ଦଣ୍ଡାଦେଶକୁ ଆହୁରି କଠୋର କରାଯିବା ଉଚିତ ବୋଲି ସାଧାରଣ ଲୋକେ ଅନୁଭବ କରୁଛନ୍ତି । ମାତୃଭାଷା ପ୍ରତି ଆହୁରି ଅନେକ ସଂସ୍ଥା ଅମର୍ଯ୍ୟାଦା କରି ଆସୁଛନ୍ତି । ଏପରିକି ଅନେକ ଟିଭି ଚାନେଲରେ ଜଣ ଜଣକ ମୁହଁରୁ ଅନେକ ଥର 'ଓକେ' ବୋଲି ବାହାରି ଆସୁଛି । 'ଓକେ' ପରିବର୍ତ୍ତେ ନିଜର ମାତୃଭାଷା ଓଡ଼ିଆରେ 'ଠିକ୍ ଅଛି' ବୋଲି ମଧ୍ୟ କୁହାଯାଇ ପାରନ୍ତା । ଏପରି ତ୍ରୁଟିକୁ ପ୍ରତିବାଦ କରିବାର ମନୋବୃତ୍ତି ମଧ୍ୟ ଓଡ଼ିଆମାନଙ୍କର ନାହିଁ ।

ଶହେପାଞ୍ଚ ବର୍ଷ ପୂର୍ବେ ୧୯୨୧ରେ, ଗାନ୍ଧିଜୀ ଯେତେବେଳେ ପ୍ରଥମ ଓଡ଼ିଶା ଗସ୍ତରେ ଆସି କଟକରେ ଓଡ଼ିଆମାନଙ୍କୁ ଉଦ୍‌ବୋଧନ ଦେଇଥିଲେ, ସେତେବେଳେ ସେ ଇଂରାଜୀ ଭାଷା ଉପରେ ବେଶୀ ନିର୍ଭର ନ କରି ନିଜ ମାତୃଭାଷା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ମାତ୍ର ଗାନ୍ଧିଜୀ କହିବାର ଶହେ ବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାତୃଭାଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଫଳରେ ଉଚ୍ଚ ବୈଷୟିକ ଶିକ୍ଷା ଇଞ୍ଜିନିୟରିଂ ବା ଡାକ୍ତରୀ ପାଠ୍ୟକ୍ରମର ପୁସ୍ତକ ଏବେ ମାତୃଭାଷା ଓଡ଼ିଆରେ ପ୍ରସ୍ତୁତ ହୋଇ ପାରିଛି । ଏହାକୁ ଯେପରି ଫଳପ୍ରଦ କରାଯାଇ ପାରିବ, ତାହା ଆମେ ଚିନ୍ତା କରିବା କଥା ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

(ମହାତ୍ମା ଗାନ୍ଧି)

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## କାହିଁକି ଏ ଭିଡ଼-ହିଂସା ?



ଡ. ମୃଣାଳ ଚାଟାର୍ଜୀ

ଏ ବର୍ଷ, ୨୦୨୬ରେ ଓଡ଼ିଶାରେ ଘଟିଥିବା ତିନୋଟି ଘଟଣା: ଜୁନ ମାସରେ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକରେ ଅଣଓଡ଼ିଆ ଦୁଇଜଣ ଯୁବକ ଯୁବତୀଙ୍କୁ 'ପିଲା ଚୋର' ବୋଲି ସନ୍ଦେହ କରି କିଛି ଲୋକ ସେମାନଙ୍କୁ ମାଡ଼ ମାରିଲେ, ଯୁବତୀଙ୍କୁ ଅସଦାଚରଣ କଲେ । ମେ ମାସରେ ଭୁବନେଶ୍ୱର ନିକଟ ବାଲିଅନ୍ତାରେ ଜଣେ ରେଳବାଇ ପୋଲିସ କନେଷ୍ଟବଳ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଉତ୍ୟକ୍ତ ଲୋକେ ପିଟି ପିଟି ମାରିଦେଲେ । ଜାନୁଆରୀରେ ଗୋରୁ ଚାଲାଣ କରୁଥିବା ସନ୍ଦେହରେ ଜଣେ ଲୋକକୁ କିଛି ଲୋକ ପିଟି ପିଟି ମାରିଦେଲେ । ଏ ତିନୋଟି ଯାକ ହେଲା ଭିଡ଼ ହିଂସା ବା ମବ୍ ଲିଞ୍ଚିଂର ଉଦାହରଣ ।

**ଭିଡ଼-ହିଂସା (ମବ୍ ଲିଞ୍ଚିଂ) କଣ?**

ଭିଡ଼-ହିଂସା ହେଉଛି ଏପରି ଏକ ହିଂସାତ୍ମକ ଘଟଣା, ଯେଉଁଥିରେ ଏକ ଉତ୍ତେଜିତ ଭିଡ଼ କୌଣସି ବ୍ୟକ୍ତି କିମ୍ବା ଦଳକୁ ଅପରାଧୀ ବୋଲି ସନ୍ଦେହ କରି ଆଇନକୁ ନିଜ ହାତକୁ ନେଇ ମାଡ଼ ମାରେ, ଲାଞ୍ଛନା ଦିଏ, ଅନେକ ସମୟରେ ହତ୍ୟା କରେ । ଏହା ପଛରେ ଗୁଜବ, ଧର୍ମ, ଜାତି, ଶିଶୁ ଅପହରଣ/ଚୋରି ସନ୍ଦେହ କିମ୍ବା ସାମାଜିକ ଘୃଣା କାମ କରିପାରେ ।

ଲକ୍ଷଣୀୟ ଯେ ପ୍ରତ୍ୟେକ ଜନସମାବେଶ – 'ଭିଡ଼' ବା 'ମବ୍' ନୁହେଁ । 'ମବ୍' ଏକ ବିଶେଷ ସାମାଜିକ ଓ ମାନସିକ ଅବସ୍ଥାର ନାମ । ଏକ ଭିଡ଼ ସେତେବେଳେ ହିଁ 'ମବ୍'-ରେ ପରିଣତ ହୁଏ, ଯେତେବେଳେ ସେଠାରେ ଉପସ୍ଥିତ ବ୍ୟକ୍ତିମାନେ ନିଜସ୍ୱ ନୈତିକ ବିଚାରବୋଧ, ଆତ୍ମପରିଚୟ ଏବଂ ଦାୟିତ୍ୱବୋଧକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବେ ହରାଇ ଏକ ସାମୂହିକ ଭାବାବେଗର ଅଧୀନ ହୋଇପଡ଼ନ୍ତି । ସେହି ଭାବାବେଗ କ୍ରୋଧ, ଭୟ, ଘୃଣା, ପ୍ରତିଶୋଧସ୍ପୃହା, ଉନ୍ମାଦନା କିମ୍ବା ଉଲ୍ଲାସ ହୋଇପାରେ । ସେତେବେଳେ ମଣିଷ ଜଣେ ସ୍ୱତନ୍ତ୍ର ବ୍ୟକ୍ତି ଭାବରେ ନୁହେଁ, ବରଂ ଭିଡ଼ର ଏକ ଅଂଶ ଭାବରେ ଆଚରଣ କରିବାକୁ ଆରମ୍ଭ କରେ । ଆଉ ଏହି ରୂପାନ୍ତରର ମୁହୂର୍ତ୍ତଟି ହିଁ ସବୁଠାରୁ ଭୟଙ୍କର ।

**'ଭିଡ଼-ହିଂସା'ର କାରଣ**

ଫରାସୀ ସମାଜ-ମନସ୍ତତ୍ତ୍ୱବିତ୍ ଗୁସ୍ତାଭ ଲେ ବୋନ୍ ଉନବିଂଶ ଶତାବ୍ଦୀର ଶେଷଭାଗରେ ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ଦି କ୍ରାଉଡ୍ (The Crowd)-ରେ ଲେଖିଥିଲେ, ଭିଡ଼ର ଅଂଶ ଭାବରେ ମଣିଷ ଏପରି ଅନେକ କାର୍ଯ୍ୟ କରିପାରେ, ଯାହା ସେ ଏକା ଥିବାବେଳେ କଦାପି କରିନଥାନ୍ତା ବା କରି ପାରିନଥାନ୍ତା ।

କାରଣ ଭିଡ଼ ମଧ୍ୟରେ ବ୍ୟକ୍ତିର ଆତ୍ମସଚେତନତା କମିଯାଏ ଏବଂ ଭାବାବେଗ ଓ ଅନୁକରଣ ପ୍ରବୃତ୍ତି ବଢ଼ିଯାଏ । ଭିଡ଼ ମଧ୍ୟରେ ଜଣେ ବ୍ୟକ୍ତି ଅନୁଭବ କରିବାକୁ ଲାଗେ ଯେ ସେ ଆଉ ଏକା ନୁହେଁ ତା'ର ଦାୟିତ୍ୱ ମଧ୍ୟ ଯେପରି ସମସ୍ତଙ୍କ ମଧ୍ୟରେ ବାଣ୍ଟି ହୋଇଯାଇଛି । ଫଳରେ ଅପରାଧବୋଧ କମିଯାଏ ।

ଆଧୁନିକ ମନୋବିଜ୍ଞାନରେ ଏହାକୁ କୁହାଯାଏ ବ୍ୟକ୍ତିସତ୍ତାର ଅବଲୁପ୍ତି । ଯେତେବେଳେ ଜଣେ ମଣିଷ ଭିଡ଼ ମଧ୍ୟରେ ନିଜକୁ ଏକ ନାମହୀନ, ମୁହଁହୀନ ଅଂଶ ଭାବରେ ଅନୁଭବ କରିବାକୁ ଲାଗେ, ସେତେବେଳେ ତା'ର ବ୍ୟକ୍ତିଗତ ନୈତିକ ନିୟନ୍ତ୍ରଣ ଦୁର୍ବଳ ହୋଇଯାଏ ।

ଉଦାହରଣ ସ୍ୱରୂପ, ଜଣେ ସାଧାରଣ ମଣିଷ ଏକା ଥିବାବେଳେ ହୁଏତ କୌଣସି ଅପରିଚିତ ବ୍ୟକ୍ତିଙ୍କୁ ଚାପୁଡ଼ା ମାରିବାକୁ ସମର୍ଥ ହେବେ ନାହିଁ । କିନ୍ତୁ ଯଦି ସେ ଦେଖନ୍ତି ଯେ ଆଉ ପଚାଶ ଜଣ ସେହି ବ୍ୟକ୍ତିଙ୍କୁ ପିଟୁଛନ୍ତି, ତେବେ ତାଙ୍କ ହାତ ମଧ୍ୟ ଉଠିପାରେ । କାରଣ ସେତେବେଳେ ସେ ଆଉ ଭାବନ୍ତି ନାହିଁ-'ମୁଁ କ'ଣ କରୁଛି?' ବରଂ ଭାବନ୍ତି-'ଆମେ କ'ଣ କରୁଛୁ?' ବ୍ୟକ୍ତିର ନିଜସ୍ୱ ନୀତିବୋଧ ଯେତିକି ଥାଏ, ତାହା ମଧ୍ୟ ସାମୂହିକ ଭାବରେ ଲୁପ୍ତ ହୋଇଯାଏ ।

**ଭାରତରେ ଭିଡ଼-ହିଂସା ବଢୁଛି କି ?**

ଆଇନ ଦୃଷ୍ଟିରୁ ଦେଖିଲେ 'ଭିଡ଼-ହିଂସା'ର ନିର୍ଦ୍ଦିଷ୍ଟ ସଂଜ୍ଞା ଏଯାଏଁ ନିରୁପିତ ହୋଇ ନାହିଁ । ତେଣୁ 'ଭିଡ଼-ହିଂସା' ବଢୁଛି ବୋଲି ନିର୍ଦ୍ଦିଷ୍ଟ ଭାବେ କହି ହେବ ନାହିଁ କିନ୍ତୁ ଦେଶରେ ସନ୍ଦେହ ଓ ଅସହିଷ୍ଣୁତା ଯେ କ୍ରମଶଃ ବଢୁଛି ତାହା ସ୍ପଷ୍ଟ । ସାମାଜିକ ଗଣମାଧ୍ୟମର ବ୍ୟାପକ ବ୍ୟବହାର ଓ ପ୍ରସାର ଫଳରେ ଗୁଜବ ଖୁବ ଶୀଘ୍ର ପ୍ରସାରିତ ହୋଇ ଯାଉଛି ।

**ସନ୍ଦେହ ଓ ଅସହିଷ୍ଣୁତାର ପରିବେଶ**

ଭିଡ଼ ହିଂସାର ଦୁଇଟି ବଡ଼ କାରଣ ହେଲା ସନ୍ଦେହ ଓ ଅସହିଷ୍ଣୁତା । ସାରା ଦେଶରେ ଏହା ଧୀରେ ଧୀରେ ବଢିଚାଲିଛି । ଭାରତର ବିବିଧତାରେ ଏକତାର ଯେ ଧାରଣା, ତାହା ମଧ୍ୟ ଧୀରେ ଧୀରେ ହଜିଯାଉଛି । ଫଳରେ ମଣିଷର ମନରେ ପ୍ରବେଶ କରୁଛି ସେହି ଉଗ୍ରତା, ଯାହାକୁ ଆମେ ପ୍ରତିଦିନ ସମ୍ବାଦ, ଟେଲିଭିଜନ ଏବଂ ସୋସିଆଲ ମିଡିଆରେ ଦେଖୁଛୁ । [illegible] ପ୍ରକାଶ୍ୟ ପ୍ରଚାର ମଣିଷ ଭିତରେ ହିଂସାର ଏକ ଭାଇରସ ପ୍ରବେଶ କରାଇଛି, ଯାହା ତାକୁ ଆଉ ସହନଶୀଳ ରହିବାକୁ ଦେଉନାହିଁ, ଗଭୀର ଭାବରେ ଚିନ୍ତା କରିବାର ସୁଯୋଗ ମଧ୍ୟ ଦେଉନାହିଁ । ଆଉ ଯେତେବେଳେ ଏହି କ୍ରୋଧ ସାମୂହିକ ଭାବେ ଗଢ଼ିଉଠେ, ସେତେବେଳେ ତାହା ହୃଦୟହୀନ ସନ୍ତ୍ରାସରେ ପରିଣତ ହୁଏ ।



ଭିଡ଼ ହିଂସା କୌଣସି ବିଚ୍ଛିନ୍ନ ଘଟଣା ନୁହେଁ । ବରଂ ଏହା ଆମ ସମୟର ଏକ ଭୟଙ୍କର ଲକ୍ଷଣ । ଏମିତି ଏକ ସମୟ, ଯେତେବେଳେ ମଣିଷ ଧୀରେ ଧୀରେ ମଣିଷଠାରୁ ମଣିଷ ସମ୍ପର୍କରେ ଗଢ଼ିଉଠିଥିବା ସନ୍ଦେହକୁ ବିଶ୍ୱାସ କରୁଛି । ସେତେବେଳେ ପରିଚୟ ପୂର୍ବରୁ ଆସି ଛିଡ଼ା ହେଉଛି ଜାତି, ଧର୍ମ, ଭାଷା, ଅଞ୍ଚଳ, ରାଜନୈତିକ ଆନୁଗତ୍ୟ କିମ୍ବା ସାମାଜିକ ପରିଚିତି । ସନ୍ଦେହ ଓ ଅସହିଷ୍ଣୁତା ସାଧାରଣ ବୋଧ ଏବଂ ମାନବିକତାକୁ ନିଃଶେଷ କରି ଦେଉଛି ।

ଏହି ଅସହିଷ୍ଣୁତାର ସଂସ୍କୃତି କେବଳ ଧର୍ମୀୟ ମୌଳବାଦରେ ସୀମିତ ନୁହେଁ ଏହା ରାଜନୈତିକ ମୌଳବାଦରେ, ସାଂସ୍କୃତିକ ମୌଳବାଦରେ ଆଉ ଭାଷାଗତ ମୌଳବାଦରେ ମଧ୍ୟ ଅଛି । ଯେ କୌଣସି ବିଶ୍ୱାସ ଯେତେବେଳେ ନିଜକୁ ଏକମାତ୍ର ସତ୍ୟ ବୋଲି ଘୋଷଣା କରେ ଏବଂ ଅନ୍ୟ ସମସ୍ତ ମତକୁ ଅବୈଧ ବୋଲି ମନେ କରେ, ସେତେବେଳେ ମୌଳବାଦର ଜନ୍ମ ହୁଏ । ଆଉ ମୌଳବାଦର ପ୍ରକୃତି ହେଉଛି ଅସହିଷ୍ଣୁତା । ସେଠାରେ ପ୍ରଶ୍ନର ସ୍ଥାନ ନାହିଁ, ସଂଳାପର ସ୍ଥାନ ନାହିଁ, ଭିନ୍ନତାର ମଧ୍ୟ ସ୍ଥାନ ନାହିଁ । ସେଠାରେ ଅଛି କେବଳ ଆନୁଗତ୍ୟ ଏବଂ ଘୃଣା ।

ସନ୍ଦେହ ଭିଡ଼-ହିଂସାର ଆଉ ଏକ ଟ୍ରିଗର । ତା' ସହିତ ଯେତେବେଳେ ଯୋଡି ହୋଇଯାଏ ପ୍ରଚଳିତ ଆଇନ କାନୁନ ବ୍ୟବସ୍ଥା ପ୍ରତି ଅବିଶ୍ୱାସ ଏବଂ ହେୟ ଭାବ- ସେତେବେଳେ ଭିଡ଼ ଅନିୟନ୍ତ୍ରିତ ଏବଂ ହିଂସ୍ର ହୋଇ ଉଠେ ।

ଭିଡ଼ ହିଂସା (ମବ୍ ଲିଞ୍ଚିଂ) ଏକ ସାଧାରଣ ଅପରାଧ ନୁହେଁ, ଏହା ସଭ୍ୟତାବିରୋଧୀ ଏକ ଅପରାଧ । କାରଣ ଏହା ଆଇନକୁ ଅସ୍ୱୀକାର କରେ, ନ୍ୟାୟବ୍ୟବସ୍ଥାକୁ ଅସ୍ୱୀକାର କରେ ଏବଂ ସବୁଠାରୁ ବଡ଼ କଥା ହେଲା, ମଣିଷର ମାନବୀୟ ମର୍ଯ୍ୟାଦାକୁ ଅସ୍ୱୀକାର କରେ ।

ଯେଉଁ ମୁହୂର୍ତ୍ତରେ କିଛି ଲୋକ ନିଷ୍ପତ୍ତି ନିଅନ୍ତି ଯେ ସେମାନେ କାହାର ବିଚାର କରିବେ, ଦଣ୍ଡ ଦେବେ, ଏପରିକି ହତ୍ୟା କରିବେ, ସେହି ମୁହୂର୍ତ୍ତରେ ସେମାନେ କେବଳ ଜଣେ ବ୍ୟକ୍ତିଙ୍କ ବିରୋଧରେ ନୁହେଁ, ସମଗ୍ର ସଭ୍ୟତା ବିରୋଧରେ ଠିଆ ହୁଅନ୍ତି । କାରଣ ସଭ୍ୟତାର ମୂଳ ଭିତ୍ତି ହେଉଛି-କେହି ଅପରାଧୀ ହୋଇଥିଲେ ମଧ୍ୟ ତା'ର ବିଚାର ଆଇନ ମାଧ୍ୟମରେ ହେବ, ଜନତାର ଦରବାରରେ ନୁହେଁ ।

**(ଲେଖକ ସାମ୍ବାଦିକତା ଓ ଗଣଯୋଗାଯୋଗ କ୍ଷେତ୍ରର ଅବସରପ୍ରାପ୍ତ ପ୍ରଫେସର ଏବଂ ଜଣେ ସୃଜନଶୀଳ ଲେଖକ । ବର୍ତ୍ତମାନ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଫ୍ ପ୍ରାକ୍ଟିସ ଭାବେ କାର୍ଯ୍ୟ କରୁଛନ୍ତି)**

**ନିର୍ମାଲ୍ୟ, VIP ୨୧, ଲିଟିଲ ଓଡ଼ିଶା,**
**ଛତାବର, ଭୁବନେଶ୍ୱର ୭୫୨୦୫୪**
**ମୋ-୯୪୩୭୦୨୬୧୯୪**
**ମୋ-୯୧ ୯୪୩୭୦ ୨୬୧୯୪**

**ସନ୍ଦେହ ଭିଡ଼-ହିଂସାର ଆଉ ଏକ ଟ୍ରିଗର । ତା' ସହିତ ଯେତେବେଳେ ଯୋଡି ହୋଇଯାଏ ପ୍ରଚଳିତ ଆଇନ କାନୁନ ବ୍ୟବସ୍ଥା ପ୍ରତି ଅବିଶ୍ୱାସ ଏବଂ ହେୟ ଭାବ- ସେତେବେଳେ ଭିଡ଼ ଅନିୟନ୍ତ୍ରିତ ଏବଂ ହିଂସ୍ର ହୋଇ ଉଠେ ।**

## ସ୍ନାନବେଦୀରେ ଦାରୁବ୍ରହ୍ମ



ଦିଲ୍ଲୀପ ଶତପଥୀ

ଦାରୁବ୍ରହ୍ମଙ୍କ ଲୀଳାକ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁଙ୍କ ବାର ମାସରେ ତେର ଯାତ୍ରାକୁ ମାନବୀୟ ଢଙ୍ଗରେ ପାଳନ ହେଉଛି ଉତ୍କଳୀୟ ପରମ୍ପରା । ବଡ଼ ଠାକୁର ଭାଇଭଉଣୀଙ୍କ ସହିତ ସାଧାରଣ ମଣିଷଟିଏ ପରି ସମସ୍ତ ଲୀଳା ଭକ୍ତମାନଙ୍କ ପାଇଁ ଭକ୍ତମାନଙ୍କ ଦ୍ୱାରା ସମ୍ପାଦିତ କରିଥାନ୍ତି । ସ୍ନାନ ଉତ୍ସବ ବା ମଞ୍ଚସ୍ନାନ ଏକ ଶାସ୍ତ୍ରୀୟ ଭିତ୍ତିଭୂମିର ଲୀଳା । ମହାପ୍ରଭୁଙ୍କ ଆର୍ବିଭାବ ସମୟରେ ପ୍ରଥମେ ଏହି ସ୍ନାନ ହୋଇଥିବରୁ ଏହାକୁ ଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି କୁହାଯାଏ । ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନଲୀଳା କରାଇଥିଲେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ।

ସେତେବେଳେ ସ୍ନାନମଣ୍ଡପ ନଥିବାରୁ ଏକ କାଠର ମଞ୍ଚ ତିଆରି କରି ତାହା ଉପରେ ସ୍ନାନବିଧି ସମାପନ କରା ଯାଉଥିଲା । ସେଥିପାଇଁ ଅନେକ ଶାସ୍ତ୍ରରେ ଏହାକୁ ମଞ୍ଚସ୍ନାନ ବୋଲି ଉଲ୍ଲେଖ ଅଛି । ଶାସ୍ତ୍ରମତରେ ୧୦୮ ସୁନା କଳସରେ ଅଭିମନ୍ତ୍ରିତ ପବିତ୍ର ଜଳରେ ଦାରୁବ୍ରହ୍ମଙ୍କ ଆଦ୍ୟ ସ୍ନାନଲୀଳା ସମାପନ ହେଉଥିଲା ।

ସୂଚନାଯୋଗ୍ୟ, ଶାସ୍ତ୍ର ମତରେ ଜ୍ୟୋଷ୍ଠ ପୂର୍ଣ୍ଣିମା ଦିବସରେ ମହାପ୍ରଭୁଙ୍କ ଆର୍ବିଭାବ ହେଉଥିଲା । ଜ୍ୟୋଷ୍ଠମାସ ପୂର୍ଣ୍ଣମାରେ ମହାପ୍ରଭୁଙ୍କ ଜାତି, ବର୍ଣ୍ଣ, ନିର୍ବିଶେଷରେ ସ୍ନାନ ମଣ୍ଡପରେ ବିଜେ ହୋଇ ସମସ୍ତ ଭକ୍ତଗଣଙ୍କୁ ଦର୍ଶନ ଦେଉଥିବାରୁ ଏହି ଲୀଳାକୁ ପତିତପାବନ ଲୀଳା ମଧ୍ୟ କୁହାଯାଏ ।

ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ସାଧାରଣ ଦିନପରି ଶ୍ରୀମନ୍ଦିରରେ କବାଟଫିଟା, ପାହାନ୍ତିଆ ଅବକାଶ, ଗୋପାଳବଲ୍ଲଭ, ସକାଳଧୂପ, ଦ୍ୱିପ୍ରହରଧୂପ ଆଦି ସମସ୍ତ ନୀତିର ସମାପନ ପରେ ସ୍ୱଳ୍ପସମୟ ପାଇଁ ପହୁଡ଼ ହୁଏ ଓ ପରେ ପରେ ସ୍ନାନ ପୂର୍ଣ୍ଣିମାର ବିଧି ଆରମ୍ଭ ହେଇଯାଏ । ଏହିଦିନ କୋଠ ସିଆଁସିଆ ମନ୍ଦିରରେ ପ୍ରବେଶ କରନ୍ତି ଓ ପହଣ୍ଡି ପାଇଁ ଚାରମାଳ ବାନ୍ଧନ୍ତି । ପ୍ରଭୁଙ୍କର ସେନାପଟା ଓ ବାହୁଟିନାଗି ହୁଏ । ରତ୍ନ ସିଂହାସନ ଉପରେ ମଙ୍ଗଳାର୍ପଣ କରାଯାଏ ।

ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦଇତାମାନେ ପହଣ୍ଡି କରାଉଥିବା ବେଳେ ମଦନମୋହନଙ୍କୁ କେବଳ ମହାଜନ ସେବକମାନେ (ବ୍ରାହ୍ମଣ ଗୋଷ୍ଠୀର ସେବକ) ବିଜେ କରାଇଥାନ୍ତି । ପହଣ୍ଡି ବିଜେ ସମୟରେ ସାତ ପାହଚ ଉପରେ ଠାକୁରମାନେ ଚୂଳ ଓ ଟାହିଆ ଲାଗି ହୁଅନ୍ତି । ଏହି ସାତପାହଚ ଉପରେ ଟାହିଆ ଲାଗି ହେବାପରେ ଦ୍ୱିତୀୟ ମଙ୍ଗଳାର୍ପଣ ହୁଏ । ତା ପରେ ବନ୍ଦାପନା ଓ ପରେ ପରେ ରାଘବଦାସ ମଠରୁ ଆସିଥିବା ଘଷା ନାଗି କରାଯାଏ । ପନ୍ତି ଖାଇ ଖାଇ ଠାକୁରମାନେ ସ୍ନାନବେଦିକୁ ଯାଇ ନିଜର ଆସ୍ଥାନ ଉପରେ ଅବସ୍ଥାନ କରନ୍ତି । ସୁଆର ବଡୁ ଅମୃଣିଆ ପାଣି ଛିଞ୍ଚନ୍ତି । ଗରାବଡୁ ସୁବର୍ଣ୍ଣକଳସ ଧରି ଶୀତଳାଦେବୀଙ୍କ ସମ୍ମୁଖସ୍ଥ ଓ ବର୍ଷତମାମ ଅପବ୍ୟବହୃତ ହୋଇ ରହିଥିବା ସ୍ୱର୍ଣ୍ଣକୂପରୁ ଜଳ ଆଣନ୍ତି । ଦେବସ୍ନାନ ପୂର୍ଣ୍ଣିମାର ପୂର୍ବ ଦିନ ମହାପ୍ରଭୁଙ୍କ ପାଇଁ ଶ୍ରୀମନ୍ଦିରର ଦେବଯାନ ମାର୍ଗରେ ଅବା ସୁନା କୂଅରୁ ୧୦୮ କଳସ ଜଳ ସଂଗ୍ରହ କରାଯାଏ । ଏହି ସୁନା କୂଅଟି ଶୀତଳା ଠାକୁରାଣୀ ଓ ତାଙ୍କ ବାହାନ ସିଂହଙ୍କ ମଧ୍ୟରେ ଅବସ୍ଥିତ ।

ପରେ ଯେପରି ଏହି କୂଅକୁ ବର୍ଷସାରା ସିଂହ ହିଁ ସୁରକ୍ଷିତ ରଖିଥାଏ । କୂଅର ବ୍ୟବହାର ବର୍ଷସାରା ନଥିବାରୁ ଜନପଦୀୟ ତାନ୍ତ୍ରିକ ପରମ୍ପରାରେ ଏହି ଜଳକୁ 'ଅଣଛୁଠ ପାଣି' ବୋଲି ଗ୍ରହଣ କରାଯାଏ ।

ସ୍ନାନଲୀଳାରେ ବୈଦିକ ବିଧିରେ ସ୍ନାନ ଜଳ ଅଭିମନ୍ତ୍ରିତ ହେଉଥବା ବେଳେ ସ୍ଥାନ କାଳରେ ତାନ୍ତ୍ରିକ ବିଧିରେ ତେରଟି ପଦାର୍ଥ ମିଶ୍ରଣ କରାଯାଏ । ଯଜ୍ଞ ପରମ୍ପରାରେ ଏହି କୂଅକୁ 'ପ୍ରଣୀତାକୂପ' ବୋଲି କୁହାଯାଏ । ପ୍ରାଚୀନ କାଳରେ ମଧ୍ୟ ଓଡ଼ିଶାରେ ଛୁଆଟିଏ ଜନ୍ମ ହେଲେ ତାହାକୁ ଅଣଛୁଠ ପାଣି ମିଶ୍ରଣ କରାଯାଇ ସ୍ନାନ କରିବାର ପରମ୍ପରା ରହିଥଲା । ଏହାଦ୍ୱାରା ଦୁଷ୍ଟ ଶକ୍ତିଙ୍କ ପ୍ରଭାବ କଅଁଳା ପିଲାଙ୍କ ଉପରେ ପଡ଼େନାହିଁ ।

ଅଭିମନ୍ତ୍ରିତ ହୋଇଥିବା ଜଳରେ ୧୦୮ କଳସରେ ଅଷ୍ଟବନ୍ଧ, କୃଷ୍ଣ-ଅଗୁରୁ, ଉଶୀର, ଗୋରଚନା, ଦେବଦାରୁ, ମୁଥା, ହରିତାଳ, ବାହାଡ଼ା, ଆମଳକୀ, ସଞ୍ଜିଷ୍ଠା, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ ଓ ଲୋଧା ମିଶ୍ରତ କରାଯାଏ । ଏହି ମହୌଷଧି ମିଶ୍ରଣ କରାଯିବା ପରେ ଜଳକୁ ଅଭିମନ୍ତ୍ରିତ କରାଯାଏ । ସେହି ଗନ୍ଧଯୁକ୍ତ ଅଭିମନ୍ତ୍ରିତ ଜଳରେ ଶ୍ରୀଜିଉମାନଙ୍କୁ ୧୦୮ ଗରା ଜଳରେ ସ୍ନାନ କରାଯାଏ । ଏହି ଜଳରୁ ୩୫ ଗରା ଜଗନ୍ନାଥଙ୍କୁ, ୩୩ ଗରା ବଳଭଦ୍ରଙ୍କୁ, ୨୨ ଗରା ସୁଭଦ୍ରାଙ୍କୁ ଓ ୧୮ ଗରା ସୁଦର୍ଶନଙ୍କୁ ସ୍ନାନ କରାଯାଏ ।



ଶ୍ରୀଜିଉଙ୍କୁ ଏହି ଦିନ ଗଜାନନ ବେଶ କରାଯାଏ । ଏହି ଦିନ ରାଘବଦାସ ମଠ ପକ୍ଷରୁ ଦେବୀ ସୁଭଦ୍ରାଙ୍କୁ ଫୁଲଚୂଳ, ଚନ୍ଦ୍ରିକା ଓ ଛତ୍ରି ନାଗି କରାଯାଇ ବେଶ କରାଯାଏ । ଗୋପାଳତୀର୍ଥ ମଠଦ୍ୱାରା ପ୍ରଦତ୍ତ ଶ୍ରୀବଳଭଦ୍ରଙ୍କୁ ଗଜାନନ ବେଶ ଓ ସୁଦର୍ଶନଙ୍କୁ ଚକ୍ର ଲାଗି କରାଯାଏ । ଏହି ଦିନ ତିନି ଧୂପ ବଦଳରେ ଗୋଟିଏ ଧୂପ ଦିଆଯାଏ ।

ତା'ପରେ ଠାକୁରମାନେ ଶ୍ରୀମନ୍ଦିର ମଧ୍ୟକୁ ଗୋଟି ପହଣ୍ଡିରେ ଫେରନ୍ତି । ଭିତର କାଠ ପାଖ ଅଣସର ପିଣ୍ଡିରେ ଠାକୁରମାନେ ବିଜେ କରିବାପରେ ତାଟି ବନ୍ଧାଯାଏ ଓ ପଟିମୂର୍ତ୍ତି ସ୍ଥାପନା କରାଯାଏ । ତା'ପରେ ଏହି ଚତୁର୍ଦ୍ଧାମୂର୍ତ୍ତି ସ୍ନାନପୂର୍ଣ୍ଣିମାଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ ଧରି ଜ୍ୱରରେ ପଡ଼ନ୍ତି । ଏହାକୁ 'ଅଣସର' କୁହାଯାଏ ।

ଏହି ୧୫ ଦିନ ଭକ୍ତମାନେ ଜିଉମାନଙ୍କର ଦର୍ଶନ ପାଆନ୍ତି ନାହିଁ । ଏହି ସମୟରେ ଭକ୍ତମାନେ ବ୍ରହ୍ମଗିରିରେ ପୂଜିତ ହେଉଥିବା ଅଲାରନାଥଙ୍କୁ ଦର୍ଶନ କରନ୍ତି । ଶ୍ରୀମନ୍ଦିର ରତ୍ନ ସିଂହାସନରେ ଶ୍ରୀଜିଉଙ୍କୁ ଦର୍ଶନ କରିବାରେ ଯେତିକି ପୁଣ୍ୟ ମିଳେ, ଅଣସର ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ସେତିକି ପୁଣ୍ୟ ମିଳେ ବୋଲି ପ୍ରବାଦ ରହିଛି ।

**ମାତୃ ପିତୃ କୃପା, ୫୦୮,**
**ନୁଆସାହି,**
**ନୂଆପଲ୍ଲୀ,**
**ଭୁବନେଶ୍ୱର- ୭୫୧୦୧୨**
**ମୋ- ୯୪୩୭୧୭୫୭୬୪**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ହେଲିକପ୍ଟର ଦୁର୍ଘଟଣାରେ ଚାଲିଗଲା ୧୪ ଜୀବନ

ରିୟାଦ,୨୮।୬: ସାଉଦି ଆରବର ରାସ ଟାନୁରାରେ ତୈଳ କମ୍ପାନି ଅରାମକୋର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ହେଲିକପ୍ଟରରେ ଥିବା ସମସ୍ତ ୧୪ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ରବିବାର ସକାଳେ ଏହି ହେଲିକପ୍ଟର ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। କାରଣ ଜାଣିବା ପାଇଁ ସାଉଦି ଆରବର ଶକ୍ତି ମନ୍ତ୍ରଣାଳୟ ତଦନ୍ତ ନିର୍ଦ୍ଦେଶ ଦେଇଛି। ମୃତକଙ୍କ ମଧ୍ୟରେ ସମସ୍ତେ ସାଉଦି ଆରବ ନାଗରିକ ଅଛନ୍ତି।

# କବିତା ପୁସ୍ତକ ମୂର୍ଚ୍ଛନା ଉନ୍ମୋଚନ

ବାଲେଶ୍ୱର ,(ସବ୍ୟୁ): ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର ଦ୍ୱାରା ପ୍ରକାଶିତ ଦିଲ୍ଲୀପ କୁମାର ବେହେରାଙ୍କ ଦ୍ୱିତୀୟ କବିତା ପୁସ୍ତକ "ମୂର୍ଚ୍ଛନା'ର ଶୁଭ ଉନ୍ମୋଚନ ଷ୍ଟେସନକ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଛି । ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ଡକ୍ଟର କାଳୀପଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବର ଡକ୍ଟର ରାଖାଲ ଚନ୍ଦ୍ର ଘଡ଼ାଇ, ଡକ୍ଟର ନୀଳକ= ଖଣ୍ଡା, ଅଧ୍ୟାପକ ରମାକାନ୍ତ ଦେ, କବୀ ସୈରିନ୍ଧ୍ରୀ ସାହୁ ,ଆଡ଼ଭୋକେଟ ତଥା ଗାଳ୍ପିକ ଚିନ୍ମୟ କୁମାର ଦାସ ପ୍ରମୁଖ ଯୋଗ ଦେଇ ପୁସ୍ତକ ଓ ଲେଖକ ସଂପର୍କରେ ଆଲୋଚନା କରି ଏହି କବିତା ସଂକଳନ ଖୁବ୍ ଶିକ୍ଷଣୀୟ ବୋଲି କହିଥିଲେ । ଆକାଶବାଣୀ ସମ୍ବଲପୁରର ଉଦ୍‌ଘୋଷିକା ମିତା ପଟ୍ଟନାୟକ ଏହି ଉତ୍ସବରେ ସଂଯୋଜନା କରିଥିଲା ବେଳେ ଲେଖକ ଦିଲ୍ଲୀପ କୁମାର ବେହେରା ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ଲେଖକ ଓ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦାନ କରିଥିଲେ ।

## ତାମିଲନାଡୁ ଗ୍ୟାସ ଲିକ୍ ଘଟଣା

# ଆଉ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପାଲଲହଡ଼ା,୨୮।୬,(ସବ୍ୟୁ): ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ଅନ୍ତର୍ଗତ କାନିଗାଇପେରସ୍ଥିତ ସେଣ୍ଟ ପିଟର୍ ଆଣ୍ଡ ପାଉଲି କମ୍ପାନିରେ ଚଳିତ ମାସ ୨୧ ତାରିଖ ଦିନ ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଆଉ ଜଣେ ଓଡ଼ିଆ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଅନୁଗୁଳ ଜିଲ୍ଲା ପାଲଲହଡ଼ା ବ୍ଲକ ଆଲୋରି ପଞ୍ଚାୟତ ଅନ୍ଧାରୀ ସାହିର ବୁଧୁବାରୀ ନାୟକ (୨୫)। ଏହାଫଳରେ ମୃତ ଓଡ଼ିଆ ଶ୍ରମିକଙ୍କ ସଂଖ୍ୟା ୧୩ରେ ପହଞ୍ଚିଛି। ଦାଦନ ଖଟିବାକୁ ଯାଇଥିବା ଆଦିବାସୀ ବିଧବା ମହିଳା ବୁଧୁବାରି ନାୟକ (୨୫) ତାମିଲନାଡୁ ଗ୍ୟାସ ଲିକ ଘଟଣାରେ ମୃତ୍ୟୁବରଣ କରିଛନ୍ତି ।ଗତକାଲି ତାଙ୍କର ମର ଶରୀରକୁ ଭୁବନେଶ୍ୱର ବିମାନ ବନ୍ଦରରେ ଓ ପରେ ପାଲଲହଡ଼ାରେ ସହକାରୀ ଶ୍ରମ ଅଧିକାରୀ ମାଇକେଲ ଜୁଯୋ ଏବଂ ଖମାର ପୁଲିସ ରାତି ୧ଟା ବେଳେ ପରିବାରକୁ ମୃତଦେହ ହସ୍ତାନ୍ତର କରିଥିଲେ। ତାଙ୍କ ମୃତ ଶରୀର ପହଞ୍ଚିବା ପରେ ଗାଁରେ ଶୋକର ଛାୟା ଖେଳି ଯାଇଛି । ଏହି ଗରିବ ଅଧିବାସୀ ପରିବାରକୁ ସରକାରୀ ସହାୟତା ଦେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି ।

# ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

ଧାମନଗର , (ସବ୍ୟୁ): ଧାମନଗର ଏନଏସି ତରଫରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସଭପତିବରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ,ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର,ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ,ନଗର ପ୍ରତିନିଧି ସରୋଜ କୁମାର ମହାପାତ୍ର,ଏନଏସି ଉପାଧକ୍ଷ ଓସିମ ଏଜଦାନି କାଦିରୀ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ସହିତ ଧାମନଗର ଏନଏସି ଅଞ୍ଚଳରେ ବହୁ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା କହିଥିଲେ ।ଧାମନଗରରେ ନୂତନ ବସଷ୍ଟାଣ୍ଡ ନିର୍ମାଣ,ଐତିହାସିକ ଜଗୁସାଗର ପୋଖରୀ ର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ,ଉନ୍ନତ ମାନର ଗୋଶାଳା ନିର୍ମାଣ,ଡ୍ରେନେଜ ବ୍ୟବସ୍ଥା,ମେଗା ପାର୍କ ନିର୍ମାଣ, ସହରୀ ଆଲୋକି କରଣ ଆଦି ବିଭିନ୍ନ ପ୍ରକଳ୍ପ ସହରାଞ୍ଚଳରେ ଚାଲିଥିବା ବେଳେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକାରୀ ଏବଂ ନେତାମାନେ ସୂଚନା ପ୍ରଦାନ କରିଥିଲେ । କନିଷ୍ଠ ଯନ୍ତ୍ରୀ ନୀଳକ= ନାୟକ, ଧନେଶ୍ୱର ଧଳ,ଇରୁଲ ଓରା,ବିଜୟ ଦାସ,ସୁଶାନ୍ତ ବଳ,ସରତ ଦାସ,ମନୋଜ ଦାସଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶେଷରେ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେବସ୍ଥଳୀ ନିକଟରୁ ଜବରଦଖଲ ଉଚ୍ଛେଦ ଦାବି

ବାଲେଶ୍ୱର, (ସବ୍ୟୁ): ସଦର ବ୍ଲକ୍ ସାର୍ଥା ଗ୍ରାମରେ ଥିବା ବାବା ବୈଦ୍ୟନାଥ ମନ୍ଦିର ଓ ହରିହର ଭାଗବତ ଆଶ୍ରମ ସମ୍ମୁଖ ଓ ପାର୍ଶ୍ୱରେ ଜବରଦଖଲ ପାଇଁ ଅସନ୍ତୋଷ ତେଜୁଛି । ଉଚ୍ଛେଦ ପାଇଁ ପୂର୍ବରୁ ଗ୍ରାମବାସୀ ବାରମ୍ବାର ଦାବି କରିଥିଲେ ମଧ୍ୟ ପ୍ରଶାସନ ପଦକ୍ଷେପ ଗ୍ରହଣ କରି ନାହିଁ । ଫଳରେ ଗ୍ରାମବାସୀ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମର ସୂର୍ଯ୍ୟକାନ୍ତ ମିଶ୍ର, ସରୋଜ କୁମାର ବାରିକ, ଶଶିକାନ୍ତ ବେହେରା, ନିର୍ମଳ ବେହେରା, ସୁଶୀଲ କୁମାର ସାହୁ, ରାମକୃଷ୍ଣ ସାହୁ, ସଞ୍ଜୟ ପରିଡ଼ା, ଅନନ୍ତ ବେହେରା ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ । ଜବରଦଖଲ ଉଚ୍ଛେଦ ନହେଲେ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଉକ୍ତ ଦେବସ୍ଥଳୀରେ ପ୍ରତ୍ୟେକଦିନ ଶୈବପୂଜା ଏବଂ ସନ୍ଧ୍ୟାରେ ଭାଗବତ କଥାମୃତ ଓ ଗୀତାପାଠ ହୋଇଥାଏ । ମନ୍ଦିର ସମ୍ମୁଖରେ ଜଣେ ବ୍ୟକ୍ତି ଏକ ତେଜରାତି ଦୋକାନ କରି ପାନ, ଗୁଟକା, ବିଡ଼ି, ସିଗାରେଟ୍ ଆଦି ବିକ୍ରି କରିଆସୁଛନ୍ତି ।

**AFFIDAVIT**

I, SHAIKH SAMEER, S/O- SHEIK AKBAR, RESIDENT AT– KHAJA STREET, CORPORATION ROAD, BERHAMPUR- 760001, PS-TOWN THANA, DIST-GANJAM, ODISHA. Declare by this Affidavit No-728, dt 25.06.2026. That now on wards I shall be known as **SHEIK SAMEER** for all features purposes.

**AFFIDAVIT**

I, SHAIKH AKBAR, S/O- SHEIK EBRAHIMA, RESIDENT AT– KHAJA STREET, CORPORATION ROAD, BERHAMPUR- 760001, PS-TOWN THANA, DIST-GANJAM, ODISHA. Declare by this Affidavit No-732, dt 25.06.2026. That now on wards I shall be known as **SHEIK AKBAR** for all features purposes.

**AFFIDAVIT**

By virtue of an affidavit sworn before Notary Public, bhubaneswar , dated 11/06/2026 I, **Salma Hembram**, Address At- Kendumara, Po-Majhigaon, Ps- Bisoi, Dist-Mayurbhanj, Odisha, Pin-757033 declare that I have changed the name of my son from **Chaitan Hembram** to **Sipun Hembram**. Henceforth, he shall be known as **Sipun Hembram** for all purposes.

Sd/- Salma Hembram

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 11/06/2026 I, **Bhagya Laxmi Acharya**, Address: At- Puran, Po- Purana, Ps- Biridi, Dist- Jagatsinghapur declare that I have changed my name from **Bhagyalaxmi Acharya** to **Bhagya Laxmi Acharya**. Henceforth, I shall be known as, **Bhagya Laxmi Acharya** for all purposes.

Sd/- Bhagya Laxmi Acharya

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ମହାପ୍ରଭୁଙ୍କ....

ଶ୍ରୀମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ ସେକ୍ଟର ବ୍ୟବସ୍ଥା କରାଯାଇଥିବା ବେଳେ ଦର୍ଶନ ପରେ ଭକ୍ତମାନେ ଯେଭଳି ମନ୍ଦିର ଭିତରେ ନ ରହିବେ ସେଥିପାଇଁ କ୍ଲିଅରାନ୍ସ ଟିମ୍ କୁ ମୁତୟନ କରାଯାଇଛି। ଚଳିତବର୍ଷ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ୩ ରୁ ୪ ଲକ୍ଷ ଭକ୍ତଙ୍କ ଆଗମନ ହେବାର ସମ୍ଭାବନା ଥିବାରୁ ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ସୁରକ୍ଷା ପାଇଁ ୭୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିର ଭିତରେ, ବାହାରେ ଏବଂ ବଡ଼ଦାଣ୍ଡରେ ସିସିଟିଭି କ୍ୟାମେରା ଲଗାଯାଇ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ନଜରରେ ରଖାଯାଇଛି।

ପୁରୀ ସହରକୁ ଆସୁଥିବା ଗାଡ଼ି ଗୁଡ଼ିକ ରଖିବା ପାଇଁ ବଡ଼ଦାଣ୍ଡ ଏବଂ ସମୁଦ୍ର କୂଳ ନିକଟରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ସହାୟତା ଏବଂ ଯୋଗାଯୋଗ ପାଇଁ ପୁରୀ ପୋଲିସ ଚାର୍ଟବଟ ନଂ ୮୭୬୩୧୯୯୪୦୦ ଏବଂ ଏମର୍ଜେନ୍ସି କଣ୍ଟାକ୍ଟ ନଂ ୧୧୨ ରେ ଯୋଗାଯୋଗ କରିବା ପାଇଁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିସହ ପୁରୀ ପୋଲିସର ସୂଚନା ଜାଣିବା ପାଇଁ ପୁରୀ ପୋଲିସର ସୋସିଆଲ ମିଡ଼ିଆ ଆକାଉଣ୍ଟ କୁ ଫେଲୋ କରିବାକୁ କୁହାଯାଇଛି।

### ସ୍ୱଦେଶ ଫେରିଯିବେ...

ଲିଗ୍ ଉପରେ ମଧ୍ୟ ପ୍ରତିବନ୍ଧ ଲଗାଯାଇଛି। କିନ୍ତୁ ଏସବୁ ଘଟଣାକୁ ନେଇ ସେ ବିଚଳିତ ନଥିବା ପରି ହସିନା କହିଛନ୍ତି, ମୁଁ ଚଳିତ ବର୍ଷ ମୋ ଘରକୁ ଫେରିବି। ନିର୍ବାସନରେ ଥିବା ଆୱାମୀ ଲିଗ୍ ନେତା ଘୋଷଣା କରି କହିଥିଲେ ଯେ, ତାଙ୍କ ଦଳ କେବଳ ଏକ ସଂଗଠନ ନୁହେଁ ବରଂ ଏକ ଶକ୍ତି। ସଂଖ୍ୟାଲଘୁଙ୍କ ଉପରେ ଯେକୌଣସି ଆକ୍ରମଣ ବାଂଲାଦେଶର ସ୍ୱାଧୀନତା ଉପରେ ଆକ୍ରମଣ ବୋଲି କହିଥିଲେ ।ଦେଶବ୍ୟାପୀ ନିଷେଧକୁ ଅବମାନନା କରି ଆୱାମୀ ଲିଗ୍ ଗତ ମଙ୍ଗଳବାର (ଜୁନ୍ ୨୩) ତା'ର ୭୭ତମ ପ୍ରତିଷ୍ଠା ଦିବସ ପାଳନ କରିଥିଲା। କଡ଼ା ସୁରକ୍ଷା ମଧ୍ୟରେ ଏହାର ଡଜନ ଡଜନ କର୍ମୀଙ୍କୁ ଗିରଫ କରାଯାଇଥିଲା। ସାକ୍ଷାତକାରରେ ଶେଖ୍ ହସିନା କହିଛନ୍ତି, ମୋର ଫେରିବା ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷାର ପ୍ରଶ୍ନ ନୁହେଁ। ବାଂଲାଦେଶର ଲୋକଙ୍କ ରାଜନୈତିକ ଅଧିକାର, ଗଣତନ୍ତ୍ରର ପୁନରୁଦ୍ଧାର, ଆଇନର ଶାସନ ଓ ଆମର ମୁକ୍ତି ଯୁଦ୍ଧର ଆତ୍ମା। ମୁଁ କ୍ଷମତା ପାଇଁ ରାଜନୀତି କରେ ନାହିଁ। ବାଂଲାଦେଶର ଲୋକଙ୍କ କଲ୍ୟାଣ ଓ ଜାତିର ପିତା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କ ସ୍ୱପ୍ନ ପୂରଣ ପାଇଁ ରାଜନୀତି କରେ। ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଅବୈଧ, ଅସାମ୍ବିଧାନିକ ମଧ୍ୟବର୍ତ୍ତୀକାଳୀନ ସରକାର ଓ ବର୍ତ୍ତମାନର ବିଏନ୍ପି ସରକାରଙ୍କ ଅଧୀନରେ ଲୋକମାନେ ନିଜ ଆଖିରେ ବାସ୍ତବତା ଦେଖୁଛନ୍ତି। ବାଂଲାଦେଶରେ ବର୍ତ୍ତମାନ ଗଣତନ୍ତ୍ର ନାହିଁ। ଆଇନର ଶାସନ ନାହିଁ। କୌଣସି ସୁରକ୍ଷା ନାହିଁ। ଅର୍ଥନୀତି ଦୁର୍ବଳ ହୋଇଛି। ସଂଖ୍ୟାଲଘୁ ଆକ୍ରମଣର ଶିକାର ହେଉଛନ୍ତି। ଉଗ୍ରବାଦ ବ୍ୟାପିବାରେ ଲାଗିଛି।

### ନେପାଳ ସୀମାରୁ...

ସୀମା ପାଖ ଦ୍ରାର୍ଜିଲିଂ ଜିଲ୍ଲାର ଖିରିବାରୀ ଥାନା ଅଞ୍ଚଳରେ ସେ ଆତ୍ମଗୋପନ କରିଛି। ଖିରିବାରୀ ଥାନା ପୋଲିସ ସହାୟତାରେ ପୋଲିସ ଥାନାର ତଦନ୍ତ କରି ସେହି ଅଞ୍ଚଳ ପାଣିଟାଙ୍କୀ ନିକଟବର୍ତ୍ତୀ ଅଞ୍ଚଳରେ ଚଢ଼ାଉ କରି ସଚ୍ଚିଦାନନ୍ଦ ଭୋଇକୁ ଗିରଫ କରିଥିଲା। ସିଲିଗୁଡ଼ି କୋର୍ଟ ଅନୁଭୂତିକ୍ରମେ ଅଭିଯୁକ୍ତକୁ ଟ୍ରାଞ୍ଜିଟ ଭୁବନେଶ୍ୱର ଅଣାଯାଇଛି। ଅଭିଯୁକ୍ତ କରିଥିବା କ୍ରାଇମବ୍ରାଞ୍ଚ, ସହିଦନଗର, ପାହାଲ, ସ୍ପେଶାଲ କ୍ରାଇମ ୟୁନିଟ୍-ଭୁବନେଶ୍ୱରରେ ବହୁ ମାମଲା ସଚ୍ଚିଦାନନ୍ଦ ନାଁରେ ପଞ୍ଜୀକୃତ ରହିଛି। ତା' ନିକଟରୁ କେତେକ ଗୁରୁତ୍ୱପୂର୍ଣ୍ଣ କଗଜପତ୍ର ଜବତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ପୋଲିସ କରିଛି। ପୋଲିସ କହିବା ଅନୁଯାୟୀ ସଚ୍ଚିଦାନନ୍ଦଙ୍କୁ ଆଉଥରେ ରିମାଣ୍ଡରେ ଆଣି ପଚରାଉଚରା କଲେ ଠକେଇର ବିସ୍ତୃତ ତଥ୍ୟ ଜଣାପଡିବ।

### ଜଙ୍ଗଲରୁ...

ଏହା ହେଉଛି ଚଳିତ ମାସରେ ଜିଲ୍ଲାରେ ଉଦ୍ଧାର ହୋଇଥିବା ତୃତୀୟ ପ୍ରମୁଖ ମାଓବାଦୀ ଡମ୍ପ । ଜୁନ୍ ୯, ୨୦୨୬ ରେ, ମାଥିଲି ଥାନା ସୀମା ଅନ୍ତର୍ଗତ କିମିଟି ଏବଂ କାଟୁଆପଦର ଜଙ୍ଗଲରେ ସୁରକ୍ଷା ବାହିନୀ ଗୋଟିଏ ଇନସାସ,ଏଲଏମଜି ଦୁଇଟି, ଇନସାସ ରାଇଫଲ, ଆଇଡି, ଗ୍ରେନେଡ, ଡିଟୋନେଟର ଏବଂ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରିଥିଲେ । ଜୁନ୍ ୧୫ ରେ, ପଡିଆ ଥାନା ସୀମା ଅନ୍ତର୍ଗତ ସିଲାକୋଟା, ପେରଓ୍ୱାଇ ଏବଂ କେସ୍କାଗୁଡା ଜଙ୍ଗଲରେ ହୋଇଥିବା ଅନ୍ୟ ଏକ ଅପରେସନ୍ ତିନୋଟି ଷ୍ଟେନ୍ କାର୍ବାଇନ୍ ବନ୍ଧୁକ, ଗୋଟିଏ ଏସବିଏମ୍‌ଏଲ୍ ବନ୍ଧୁକ, ପିସ୍ତଲ, ଆଇଇଡି,ୟୁବିଜିଏଲ୍ ଗ୍ରେନେଡ୍,

### ମହାନଦୀରେ ବୁଡ଼ି...

ପ୍ରବେଶ କରିଥିଲେ । ପ୍ରତ୍ୟୁଷଙ୍କୁ ପହଁରା ଜଣାଥିବା ବେଳେ ଅନ୍ୟ ୩ଜଣଙ୍କୁ ଆଦୌ ପହଁରା ଜଣାନଥିଲା । ୪ଜଣ ସାଙ୍ଗ ଗରମରୁ ମୁକ୍ତି ପାଇବା ପାଇଁ ନଦୀ ମଧ୍ୟକୁ ପ୍ରବେଶ କରିଥିଲେ । କୂଳରୁ କିଛି ଦୂର ନଦୀ ମଧ୍ୟକୁ ପ୍ରବେଶ କରିବା ପରେ ପ୍ରଥମେ ଅମ୍ଲାନ୍‌ଙ୍କ ପାଦ ଖସିଯାଇଥିଲା । ନଦୀର ଅନ୍ତଃସ୍ରୋତ ତାଙ୍କୁ ନଦୀଗର୍ଭକୁ ଟାଣି ହୋଇଯାଇଥିବା ବେଳେ ପହଁରା ଜାଣିଥିବାରୁ ସେ ପହଁରି ପହଁରି କୂଳକୁ ଆସି ନିଜ ଜୀବନ ବଞ୍ଚାଇ ପାରିଥିଲେ । ଏହାରି ଭିତରେ ଅରିଜିଜ୍, ମୁକ୍ତି ଓ ପ୍ରତ୍ୟୁଷ ବୁଡ଼ିଯାଇଥିଲେ । ୩ଜଣ ସାଙ୍ଗ ପରସ୍ପର ଭିତରେ ହାତ ଧରାଧରି ହୋଇ କୂଳକୁ ଆସିବାକୁ ଚେଷ୍ଟା କରିଥିବା ବେଳେ ବିଫଳ ହୋଇଥିଲେ । ମହାନଦୀର ପ୍ରଖର ସ୍ରୋତ ଓ ଅନ୍ତଃସ୍ରୋତ ସେମାନଙ୍କୁ ନଦୀ ଗର୍ଭକୁ ଭସାଇ ନେଇ ବୁଡାଇ ଦେଇଥିଲା । ଜୀବନ ରକ୍ଷା କରି କୂଳକୁ ଆସିଥିବା ଅମ୍ଲାନ୍ ତୁରନ୍ତ ସ୍ଥାନୀୟ ଲୋକଙ୍କୁ ଡାକିବା ସହିତ ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ।

ଖବର ପାଇ ଘଟଣାସ୍ଥଳରେ ଚାଉଳିଆଗଞ୍ଜ ଅଗ୍ନିଶମ ବିଭାଗର ଏକ ୮ଜଣିଆ ରେସ୍କ୍ୟୁ ଟିମ୍ ପହଞ୍ଚି ଅତ୍ୟାଧୁନିକ ପାୱାର୍ ବୋଟ୍ ସାହାର୍ଯ୍ୟରେ ନଦୀରେ ଖୋଜାଖୋଜି ଆରମ୍ଭ କରିଥିଲେ । ଜଗତପୁର ଥାନା ପୁଲିସ ସେଠାରେ ପହଞ୍ଚି ସାରିଥିଲା । ଅନ୍ଧାର ହେବାରୁ ଲାଇଟ୍ ଲଗାଯାଇ ସର୍ଚ୍ଚ ଅପରେସନ୍ କରାଯାଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଖୋଜ ୩ଜଣ ଛାତ୍ରଙ୍କ ଖୋଜଖବର ମିଳି ପାରିନାହିଁ । ଆସନ୍ତା କାଲି ସକାଳୁ ପୁଣି ଥରେ ରେସ୍କ୍ୟୁ ଅପରେସନ୍ କରାଯିବ ବୋଲି ଜଣାପଡ଼ିଛି । ଘଟଣାସମ୍ପର୍କରେ ଏଏସ୍‌ଓ ଶ୍ରୀ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଖଇରା ଘାଟରେ ଦୂରରୁ କମ୍ ପାଣି ରହିଥିବା ଦୃଶ୍ୟମାନ ହେଉଥିବା ବେଳେ ବାସ୍ତବରେ ସେମିତି ନୁହେଁ । ସେଠାରେ ନଦୀ କୂଳରେ ଗଭୀର ଜଳରାଶି ରହିଛି । ଅଣ୍ଡର୍ କରେଣ୍ଟ ଯୋଗୁଁ ସେଠାରେ ଏଭଳି ଅଘଟଣ ଘଟିଛି ।

# ଉପ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର କରି ଅଡୁଆରେ ସିଡିଏଓ

କେନ୍ଦୁଝର,(ସବ୍ୟୁ) : ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଙ୍କ ଆଦେଶକୁ ବେଖାତିର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରଡଘଣାରେ ପଡିଛନ୍ତି । କେନ୍ଦୁଝର ଗସ୍ତ ଅବସରରେ ଗତ ୨୧ତାରିଖ ଦିନ କେନ୍ଦୁଝର ସର୍କିଟ ହାଉସରେ ଜଣେ ବରିଷ୍ଠ କିରାଣୀ ଏସକେ.ଇସମାଇଲଙ୍କ ଆନନ୍ଦପୁର କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି ଏବଂ ପରେ ମନ୍ଦ ଉଦ୍ଦେଶ୍ୟ ରଖି ବେଆଇନ ଭାବେ ବାତିଲ କରି ପୂର୍ବ ସ୍ଥାନରେ ପୁନଃ ଅବସ୍ଥାପିତ କରିବା ଘଟଣା ନେଇ ଉପ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା । ୬ ବର୍ଷରୁ ଉର୍ଦ୍ଧ୍ୱର୍ କାମ କରିଥିବା କର୍ମଚାରୀଙ୍କ ଜିଲ୍ଲା ଭିତରେ ବଦଳି ହୋଇଥିଲା । କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ କିରାଣୀ ଏସ.କେ.ଇସ୍ମାଇଲ ଙ୍କ ବଦଳି ଆନନ୍ଦପୁର କୃଷି ଜିଲ୍ଲା ଅଧିକାରୀ ଙ୍କ କାର୍ଯ୍ୟାଳୟକୁ ହୋଇଥିଲା । ବଦଳିର କିଛି ଦିନ ପରେ ତାଙ୍କୁ ପୁଣି କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯିବା ପରେ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଛି । କ୍ଷମତା ଅପବ୍ୟବହାର କରି ନିୟମ ବାହାରେ ଏହି ବଦଳି ବାତିଲ କରି ପୂର୍ବ ସ୍ଥାନକୁ ଫେରାଇ ଅଣାଯାଇଛି ।ବେଆଇନ ଭାବେ ବଦଳି ପରେ ପୂର୍ବ ସ୍ଥାନକୁ ଫେରାଇ ଆଣିବା ପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିବାଦୀୟ ହୋଇପଡିଛନ୍ତି । ଅବସର ଆଉ ମାତ୍ର ୧ମାସ ଥିବାବେଳେ ଏଭଳି ବଦଳି ଆଦେଶ କରି ସେ ବିବାଦୀୟ ହୋଇପଡିଛନ୍ତି । ଜଣେ କର୍ମଚାରୀଙ୍କକୁ କାହିଁ ଏତେ ସହାନୁଭୂତି ପ୍ରଦର୍ଶନ କରାଯାଇଛି ତାହାକୁ ନେଇ ଉପ ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ ହୋଇପଡିଛନ୍ତି । ଏପରିକି ସେ ଉପ ମୁଖ୍ୟମନ୍ତ୍ରୀଙ୍କୁ ଭୁଲ ତଥ୍ୟ ଦେଇଛନ୍ତି । ପେନସନ କାମ ପାଇଁ ବଦଳି ହୋଇଥିବା କର୍ମଚାରୀଙ୍କୁ ଡେପୁଟେସନରେ ଆଣିଥିବା ନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥିରାଜ ମଣ୍ଡଳ ଉପ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ । କିନ୍ତୁ ତାଙ୍କୁ ଡେପୁଟେସନ ନୁହେଁ ବରଂ ତାଙ୍କୁ ବଦଳି କରାଯାଇଥିବା ଜଣାପଡିଛି । କର୍ମଚାରୀ ବଦଳିରେ ଅନୀୟମିତତା ଏବଂ କ୍ଷମତାର ଦୁରୁପଯୋଗ ହୋଇଥିବା ନେଇ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟଯେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥିରାଜ ମଣ୍ଡଳ ଙ୍କୁ କେନ୍ଦୁଝର ସର୍କିଟ ହାଉସ ଡାକି ତୁରନ୍ତ ଉକ୍ତ ବରିଷ୍ଠ କିରାଣୀଙ୍କ ଡେପୁଟେସନ ବାତିଲ କରିବା ପାଇଁ ଉପ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ କାହିଁକି ବିଳମ୍ବ କରାଯାଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି । ସୂଚନାଯୋଗ୍ୟଯେ,କୃଷି ବିଭାଗର ୨୩ଟି ସ୍କିମ ଚାଲିଛି । ତଦାରଖ ଅଭାବରୁ ଅଧିକାଂଶ ସ୍କିମରେ ଚାଷୀ ସୁଫଳ ପାଇ ପାରୁନଥିବାବେଳେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଛି । କେନ୍ଦୁଝରରେ ବାସନା ଚାଉଳ ପାଇଁ ୩ ବର୍ଷିଆ ଯୋଜନାରେ କୋଟି କୋଟି ଟଙ୍କା ହେରଫେର ହୋଇଛି । ୨୦୨୩ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଚମ୍ପୁଆ,ଝୁମ୍ପୁରା,ପାଟଣା,ସାହରପଡା,ସଦର,ଘଟଗାଁ ଏବଂ ହରିଚନ୍ଦନପୁର ବ୍ଲକରେ କରାଯାଇଥିଲା ।ଅନେକ ସ୍ଥାନରେ ବାସନା ଚାଉଳ ଧାନ ଚାଷ ନ ହୋଇ ବ୍ୟାପକ ଅନୀୟମିତତା କରାଯାଇ ସରକାରୀ ଅର୍ଥ ହଡପ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥିରାଜ ମଣ୍ଡଳ ଙ୍କ କାର୍ଯ୍ୟ ସମୟର ବିଭିନ୍ନ ଯୋଜନାରେ ହୋଇଥିବା ଖର୍ଚ୍ଚର ଭିଜିଲାନ୍ସ ତଦନ୍ତ କରିବାକୁ ଉପ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ ହୋଇଛି । ଏପରିକି ସେ ସରକାରୀ ଅଫିସରେ ରହି ପ୍ରତିମାସ ଘରଭଡା ନେଇ ଆସୁଛନ୍ତି । କେନ୍ଦୁଝରରେ ଯୋଗ ଦେବା ଦିନ ଠାରୁ ଅବସର ପର୍ଯ୍ୟନ୍ତ ସରକାରଙ୍କ ଠାରୁ ନେଇ ଥିବା ଘର ଭଡା ବାବଦ ଅର୍ଥ ଫେରାଇବା ସହ ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହୋଇଛି ।

# ବାଲେଶ୍ୱର ରେଳ ଷ୍ଟେସନର ଚାଲିଥିବା ନବିକରଣର ଉଚ୍ଚସ୍ତରୀୟ ବୈଠକ

ବାଲେଶ୍ୱର,(ସବ୍ୟୁ): ବୁଧବାର ଅପରାହ୍ନ ରେ ବାଲେଶ୍ୱର ରେଳ ଷ୍ଟେସନ୍ ଠାରେ ଦକ୍ଷିଣ ପୂର୍ବ ରେଳ ମହାପ୍ରବନ୍ଧକ ଓ ମଣ୍ଡଳ ରେଳ ପ୍ରବନ୍ଧକ ଙ୍କ ସହ ଏକ ଉଚ୍ଚ ସ୍ତରୀୟ ବୈଠକରେ ଯୋଗ ଦେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଯୋଗାଇବା, ଷ୍ଟେସନର ସୌନ୍ଦର୍ଯ୍ୟୀକରଣ, ଯାତାୟାତ ବ୍ୟବସ୍ଥାର ଉନ୍ନତି ଏବଂ ଚାଲିଥିବା କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ୱରାନ୍ୱିତ ଭାବେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦିଆଗଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶବ୍ୟାପୀ ରେଳ ଭିତ୍ତିଭୂମିର ଅଭୂତପୂର୍ବ ବିକାଶ ହେଉଛି । ବାଲେଶ୍ୱର ରେଳ ଷ୍ଟେସନର ଏହି ରୂପାନ୍ତରଣ ସହରର ଗୌରବ ବୃଦ୍ଧି କରିବା ସହ ଲକ୍ଷାଧିକ ଯାତ୍ରୀଙ୍କ ପାଇଁ ଅଧିକ ସୁବିଧାଜନକ ଯାତ୍ରା ଅନୁଭୂତି ସୃଷ୍ଟି କରିବ ବୋଲି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଥିଲେ । ଆସନ୍ତା ୨୦୨୭ ମସିହା ଡିସେମ୍ବର ମାସ ସୁଦ୍ଧା ଏହି କାର୍ଯ୍ୟ ସରିବ ବୋଲି ସେ କହିଥିଲେ । ସାଂସଦ ଶ୍ରୀ ଷଡ଼ଙ୍ଗୀ ଙ୍କ ସହ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଉପସ୍ଥିତ ଥିଲେ । ଜଳେଶ୍ୱର, ବସ୍ତା, ରୂପସା, ହଳଦିପଦା, ଖନ୍ତାପଡ଼ା, ବାହାନଗା, ସୋରୋ ଓ ମାର୍କୋଣା ସମେତ ଜିଲ୍ଲାର ଅନ୍ୟ ସମସ୍ତ ରେଳ ଷ୍ଟେସନ୍‌ର ବିକାଶିକରଣ ଉପରେ ବିସ୍ତାର ଆଲୋଚନା କରାଯିବା ସହ ରେଳ ଓଭର ବ୍ରିଜ୍ ଓ ପାଦ ଚଲା ସେତୁ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା ।

TPNODL
TP NORTHERN ODISHA DISTRIBUTION LIMITED
[A Joint Venture of Tata Power and Government of Odisha]

**ସର୍ବସାଧାରଣ ବିଜ୍ଞପ୍ତି**

ସ୍ଥାୟୀ ଭାବରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ଉପଭୋକ୍ତାଙ୍କ ପାଇଁ ଦାବିହୀନ ସୁରକ୍ଷା ଜମା (SD) ଫେରସ୍ତ

ମାନ୍ୟବର ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (OERC) ତାଙ୍କ ୨୪.୦୩.୨୦୨୬ ତାରିଖର ଖୁଚୁରା ଯୋଗାଣ ଶୁଳ୍କ ଆଦେଶ ମାଧ୍ୟମରେ ସମଗ୍ର ଓଡିଶାର ସମସ୍ତ ସ୍ଥାୟୀଭାବେ ବିଚ୍ଛିନ୍ନ (PD) ଉପଭୋକ୍ତାଙ୍କ ପାଇଁ "ଏକକାଳୀନ ଦାବି" (One-Time Claim) ଯୋଜନା ଆରମ୍ଭ କରିଛନ୍ତି, ଯାହା ମାଧ୍ୟମରେ ସେମାନେ ବିତରଣ କମ୍ପାନୀଗୁଡ଼ିକ ନିକଟରେ ଦାବି ନହୋଇ ରହିଥିବା ସୁରକ୍ଷା ଜମା (SD) ଫେରସ୍ତ ପାଇପାରିବେ। ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (TPNODL) ଅଧୀନରେ ଥିବା ସମସ୍ତ ଯୋଗ୍ୟ ପିଡି ଉପଭୋକ୍ତାଙ୍କୁ ଏହି ସୁଯୋଗର ଲାଭ ଉଠାଇବା ପାଇଁ ଅନୁରୋଧ କରାଯାଉଛି।

**A. ଯୋଗ୍ୟତା ଓ ପ୍ରକ୍ରିୟା:**

୧) ଆବେଦକଙ୍କୁ ଟିପିଏନ୍‌ଓଡିଏଲ୍ ର ୱେବସାଇଟ୍ (www.tpnodl.com) ରେ ଉପଲବ୍ଧ ଥିବା ଆବେଦନ ପତ୍ରକୁ ସଠିକ୍ ଭାବରେ ପୂରଣ କରି ନିକଟସ୍ଥ ଗ୍ରାହକ ସେବା କେନ୍ଦ୍ରରେ ଦାଖଲ କରିବାକୁ ପଡିବ।

୨) ନିମ୍ନଲିଖିତ ଦଲିଲପତ୍ର ସହିତ ଆବେଦନ ପତ୍ରରେ ଉଲ୍ଲେଖ ହୋଇଥିବା ଅନ୍ୟାନ୍ୟ ଦସ୍ତାବିଜ ଦାଖଲ କରିବା ଆବଶ୍ୟକ:

**I. ଉପଭୋକ୍ତା ପରିଚୟ ପ୍ରମାଣ:**
ବିଦ୍ୟୁତ ବିଲ୍ / ଦେୟରସିଦ୍ / ନୂତନ ସଂଯୋଗ ସମୟରେ ଦାଖଲ କରାଯାଇଥିବା ଆବେଦନ ପତ୍ର / ବିଚ୍ଛିନ୍ନ ପତ୍ର

**II. ବୈଧ ପରିଚୟ ପ୍ରମାଣ:**
a. ଯଦି ଆବେଦକ ଜଣେ ବ୍ୟକ୍ତିବିଶେଷ, ତେବେ ତାଙ୍କର ଆଧାର କାର୍ଡ ଦାଖଲ କରିବା ଆବଶ୍ୟକ। ଯଦି ଆଧାର କାର୍ଡ ଉପଲବ୍ଧ ନଥାଏ, ତେବେ ନିର୍ବାଚନ ପରିଚୟପତ୍ର / ପାସପୋର୍ଟ / ଡ୍ରାଇଭିଂ ଲାଇସେନ୍ସ / ରାସନ୍ କାର୍ଡ ସହିତ ଫଟୋ ରହିଥିବା କୌଣସି ପରିଚୟପତ୍ର / ପାନ କାର୍ଡ ମଧ୍ୟ ଗ୍ରହଣଯୋଗ୍ୟ।

III. ଯଦି ଆବେଦକ କୌଣସି କମ୍ପାନୀ, ଟ୍ରଷ୍ଟ, ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ ଇତ୍ୟାଦି ହୁଅନ୍ତି, ତେବେ ଆବେଦନ ପତ୍ରରେ ଯୋଗ୍ୟ କର୍ତ୍ତୃପକ୍ଷ (ଯଥା: ବ୍ରାଞ୍ଚ ମ୍ୟାନେଜର, ପ୍ରିନ୍ସିପାଲ, ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର ଇତ୍ୟାଦି)ଙ୍କ ଦସ୍ତଖତ ରହିବା ଆବଶ୍ୟକ, ଏହା ସହିତ ସମ୍ପୃକ୍ତ ସଂସ୍ଥାର ସଂକଳ୍ପ / ଅଧିକାର ପତ୍ର ଦାଖଲ କରିବାକୁ ପଡିବ।

IV. ବ୍ୟାଙ୍କ ଖାତା ବିବରଣୀ: ଡିଜିଟାଲ ଫେରସ୍ତ ପାଇଁ କ୍ୟାନସଲ୍ଡ ଚେକ୍ / ପାସବୁକ୍ କପି ଦାଖଲ କରିବା ଆବଶ୍ୟକ। ବ୍ୟାଙ୍କ ଖାତା ସ୍ଥାୟୀଭାବେ ବିଚ୍ଛିନ୍ନ ହେବାକୁଥିବା ଉପଭୋକ୍ତାଙ୍କ ନାମରେ ରହିବା ଆବଶ୍ୟକ।

**B. ଫେରସ୍ତ ପ୍ରକ୍ରିୟା :** ଯଥୋଚିତ ସତ୍ୟାପନ ଓ ବକେୟା ଦେୟର ଯାଞ୍ଚ ପରେ, ଯଦି କିଛି ବକେୟା ସୁରକ୍ଷା ଜମା ରାଶି ରହିଥାଏ, ତାହା କେବଳ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ଫେରସ୍ତ ଦିଆଯିବ।

**C. ଯୋଜନାର ବୈଧତା:** ଏହି ଯୋଜନା ୩୧ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ବୈଧ ରହିବ।

ଅଧିକ ସୂଚନା ପାଇଁ ଆମ ଗ୍ରାହକ ସେବା କେନ୍ଦ୍ର କିମ୍ବା କଲ୍‌ସେଣ୍ଟର (1800-3456-718 କିମ୍ବା 1912) ସହିତ ଯୋଗାଯୋଗ କରନ୍ତୁ।

Email ID-cuttackrw2nd@yahoo.co.in
Telephone/Fax No. (0671)-2445119

25001/553/2627

**GOVERNMENT OF ODISHA**
**O/O THE SUPERINTENDING ENGINEER,**
**RURAL WORKS DIVISION-II, CUTTACK**
**e-procurement Notice for Building Works**
**Bid Identification No. SECTC-II-03 of 2026-27 dt. 06.06.2026**

| | | |
|---|---|---|
| 1. | Number of the work | :- 02 (Two) Number of Buildings for the year 2026-2027. |
| 2. | Estimated Cost. (Approx) | :- Rs. 50.03 lakh to Rs. 70.36 lakh |
| 3. | Period of completion | :- 11 (Eleven) calendar months |
| 4. | Date & Time of sale & receipt of bid document online | :- From: 30.06.2026 at 11:00AM To: 14.07.2026 at 5:30 PM |
| 5. | Last Date & Time for Seeking Clarification | :- 14.07.2026 at 2.00 PM |
| 6. | Date & Time of opening of Technical bid | :- 15.07.2026 at 11:30 AM |
| 7. | Date & Time of opening of Financial bid. | :- To be intimated later on |
| 8. | Name and address of Inviting Officer | Superintending Engineer, R.W. Division-II, Cuttack, Nayabazar, Cuttack-753004 |

Further details can be seen from the State Govt. portal **https://tendersorissa.gov.in**

**Sd/- Superintending Engineer**
**R.W. Division-II,**
**Cuttack**

**OIPR : 25001/25097/1/26-27/0005**

**25001/544/2627**

**e-Procurement Notice**
**for Building Works Identification No.**
**05/ SERW/JLS/2026-27**

| | | |
|---|---|---|
| 1. | Procurement Officer | :- Superintending Engineer Rural Works Division, Jaleswar |
| 2. | Name of the Work | :- Buildings |
| 3. | Total No. of Works | :- 22 Nos |
| 4. | Estimated Cost | :- Approx. Estimated Cost ₹ 3.36 Lakh to ₹ 35.76 Lakh |
| 5. | Class of Contractor | :- B Class |
| 6. | Time of Completion | :- Two & Six Calender months (As per annexure) |
| 7. | Availability of tender On-line for bidding | :- From 01.07.2026 at 10.00 A.M. to 15.07.2026 upto 05.00 P.M. |
| 8. | Last date & time of seeking tender clarification | :- 14.07.2026 upto 05.00 P.M |
| 9. | Date & Time of Opening of tender in the office of the Superintending Engineer, R.W.Division, Jaleswar | :- Date & Time Opening of Techinical & Financial bid -17.07.2026 at 11.00 A.M. |

Further details can be seen from the web site- **www.tendersodisha.gov.in**

**Sd/- Superintending Engineer**
**R.W. Division,**
**Jaleswar**

**OIPR : 25001/25051/1/26-27/0005**

E.Mail -rw_sundargarh@yahoo.co.in

**25001/538/2627**

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH
**"e" PROCUREMENT NOTICE**
**BID IDENTIFICATION NO. ONLINE-SESNG-10 of 2026-27**

| | | |
|---|---|---|
| 1. | Name of the Work | :- Road Works |
| 2. | Total No. of works | :- 50 no Roads |
| 3. | Estimated cost | :- From Rs.9.15 Lakhs to 46.61 Lakhs |
| 4. | Class of contractor | :- 'D', 'C' & 'B' |
| 5. | Period of completion | :- 01 calendar months |
| 6. | Type of Tender | :- Single Cover |
| 7. | Other details | |

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Superintending Engineer, Rural Works Division, Sundargarh.** | **Online-SESNG-10 of 2026-27** | **01.07.2026 11.00 A.M** | **15.07.2026 5.00 PM** |

Further details can be seen from the website **www.tendersorissa.gov.in**

**Sd/- Superintending Engineer**
**Rural Works Division,**
**Sundargarh**

**OIPR : 25001/25046/1/26-27/0008**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### କେନ୍ଦ୍ରାପଡ଼ା ଗସ୍ତ ବେଳେ ଗାଡ଼ିରେ 'ମନ୍ କି ବାତ୍' ଶୁଣିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# 'ମନ୍ କୀ ବାତ୍' ସମାଜରେ ସକାରାତ୍ମକ ପରିବର୍ତ୍ତନର ଜନଆନ୍ଦୋଳନ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରାପଡ଼ାରେ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଗାଡ଼ିରେ ଯାଉଥିବା ସମୟରେ, ମୋବାଇଲ୍ ମାଧ୍ୟମରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗ, ପରିବେଶ ସୁରକ୍ଷା ପାଇଁ ଜନଭାଗିଦାରୀ, ନାଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରାଚୀନ ଜ୍ଞାନ ପରମ୍ପରା, ମହିଳାମାନଙ୍କ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟରୁ 'ଇକୋ-ବ୍ରିକ୍ସ' ନିର୍ମାଣ ଏବଂ ଗଣେଶ ଉତ୍ସବ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପ୍ରେରଣାଦାୟୀ ବିଚାର ଉପରେ ଆଲୋଚନା କରିଛନ୍ତି । 'ମନ୍ କି ବାତ୍' ଆଜି କେବଳ ଏକ ରେଡ଼ିଓ କାର୍ଯ୍ୟକ୍ରମ ହୋଇ ରହିନାହିଁ, ବରଂ ଏକ ସଶକ୍ତ ଜନଆନ୍ଦୋଳନର ରୂପ ନେଇଛି, ଯାହା ସମାଜରେ ସକାରାତ୍ମକ ପରିବର୍ତ୍ତନ ପାଇଁ ପ୍ରତ୍ୟେକ ନାଗରିକଙ୍କୁ ପ୍ରେରିତ କରୁଛି । ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା



ଆମ ସମସ୍ତଙ୍କୁ ମିଳିମିଶି 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପ ସିଦ୍ଧି ପାଇଁ କାର୍ଯ୍ୟ କରିବାକୁ ଏକ ନୂଆ ଶକ୍ତି ପ୍ରଦାନ କରିଛି ।

ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ନାଳନ୍ଦା ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ 'ଶାସ୍ତ୍ରାର୍ଥ' ପରମ୍ପରାକୁ ପୁନର୍ଜୀବିତ କରି ଜ୍ଞାନ, ସଂବାଦ ଏବଂ ଅନୁଶାସିତ ତର୍କର ସଂସ୍କୃତିକୁ ଆଗକୁ ବଢ଼ାଉଛି । ଏହି ପରମ୍ପରା ବିଭିନ୍ନ ଦୃଷ୍ଟିକୋଣକୁ ବୁଝିବା ଏବଂ ବିଚାରର ସୁସ୍ଥ ଆଦାନପ୍ରଦାନ କରିବାର ଏକ ମାଧ୍ୟମ । ନାଳନ୍ଦାର ଏହି ପ୍ରୟାସ ଆମର ଗୌରବମୟ ବୌଦ୍ଧିକ ଐତିହ୍ୟକୁ ନୂତନ ପିଢ଼ି ସହିତ ଯୋଡ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସେହିପରି ଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଡାଟା ସାଇନ୍ସ (ଡାଟା ସାଇନ୍ସ) ଭଳି ଆଧୁନିକ କ୍ଷେତ୍ରରେ ବି.ଟେକ୍ ପାଠ୍ୟକ୍ରମର ଆରମ୍ଭ ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ । ଏହି ଅଭିନବ ପ୍ରୟାସ ଭାରତର ପ୍ରାଚୀନ ଜ୍ଞାନ ଓ ଆଧୁନିକ ପ୍ରଯୁକ୍ତିର ସମନ୍ୱୟକୁ ସୁଦୃଢ଼ କରିବ । ଏହାଦ୍ୱାରା ଭାରତୀୟ ଭାଷାଗୁଡ଼ିକ ପାଇଁ ନୂତନ ଏଆଇ ସମାଧାନ ପ୍ରସ୍ତୁତ କରାଯାଇପାରିବ ଏବଂ ଆମର ପ୍ରାଚୀନ ଗ୍ରନ୍ଥ ଓ ପାଣ୍ଡୁଲିପିଗୁଡ଼ିକର ସଂରକ୍ଷଣ ପାଇଁ ଏକ ନୂଆ ଦିଗ ମିଳିବ । ପରମ୍ପରା ଓ ଜ୍ଞାନକୌଶଳର ଏହି ମେଳ ଭବିଷ୍ୟତର ଜ୍ଞାନ ସମାଜକୁ ଅଧିକ ସମୃଦ୍ଧ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

### ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟାଳୟ ଲଗାଇବ ଦେଢ଼ ଲକ୍ଷ ଚାରା, ବଣ୍ଟାଯିବ ୮ ଲକ୍ଷ

# ଜୁଲାଇ ପ୍ରଥମ ସପ୍ତାହରୁ ଚାରାରୋପଣ, ବଣ୍ଟନ ଅଭିଯାନ

ଖୋର୍ଦ୍ଧା, (ସବ୍ୟୁ): ପ୍ରାକୃତିକ ବିପର୍ଯ୍ୟୟ ଜିଲ୍ଲା ପିଛା ଛାଡୁନି । ଫନି ଓ ହୁଡ୍‌ହୁଡ୍ ଭଳି ଅନେକ ବିପର୍ଯ୍ୟୟ ପ୍ରଭାବରେ ବହୁ ଜଙ୍ଗଲ ନଷ୍ଟ ହୋଇଥିଲା । କୃତ୍ରିମ ଉପାୟରେ ମଧ୍ୟ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି । ଏହାର କୁପ୍ରଭାବ ପଡ଼ିବା ଦ୍ୱାରା ଜଳବାୟୁ ରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ହେବାରେ ଲାଗିଛି । ତେଣୁ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ବ୍ୟାପକ ସଚେତନତା ସହେ ଜଙ୍ଗଲ ଅବକ୍ଷୟ ଏବେ ପରିବେଶବିତ୍‌ଙ୍କ ଚିନ୍ତା ବଢ଼ାଇ ଦେଇଛି । ତେଣୁ ଚଳିତ ବର୍ଷ ମଧ୍ୟ ବନଖଣ୍ଡ ପକ୍ଷରୁ ଚାରା ରୋପଣ କୁ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ ବନ ବିଭାଗ ଖୋର୍ଦ୍ଧା ଡିଭିଜନ ୮ଟି ସ୍ଥାୟୀ ସରକାରୀ ନର୍ସରୀ ସହ ଆଉ ୪ଟି ଅସ୍ଥାୟୀ ନର୍ସରୀରେ ପ୍ରାୟ ୮ଲକ୍ଷ୍ୟ ରୁ ଉଦ୍ଧର୍ ଚାରା ପ୍ରସ୍ତୁତ କରାଯାଇଛି । ନର୍ସରୀ ଗୁଡ଼ିକରେ ନୂଆ ୬ମାସିଆ ଚାରା ଓ ୧୮ମାସିଆ ଚାରା ରହିଛି । ଖୋର୍ଦ୍ଧା ବନଖଣ୍ଡ ତରଫରୁ ୬ମାସିଆ ଦେଢ଼ ଲକ୍ଷ ଚାରା ରୋପଣ କରାଯିବ । ଫଳଦାୟକ ସହର ଯାଏଁ ରୋପଣ କରାଯିବ । ସେହିପରି ଲୋକଙ୍କୁ ଚାରା ବଂଟନ କରି ବୃକ୍ଷରୋପଣ କରିବାକୁ ଉତ୍ସାହିତ କରାଯିବ । ଚଳିତ ବର୍ଷ ପ୍ରାୟ ୮ ଲକ୍ଷ ଚାରା (୬ମାସିଆ) ଜନସାଧାରଣଙ୍କୁ ବଂଟନ କରାଯିବ ବୋଲି ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି । ବନ ମହୋତ୍ସବ ସପ୍ତାହ ଅବସରରେ ଜୁଲାଇ ପହିଲାରୁ ଚାରା ବିତରଣ କରାଯିବ । ଖୋର୍ଦ୍ଧା ବନଖଣ୍ଡ ଅଧୀନ ଖୋର୍ଦ୍ଧା ରେଞ୍ଜ ର କେତକୀ ଝର ନର୍ସରୀ ଓ ଚିରାମାଳ, ଟାଙ୍ଗୀ ରେଞ୍ଜ ର ପଥରକଡ଼ ନର୍ସରୀ, ରଣପୁର ର ନାରାଗୋଡ଼ା ଓ ଶଙ୍ଖଯୋଡି, ବାଲୁଗାଁ ରେଞ୍ଜ ବର୍ବରା ନର୍ସରୀ ଓ ଜୀବନଦେଇପୁର, ଡେଲାଙ୍ଗ, ଭଁଅରା ଆଦି ସ୍ଥାନରେ ଏହି ଚାରା ପ୍ରସ୍ତୁତ କାର୍ଯ୍ୟ କରାଯାଇଛି । ଶିଶୁ, ଶାଗୁଆନ, ବାହାଡ଼ା, ହରିଡ଼ା, ଅଁଳା, ଆକାଶିଆ, ୟୁକାଲିପ୍ଟସ ବେଲ, ବଉଳ, ଫାସି, ନିମ, କରଞ୍ଜ, ଆମ୍ବ, ପଣସ, ତିନ୍ତିଳି, ଶିମିଳି ଆଦି ଗଛର ଚାରା ମହଜୁଦ ରହିଥିବା ଜଣାଯାଇଛି । ସହର ଠାରୁ ଗ୍ରାମାଂଚଳ ପର୍ଯ୍ୟନ୍ତ ଲୋକ ନିକଟରେ ଚାରା ପହଁଚାଇବା ଲକ୍ଷରେ ୩ଟି ଚାରା ଉତ୍ପାଦନ କେନ୍ଦ୍ରରେ ବିତରଣ କରାଯିବ । ସହାରାଂଚଳରେ ଜଳଡ଼ିଆ ସର୍ବାଧିକ ୫ଟି ଏବଂ ଗ୍ରାମାଂଚଳରେ ସର୍ବାଧିକ ୧୦ଟି ଚାରା ଯୋଗାଇ ଦିଆଯିବ । ଅଧିକ ଚାରା ଲାଗି ଆଗ୍ରହ ରଖିଥିବା ବ୍ୟକ୍ତି ଚାରା ଉତ୍ପାଦନ କେନ୍ଦ୍ରରୁ ନେଇପାରିବେ ବୋଲି ସହକାରୀ ବନସଂରକ୍ଷକ ସୁଶାନ୍ତ ଚନ୍ଦ୍ର ସୂଚନା ଦେଇଛନ୍ତି । କୌଣସି ସଂସ୍ଥା, ବେସରକାରୀ ତଥା ସରକାରୀ ଅନୁଷ୍ଠାନ କୁ ମଧ୍ୟ ଚାରାଷ୍ଟଲ ପକ୍ଷରୁ ଶହେ ଚାରା ଦିଆଯିବ ।କୌଣସି ସଂସ୍ଥା, ଅନୁଷ୍ଠାନ ଅଧିକ ଚାରା ଆବଶ୍ୟକ କରୁଥିଲେ, ବନଖଣ୍ଡ ଅଧିକାରୀଙ୍କୁ ଦରଖାସ୍ତ କରିବେ । ସେମାନଙ୍କ ଆବଶ୍ୟକତାକୁ ବିଚାର କରାଯାଇ ସର୍ବାଧିକ ହଜାର ପର୍ଯ୍ୟନ୍ତ ଚାରା ଯୋଗାଇ ଦିଆଯିବ । ସର୍ବସାଧାରଣ ନିମନ୍ତେ ଚାରା ପ୍ରତି ଟଙ୍କରେ ମୂଲ୍ୟ ଦେବାକୁ ପଡ଼ିବ । ଏକ ପେଡ ମାଙ୍କେ ନାମ ଯୋଜନାରେ ସ୍କୁଲ, କଲେଜ ଓ ସରକାରୀ ଦପ୍ତରକୁ ମାଗଣା ଚାରା ମିଳିବ । ସମସ୍ତ ଅନୁଷ୍ଠାନ, ସଂସ୍ଥା, ପଞ୍ଜିକୃତ ଅନୁଷ୍ଠାନ, ବନସୁରକ୍ଷା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠିକୁ ଚାରା ଯୋଗାଇ ଦିଆଯିବ । ବିଭିନ୍ନ ସରକାରୀ ଦପ୍ତର ଓ ବିଦ୍ୟାଳୟ ଗୁଡ଼ିକ ସବୁଜିମା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି । ତେବେ ବାସ୍ତବରେ ବନବିଭାଗର ରୋପଣ ଗଛକୁ ବଂଚାଇବାରେ ସମର୍ଥ ହେଉଛି ନା ପୂର୍ବଭଳି କେବଳ କାଗଜପତ୍ରରେ ଗଛ ଦେଖାଇ ହାତବାନ୍ଧି ବସିବ ତାହା ଆଗାମୀ ବର୍ଷାଦିନ ପରେ ସ୍ପଷ୍ଟ ହେବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି ।

## ଅଜିମ ପ୍ରେମଜୀ ୟୁନିଭରସିଟି ଡେଭେଲପମେଣ୍ଟ ଲିଡରସିପ୍ ୨୦୨୭ରେ ପୋଷ୍ଟଗ୍ରାଜୁଏଟ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ନାମଲେଖା ଉନ୍ମୁକ୍ତ କଲା

ଭୁବନେଶ୍ୱର (ସବ୍ୟୁ): ଅଜିମ ପ୍ରେମଜୀ ୟୁନିଭରସିଟି, ବେଙ୍ଗାଲୁରୁ ଡେଭେଲପମେଣ୍ଟ ଲିଡରସିପ୍‌ପ୍ରୋ ଗ୍ରାମରେ ପୋଷ୍ଟଗ୍ରାଜୁଏଟ ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା ଉନ୍ମୁକ୍ତ କରିଛି । ୧୧-ମାସ ଅବଧିର ପାର୍ଟ-ଟାଇମ୍ ଡିପ୍ଲୋମା ପାଠ୍ୟକ୍ରମ ସାମାଜିକ କ୍ଷେତ୍ରରେ ନିୟୋଜିତ ଥିବା ଏବଂ ବିକାଶମୂଳକ ବିଧିବ୍ୟବସ୍ଥା, ନାଗରିକ ସମାଜର ସୂକ୍ଷ୍ମତା ଏବଂ ସଂଗଠନିକ ସଂସ୍କୃତି ଉପରେ ସେମାନଙ୍କର ଦୃଷ୍ଟିକୋଣ ଅଧିକ ଶାଣିତ କରିବାକୁ ଚାହୁଁଥିବା ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ନିମନ୍ତେ ଡିଜାଇନ କରାଯାଇଛି । ଏହି ପାଠ୍ୟକ୍ରମ ବିକାଶ ନେତୃତ୍ୱଗଣ ସମାବେଶୀ ଟିମ୍ ଏବଂ ସଂଗଠନଗୁଡ଼ିକର ନେତୃତ୍ୱ ନେବାକୁ ଆବଶ୍ୟକ କରୁଥିବା ଅନ୍ତର୍ଦୃଷ୍ଟି ପ୍ରଦାନ କରୁଛି । ଅଂଶଗ୍ରହଣକାରୀମାନେ ଏହି ପାଠ୍ୟକ୍ରମରେ ନାମ ଲେଖାଇବା ସମୟରେ ସେମାନଙ୍କର ପ୍ରଚଳିତ କାର୍ଯ୍ୟ ଓ ନିଯୁକ୍ତି ଜାରି ରଖିପାରିବେ । ଏହା ତିନିଟି ମିଆଦରେ ଅନ୍-କ୍ୟାମ୍ପସ ଏବଂ ଅନ୍‌ଲାଇନ ଶିକ୍ଷା ଆହରଣର ଏକ ମିଶ୍ରିତ ସୁଯୋଗ ଯୋଗାଇ ଦେଉଛି ।

### ୩୦ତମ ଜାତୀୟ ମହାବୀର ସମ୍ମାନ

# ଓଡିଶାରୁ ନାମାଙ୍କନପତ୍ର ଆହ୍ୱାନ

ଭୁବନେଶ୍ୱର,(ସବ୍ୟୁ): ତିନି ଦଶନ୍ଧି ଧରି ଦୟା, ସେବା ଓ ସାମାଜିକ ପ୍ରଭାବର ପାଳନକୁ କରୁଥିବା ଭଗବାନ ମହାବୀର ଫାଉଣ୍ଡେଶନ ଏହାର ପ୍ରତିଷ୍ଠିତ ଜାତୀୟ ମହାବୀର ସମ୍ମାନର ୩୦ତମ ସଂସ୍କରଣ ପାଇଁ ନାମାଙ୍କନ ଆମନ୍ତ୍ରଣ କରିଛି । ଭାରତର ଏହି ସବୁଠାରୁ ପ୍ରତିଷ୍ଠିତ ସମ୍ମାନ ମହାନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକର ନିସ୍ୱାର୍ଥପର ସେବାକୁ ସ୍ୱୀକୃତି ପ୍ରଦାନ କରୁଛି । ପ୍ରତ୍ୟେକ ଆୱାର୍ଡରେ ୧୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର ସହିତ ଏକ ପ୍ରମାଣପତ୍ର ଓ ଏକ ସ୍ମାରକୀ ରହିଛି । ଏହି ଆୱାର୍ଡ ପାଇଁ ନାମାଙ୍କନ ଜୁଲାଇ ୩୧ ତାରିଖ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିଛି । ଭଗବାନ ମହାବୀର ଫାଉଣ୍ଡେଶନ ଗତ ତିନି ଦଶନ୍ଧ ଧରି ଏବଂ ନିକଟରେ ଘୋଷଣା କରାଯାଇଥିବା ୨୯ତମ ସଂସ୍କରଣ ସମେତ ଦେଶର ୨୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଂଚଳରୁ ମୋଟ ୧୦୧ ଜଣ ଅସାଧାରଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ସମ୍ମାନିତ କରିଛି । ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଏମ.ଏନ. ଭେଙ୍କଟଚାଲିଆଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିଷ୍ଠିତ ଜୁରୀ ଦ୍ୱାରା ଏହି ସମ୍ମାନ ପାଇଁ ଯୋଗ୍ୟ ବ୍ୟକ୍ତି ଓ ଅନୁଷ୍ଠାନକୁ ଚୟନ କରାଯିବ, ଯାହା ଏକ ଜଟିଳ ଓ ବିଶ୍ୱସନୀୟ ମୂଲ୍ୟାଙ୍କନ ପ୍ରକ୍ରିୟା ସୁନିଶ୍ଚିତ କରିବ । ୧୯୯୫ରୁ ଭଗବାନ ମହାବୀର ଫାଉଣ୍ଡେଶନ ଅହିଂସା ଓ ଶାକାହାରବାଦ, ଶିକ୍ଷା, ଔଷଧ ଏବଂ ସମୁଦାୟ ଓ ସମାଜ ସେବା କ୍ଷେତ୍ରରେ ସେମାନଙ୍କର ଉତ୍କର୍ଷତାକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଭାରତର ଉତ୍କୃଷ୍ଟ ବ୍ୟକ୍ତିତ୍ୱ ଓ ଅନୁଷ୍ଠାନଗୁଡ଼ିକୁ ମହାବୀର ସମ୍ମାନ ପ୍ରଦାନ କରାଯାଇଆସୁଛି । ଭାରତର ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି, ରାଜ୍ୟପାଳ ଓ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ମାଣ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ଏହି ସମ୍ମାନ ପ୍ରଦାନ କରାଯାଇଥାଏ ।

## ଦେବସ୍ନାନ ପୂର୍ଣ୍ଣିମାରେ ଧଉଳି ପାଦଦେଶରେ ଓଆଇସିର ବୋଧିଦ୍ରୁମ ଆରତୀ

ଭୁବନେଶ୍ୱର (ସବ୍ୟୁ): ପ୍ରତି ମାସ ଭଳି ଏ ମାସ ପୂର୍ଣ୍ଣିମା (ଦେବସ୍ନାନ ପୂର୍ଣ୍ଣିମା ) ସୋମବାର ଦିନ ଦିବା ୧୦ ଘଟିକା ସମୟରେ ଧଉଳିଗିରି ପାଦଦେଶରେ ଥିବା ବୋଧିଦ୍ରୁମ ମୂଳରେ ଓଡିଶା ଇଣ୍ଟରନେସନାଲ ସେଣ୍ଟର (ଓଆଇସି) ତରଫରୁ ଆରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉଲ୍ଲେଖ ଯୋଗ୍ୟ ୨୦୧୬ ମସିହାରେ ଓଆଇସିର ପ୍ରତିଷ୍ଠାତା ସ୍ୱର୍ଗତଃ ପରେଶ ନାୟକ ସଦଳବଳେ ସୁଦୂର ଶ୍ରୀଲଙ୍କାର ଅନୁରାଧାପୁରରୁ ସଂଗ୍ରହ କରି ଆଣି ଥିବା ବୋଧିଦ୍ରୁମ ଚାରା ଐତିହାସିକ ଧଉଳି ଶାନ୍ତି ସ୍ତୁପର ପାଦଦେଶରେ ପବିତ୍ର ପୂର୍ଣ୍ଣିମା ଦିନ ରୋପଣ କରି ପାରମ୍ପରିକ ରୀତିରେ ଆରତୀର ଶୁଭାରମ୍ଭ କରିଥିଲେ । କାରଣ କଥିତ ଅଛି ପୂର୍ଣ୍ଣିମା ଦିନ ଅଶ୍ୱତଥ ବୃକ୍ଷରେ"ମା ଲକ୍ଷ୍ମୀ " ଅବସ୍ଥାନ କରିଥାନ୍ତି, ତେଣୁ ସେଦିନ ସେହି ବୃକ୍ଷକୁ ପୂଜାର୍ଚ୍ଚନା କଲେ ମା ଲକ୍ଷ୍ମୀଙ୍କର କୃପା ଲାଭ ହୁଏ । ଇତିମଧ୍ୟରେ ସେଠାରେ ତିନୋଟି ପ୍ରସ୍ତରର ବୁଦ୍ଧ ମୂର୍ତ୍ତି ସ୍ଥାପନା କରାଯାଇ ପୂର୍ଣ୍ଣିମାଦିନ ମଧ୍ୟ ପୂଜାର୍ଚ୍ଚନା କରାଯାଉଛି ଏତଦ ଭିନ୍ନ ଓଆଇସି ତରଫରୁ ସେହିସ୍ଥାନରେ କିଛି ବୃକ୍ଷ ରୋପଣ କରାଯାଇ ରକ୍ଷାଣା ବେକ୍ଷଣ ମଧ୍ୟ କରାଯାଉଅଛି । ଏଣୁ ଓ ଆଇ ସିର ସମସ୍ତ ବନ୍ଧୁ, ଶୁଭେଚ୍ଛୁ, ଉପଦେଷ୍ଟା ଏବଂ ସଭ୍ୟ ମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବିଭୁକୃପା ଲାଭ କରିବାକୁ ଅନୁଷ୍ଠାନ ତରଫରୁ ଅନୁରୋଧ କରାଯାଇଛି ।

### ମେଡିକାଲ ପରିସର ଅର୍ଦ୍ଧନିର୍ମିତ ଘରୁ ରୋଗୀଙ୍କ ମୃତଦେହ ଠାବ

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଭିତରେ ରୋଗୀଙ୍କ ମୃତଦେହ ଠାବ ହେବା ପରେ ଚିକିତ୍ସାଳୟର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାତିରେ ରୋଗୀ ଡିସଚାର୍ଜ କରିବାର ନିୟମ ନଥିବା ବେଳେ କିଭଳି ଡିସଚାର୍ଜ କରାଗଲା ତାକୁ ନେଇ ପ୍ରଶ୍ନ ଉଠିବା ସହିତ ରୋଗୀଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବାର ପରିବାର ଲୋକ ଅଭିଯୋଗ କରିଛନ୍ତି ।

ଢେଙ୍କାନାଳ ଗଂଦିଆ ଥାନା ଅନ୍ତର୍ଗତ କାଙ୍କଲୁଣ୍ଡା ଗ୍ରାମର ମନୋରଞ୍ଜନ ପଟ୍ଟନାୟକ ଗତକାଲି ସକାଳ ସାତଟା ୩୦ ମିନିଟରେ ଶରୀର ଅସୁସ୍ଥ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଡ଼ମିଶନ ହୋଇଥିଲେ । ତାଙ୍କ ପରିବାର ଲୋକଙ୍କ ସହିତ କଥା ହେବା ସହିତ ଦେହ ଭଲ ଥିବାର କହିଥିଲେ । ଆଜି ସକାଳେ ମନୋରଞ୍ଜନଙ୍କର ମୃତଦେହ ମେଡିକାଲ ପରିସରରେ ଥିବା ଅର୍ଦ୍ଧ ନିର୍ମିତ ଆଇସିୟୁ କୋଠା ନିକଟରେ ତାଙ୍କର ମୃତଦେହ ପଡ଼ିଥିବା ଦେଖିଥିଲେ । ଏହା ଦେଖିବା ପରେ ସୁରକ୍ଷା କର୍ମୀ ଥାନାକୁ ଖବର ଦେବା ପରେ ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଂଚି ଅଧିକ ତଦନ୍ତ କରିଥିଲେ । କିନ୍ତୁ ରୋଗୀଙ୍କର କୌଣସି ସମ୍ପର୍କୀୟ ନଥିବା ବେଳେ ତାଙ୍କୁ କିପରି ଡିସଚାର୍ଜ କରାଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଘଟଣାକୁ ନେଇ ତାଙ୍କ ଭାଇ ସରୋଜ କୁମାର ତ୍ରିପାଠୀଙ୍କ ଅଭିଯୋଗ ଅନୁସାରେ ତାଙ୍କ ଭାଇ ଗତକାଲି ସକାଳେ ଗ୍ୟାସ ଯୋଗୁଁ ଆଡମିସନ ହୋଇଥିବା ବେଳେ ରାତିରେ ଫୋନ କରିବା ପରେ ସେ ଦେହ ଭଲ ଥିବାର କହିଥିଲେ । କିନ୍ତୁ ସକାଳୁ ଫୋନ କରିବାରୁ ସେ ଫୋନ ଉଠାଇନଥିଲେ । ଫଳରେ ସେ ମେଡିକାଲକୁ ଆସିବା ପରେ ତାଙ୍କ ଭାଇ ରାତିରେ ଡିସର୍ଚାଜ ପେପରରେ ଦସ୍ତଖତ କରି ଚାଲି ଯାଇଥିବାର ଜାଣିବାକୁ ପାଇଥିଲେ । ଏହାକୁ ନେଇ ସେ ଟାଉନଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ । ପରେ ଏକ ପରିତ୍ୟକ୍ତ ଘରେ ତାଙ୍କ ମୃତଦେହ ପଡିଥିବାର ଜାଣିବାକୁ ପାଇଥିଲେ । ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବାର ଅଭିଯୋଗ କରିଛନ୍ତି ।

କେହି ସମ୍ପର୍କୀୟ ନିକଟରେ ନଥିବା ବେଳେ କିଭଳି ଡିସଚାର୍ଜ କରାଗଲା ତାକୁ ନେଇ ପ୍ରଶ୍ନ କରିବା ସହିତ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଦାବୀ କରିଛନ୍ତି । ମୃତକଙ୍କ ପନିୀ କହିବା ଅନୁସାରେ ସେ ଆଡମିଶନ ହୋଇଥିବା ବେଳେ ସିକ୍ୟୁରିଟି ଗାର୍ଡ ଥାଇ କିଭଳି ଗଲେ ।ମେଡିକାଲର ମାତ୍ର ୩ଶହ ମିଟର ଦୂରତାରେ କିଭଳି ମୃତ୍ୟୁ ବରଣ କଲେ ପ୍ରଶ୍ନ କରିବା ସହିତ ମେଡିକାଲ କର୍ତ୍ତୃପକ୍ଷ ଦାୟୀ ବୋଲି ଅଭିଯୋଗ କରିଛନ୍ତି । ଘଟଣାକୁ ନେଇ ମେଡିକାଲର ଡାକ୍ତର ରଞ୍ଜନ କୁମାର ସାମଲଙ୍କ କହିବା ଅନୁସାରେ ସେ ରାତିରେ ନିଜ ଇଛାରେ ଲେଖିଦେଇ ଯାଇଛନ୍ତି । ଯଦିଓ ରାତିରେ ରୋଗୀକୁ ଛାଡିବାର ନିୟମ ନଥିବା ବେଳେ ଜଣେ ରୋଗୀ ଚାହିଁଲେ ନିଜ ଇଛାରେ ଲେଖି ଯାଇପାରିବ ବୋଲି କହିଥିଲେ । ରାତିରେ କିଭଳି ସେଠାକୁ ଗଲେ ତାକୁ ନେଇ ତଦନ୍ତ କରାଯିବ ବୋଲି କହିଥିଲେ ।

# ବର୍ଷା ଋତୁ - ହେଉନି ଖାଦ୍ୟ ଯାଞ୍ଚ

ଭୁବନେଶ୍ୱର,(ତଥ୍ୟ) ରାଜ୍ୟରେ ମୌସୁମୀ ବର୍ଷାର ମୁକାବିଲା ପାଇଁ ବିଭିନ୍ନ ବିଭାଗ ତତ୍ପର ହୋଇ ଉଠିଥିବାବେଳେ ସହରାଞ୍ଚଳର ଖାଦ୍ୟ ପଦାର୍ଥ ଯାଞ୍ଚ କଡାକଡି ହୋଇପାରୁ ନାହିଁ। ବର୍ଷାଦିନେ ଖାଦ୍ୟ ଜରିଆରେ ବିଭିନ୍ନ ରୋଗ ବ୍ୟାପିବାର ସମ୍ଭାବନା ଥିବାବେଳେ ଯାଞ୍ଚ ଅଧିକାରୀମାନଙ୍କର ସ୍ଥାଣୁତା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଜ୍ୟର ସହରାଞ୍ଚଳ ବିଶେଷକରି ରାଜଧାନୀରେ ରାସ୍ତାପାର୍ଶ୍ୱରେ ମାଂସ, ମାଛ ଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ଚଟ୍‌ପଟି ଖାଦ୍ୟ ପସରା ବସୁଛି। ବର୍ଷାଦିନେ ଏହିସବୁ ସ୍ଥାନରେ କାଦୁଅ ପଚ ପଚ ସହିତ ନର୍ଦ୍ଦମା ପାଣି ବି ଭାସୁଛି। ତାହା ଉପରେ ଖାଦ୍ୟ ସାମଗ୍ରୀ ଖୋଲାଖୋଲି ଭାବେ ବିକ୍ରି ହେଉଥିବାବେଳେ ଲୋକେ ତାହାକୁ ଖାଇବାରେ ଲାଗିଛନ୍ତି।

ସେହିଭଳି ଖାଦ୍ୟ ଦୋକାନମାନଙ୍କରେ ଦିଆଯାଉଥିବା ପାନୀୟଜଳର ଶୁଦ୍ଧତା ନେଇ ବି ପ୍ରଶ୍ନବାଚୀ ଉଠୁଛି। ଉଠାଦୋକାନୀମାନେ ଖୋଲା ବୋତଲରେ ଲୋକଙ୍କୁ ପାଣି ଯୋଗାଉଛନ୍ତି। ଏହିସବୁ ପାଣି ବିଭିନ୍ନ ବସ୍ତି ଅଞ୍ଚଳରୁ ଆସୁଥିବାରୁ ତାହାର ଗୁଣବତ୍ତା ଯାଞ୍ଚ ଜରୁରୀ ହୋଇ ପଡିଛି। ରାଜଧାନୀରେ ଏବେ ଫୁଟ୍‌ପାଥ୍ ଓ ଡ୍ରେନ ଉପରେ ଖାଦ୍ୟର ପସରା ଖୋଲିବାରେ ଲାଗିଛି। ଏଠାରେ ଖାଦ୍ୟ ପ୍ରସ୍ତୁତି ସହିତ ବିକ୍ରି ହେଉଛି। ଏହିସବୁ ଖାଦ୍ୟକୁ ସେବନ କରୁଥିବା ଲୋକେ ପେଟରୋଗରେ ପଡିବା ଏକ ପ୍ରକାର ନିଶ୍ଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାଇ ଦେଉଛନ୍ତି।

ତେବେ ରାଜଧାନୀରେ ଖାଦ୍ୟ ସାମଗ୍ରୀ ଯାଞ୍ଚ ପାଇଁ ୫ଜଣ ଯାଞ୍ଚ ଅଧିକାରୀ ଥିବାବେଳେ ସେମାନେ ବର୍ଦ୍ଧିତ ସହର ପାଇଁ ସମୁଦ୍ରକୁ ଶଙ୍ଖେ ଭଳି। ରାଜଧାନୀର କଳେବର ଯେଭଳି ବୃଦ୍ଧି ପାଉଛି ସେହି ଅନୁସାରେ ଖାଦ୍ୟ ଯାଞ୍ଚ ଅଧିକାରୀ ନିଯୁକ୍ତ ହେଉନାହାନ୍ତି। ଯେଉଁ ଅଧିକାରୀମାନେ ବି ଅଛନ୍ତି ସେମାନେ କାଁ ଭାଁ ଯାଞ୍ଚ କରିଥାନ୍ତି। ବିଶେଷକରି ଯଦି କେଉଁଠାରେ ଖାଦ୍ୟ ପାଇଁ ରୋଗ ବ୍ୟାପିବାର ଖବର ଆସେ ସେଠାରେ ଚଢଉ କରିଥାନ୍ତି। ଚଢଉ ବେଳର ସଚିତ୍ର ଖବର ପ୍ରକାଶନର ବି ବ୍ୟବସ୍ଥା ହୋଇଥାଏ। ଏହାପରେ ଯଥା ପୂର୍ବଂ ତଥା ପରଂ ସ୍ଥିତି। ରାଜଧାନୀରେ ଦିନକୁ ଦିନ ଅସ୍ଥାୟୀ ମାଂସ ଓ ମାଛ ଦୋକାନ ଗଢି ଉଠୁଥିବାବେଳେ ଏଗୁଡିକ ସାଧାରଣତଃ ନାଳ ନର୍ଦ୍ଦମା ଉପରେ ନିଜର ବେପାର ଚଳାଉଛନ୍ତି। ମୃତ ମାଛ ଓ ପଶୁ ମାଂସରେ ଜୀବାଣୁମାନେ ପ୍ରବେଶ ସହଜ ହୋଇଥିବାରୁ ଏଗୁଡିକ ସଂକ୍ରମିତ ହେବାର ଭୟ ରହିଛି। ଏହାର ଯାଞ୍ଚ କରିବାର ଦାୟିତ୍ୱ ଖାଦ୍ୟ ଅଧିକାରୀମାନଙ୍କର ଥିବାବେଳେ ସେମାନେ କେବଳ ଧର୍ମକୁ ଆଖିଠାର ମାରିବା ଭଳି କାଁ ଭାଁ ଯାଞ୍ଚ କରିଥାନ୍ତି। ସାମାନ୍ୟ ବର୍ଷାରେ ସହରର କେତେକ ଅଞ୍ଚଳ ଜଳବନ୍ଦୀ ହେଉଥିବାବେଳେ ସେହିସବୁ ଅଞ୍ଚଳରେ ଖୋଲାମେଲାରେ ବିକ୍ରି ହେଉଥିବା ଖାଦ୍ୟ ଜରିଆରେ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ଥିବାରୁ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଏହା ଉପରେ ନଜର ରଖିବାକୁ ମତପ୍ରକାଶ ପାଉଛି। ଏଥିପ୍ରତି ଦୃଷ୍ଟି ନଦେଲେ ବର୍ଷାଦିନରେ ରାଜଧାନୀ ସମେତ ରାଜ୍ୟର ଅନ୍ୟାନ୍ୟ ସହରରେ ପେଟରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ଲୋକେ ଅନ୍ୟାନ୍ୟ ମାରାତ୍ମକ ରୋଗରେ ବି ପଡିପାରନ୍ତି ବୋଲି ଚିକିତ୍ସକମାନେ ମତ ଦେଉଛନ୍ତି।

## ଚଣ୍ଡିଗାଁ ସରକାରୀ ଉଚ୍ଚବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,(ସବ୍ୟୁ): :ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚଣ୍ଡିଗାଁ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ପ୍ରାଧିକରଣର ପ୍ରତିପକ୍ଷ ଅଧିବକ୍ତା ଡ.ତାପସ ମହାନ୍ତିଙ୍କ ସଂଚାଳନାରେ ଆୟୋଜିତ ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲା ସମ୍ମାନିତ ଅତିଥି ଭାବେ ବିଜ୍ଞାନ ପରିଦର୍ଶିକା ହିମାଦ୍ରି ନନ୍ଦିନୀ ବିଶ୍ୱାଳ ଯୋଗଦେଇଥିଲେ । ମୁଖ୍ୟବକ୍ତା ତଥା ଶିଶୁ ଆଇନ ବିଶେଷଜ୍ଞ ସୁବ୍ରତ କୁମାର ଦାସ ଶିଶୁ ଅଧିକାର,ପୋକ୍ସୋ ଆଇନ,କିଶୋର ନ୍ୟାୟଆଇନ ଏବଂ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ଆଲୁମୁନି ସଦସ୍ୟ ପ୍ରଭାକର ନାୟକ ଓ କପିଳ ଚନ୍ଦ୍ର ବାରିକଙ୍କ ସହିତ ପ୍ରଧାନଶିକ୍ଷକ ଉମେଶ ମାଝୀ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ଶ୍ରୀମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ନଦୀଗାଁରେ ଆମ ତହସିଲ ଆମ ଗାଁରେ କାର୍ଯ୍ୟକ୍ରମ

ସୋର,(ସବ୍ୟୁ) :ସୋର ବ୍ଲକ ନଦୀଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ସୋର ତହସିଲ ପକ୍ଷରୁ ଆମ ତହସିଲ ଆମ ଗାଁରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ନଦୀଗାଁ ଓ ସରଶଙ୍ଖ ପଞ୍ଚାୟତର ଗ୍ରାମବାସୀ ମାନେ ନିଜର ସମସ୍ୟା ଜଣାଇ ଥିଲେ । ମୋଟ ୭୭ ଟି ଅଭିଯୋଗ ଆସିଥିବା ବେଳେ ସେହିସ୍ଥାନରେ ୩୧ଟିର ତୁରନ୍ତ ସମାଧାନ କରାଯାଇଥିଲା । ଏହି ସମୟରେ ସୋର ଭାରପ୍ରାପ୍ତ ତହସିଲଦାର କୃଷ୍ଣମୋହନ ସିଂହ, ଡାଟା ଏଣ୍ଟ୍ରି ଅପରେଟର କବିତା ଦାସ ଓ ପ୍ରଦୀପ କୁମାର ଦାସ,ଅମିନ ମୁଧୁସ୍ମିତା ମାଝି,ବରିଷ୍ଠ ସହାୟକ ମନୋରଞ୍ଜନ ପରିଡ଼ା,ରେକଡ କିପର ଭରତ କୁମାର ମଲିକ, କନିଷ୍ଠ ସହାୟକ ରଞ୍ଜନ କୁମାର ଦାସ ଓ ଜେଯାତିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଏପରି କାର୍ଯ୍ୟକ୍ରମ କରାଯାଇ ଲୋକମାନଙ୍କ ସମସ୍ୟାର ସମାଧାନ ଗାଁରେ କରାଯିବ ବୋଲି ତହସିଲଦାର ଶ୍ରୀ ସିଂହ କହିଛନ୍ତି ।

# ୫୭ ନମ୍ବର ୱାର୍ଡରେ "ମନ କି ବାତ' କାର୍ଯ୍ୟକ୍ରମ

ଫୁଲନଖରା (ସବ୍ୟୁ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ ମାସିକ କାର୍ଯ୍ୟକ୍ରମ "ମନ କି ବାତ'ର ପ୍ରସାରଣ କଟକ ମହାନଗର ନିଗମ ଅନ୍ତର୍ଗତ ୫୭ ନମ୍ବର ୱାର୍ଡର ଏକ ଘରୋଇ ମଣ୍ଡପରେ ଉତ୍ସାହ ଓ ଭବ୍ୟତାର ସହ ଅନୁଷ୍ଠିତ ହୋଇଯାଇଛି । ନାରୀନେତ୍ରୀ ମାମିନା ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା, ସାମାଜିକ କର୍ମୀ ଓ ସ୍ଥାନୀୟ ବାସିନ୍ଦା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ମନୋଯୋଗ ସହ ଶୁଣିଥିଲେ । କାର୍ଯ୍ୟକ୍ରମରେ କଟକ ଜିଲ୍ଲା ପ୍ରଭାରୀ ଜ୍ଞାନ ରଞ୍ଜନ ବେଉରା, ରାଜ୍ୟ ମହିଳା କମିଶନର ସଦସ୍ୟା ପ୍ରତିଭା ଶତପଥୀ, ସିନେ ତାରକା ଶ୍ରୀତମ ଦାସ, ୫୬ ନମ୍ବର ୱାର୍ଡର କର୍ପୋରେଟର ଲିଂା ନାୟକ, କଟକ ଜିଲ୍ଲା ମହିଳା ମୋର୍ଚ୍ଚା ନେତ୍ରୀ ମଧୁସ୍ମିତା ପ୍ରଧାନ, ପୂର୍ବତନ ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜିତ ପଣ୍ଡା, ଉରାଳି ଗ୍ରାମ ପଞ୍ଚାୟତର ନାରୀନେତ୍ରୀ ଗୌତମୀ ସାମଲଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ରହିଥିଲେ । ପୂର୍ବତନ ମଣ୍ଡଳ ସଭାପତି ପ୍ରମୋଦ କୁମାର ଓଝା ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ "ମନ କି ବାତ' ପ୍ରସାରଣକୁ ସମସ୍ତେ ଏକାଗ୍ରଚିତ୍ତରେ ଶୁଣିବା ସହ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା, ଦେଶର ବିକାଶ, ସମାଜର ସକାରାତ୍ମକ ପରିବର୍ତ୍ତନ, ନାରୀ ସଶକ୍ତିକରଣ, ଯୁବଶକ୍ତି, ସ୍ୱଚ୍ଛତା, ପରିବେଶ ସୁରକ୍ଷା ଏବଂ ଆତ୍ମନିର୍ଭର ଭାରତ ଗଠନ ପ୍ରତି ତାଙ୍କର ଆହ୍ୱାନକୁ ଉଚ୍ଚ ପ୍ରଶଂସା କରିଥିଲେ । ବକ୍ତାମାନେ କହିଥିଲେ ଯେ, "ମନ କି ବାତ' କେବଳ ଏକ ରେଡିଓ କାର୍ଯ୍ୟକ୍ରମ ନୁହେଁ, ବରଂ ଦେଶବାସୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଏକ ଆତ୍ମୀୟ ସଂଳାପ । ଏହା ମାଧ୍ୟମରେ ସେ ଦେଶର ସାଧାରଣ ଲୋକଙ୍କ ସଫଳତାର କାହାଣୀକୁ ସାମ୍ନାକୁ ଆଣି ସେମାନଙ୍କୁ ସମ୍ମାନିତ କରିବା ସହ ଦେଶର ପ୍ରତ୍ୟେକ ନାଗରିକଙ୍କୁ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଭାଗୀଦାର ହେବାକୁ ପ୍ରେରଣା ଯୋଗାଉଛନ୍ତି । କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଦୀପକ ମଲ୍ଲିକ, ପ୍ରକାଶ ଲେଙ୍କା, ଚାନ୍ଦିନୀ ସାମଲ, ଗୌରବ ସାହୁ, ବଳରାମ ଦେହୁରୀ, ଅଭୟ ମହାନ୍ତି, ତ୍ରୈଲୋକ୍ୟ ରାଉତ, ଶୁଭଲକ୍ଷ୍ମୀ ସଓ୍ୱାଇଁ, ପ୍ରିୟମ୍ବଦା ସ୍ୱାଇଁ, ନିହାରିକା ନାୟକ, ଦିଲ୍ଲୀପ ସାମଲ, ରାଜ କିଶୋର ବେହେରା, ବିଶ୍ୱଜିତ ରଣା, ସସ୍ମିତା ମଲ୍ଲିକ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଶେଷରେ ଉପସ୍ଥିତ ସମସ୍ତେ ବିକଶିତ ଭାରତ୨୦୪୭ର ସ୍ୱପ୍ନ ସାକାର କରିବା ଦିଗରେ ନିଜ ନିଜ ସ୍ତରରୁ ସହଯୋଗ କରିବା ସହ ସମାଜ ସେବା ଓ ରାଷ୍ଟ୍ର ଗଠନମୂଳକ କାର୍ଯ୍ୟରେ ଅଧିକ ସକ୍ରିୟ ରହିବାକୁ ସଂକଳ୍ପ ନେଇଥିଲେ ।

## ବିନାଡ୍ରାଇଭିଂ ଲାଇସେନ୍ସରେ ଚଳାଉଛନ୍ତି ଟ୍ରାକ୍ଟର

ଆଗରପଡ଼ା,(ସବ୍ୟୁ): ସ୍ଥାନୀୟ ଅଂଚଳରେ ଛତୁ ଫୁଟିଲା ପରି ଟ୍ରାକ୍ଟର ଗୁଡ଼ିକ ମୁଖ୍ୟ ରାସ୍ତାରେ ଅତି ଦ୍ରୁତ ବେଗରେ ଅହରହ ଚାଲିଛି । ଯଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିବାର ଅଭିଯୋଗ ହେଉଛି । ଏଥିସହିତ ଏହି ଟ୍ରାକଫର ଗୁଡ଼ିକ କେବଳ ବେଆଇନ ଭାବେ ବାଲି,ମାଟି ଆଦି ସାମଗ୍ରୀ ପରିବହନ କରୁଛି । ଚାଳକଙ୍କ ରହୁ ନାହିଁ ଲାଇସେନ୍ସ,ଇଂଜିନ ଇନସ୍ୟୁରାନ୍ସ ନାହିଁ କି ଡାଲା ଫିଟନେସ ରହୁନାହିଁ । ଟ୍ରାକଫର ନମ୍ବର ମଧ୍ୟ ଖୋଜିଲେ ମିଳୁ ନାହିଁ । ଏହି ସଂପର୍କରେ ଜଣାପଡୁଛି ଯେତେବେଳେ ଚୋରା ସାମଗ୍ରୀ ପରିବହନ କରୁଥିବା ସମୟରେ ପୋଲିସ କିମ୍ବା ଖଣି ବିଭାଗ ଦ୍ୱାରା ଟ୍ରାକଫର ଗୁଡ଼ିକ ଜବତ୍ ହେଉଛି ।

## ଓଏମସିର ପରିଚାଳନା ନିର୍ଦ୍ଦେଶକଙ୍କ ଦୈତାରୀ ଲୁହାପଥର ଖଣି ଓ ବାଙ୍ଗୁର କ୍ରୋମାଇଟ୍ ଖଣି ପରିଦର୍ଶନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଦୈତାରୀ ଲୁହାପଥର ଖଣି ଏବଂ ବାଙ୍ଗୁର କ୍ରୋମାଇଟ୍ ଖଣି ପରିଦର୍ଶନ କରି ଖଣି କାର୍ଯ୍ୟକଳାପର ସମୀକ୍ଷା କରିବା ସହ ଉତ୍ପାଦନ ବୃଦ୍ଧି, କାର୍ଯ୍ୟଦକ୍ଷତା, ସୁରକ୍ଷା ଓ ସ୍ଥାୟୀ ଖଣି ପରିଚାଳନା ଉପରେ ଆଲୋଚନା କରିଥିଲେ। ଏହାସହ ରାଜ୍ୟର ଶିଳ୍ପ ବିକାଶକୁ ସୁଦୃଢ଼ କରିବା ପାଇଁ ଶିଳ୍ପ କ୍ଷେତ୍ରକୁ ନିରବଚ୍ଛିନ୍ନ କଞ୍ଚାମାଲ ଯୋଗାଣ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଦୈତାରୀ ଲୁହାପଥର ଖଣି ପରିଦର୍ଶନ ସମୟରେ ଶ୍ରୀ ସାମଲ ଉତ୍ପାଦନ ବ୍ୟବସ୍ଥା, କାର୍ଯ୍ୟଦକ୍ଷତା, ଲଜିଷ୍ଟିକ୍ସ ଏବଂ ପରିଚାଳନାର ସମୀକ୍ଷା କରିଥିଲେ। ଉତ୍ପାଦନ ବୃଦ୍ଧି, ସମ୍ବଳର ସଠିକ୍ ପରିଚାଳନା, ସ୍ଥାୟୀ ଖଣି କାର୍ଯ୍ୟକଳାପ ଓ ପରିବେଶ ସଂରକ୍ଷଣ ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ।

ବାଙ୍ଗୁର ଭୂତଳ କ୍ରୋମାଇଟ୍



ଖଣି ପରିଦର୍ଶନ ସମୟରେ ଶ୍ରୀ ସାମଲ ଭୂତଳ ଖଣି କାର୍ଯ୍ୟକଳାପ, ଲମ୍ପି କ୍ରୋମାଇଟ୍ ଖଣିଜର ଉତ୍ପାଦନ କ୍ଷମତା ବୃଦ୍ଧି କରି ଶିଳ୍ପ କ୍ଷେତ୍ରର ଚାହିଦା ପୂରଣ ଏବଂ ଖଣିଜ ପରିବହନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଉତ୍ପାଦନ ବୃଦ୍ଧି ପାଇଁ ଆଧୁନିକ ଖଣି ପରିଚାଳନା ପଦ୍ଧତିର ପ୍ରୟୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉତ୍ପାଦନ ବୃଦ୍ଧି ସହିତ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଏବଂ ଭୂତଳ ଖଣିର ସମସ୍ତ ସୁରକ୍ଷା ନିୟମର ପାଳନ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ଖଣି ପରିଦର୍ଶନ ସମୟରେ ଶ୍ରୀ ସାମଲ କହିଥିଲେ ଯେ କାର୍ଯ୍ୟଦକ୍ଷତା, ସୁରକ୍ଷା ଓ ସ୍ଥାୟୀ ଖଣି ପରିଚାଳନାର ସମନ୍ୱୟ ହିଁ ଓଏମସିକୁ ଦେଶର ଅଗ୍ରଣୀ ଖଣି କମ୍ପାନୀ ଭାବେ ଆହୁରି ସଶକ୍ତ କରିବ। ସେ ଅଧିକାରୀମାନଙ୍କୁ ନିରନ୍ତର ଉନ୍ନତି, ସମ୍ବଳର ଦକ୍ଷ ପରିଚାଳନା ଓ ଦାୟିତ୍ୱବୋଧ ସହ ଖଣି କାର୍ଯ୍ୟକଳାପ ପରିଚାଳନା କରି ଉତ୍ପାଦନ ବୃଦ୍ଧି ସହ କର୍ମଚାରୀଙ୍କ ସୁରକ୍ଷା ଏବଂ ପରିବେଶ ସଂରକ୍ଷଣକୁ ସୁନିଶ୍ଚିତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ପରିଦର୍ଶନ ସୁରକ୍ଷିତ, ଦକ୍ଷ ଓ ସ୍ଥାୟୀ ଖଣି କାର୍ଯ୍ୟକଳାପ ପ୍ରତି ଓଏମସିର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯାହା ଆଗାମୀ ଦିନରେ ଓଡ଼ିଶାର ଆର୍ଥିକ ବିକାଶକୁ ଆହୁରି ସୁଦୃଢ଼ କରିବା ସହ ବିଭିନ୍ନ ଶିଳ୍ପକୁ ଖଣିଜ ସମ୍ପଦର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବ।

# ମୋଦୀଙ୍କ ମନ କି ବାତ୍‌ରେ ଦେଶ ସୁରକ୍ଷିତ

ନୂଆଦିଲ୍ଲୀ : ମନ୍ କି ବାତର ୧୩୫ତମ ଏପିସୋଡରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ୨୦୨୬ ବର୍ଷ ବିତିବାକୁ ଯାଉଛି। ଗତ ଛଅ ମାସରେ, ଆମେ ମନ୍ କି ବାତରେ ଦେଶବାସୀଙ୍କ ଅନେକ ସଫଳତା ବିଷୟରେ ଆଲୋଚନା କରିଛେ। ଜୁନ୍ ମାସରେ ମଧ ଦେଶ ଏପରି ସଫଳତା ହାସଲ କରିଛି ଯାହା ପ୍ରତ୍ୟେକ ନାଗରିକଙ୍କୁ ଗର୍ବିତ କରିଛି। ଏହି ସଫଳତାଗୁଡ଼ିକ ଦେଶର ସୁରକ୍ଷା ଏବଂ ସ୍ୱାବଲମ୍ବନ ସହିତ ଜଡିତ। ସମ୍ପ୍ରତି ମୋତେ କୋଲକାତାରେ ଏକ ନୌସେନା କାର୍ଯ୍ୟକ୍ରମରେ ଯୋଗଦେବାର ସୁଯୋଗ ମିଳିଥିଲା। ସେଠାରେ, ଆଇଏନଏସ ଦୁନାଗିରି, ଆଇଏନଏସ ସଂଶୋଧକ ଏବଂ ଆଇଏନଏସ ଅଗ୍ରୟକୁ ଭାରତୀୟ ନୌସେନା ନୌବାହିନୀରେ ସାମିଲ କରାଯାଇଥିଲା। ଏହି ଜାହାଜର ଡିଜାଇନ୍ ଠାରୁ ଆରମ୍ଭ କରି ଏହାର ନିର୍ମାଣ ପର୍ଯ୍ୟନ୍ତ, ସବୁକିଛି ସ୍ୱଦେଶୀ। ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ ସି-୨୯୫ ବିମାନ ନିର୍ମିତ ହୋଇଛି। ଏହି ବିମାନ ନିଜର ପ୍ରଥମ ଉଡ଼ାଣ ଶେଷ କରିଛି। ଭାରତରେ ଏପରି ଚାଳିଶଟି ବିମାନ ନିର୍ମାଣ କରାଯାଉଛି। ଏହା ଏମଏସଏମଇ ଏବଂ ମହାକାଶ କ୍ଷେତ୍ରକୁ ନୂତନ ଶକ୍ତି ଦେଉଛି।



ନିଯୁକ୍ତି ସୁଯୋଗ ବୃଦ୍ଧି ପାଉଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା କେବଳ ଏକ ବିମାନ ନୁହେଁ, ବରଂ ଭାରତର ପ୍ରଯୁକ୍ତିବିଦ୍ୟା କ୍ଷମତା ଏବଂ ପ୍ରତିରକ୍ଷା ଆତ୍ମନିର୍ଭରଶୀଳତାର ପ୍ରତୀକ। ସ୍ଥଳ, ସମୁଦ୍ରରୁ ଆକାଶ ପର୍ଯ୍ୟନ୍ତ ଭାରତର ସୁରକ୍ଷା ନିରନ୍ତର ମଜବୁତ ହେଉଛି ଏବଂ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଏପରି ସମୟରେ ଆସିଛି ଯେତେବେଳେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଦ୍ରୁତ ଗତିରେ ଆତ୍ମନିର୍ଭରଶୀଳତା ଆଡକୁ ଅଗ୍ରସର ହେଉଛି ଏବଂ ଘରୋଇ ପ୍ରତିରକ୍ଷା ଶିଳ୍ପକୁ ନିରନ୍ତର ପ୍ରୋତ୍ସାହିତ କରାଯାଉଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି, ମୁଁ ଲୋକମାନଙ୍କୁ ଯଥାସମ୍ଭବ କିଛି ସମୟ ପାଇଁ ସୁନା କିଣିବାରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲି। ମୁଁ ଦେଶର ପ୍ରତ୍ୟେକ ନାଗରିକଙ୍କ ପ୍ରତି କୃତଜ୍ଞ। ସେମାନେ କେବଳ ମୋର ଆବେଦନକୁ ସମର୍ଥନ କରିନାହାନ୍ତି ନାହିଁ ବରଂ ସମସ୍ତ ପ୍ରକାରେ ସକ୍ରିୟ ଭାବରେ ସହଯୋଗ କରୁଛନ୍ତି। ଅନେକ ପରିବାର ମେସେଜ୍ ମାଧ୍ୟମରେ ମୋ ସହିତ ସେମାନଙ୍କର ଅଭିଜ୍ଞତା ବାଣ୍ଟିଛନ୍ତି। ଲୋକମାନେ କାର୍ପୁଲିଂ ବିଷୟରେ ମଧ ଅନେକ ଅଭିଜ୍ଞତା ବାଣ୍ଟିଛନ୍ତି। ଯେଉଁମାନେ ପ୍ରତିଦିନ ନିଜସ୍ୱ ଯାନରେ ସମାନ ଦିଗରେ ଯାତ୍ରା କରୁଥିଲେ, ସେମାନେ ଏବେ ଏକାଠି ଯାତାୟାତ କରିବା ଆରମ୍ଭ କରିଛନ୍ତି। ଯୋଗ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ବିଶ୍ୱର ୨,୫୦୦ ରୁ ଅଧିକ ସ୍ଥାନରେ ବିଭିନ୍ନ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେ କହିଛନ୍ତି, ଆମ ଦେଶର ଲକ୍ଷ ଲକ୍ଷ ଲୋକ ବିଭିନ୍ନ ସ୍ଥାନରେ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ମାସରେ ଅହମ୍ମଦାବାଦରେ ଅନୁଷ୍ଠିତ ବିଶ୍ୱ ଯୋଗାସନ ଚାମ୍ପିଅନସିପ୍ ମଧ ବ୍ୟାପକ ଭାବରେ ଆଲୋଚନା ହୋଇଥିଲା। ଭାରତ ୧୦୨ ସ୍ୱର୍ଣ୍ଣ ପଦକ ସମେତ ମୋଟ ୧୧୪ ପଦକ ଜିତିଥିଲା। ଏହି ଚାମ୍ପିଅନସିପର ପଦକ ତାଲିକାରେ ଭାରତ ପ୍ରଥମ ସ୍ଥାନରେ ରହିଛି। ପ୍ରଧାନମନ୍ତ୍ରୀ ଏହାକୁ ଭାରତର ସାଂସ୍କୃତିକ ଶକ୍ତି ଏବଂ ବିଶ୍ୱ ନେତୃତ୍ୱର ଏକ ଉଦାହରଣ ଭାବରେ ବର୍ଣ୍ଣନା କରିଛନ୍ତି। ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ରର ନାନ୍ଦେଡ଼ ଜିଲ୍ଲାର ବାହାଦୁରପୁରା ଗାଁର ପେଠକର ପରିବାରକୁ ପ୍ରଶଂସା କରି କହିଛନ୍ତି, ପରିବାର ଏକ ବିବାହ ଉତ୍ସବ ଅବସରରେ ଗାଁର ପ୍ରାୟ ୩,୫୦୦ ଲୋକଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ଦୁର୍ଘଟଣା ବୀମା ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଖୁସି ବାଣ୍ଟିବାର ଏହି କାର୍ଯ୍ୟ ସମାଜ ପାଇଁ ପ୍ରେରଣାଦାୟକ ଏବଂ ଆବଶ୍ୟକତା ସମୟରେ ଅନେକ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବ।

# ଇରାନରୁ ତେଲ ଆଣିବ ଭାରତ

ନୂଆଦିଲ୍ଲୀ : ଇରାନ ତେଲ ଉପରେ ଲଗାଯାଇଥିବା କଟକଣାକୁ ଆମେରିକା ସରକାର ୬୦ ଦିନ ପର୍ଯ୍ୟନ୍ତ କୋହଳ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ଅନ୍ତରୀଣ ଶାନ୍ତି ଚୁକ୍ତି ହେବା ପରେ ଇରାନକୁ ଆମେରିକା ଏହି ସୁବିଧା ଦେଇଛି। ଏହାର ସୁଯୋଗ ନେଇ ଇରାନ ରିହାତି ଦରରେ ନିଜର ତେଲ ବିକ୍ରି ଆରମ୍ଭ କରିଛି। ଶସ୍ତାରେ ମିଳୁଥିବା ସେହି ତେଲ କିଣିବାକୁ ଭାରତ ଆଗ୍ରହ ଦେଖାଇଛି। କିନ୍ତୁ ପରିଚାଳନା ଗାଇଡ୍‌ଲାଇନ୍ ସ୍ପଷ୍ଟ ହୋଇନଥିବାରୁ ଭାରତ ବିପୁଳ ତେଲ କିଣିବା ବରାଦ ଦେଇପାରୁନାହିଁ। ବିଶେଷ କରି ପେମେଣ୍ଟ ସମ୍ପର୍କରେ ଗାଇଡ୍‌ଲାଇନ୍ ସ୍ପଷ୍ଟ ହେବାକୁ ଭାରତ ଅପେକ୍ଷା କରିଛି। ଅତୀତରେ ଭାରତ ଏହାର ତୃତୀୟ ସର୍ବାଧିକ ତେଲ ଇରାନରୁ ମଗାଉଥିଲା। ଭୌଗୋଳିକ ଦୃଷ୍ଟିରୁ ଭାରତ ଓ ଇରାନ ମଧ୍ୟରେ ଦୂରତା ଯଥେଷ୍ଟ କମ୍ ରହିଥିବାରୁ ପରିବହନ ଖର୍ଚ୍ଚ ମଧ କମ୍ ରହୁଛି। ଏଭଳି ସୁବିଧା ସହିତ ତେଲ ଉପରେ ରିହାତି ଭାରତ ପାଇଁ ବରଦାନ ସଦୃଶ। କିନ୍ତୁ ତେଲ କିଣିବା ପୂର୍ବରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା ସେହି ଧରଣର କୌଣସି ବଡ଼ ବ୍ୟାଙ୍କ ପ୍ରତି କିଛି ବିପଦ ରହିଛି ନା ନାହିଁ ତାହା ଭାରତ ପ୍ରଥମେ ଜାଣିବାକୁ ଚାହୁଛି। ତେଲ କିଣିବାକୁ ହେଲେ ବ୍ୟାଙ୍କ ଜରିଆରେ ପେମେଣ୍ଟ କରିବାକୁ ପଡ଼ିଥାଏ। ଯଦି ଇରାନରୁ ତେଲ କିଣୁଥିବା ଦେଶର ଆର୍ଥିକ ଅନୁଷ୍ଠାନ ଉପରେ ଆମେରିକା ହଠାତ୍ କୌଣସି କଟକଣା ଲଗାଇବ ତେବେ ବଡ଼ ଅସୁବିଧା ହୋଇଯିବ ବୋଲି ଭାରତ ଆଶଙ୍କା କରୁଛି। ସେଥିପାଇଁ ଏହା ନିୟମରେ ଆହୁରି ସ୍ପଷ୍ଟ ହେବାକୁ ଅପେକ୍ଷା କରିଛି। ଆମେରିକା ପକ୍ଷରୁ ସ୍ପଷ୍ଟ ହୋଇନାହିଁ। ତେଣୁ ତୈଳ କମ୍ପାନିଗୁଡ଼ିକ ଆମଦାନି ବରାଦ ଦେବା ପୂର୍ବରୁ କେଉଁ ଧରଣର ବ୍ୟାଙ୍କ ଜରିଆରେ କାରବାର ହେବ ତାହା ଜାଣିବାକୁ ଚାହୁଛନ୍ତି। ବର୍ତ୍ତମାନ ସମୟରେ ତେଲ କିଣା ପାଇଁ ବ୍ୟାଙ୍କ କାରବାର ସବୁଠୁ ବଡ଼ ପରିଚାଳନା ସମସ୍ୟା ଭାବେ ଉଭା ହୋଇଛି। ସେଥିରେ ସ୍ପଷ୍ଟତା ଆସିଲେ ତୈଳ



କଟକଣା ଲଗାଯିବାରୁ ୨୦୧୯ ପରଠାରୁ ଇରାନରୁ ଭାରତ ଆଉ ତେଲ କିଣୁନଥିଲା। ଚଳିତ ଜୁନ ୨୨ରେ ଇରାନ ତେଲ ଉପରେ ଲଗାଯାଇଥିବା କଟକଣାକୁ ଆମେରିକା କୋହଳ କରିଥିଲା। ସେହି ସୁବିଧା ଆସନ୍ତା ଅଗଷ୍ଟ ୨୧ ପର୍ଯ୍ୟନ୍ତ ମିଳିବ। ଇରାନ ତେଲ କିଣିଲେ କେଉଁ ମୁଦ୍ରାରେ ପେମେଣ୍ଟ କରିବାକୁ ହେବ ତାହା କମ୍ପାନିଗୁଡ଼ିକ ବରାଦ ଦେବା ଆରମ୍ଭ କରିବେ। ରିହାତି ଦରରେ ଇରାନ ତେଲ ଦେବାକୁ ବିଭିନ୍ନ ଟ୍ରେଡିଂ ସଂସ୍ଥା ଭାରତୀୟ କମ୍ପାନିଗୁଡ଼ିକ ସହ ଯୋଗାଯୋଗ କରିଛନ୍ତି। ଯେହେତୁ କିଛି ବର୍ଷ ପୂର୍ବରୁ ଭାରତ ଏହାର ତୃତୀୟ ସର୍ବାଧିକ ତେଲ ଇରାନରୁ ମଗାଉଥିଲା, ତେଣୁ ପୁଣି ଥରେ ସେଭଳି ସଫଳତା ହାସଲ କରାଯାଇପାରିବ।

# ତିରୁମାଲା ମନ୍ଦିରରେ ଅନନ୍ତ ଅମ୍ବାନୀ

ନୂଆଦିଲ୍ଲୀ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ ରବିବାର ଦିନ ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତିରୁମାଲା ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର ଗସ୍ତ କରି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ସେ ମନ୍ଦିରର ଶତାବ୍ଦୀ ପୁରୁଣା ପରମ୍ପରା ଅନୁଯାୟୀ ଭଗବାନ ଭେଙ୍କଟେଶ୍ୱରଙ୍କ ଚରଣରେ ନିଜର କେଶ ଦାନ କରିଛନ୍ତି। ତାଙ୍କର ଏହି ଭକ୍ତିଭାବପୂର୍ଣ୍ଣ ଗସ୍ତର ଅନେକ ଭିଡିଓ ଏବଂ ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରିପୋର୍ଟ ଅନୁଯାୟୀ, ଅନନ୍ତ ଅମ୍ବାନୀ ମଧ୍ୟରାତ୍ରି ପ୍ରାୟ ୧ଟା ସମୟରେ ତିରୁମାଲା ମନ୍ଦିରରେ ପହଞ୍ଚିଥିଲେ। ଏହାପରେ ସେ ଭୋର ସମୟରେ ଅନୁଷ୍ଠିତ ହେଉଥିବା ପବିତ୍ର 'ସୁପ୍ରଭାତ ସେବା'ରେ ଅଂଶଗ୍ରହଣ କରିଥିଲେ, ଯାହା ମନ୍ଦିରର ଆରାଧ୍ୟ ଦେବତାଙ୍କୁ ଜାଗ୍ରତ କରିବା ପାଇଁ କରାଯାଉଥିବା ଏକ ପାରମ୍ପରିକ ରୀତିନୀତି। ଦର୍ଶନ ଶେଷ ହେବା ପରେ ମନ୍ଦିରର ବରିଷ୍ଠ ପୂଜକମାନେ ତାଙ୍କୁ ବୈଦିକ ମନ୍ତ୍ରୋଚାରଣ ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହା ସହିତ ତିରୁମାଲା ତିରୁପତି ଦେବସ୍ଥାନମ୍ (TTD) ର କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କୁ ମନ୍ଦିରର ଏକ ପବିତ୍ର ସ୍ମାରକୀ ଏବଂ ଶ୍ରୀବାରୀ ପ୍ରସାଦମ ଭେଟି ଦେଇଥିଲେ। ଅନନ୍ତ ଅମ୍ବାନୀଙ୍କ ଏହି ଗସ୍ତର ସବୁଠାରୁ ଚର୍ଚ୍ଚିତ ବିଷୟ ଥିଲା ତାଙ୍କର କେଶ ଦାନ। ନିକଟ ଅତୀତରେ ଅନନ୍ତଙ୍କ ଲମ୍ବା କେଶ ତାଙ୍କ ବ୍ୟକ୍ତିତ୍ୱର ଏକ ସ୍ୱତନ୍ତ୍ର ପରିଚୟ ପାଲଟିଥିଲା, ଯାହାକୁ ସେ ଭଗବାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି। ତିରୁମାଲା ମନ୍ଦିରରେ କେଶ ଦାନ କରିବା ଏକ ଶତାବ୍ଦୀ ପୁରୁଣା ସନାତନ ପରମ୍ପରା। ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ନିଜର ଅହଂକାର ତ୍ୟାଗ କରିବା, ନମ୍ରତା ପ୍ରକାଶ କରିବା ଏବଂ ଭଗବାନ ଭେଙ୍କଟେଶ୍ୱରଙ୍କ ପ୍ରତି କୃତଜ୍ଞତା ଜଣାଇବା ପାଇଁ ଏହି ମୁଣ୍ଡନ ରୀତିନୀତି କରିଥାନ୍ତି।

# କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ ସମ୍ଭାବନା

ନୂଆଦିଲ୍ଲୀ: ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ମନ୍ତ୍ରିମଣ୍ଡଳରେ ବଡ଼ଧରଣର ଅଦଳବଦଳ କରିପାରନ୍ତି। ଏହା ସହିତ ଭାରତୀୟ ଜନତା ପାର୍ଟି (ବିଜେପି)ର ଜାତୀୟ ସାଂଗଠନିକ ଟିମ୍‌ରେ ମଧ ପରିବର୍ତ୍ତନ ଘୋଷଣା ହେବାର ସମ୍ଭାବନା ରହିଛି। ଦଳ ଓ ସରକାରର ଶୀର୍ଷସ୍ତରରେ ଏନେଇ ଆଲୋଚନା ଚାଲିଥିବା ସୂଚନା ମିଳିଛି। ସୂତ୍ର ଅନୁଯାୟୀ, ଏହି ପରିବର୍ତ୍ତନରେ କିଛି ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ ଦିଆଯାଇପାରେ, କିଛି ନୂଆ ମୁହଁଙ୍କୁ ସୁଯୋଗ ମିଳିପାରେ ଏବଂ କେତେକ ମନ୍ତ୍ରୀଙ୍କ ବିଭାଗ ମଧ ବଦଳାଯାଇପାରେ। ସେହିପରି ବିଜେପିର ଜାତୀୟ ଅଧ୍ୟକ୍ଷ ନିତିନ ନବୀନଙ୍କ ନେତୃତ୍ୱରେ ନୂଆ ସାଂଗଠନିକ ଟିମ୍ ଘୋଷଣା ହେବାର ସମ୍ଭାବନା ରହିଛି। ଏହି ଟିମ୍‌ରେ ଯୁବ ନେତାଙ୍କୁ ଅଧିକ ଗୁରୁତ୍ୱ ମିଳିପାରେ। ଗତ ସପ୍ତାହରେ ନିତିନ ନବୀନ କେତେକ ରାଷ୍ଟ୍ରମନ୍ତ୍ରୀଙ୍କ ସହ ମଧ ଆଲୋଚନା କରିଥିବା କୁହାଯାଉଛି। ଦଳର ସାଂଗଠନିକ ଦାୟିତ୍ୱରେ କେତେକ କେନ୍ଦ୍ରମନ୍ତ୍ରୀଙ୍କୁ ପଠାଯାଇପାରେ। ସେହିପରି ବିଜେପିର ସାଂଗଠନିକ ପଦାଧିକାରୀମାନଙ୍କ ମଧ୍ୟରୁ କିଛି ନେତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ। ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ସିବିଏସ୍‌ଇ ଡିଜିଟାଲ ମୂଲ୍ୟାଙ୍କନକୁ ନେଇ ବିବାଦ ହୋଇଥିବାରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଭାଗରେ ପରିବର୍ତ୍ତନକୁ ନେଇ ମଧ ଚର୍ଚ୍ଚା ଜୋର ଧରିଛି। ତେବେ ଏନେଇ କୌଣସି ସରକାରୀ ଘୋଷଣା ହୋଇନାହିଁ। ଆସନ୍ତା ବର୍ଷ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ ପଞ୍ଜାବରେ ବିଧାନସଭା ନିର୍ବାଚନ ଥିବାରୁ ଏହି ରାଜ୍ୟଗୁଡ଼ିକର



ନେତାଙ୍କୁ ମନ୍ତ୍ରିମଣ୍ଡଳରେ ଅଧିକ ପ୍ରତିନିଧିତ୍ୱ ଦିଆଯାଇପାରେ। ପଶ୍ଚିମବଙ୍ଗରେ ବିଜେପିର ସଫଳତା ପରେ ସେହି ରାଜ୍ୟର କିଛି ସାଂସଦଙ୍କୁ ମଧ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ। ଏଥିସହ ବିଦ୍ରୋହୀ ତୃଣମୂଳ କଂଗ୍ରେସ ଓ ଶିବସେନା (ୟୁବିଟି) ଗୋଷ୍ଠୀର କିଛି ପ୍ରତିନିଧିଙ୍କୁ ସୁଯୋଗ ଦେବା ନେଇ ମଧ ଆଲୋଚନା ଚାଲିଛି। ହେଲେ ଦଳବଦଳ ଆଇନ ଅନୁସାରେ ଲୋକସଭା ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ଏହା ନିର୍ଭର କରିବ। ଉତ୍ତର ପ୍ରଦେଶ ବିଜେପି ସଭାପତି ଭାବେ ପଙ୍କଜ ଚୌଧୁରୀ ଓ ଦିଲ୍ଲୀ ବିଜେପି ସଭାପତି ଭାବେ ହର୍ଷ ମଲହୋତ୍ରାଙ୍କ ନିଯୁକ୍ତି ପରେ 'ଜଣେ ବ୍ୟକ୍ତି, ଗୋଟିଏ ପଦ' ନୀତି ଅନୁଯାୟୀ ସେମାନେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଛାଡ଼ିପାରନ୍ତି। ଅନ୍ୟପକ୍ଷରେ ଜର୍ଜ କୁରିଆନ ରାଜ୍ୟସଭାକୁ ପୁନଃମନୋନୀତ ନ ହେବା ପରେ ଇସ୍ତଫା ଦେଇସାରିଛନ୍ତି। ରବନୀତ ସିଂହ ବିଟ୍ଟୁଙ୍କୁ ପଞ୍ଜାବ ରାଜନୀତିରେ ଅଧିକ ଦାୟିତ୍ୱ ଦିଆଯାଇପାରେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ବ୍ୟସ୍ତ ବିଦେଶ ଗସ୍ତକୁ ଦୃଷ୍ଟିରେ ରଖି ଜୁଲାଇରେ ମୌସୁମୀ ଅଧିବେଶନ ପୂର୍ବରୁ ଏହି ପରିବର୍ତ୍ତନ ହୋଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ତେବେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏଭଳି ନିଷ୍ପତ୍ତି ଗୋପନ ରଖିବା ମୋଦୀଙ୍କ ଶୈଳୀ ହୋଇଥିବାରୁ ସରକାରୀ ଘୋଷଣା ପରେ ହିଁ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ।

# ଓଲଟିଲା ସିଏସଏସଏଫ ଜବାନଙ୍କ ଗାଡି

## ୧୪ ଆହତ, ୩ ଗୁରୁତର

ଶ୍ରୀନଗର : ମାତା ବୈଷ୍ଣୋ ଦେବୀ ଯାତ୍ରା ମାର୍ଗରେ ରବିବାର ଏକ ମାଟାଡୋର ଓଲଟି ପଡିଛି। ଏହି ମାଟାଡୋରଟି ବୈଷ୍ଣୋଦେବୀ ମନ୍ଦିର ସୁରକ୍ଷାରେ ମୃତୟନ ସିଏସ୍‌ଏସ୍‌ଏଫ ଜବାନଙ୍କର ଓ ଦୁର୍ଘଟଣା ବେଳେ ଏଥିରେ ୧୩-୧୪ ଜଣ ଜବାନ ଥିଲେ। ମାଟାଡୋରଟି ତାରାକୋଟରୁ କଟରା ଆଡକୁ ଜବାନଙ୍କୁ ନେଇ ଯାଉଥିବା ବେଳେ ମଝି ରାସ୍ତାରେ ନିୟନ୍ତ୍ରଣ ହରାଇ ଓଲଟି ପଡିଛି। ଫଳରେ ଏଥିରେ ଥିବା ସବୁ ଜବାନ ଆହତ ହୋଇଥିବା ବେଳେ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଜିଏମସି ଜମ୍ମୁ ରେଫର କରାଯାଇଛି। ଏହି ଦୁର୍ଘଟଣା ସେତେବେଳେ ଘଟିଥିଲା ଯେତେବେଳେ ମାଟାଡୋର କଟରା ଫେରୁଥିଲା। ଅଚାନକ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିବା ବେଳେ ତାହା ଓଲଟି ପଡିଛି। ଦୁର୍ଘଟଣା ସୂଚନା ମିଳିବାମାତ୍ରେ ପୋଲିସ୍, ସ୍ରାଇନ ବୋର୍ଡ ଅଧିକାରୀ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଓଲଟି ପଡିଥିବା ଗାଡିରୁ ଜବାନଙ୍କୁ ବାହାର କରିବାରେ ସ୍ଥାନୀୟ ଲୋକେ ମଧ ସହାୟତା କରିଛନ୍ତି। ସବୁ ଆହତଙ୍କୁ ତୁରନ୍ତ କଟରା ସ୍ଥିତ ଉପଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସାମାନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିବା ବେଳେ ଗୁରୁତର ଆହତଙ୍କୁ ଜମ୍ମୁ ସ୍ଥାନାନ୍ତରଣ କରାଯାଇଛି। ପ୍ରାରମ୍ଭିକ ସୂଚନା ଅନୁସାରେ ବାହନ ସନ୍ତୁଳନ ହରାଇବା ଦୁର୍ଘଟଣାର କାରଣ ବୋଲି କୁହାଯାଉଛି। ତେବେ ଏଥି ପାଇଁ ଅସଲି କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରାଯାଇଛି। ଗାଡ଼ିର ଯାନ୍ତ୍ରିକ ତ୍ରୁଟି, ସଡ଼କ ପରିସ୍ଥିତି ଓ ଅନ୍ୟ କାରଣକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ସିଏସଏସଏଫ ଜବାନ ବୈଷ୍ଣୋଦେବୀ ଯାତ୍ରା ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଏହି ଜବାନ ବିଭିନ୍ନ ସ୍ଥାନରେ ମୁତୟନ ଥାନ୍ତି। ତେବେ ଏହି ଦୁର୍ଘଟଣା ସୁରକ୍ଷାବଳ ଓ ପ୍ରଶାସନର ଚିନ୍ତା ବଢାଇ ଦେଇଛି।

# ୪ ଦିନରେ ୭ଟି ଭୂକମ୍ପ

ନୂଆଦିଲ୍ଲୀ: ଗତ ଚାରି ଦିନ ମଧ୍ୟରେ ବିଶ୍ୱର ବିଭିନ୍ନ ଅଞ୍ଚଳରେ ସାତଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ବିଶେଷକରି ଭେନେଜୁଏଲା, ଜାପାନ, ଆଫଗାନିସ୍ତାନ ଓ ପାକିସ୍ତାନରେ ବାରମ୍ବାର ଭୂକମ୍ପ ଘଟିବା ପରେ ଅନେକଙ୍କ ମନରେ ପ୍ରଶ୍ନ ଉଠିଛି- ଏହା କ'ଣ କୌଣସି ବଡ଼ ବୈଶ୍ୱିକ ବିପର୍ଯ୍ୟୟର ସଙ୍କେତ? ତେବେ ଭୂକମ୍ପ ବିଜ୍ଞାନୀମାନଙ୍କ କହିବା ଅନୁସାରେ, ଏପରି ଘଟଣାକୁ ଏକ ବଡ଼ ବିଶ୍ୱସ୍ତରୀୟ ବିପଦର ପୂର୍ବାଭାସ ବୋଲି କହିବା ପାଇଁ ବୈଜ୍ଞାନିକ ପ୍ରମାଣ ନାହିଁ। ସବୁଠୁ ଅଧିକ କ୍ଷୟକ୍ଷତି ଭେନେଜୁଏଲାରେ ଘଟିଛି। ଜୁନ୍ ୨୪ରେ ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ୭.୨ ଓ ୭.୫ ତୀବ୍ରତାର ଦୁଇଟି ଶକ୍ତିଶାଳୀ ଭୂକମ୍ପ ଆସିଥିଲା। ଏଥିରେ ଅନେକ କୋଠା ଭୁଶୁଡ଼ି ପଡ଼ିଥିଲା ଏବଂ ବ୍ୟାପକ ଧ୍ୱଂସଲୀଳା ସୃଷ୍ଟି ହୋଇଥିଲା। ମୃତକଙ୍କ ସଂଖ୍ୟା ୧,୪୦୦ ଅତିକ୍ରମ କରିଥିବା ବେଳେ ହଜାର ହଜାର ଲୋକ ଏବେ ମଧ ନିଖୋଜ ଅଛନ୍ତି। ଉଦ୍ଧାରକାରୀ ଦଳ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଥିବା ସତ୍ତ୍ୱେ ବାରମ୍ବାର ଆସୁଥିବା ପଶ୍ଚାତ୍ କମ୍ପନ ଉଦ୍ଧାର କାର୍ଯ୍ୟକୁ ବାଧା ଦେଉଛି। ଏହା ପରେ ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ୬.୦ ତୀବ୍ରତାର ଭୂକମ୍ପ ହୋଇଥିଲା। ଏହାର କମ୍ପନ ପାକିସ୍ତାନର ଅନେକ ଅଞ୍ଚଳରେ ମଧ ଅନୁଭୂତ ହୋଇଥିଲା। ପାକିସ୍ତାନର ବଲୁଚିସ୍ତାନରେ ୨୦ରୁ ଅଧିକ ଲୋକ ଆହତ ହେବା ସହ ପ୍ରାୟ ୧୨୫ଟି ଘର କ୍ଷତିଗ୍ରସ୍ତ ହୋଇଛି। ଏହା ପୂର୍ବରୁ ମଧ ସେହି ଅଞ୍ଚଳରେ ୫.୪ ତୀବ୍ରତାର ଆଉ ଏକ ଭୂକମ୍ପ ହୋଇଥିଲା। ଭୂକମ୍ପ ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ପୃଥିବୀର ଟେକ୍ଟୋନିକ୍ ପ୍ଲେଟ୍‌ଗୁଡ଼ିକ ନିରନ୍ତର ଗତିଶୀଳ ହେବା କାରଣରୁ ବାରମ୍ବାର ଭୂକମ୍ପ ଘଟିଥାଏ। ଭେନେଜୁଏଲା କ୍ୟାରିବିଆନ୍ ଓ ଦକ୍ଷିଣ ଆମେରିକୀୟ ପ୍ଲେଟ୍ର ସୀମାରେ ଅବସ୍ଥିତ ଥିବା ବେଳେ ଆଫଗାନିସ୍ତାନ ଓ ପାକିସ୍ତାନ ଭାରତୀୟ ଓ ୟୁରେସିଆନ୍ ପ୍ଲେଟ୍ର ସଂଘର୍ଷ ଅଞ୍ଚଳରେ ରହିଛି। ଏହି କାରଣରୁ ଏସବୁ ଅଞ୍ଚଳରେ ମଧ୍ୟମ ଓ ବଡ଼ ଧରଣର ଭୂକମ୍ପ ସାଧାରଣ ଘଟଣା। ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି ଯେ, ପୃଥିବୀର ଭିନ୍ନ ଭିନ୍ନ ଅଞ୍ଚଳରେ ପର ପର ଭୂକମ୍ପ ହେବାର ଅର୍ଥ ଏହା ନୁହେଁ ଯେ ଏକ ବିଶାଳ ବୈଶ୍ୱିକ ଭୂକମ୍ପ ଆସିବାକୁ ଯାଉଛି।

# କୁଏତ, ବାହାରିନ ଉପରେ ଇରାନର ପ୍ରଚଣ୍ଡ ଆକ୍ରମଣ

କୁଏତ ସିଟି : ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ତିକ୍ତତା ଆଜି ପୁଣି ଯୁଦ୍ଧ ଉତ୍ତେଜନାର ରୂପ ନେଇଛି। ଆମେରିକା ପକ୍ଷରୁ କରାଯାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନର ଜବାବରେ ଇରାନ ଆଜି କୁଏତ ଏବଂ ବାହାରିନ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରିଛି। ଏହି ଆକ୍ରମଣ ଯୋଗୁ ଚଳିତ ମାସ ଆରମ୍ଭରେ ଦୁଇ ପକ୍ଷ ମଧ୍ୟରେ ହୋଇଥିବା ଅସ୍ଥାୟୀ ଯୁଦ୍ଧବିରତି ଚୁକ୍ତି ଏବେ ସମ୍ପୂର୍ଣ୍ଣ ବିପନ୍ନ ହୋଇପଡ଼ିଛି। ଇରାନୀ ସେନା 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଆଇଆର୍‌ଜିସି) ରବିବାର ଏହି ଆକ୍ରମଣକୁ ସ୍ୱୀକାର କରି କହିଛି ଯେ, କୁଏତରେ ଥିବା ଆମେରିକାର 'ଅଲ୍ ଅଲି ଅଲ୍ ସାଲେମ' ବାୟୁସେନା ଘାଟି ଏବଂ ବାହାରିନର ପୋର୍ଟ ସଲମାନ ସ୍ଥିତ ଆମେରିକୀୟ ନୌସେନାର ପଞ୍ଚମ ନୌ ବାହିନୀକୁ ଲକ୍ଷ୍ୟ କରି ବାଲିଷ୍ଟିକ କ୍ଷେପଣାସ୍ତ୍ର ଓ ଡ୍ରୋନ ମାଡ଼ କରାଯାଇଛି। ବାହାରିନର ମୁହାରକ ଅଞ୍ଚଳରେ ଏକ ଆବାସିକ ଅଟ୍ଟାଳିକା ଉପରେ ଇରାନର ଡ୍ରୋନ ମାଡ଼ ହୋଇଥିବା ବେଳେ ସେଠାରେ ସିଭିଲ୍ ଡିଫେନ୍ସ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହି ଆକ୍ରମଣକୁ କୁଏତ ଏବଂ ବାହାରିନ ସରକାର ତୀବ୍ର ନିନ୍ଦା କରିଛନ୍ତି। ବାହାରିନ ଏହାକୁ ନିଜର ସାର୍ବଭୌମତ୍ୱ ଉପରେ ଆଘାତ ଏବଂ ଅଞ୍ଚଳର ସ୍ଥିରତା ରକ୍ଷା ପ୍ରକ୍ରିୟାକୁ ଦୁର୍ବଳ କରିବା ପାଇଁ ଏକ ପ୍ରୟାସ ବୋଲି କହିଛି। ସେହିପରି କୁଏତ ଏହାକୁ ଇରାନର ଏକ ଘୃଣ୍ୟ ଓ ଚୁକ୍ତିର ଖୋଲା ଉଲ୍ଲଂଘନ କାର୍ଯ୍ୟ ବୋଲି ଅଭିହିତ କରିଛି। ଅନ୍ୟପକ୍ଷରେ କତର, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଜୋର୍ଡାନ ମଧ ଏହି ଆକ୍ରମଣକୁ ନିନ୍ଦା କରିବା ସହ ଅନ୍ତର୍ଜାତୀୟ ନିୟମ ଓ ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତାବଳୀର ଖୋଲା ଉଲ୍ଲଂଘନ ବୋଲି କହିଛନ୍ତି। ଓମାନ ପକ୍ଷରୁ ସମସ୍ତ ପକ୍ଷକୁ ସଂଯମତା ଅବଲମ୍ବନ କରିବା ସହ କୂଟନୈତିକ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ସଂଘର୍ଷର ସୂତ୍ରପାତ ଗତକାଲି ହୋଇଥିଲା, ଯେତେବେଳେ ଆମେରିକାର ସେଣ୍ଟ୍ରାଲ କମାଣ୍ଡ ନୌସେନା ଏବଂ ବାୟୁସେନା ସହାୟତାରେ ହର୍ମୁଜ ନିକଟରେ ଥିବା ଇରାନର ଶିରିକ୍, ବାନ୍ଦର-ଇ ଲେଙ୍ଗେହ ଏବଂ କେଶ୍ମ ଦ୍ୱୀପ ସମେତ ୧୦ଟି ସାମରିକ ଘାଟି ଉପରେ ବୋମାବର୍ଷଣ ହୋଇଥିଲା।

# ସୁପ୍ରିମକୋର୍ଟ କଲେଜିୟମର ସଦସ୍ୟ ହେବେ ଜଷ୍ଟିସ୍ ପି.ଏସ୍. ନରସିମହା

ନୂଆଦିଲ୍ଲୀ: ଜଷ୍ଟିସ୍ ଜେ.କେ. ମହେଶ୍ୱରୀ ଅବସର ନେବା ଯୋଗୁ ଜଷ୍ଟିସ୍ ପି.ଏସ୍.ନରସିମହା ସୁପ୍ରିମକୋର୍ଟ କଲେଜିୟମ ସଦସ୍ୟ ହେବାକୁ ଯାଉଛନ୍ତି। ଜଷ୍ଟିସ୍ ନରସିମହା ୨ ମେ ୨୦୨୮ରେ ଚାକିରିରୁ ଅବସର ଗ୍ରହଣ କରିବେ, ତେବେ ସେ ପର୍ଯ୍ୟନ୍ତ ସେ କଲେଜିୟମ ସଦସ୍ୟ ରହିବେ। ଜଷ୍ଟିସ୍ ମହେଶ୍ୱରୀ ତାଙ୍କ ୫ ବର୍ଷର କାର୍ଯ୍ୟକାଳ ପରେ ରବିବାର ଅବସର ଗ୍ରହଣ କରିଛନ୍ତି। ଏଣୁ କଲେଜିୟମରେ ଏବେ ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ବି.ଭି. ନାଗରତ୍ନା, ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ ଓ ଏବେ ଜଷ୍ଟିସ୍ ପି.ଏସ. ନରସିମହା ସାମିଲ ହେବେ। ୧୯୯୩ ମସିହାରେ ଅସ୍ତିତ୍ୱକୁ ଆସିଥିବା ସୁପ୍ରିମକୋର୍ଟ କଲେଜିୟମ ପ୍ରଣାଳୀ ସୁପ୍ରିମକୋର୍ଟର ଶୀର୍ଷ ୫ ବିଚାରପତି, ୨୫ ଉଚ୍ଚନ୍ୟାୟାଳୟଙ୍କ ବିଚାରପତି ନିଯୁକ୍ତି, ସେମାନଙ୍କ ସ୍ଥାନାନ୍ତରଣ ଓ ପଦୋନ୍ନତୀ ସୁପାରିଶ କରନ୍ତି। ଏହି ପ୍ରଣାଳୀ ଅନୁସାରେ ସରକାର ସୁପାରିଶକୁ କଲେଜିୟମକୁ ଫେରସ୍ତ ପଠାଇ ପାରନ୍ତି। ତେବେ ପରେ ଯଦି ସୁପାରିଶ ଦୋହରା ଯାଏ ତେବେ ଏହାକୁ ଗ୍ରହଣ ମଧ କରନ୍ତି। କିଛି ମାମଲାରେ ସରକାର ଫାଇଲ ଫେରସ୍ତ କରନ୍ତିନି ନଚେତ ପ୍ରତିକ୍ରିୟା



ଦେଇ ନଥାନ୍ତି। ଜଷ୍ଟିସ୍ ନରସିମହାଙ୍କ ଜନ୍ମ ୩ ମେ ୧୯୬୩ରେ ହାଇଦ୍ରାବାଦରେ ହୋଇଥିଲା। ସେ ନିଜାମ କଲେଜ ହାଇଦ୍ରାବାଦରେ ଅର୍ଥଶାସ୍ତ୍ର, ରାଜନୀତି ବିଜ୍ଞାନ ଓ ପବ୍ଲିକ୍ ଆଡମିନେଷ୍ଟ୍ରେସନରେ ସ୍ନାତକ ଉତୀର୍ଣ୍ଣ ହୋଇଥିଲେ। ପରେ ୧୯୮୮ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଲ ସେଣ୍ଟରରେ ଆଇନ ଅଧ୍ୟୟନ କରିଥିଲେ। ସେହିବର୍ଷ ସେ ଓକିଲ ରୂପେ କାମ ଆରମ୍ଭ କରିଥିବା ବେଳେ ହାଇଦ୍ରାବାଦ ହାଇକୋର୍ଟ, ସିଭିଲ କୋର୍ଟ ଓ ଟ୍ରିବ୍ୟୁନାଲରେ ପ୍ରାକ୍ଟିସ୍ ଆରମ୍ଭ କରିଥିଲେ। ପରେ ସେ ତାଙ୍କ ଓକିଲାତିକୁ ଦିଲ୍ଲୀ ସ୍ଥାନାନ୍ତରଣ କରିଥିବା ବେଳେ ସୁପ୍ରିମକୋର୍ଟର ଅନେକ ମାମଲା ପରିଚାଳନା କରିଛନ୍ତି,ଯେଉଁଥିରେ ସମ୍ବିଧାନ ପୀଠ ମାମଲା ମଧ ରହିଛି। ଜଷ୍ଟିସ୍ ନରସିମହାଙ୍କୁ ୩୧ ଅଗଷ୍ଟ ୨୦୨୧ରେ ସିଧାସଳଖ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତୀ ଦିଆଯାଇଥିଲା।

# ଫୟାଜର ସୈତାନୀ ଷଡ଼ଯନ୍ତ୍ର

ମୁମ୍ବାଇ : ମୁମ୍ବାଇରେ ମହରମ୍ ଶୋଭାଯାତ୍ରା ସମୟରେ ଏକ ଭୟଙ୍କର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇଛି । ସମୟ ଥାଉ ଥାଉ ଧରାପଡ଼ିବାରୁ, ଏକ ବଡ଼ ଗଣହତ୍ୟାକାଣ୍ଡକୁ ରୋକିବାରେ ସଫଳତା ମିଳିଛି । ଅଭିଯୁକ୍ତ ଫୟାଜ୍ ମୁମ୍ବାଇରେ ମୃତ୍ୟୁର ଏକ ତାଣ୍ଡବଲୀଳା ରଚିବା ପାଇଁ ଷଡ଼ଯନ୍ତ୍ର କରିଥିଲା । ସେ ମୁମ୍ବାଇର ବାଇକୁଲା ଏବଂ ଜେଜେ ମାର୍ଗରେ ହଜାର ହଜାର ଲୋକଙ୍କୁ ଭିଟାମିନ୍ ଆଳରେ ବିଷ କ୍ୟାପସୁଲ୍ ବାଣ୍ଟୁଥିଲା । ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଏକ ବଡ଼ ଗଣହତ୍ୟାକାଣ୍ଡକୁ ଏଡାଇବାରେ ସଫଳ ହୋଇଛି । ପୋଲିସ ମୁଖ୍ୟ ଅଭିଯୁକ୍ତ ଫୟାଜ୍ ନିସାର ହୁସେନ୍ ପ୍ରେମଜୀକୁ ଗିରଫ କରିଛି ଏବଂ ବହୁ ପରିମାଣରେ ଜିଙ୍କ୍ ଫସଫାଇଡ୍ (ମୂଷା ମାରିବା ପାଇଁ ବ୍ୟବହୃତ ବିଷ) ଜବତ କରିଛି । ସୂତ୍ର ଅନୁସାରେ ଫୟାଜ ପ୍ରେମଜୀ ହଜାର ହଜାର ଲୋକଙ୍କୁ ବିଷ ଦେବା ଉଦ୍ଦେଶ୍ୟକୁ ସ୍ୱୀକାର କରିଛି । ଶନିବାର ରାତିରେ କୋର୍ଟ ଦୁଇ ଦିନ ପାଇଁ ତାକୁ ପୋଲିସ ହେପାଜତକୁ ପଠାଇ ଦେଇଛନ୍ତି । ଫୟାଜ ପ୍ରେମଜୀ ରେ' ରୋଡର ରହମତାବାଦ କବରସ୍ଥାନ



ନିକଟରେ ଆଶୁରା ଶୋଭାଯାତ୍ରାରେ ଯୋଗ ଦେଇଥିବା ଲୋକଙ୍କୁ ବିଷ ବଟିକା ବାଣ୍ଟୁଥିବା ବେଳେ ଧରାପଡ଼ିଥିଲା । ଭିଡ଼ର ସୁଯୋଗ ନେଇ ସେ ସେଗୁଡ଼ିକୁ ଯନ୍ତ୍ରଣା ନିବାରକ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଭାବରେ ବାଣ୍ଟୁଥିଲା । ୧୧ ଜଣ ଲୋକ କ୍ୟାପସୁଲ ଖାଇଥିଲେ: ସୂତ୍ର ଅନୁସାରେ କ୍ୟାପସୁଲ୍ ଖାଇବା ପରେ ପ୍ରାୟ ୧୧ ଜଣ ଅସୁସ୍ଥ ହୋଇପଡ଼ିଥିଲେ । ସେମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା । ସମସ୍ତେ ଏବେ ବିପଦମୁକ୍ତ ଅଛନ୍ତି । ସେମାନଙ୍କ ମଧ୍ୟରୁ ସଲମାନ ସଇଦ ନାମକ ଜଣେ ବ୍ୟକ୍ତି ବଟିକା ଖାଇବା ପରେ ପେଟ ଯନ୍ତ୍ରଣା ଏବଂ ବାନ୍ତି ଅଭିଯୋଗ କରିଥିଲେ । ଡିସିପି ଜୟନ୍ତ ମୀନା ସ୍ପଷ୍ଟ କରିଛନ୍ତି ଯେ ଅଭିଯୁକ୍ତ କ୍ୟାପସୁଲରେ ଜିଙ୍କ ଫସଫାଇଡ୍ ମିଶ୍ରଣ କରିଥିଲା ।

ମୁମ୍ବାଇରେ ୧୫ ଦିନ ଧରି ଷଡ଼ଯନ୍ତ୍ର ଚାଲିଥିଲା: ପୋଲିସ ତଦନ୍ତରୁ ଜଣାପଡିଛି ଯେ ଏହି ବଡ଼ ଧରଣର ଗଣହତ୍ୟାକାଣ୍ଡ ପାଇଁ ଗତ ୧୫ ଦିନ ଧରି ଏକ ସୁଚିନ୍ତିତ ଯୋଜନାବଦ୍ଧ ଭାବରେ ପ୍ରସ୍ତୁତି ଚାଲିଥିଲା । ଘଟଣାର ପ୍ରାୟ ୧୫ ଦିନ ପୂର୍ବରୁ, ଫୟାଜ ମୁମ୍ବାଇର ଡୋଙ୍ଗରି ଅଞ୍ଚଳରେ ଏକ ଘର ଭଡ଼ା ନେଇଥିଲା । ଅଭିଯୁକ୍ତ ଅନଲାଇନରେ ୫୦ କିଲୋ ଜିଙ୍କ୍ ଫସଫାଇଡ୍ ଏବଂ ୩୦,୦୦୦ ଖାଲି କ୍ୟାପସୁଲ୍ ଅର୍ଡର କରିଥିଲା । କିଛି ଦିନ ଧରି, ଫୟାଜ ଏହି ଖାଲି କ୍ୟାପସୁଲଗୁଡ଼ିକରେ ବିଷ ଭର୍ତ୍ତି କରିଥିଲା । ପ୍ରତ୍ୟେକ କ୍ୟାପସୁଲ୍‌ରେ ପ୍ରାୟ ଗୋଟିଏ ଗ୍ରାମ ବିଷ ଥିଲା । ପୋଲିସ ଡୋଙ୍ଗରିରେ ଥିବା ତାର ଭଡା ଘରୁ ବିପୁଳ ମାତ୍ରାରେ ବିଷ ଏବଂ ପ୍ରାୟ ୧୫ ହଜାର ପ୍ରସ୍ତୁତ କ୍ୟାପସୁଲ୍ ଜବତ କରିଛି । ତାର ଲକ୍ଷ୍ୟ ଥିଲା ୩୦ ହଜାର କ୍ୟାପସୁଲ୍ ତିଆରି କରି ଶୋଭାଯାତ୍ରାରେ ସେବା ନାଁରେ ବଣ୍ଟିବ । ପୋଲିସ ସୂତ୍ର ଅନୁସାରେ, ଫୟାଜ ୧୫,୦୦୦ ଲୋକଙ୍କୁ ହତ୍ୟା କରିବାକୁ ଚାହୁଁଥିବା ସ୍ୱୀକାର କରିଛି । ଅଭିଯୁକ୍ତ ଜଣେ ବିବିଏ ସ୍ନାତକ ଭାବେ ଚିହ୍ନଟ ହୋଇଛି । ତାକୁ ଅଟକ ରଖିବା ପରେ ତାର ବିଦେଶ ଯାତ୍ରା ଇତିହାସ ମଧ ସାମ୍ନାକୁ ଆସିଛି । ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସେ ପୂର୍ବରୁ ଇରାନ ଏବଂ ଇରାକ ଗସ୍ତ କରିଥିଲା । ଅଭିଯୁକ୍ତ ବିରୁଦ୍ଧରେ ବାଇକୁଲା ପୋଲିସ ଷ୍ଟେସନରେ ଭାରତୀୟ ଦଣ୍ଡ ସଂହିତାର ଧାରା ୧୨୩ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି । ପୋଲିସ ଏବେ ସମ୍ଭାବ୍ୟ ଆତଙ୍କବାଦୀ ଲିଙ୍କ୍ ଏବଂ ଷଡ଼ଯନ୍ତ୍ର ପଛରେ ଥିବା ମାଷ୍ଟରମାଇଣ୍ଡରଙ୍କ ତଦନ୍ତ କରୁଛି ।

# ଫିଫା ବିଶ୍ୱକପ୍

# ଅଷ୍ଟ୍ରିଆ, ଆଲଜେରିଆକୁ ନକ୍‌ଆଉଟ୍ ଯୋଗ୍ୟତା

## ଉଜବେକିସ୍ତାନକୁ ହରାଇ ନକ୍‌ଆଉଟରେ କଙ୍ଗୋ

ରବିବାର ଗ୍ରୁପ୍ କେ ର ଏକ ମ୍ୟାଚରେ ଡିଆର କଙ୍ଗୋ ୩-୧ ଗୋଲରେ ଉଜବେକିସ୍ତାନକୁ ହରାଇ ତୃତୀୟ ଦଳ ଭାବେ ନକ୍‌ଆଉଟ୍‌ରେ ପ୍ରବେଶ କରିଛି । ୧୯୭୪ରେ ପଦାର୍ପଣ କରିଥିବା କଙ୍ଗୋ ଚଳିତ ବର୍ଷ ଦ୍ୱିତୀୟ ଥର ବିଶ୍ୱକପ୍ ଖେଳିବା ସହ ପ୍ରଥମ ବିଜୟଲାଭ କରିଥିଲା । ଆରମ୍ଭରୁ ଚମତ୍କାର ଖେଳ ଦେଖାଇ ୧୦ମ ମିନିଟରେ ଏଲଡର ଗୋଲ ଦେଇ ଉଜବେକିସ୍ତାନକୁ ଅଗ୍ରଣୀ କରାଇଥିଲେ । ଦ୍ୱିତୀୟାର୍ଦ୍ଧରେ ଆଫ୍ରିକୀୟ ଦଳର କଙ୍ଗୋ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା । ପଛକୁ ପଛ ୩ ଟି ଗୋଲ ଦେଇ ଉଜବେକିସ୍ତାନକୁ ପ୍ରତ୍ୟାବର୍ତ୍ତନରକୌଣସି ସୁଯୋଗ ଦେଇନଥିଲେ କଙ୍ଗୋ ଖେଳାଳି । ୬୮ ତମ ମିନିଟରେ କଙ୍ଗୋକୁ ମିଳିଥିବା ପେନାଲିଟ୍‌କୁ ୱିସା ଗୋଲରେ ପରିଣତ କରି ସ୍ଥିତି ୧-୧ କରିଥିଲେ । ୭୮ତମ ମିନିଟରେ ଫିଷ୍ଟନ ମାୟଲେ ଏବଂ ଶେଷ ମିନିଟରେ ୱିସା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରି କଙ୍ଗୋକୁ ଐତିହାସିକ ବିଜୟ ଭେଟି ଦେଇଥିଲେ ।

## ନକ୍‌ଆଉଟ୍‌ରେ ଇଂଲଣ୍ଡ, କ୍ରୋଏସିଆ, ଘାନା

ଗ୍ରୁପ୍ ଏଲ ରୁ ଇଂଲଣ୍ଡ କ୍ରୋଏସିଆ ଓ ଘାନା ନକ୍‌ଆଉଟ୍‌ରେ ପ୍ରବେଶ କରିଛନ୍ତି । ନ୍ୟୁୟର୍କରେ ଇଂଲଣ୍ଡ ପାନାମାକୁ ୨-୦ ଗୋଲରେ ହରାଇ ଟେବୁଲର ପ୍ରଥମ ସ୍ଥାନରେ ରହିଥିବା ବେଳେ କ୍ରୋଏସିଆ ୨-୧ ଗୋଲରେ ଘାନାକୁ ହରାଇ ଗ୍ରୁପର ଦ୍ୱିତୀୟ ସ୍ଥାନରେ ରହିଛି । ପରାଜୟ ସତ୍ତ୍ୱେ ଘାନା ୪ ପଏଣ୍ଟ ଥିବାରୁ ତୃତୀୟ ସ୍ଥାନ ସହ ନକ୍‌ଆଉଟ୍‌ରେ ପ୍ରବେଶ କରିଛି ।

ଏଥି ସହ ଚଳିତ ବିଶ୍ୱକପ୍‌ର ରାଉଣ୍ଡ ୩୨ ପର୍ଯ୍ୟାୟ ଚୂଡାନ୍ତ ହୋଇଛି । ୧୨ ଟି ଗ୍ରୁପରୁ ୨୪ ଟି ଦଳ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୮ ଟି ଦଳ ନକ୍‌ଆଉଟ୍ ଯୋଗ୍ୟତା ଅର୍ଜନ କରିଛନ୍ତି । ଗ୍ରୁପ କେ ରୁ ଡିଆର କଙ୍ଗୋ, ଗ୍ରୁପ ଏଫରୁ ସ୍ୱିଡେନ, ଗ୍ରୁପ ଏଲରୁ ଘାନା, ଗ୍ରୁପ ଇ ରୁ ଇକ୍ୱେଡର , ଗ୍ରୁପ ବି ରୁ ବୋସନିଆ, ଗ୍ରୁପ୍ ଜେ ରୁ ଆଲଜେରିଆ, ଗ୍ରୁପ୍ ଡି ରୁ ପାରାଗୁଏ ଏବଂ ଗ୍ରୁପ୍ ଆଇ ସେନେଗାଲ ନକ୍ ଆଉଟକୁ ଯାଇଛନ୍ତି । ୪ ଟି ଦଳ ଇରାନ, ଦକ୍ଷିଣ କୋରିଆ, ସ୍କଟ୍‌ଲାଣ୍ଡ ଓ ଇରୁଗୁଏ ତୃତୀୟ ସ୍ଥାନ ସତ୍ତ୍ୱେ ଚଳିତ ବିଶ୍ୱକପ୍‌ରୁ ଅଭିଯାନ ଶେଷ କରିଛନ୍ତି ।





କାନଶାସ, ୨୮।୬(ଏଜେନ୍ସି) : ଚଳିତ ବିଶ୍ୱକପ୍‌ର ଗ୍ରୁପ୍ ଜେ ରେ ଅଷ୍ଟ୍ରିଆ ଓ ଆଲଜେରିଆ ମ୍ୟାଚ ୩-୩ ଗୋଲରେ ଅମୀମାଂସିତ ଭାବେ ଶେଷ ହେବା ସହ ଉଭୟ ଦଳ ନକ୍ ଆଉଟ୍‌ରେ ପ୍ରବେଶ କରିଛନ୍ତି । ରବିବାର ଖେଳାଯାଇଥିବା ମ୍ୟାଚରେ ଉଭୟ ପକ୍ଷରୁ ୩ ଟି ଲେଖାଏଁ ଗୋଲ ହୋଇଥିଲା । ୨୮ତମ ମିନିଟରେ ଡେଭିଡ୍ ଆଲଭାଙ୍କ ପାସ୍‌ରେ ମାର୍କୋ ଅର୍ଣ୍ଣଉଟୋଭିକ୍ ଗୋଲ କରି ଅଷ୍ଟ୍ରିଆକୁ ଆଗୁଆ କରିଥିଲେ । ୪୧ତମ ମିନିଟରେ ଆଲଜେରିଆର ରଫିକ୍ ଗୋଲ ଦେଇ ମ୍ୟାଚକୁ ୧-୧ ସମାନ ସ୍ତରକୁ ଆଣିଥିଲେ । ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ପୁଣି ଅଷ୍ଟ୍ରିଆ ପୁଣି ଆଗୁଆ ହୋଇଥିଲା । ୫୫ତମ ମିନିଟରେ ମାର୍ସେଲ ସାବିଜର ଗୋଲ କରିଥିଲେ । ଏହାର ୫ ମିନିଟ୍ ପରେ ରିଆଦ ମହେରଜ ଗୋଲ କରି ମ୍ୟାଚକୁ ୨-୨ ସ୍ଥିତିକୁ ଆଣିଥିଲେ । ଶେଷ ଇଞ୍ଜୁରୀ ସମୟରେ ମେହରେଜ ୯୩ତମ ଗୋଲ କରିବାରୁ ଆଲଜେରିଆ ୩-୨ ରେ ଆଗୁଆ ହୋଇଥିଲା । ଶେଷ ସମୟରେ ମାଇକେଲ ଗ୍ରିଗୋରିଚଙ୍କ ପାସ୍‌କୁ ସାସାତାଲାଜିକ୍ ଗୋଲ ଦେଇ ଆଲଜେରିଆର ବିଜୟ ଆଶାରେ ପାଣି ଭରିବା ସହ ମ୍ୟାଚକୁ ଡ୍ର ରଖିଥିଲେ । ଏହି ଡ୍ର ସହ ଅଷ୍ଟ୍ରିଆ ୧୯୮୨ ପରେ ପ୍ରଥମ ଥର ଗ୍ରୁପ୍ ପର୍ଯ୍ୟାୟରୁ ନକ୍‌ଆଉଟରୁ ପହଞ୍ଚିଛି ।

## ଆର୍ଜେଣ୍ଟିନାର ହ୍ୟାଟ୍ରିକ୍ ବିଜୟ

ଗତ କାତାର ବିଶ୍ୱକପ୍‌ର ବିଜେତା ଆର୍ଜେଣ୍ଟିନା ଏଥର ହ୍ୟାଟ୍ରିକ ବିଜୟ ସହ ଆଗକୁ ବଢିଛି । ଦଳ ଶେଷ ଲିଗ୍ ମ୍ୟାଚରେ ଯୋଡାନକୁ ୩-୧ ଗୋଲରେ ପରାଜିତ କରିଛି । ଏକାଧିକ କୀର୍ତ୍ତିମାନର ଅଧିକାରୀ ଲିଓନେଲ୍ ମେସି ଏହି ମ୍ୟାଚର ୮୦ତମ ମିନିଟରେ ଜମାଣିଆ ଗୋଲ କରିଥିଲେ । ମେସି ଆଲଜେରିଆ ବିପକ୍ଷରେ ୩ ଟି, ଅଷ୍ଟ୍ରିଆ ବିପକ୍ଷରେ ୨ଟି ଏବଂ ଯୋଡାନ ବିପକ୍ଷରେ ଗୋଟିଏ ଗୋଲ କରି ଏକାଧିକ କୀର୍ତ୍ତିମାନ କରିଛନ୍ତି । ସେ ଏପର୍ଯ୍ୟନ୍ତ ୩ ଟି ମ୍ୟାଚରୁ ୬ ଟି ଗୋଲ କରିଛନ୍ତି । ମ୍ୟାଚର ୫୯ତମ ମିନିଟରେ ପଡିଆକୁ ପ୍ରବେଶ କରିଥିବା ମେସି ୮୦ତମ ମିନିଟରେ ନିଜର ମ୍ୟାଜିକ୍ ଦେଖାଇ ଗୋଲ କରିଥିଲେ । ଏକ ଫ୍ରିକିକ୍‌କୁ ସିଧାସଳଖ ଯୋଡା ଗୋଲ ପୋଷ୍ଟକୁ ପଠାଇ କ୍ରମାଗତ ୭ ଟି ବିଶ୍ୱକପ୍ ମ୍ୟାଚରେ ଗୋଲ କରିବାର ଅନନ୍ୟ ରେକର୍ଡ କରିଥିଲେ । ଏଥିସହ ମେସି ଫ୍ରାନ୍ସର ପୋଣ୍ଟାଏନ୍ ଓ ବ୍ରାଜିଲର ଜୟରଜିନୋଙ୍କୁ ପଛରେ ପକାଇଦେଇଛନ୍ତି । ବିଶ୍ୱକପ୍‌ରେ ମେସିଙ୍କ ଗୋଲ ସଂଖ୍ୟା ୧୯ ରେ ପହଞ୍ଚିଛି ।




## କୋହଲିଙ୍କ ସହ କ୍ରିକେଟ୍ ଖେଳିବେ ଜୋକୋଭିକ୍

ନୂଆଦିଲ୍ଲୀ, ୨୮।୬(ଏଜେନ୍ସି) : ସର୍ବିଆର ପେଶାଦାର ପୁରୁଷ ଟେନିସ୍ ଖେଳାଳି ନୋଭାକ୍ ଜୋକୋଭିକ୍ ଏବଂ ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କ ମଧ୍ୟରେ ଥିବା ବନ୍ଧୁତା ସମ୍ପର୍କରେ ସମସ୍ତେ ଜାଣନ୍ତି । ଏହି ଦୁଇ ମହାନ ଖେଳାଳି ବିଗତ କିଛି ବର୍ଷ ହେବ ସୋସିଆଲ ମିଡିଆ ମାଧ୍ୟମରେ ପରସ୍ପର ସହ ସମ୍ପର୍କରେ ଅଛନ୍ତି । ଏପର୍ଯ୍ୟନ୍ତ ସେମାନଙ୍କର ବ୍ୟକ୍ତିଗତ ସାକ୍ଷାତ ହୋଇନାହିଁ । ଖୁବ୍‌ଶୀଘ୍ର ଏହି ପ୍ରତିକ୍ଷାର ଅନ୍ତ ହେବାକୁ ଯାଉଛି । ୱିମ୍ବଲଡନ ୨୦୨୬ରେ ଜୋକୋଭିକ୍ ନିଜର ଭାରତ ଗସ୍ତ ଯୋଜନା ସମ୍ପର୍କରେ ପ୍ରକାଶ କରିବା ସହ କୋହଲିଙ୍କୁ ଭେଟିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ।



ଷ୍ଟାର ସ୍ପୋର୍ଟ୍ସ ସହ ସାକ୍ଷାତକାର ବେଳେ ୨୪ ଥର ଗ୍ରାଣ୍ଡସ୍ଲାମ୍ ବିଜେତା ଜୋକୋଭିକ୍ କହିଛନ୍ତି, ଆମେ ଏପର୍ଯ୍ୟନ୍ତ ପରସ୍ପରକୁ ଭେଟିନାହୁଁ । କିନ୍ତୁ ଗତ କିଛି ବର୍ଷ ହେବ ଆମେ ମେସେଜ୍ ଜରିଆରେ କଥାବାର୍ତ୍ତା ହେଉଛୁ । ପରସ୍ପରର କ୍ୟାରିୟରକୁ ପସନ୍ଦ କରୁ, ସମର୍ଥନ ମଧ୍ୟ କରୁ । ମୁଁ ଖୁବ୍ ଶୀଘ୍ର ଭାରତ ଗସ୍ତ କରିବାକୁ ଯୋଜନା କରୁଛି । ଆଶା ଅଛି ସେହି ସମୟରେ ବିରାଟଙ୍କ ସହ ମୋର ସାକ୍ଷାତ ହେବ । ଆମେ ଦୁହେଁ କିଛି ସମୟ ଟେନିସ୍ ଓ କ୍ରିକେଟ ଖେଳିବୁ । ଜୋକୋଭିକ୍ କ୍ରିକେଟ୍ ଖେଳିବା ଆରମ୍ଭ କରିଛନ୍ତି । କିନ୍ତୁ ସେ ଏତେ ପାରଙ୍ଗମ୍ ନୁହଁନ୍ତି । ଭାରତ ଯିବା ପୂର୍ବରୁ ସେ ନିଜର କ୍ରିକେଟ୍ ଶୈଳୀକୁ ସୁଧାରିବାକୁ ଚାହାଁନ୍ତି, ଯେପରି ବିରାଟଙ୍କ ସାମ୍ନାରେ ତାଙ୍କୁ ଲଜ୍ଜିତ ହେବାକୁ ନପଡେ । ୨୦୨୪ ଜାନୁଆରୀରେ ଅଷ୍ଟ୍ରେଲିୟାନ ଓପନ ସମୟରେ ଜୋକୋଭିକ୍ ପ୍ରଥମ ଥର ପାଇଁ କୋହଲିଙ୍କ ସହ ଏହି ସମ୍ପର୍କ ବିଷୟରେ ସର୍ବ ସମ୍ମୁଖରେ କହିଥିଲେ । ପରବର୍ତ୍ତୀ ସମୟରେ କୋହଲି ମଧ୍ୟ ବିସିସିଆଇ ଟିଭିକୁ ଦେଇଥିବା ଏକ ସାକ୍ଷାତକାରରେ ବନ୍ଧୁତା ପଛର ଏକ ମଜାଦାର କାହାଣୀ ସେୟାର କରିଥିଲେ ।

## ଭେନେଜୁଏଲା ଭୂକମ୍ପ

## ଫୁଟବଲ ଖେଳାଳିଙ୍କ ପତ୍ନୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୮।୬(ଏଜେନ୍ସି) : ଭେନେଜୁଏଲାରେ ଘଟିଥିବା ଭୂକମ୍ପର ଭୟଙ୍କର ରୂପ ସବୁକିଛି ଛାରଖାର କରିଦେଇଥିଲା । ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ସମୟରେ ଯେଉଁ ଚିତ୍ରଗୁଡିକ ସାମ୍ନାକୁ ଆସିଛି, ତାହା ପ୍ରକୃତରେ ଅତ୍ୟନ୍ତ ହୃଦୟ ବିଦାରକ । ଜଣେ ପ୍ରସିଦ୍ଧ ଭେନେଜୁଏଲାର ଫୁଟବଲ ଖେଳାଳି ଭୂକମ୍ପରେ ପତ୍ନୀଙ୍କୁ ହରାଇଛନ୍ତି । ଭୂକମ୍ପରେ ତାଙ୍କର ଘର ଭୁଷୁଡି ପଡିଥିଲା । ସ୍ତ୍ରୀ ଓ ଝିଅ ଭଗ୍ନାଂଶ ତଳେ ଫସିଯାଇଥିଲେ । ଝିଅକୁ ଜୀବିତ ଓ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା । ଜଣାଶୁଣା ଫୁଟବଲ ଖେଳାଳି ହେକ୍ଟର ବେଲୋ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ତାଙ୍କ ପତ୍ନୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ସେ ପ୍ରକାଶ କରିଥିଲେ ଯେ, ତାଙ୍କ ପତ୍ନୀ ଆଡ୍ରିଆ ବେଲୋ ଗତ ୨୨ ତାରିଖ ଭୂକମ୍ପରେ ମୃତ୍ୟୁବରଣ କରିଥିଲେ । ବର୍ଷକର ଝିଅକୁ ସୁରକ୍ଷା ଦେବା ସମୟରେ ତାଙ୍କ ଜୀବନ ଚାଲିଯାଇଥିଲା । ଆଡ୍ରିଆଙ୍କ ମୃତ ଦେହ ଭଗ୍ନାଂଶରୁ ଉଦ୍ଧାର କରାଯାଇଥିଲା । ଆଡ୍ରିଆ ତାଙ୍କ ଝିଅ ଆଲାନାକୁ ଜୀବିତ ରଖିବା ପାଇଁ ଶେଷ ନିଶ୍ୱାସ ଯାଏ ମୃତ୍ୟୁ ସହ ସଂଘର୍ଷ କରିଥିଲେ । ସେ ଏକ ସୁରକ୍ଷା କବଚ ଭଳି ଝିଅକୁ ବଞ୍ଚାଇ ନିଜେ ଆଖି ବୁଜିଥିଲେ । ଘରର ଭଗ୍ନାବଶେଷ ତଳେ ଶିଶୁଟିର କାନ୍ଦ ଶବ୍ଦ ଶୁଣିବା ପରେ ଏହି ଦୁଃଖଦ ଘଟଣା ସାମ୍ନାକୁ ଆସିଥିଲା । ଜଣେ ମା'ର ସର୍ବୋତ୍ତମ ବଳିଦାନ ପାଇଁ ସବୁଆଡୁ ଦୁଃଖଭରା ଧନ୍ୟବାଦ ମିଳିଛି । ଛୋଟ ଆଲାନା ଭଗ୍ନାବଶେଷ ମଧ୍ୟରେ ସୁରକ୍ଷିତ ରହିଯାଇଛି । ଭେନେଜୁଏଲାର ଇତିହାସରେ ଏହି ଦୁଃଖଦ ଘଟଣା ମନେ ରହିବ । କିନ୍ତୁ ଏହି ମା'ଙ୍କ ବଳିଦାନକୁ ସମ୍ମାନିତ ଓ ସଲାମ କରାଯିବ ।



## ବିଶ୍ୱ ରୋଇଙ୍ଗ କପ୍

## ଇତିହାସ ରଚିଲେ ଦୁଇ ଭାରତୀୟ ଯବାନ

ନୂଆଦିଲ୍ଲୀ, ୨୮।୬(ଏଜେନ୍ସି) :ବିଶ୍ୱ ରୋଇଙ୍ଗ କପରେ ଦୁଇ ଭାରତୀୟ ଯବାନ ଇତିହାସ ରଚିଛନ୍ତି । ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସୁଇଜରଲାଣ୍ଡର ଲୁସେନ୍ ଠାରେ ଅନୁଷ୍ଠିତ ବିଶ୍ୱ ରୋଇଙ୍ଗ କପ୍ ୩ରେ ଭାରତର ଦୁଇ ଯବାନ ଲକ୍ଷ୍ୟ ଏବଂ ଉଜ୍ଜ୍ୱଳ କୁମାର ସିଂ ଦେଶ ପାଇଁ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି । ଲାଇଟ୍ ୱେଟ୍ ପୁରୁଷ ଡବଲ ସ୍କଲ୍ସ ଫାଇନାଲରେ ଭାରତୀୟ ଯୋଡି ଦମଦାର ପ୍ରଦର୍ଶନ କରି ନିର୍ଦ୍ଧାରିତ ଦୂରତ୍ୱକୁ ୬ : ୨୬.୦୯ ସମୟରେ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହି ପ୍ରତିଯୋଗିତାରେ ହଂକଂ ଦ୍ୱିତୀୟ ଏବଂ ନେଦରଲାଣ୍ଡସ୍ ତୃତୀୟ ସ୍ଥାନ ଅଧିକାର କରିଛି । ଏହି ସଫଳତା ଭାରତୀୟ ରୋଇଙ୍ଗ ଇତିହାସରେ ଏକ ନୂଆ ମାଇଲ ଖୁଣ୍ଟ ସ୍ଥାପନ କରିଛି । କାରଣ ଏହାପୂର୍ବରୁ ଭାରତ କେବେବି ବିଶ୍ୱ ରୋଇଙ୍ଗ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିନଥିଲା । ଲକ୍ଷ୍ୟ ଓ ଉଜ୍ଜ୍ୱଳ ଭାରତୀୟ ସେନାରେ କାର୍ଯ୍ୟରତ ଯବାନ । ଲୁସେନ୍ ପ୍ରତିଯୋଗିତାରେ ଭାଗ ନେଇଥିବା ୧୮ ଜଣିଆ ଭାରତୀୟ ଦଳ ପ୍ରାୟତଃ ସମ୍ପୂର୍ଣ୍ଣ ଭାବେ ସଶସ୍ତ୍ର ବାହିନୀରୁ ଚୟନ କରାଯାଇଛି । ଏହି ଦଳରେ ୧୭ ଜଣ ଆଥଲେଟ୍ ଭାରତୀୟ ସେନାର ଏବଂ ଜଣେ ଭାରତୀୟ ନୌସେନାର ଅଛନ୍ତି । ଏହି ସଫଳତା ରୋଇଙ୍ଗ କ୍ଷେତ୍ରରେ ସେନାର ଦୀର୍ଘ ଦିନର ନିବେଶ ଏବଂ ଆଥଲେଟ୍ ବିକାଶର ପ୍ରମାଣ ଦେଇଛି ।




## ଲଡୁ କିଶୋର ସ୍ମାରକୀ ରାଜ୍ୟ ସ୍କୁଲ ଚେସ୍ ଚାମ୍ପିଅନସିପ୍

## ଅତିଶ ବିଜେତା

ଭୁବନେଶ୍ୱର, (ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଷଷ୍ଠ ଲଡୁ କିଶୋର ନାୟକ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୟୁନିଟ୍ ୮ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ର ଅତିଶ ନନ୍ଦ ଗୋସ୍ୱାମୀ ବିଜେତା ହୋଇଛନ୍ତି । ସେହିଭଳି ଆରିଶ ନନ୍ଦ ଗୋସ୍ୱାମୀ ଦ୍ୱିତୀୟ, ଆୟୁଷମାନ ବେହେରା ତୃତୀୟ, ଦିପେନ୍ଦୁ ରଥ ଚତୁର୍ଥ ଏବଂ ସାତ୍ତ୍ୱିକ ମହାନ୍ତି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ବିଭିନ୍ନ ବୟସବର୍ଗରେ ୮ ଜଣଙ୍କୁ ଏବଂ ୩ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି ।



## ବ୍ରିଟିଶ -ଇରିଶ ପାରା ବ୍ୟାଡମିଣ୍ଟନ

## ପ୍ରମୋଦଙ୍କୁ ସ୍ୱର୍ଣ୍ଣ -ବ୍ରୋଞ୍ଜ

ଭୁବନେଶ୍ୱର, (ସବ୍ୟୁ) : ଚଳିତ ମାସ ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ବ୍ରିଟିଶ -ଇରିଶ ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାସନାଲ ପ୍ରତିଯୋଗିତାରେ ଓଡିଆ ପୁଅ ପ୍ରମୋଦ ଭଗତ ଡବଲ ପଦକ ଜିତିଛନ୍ତି । ସେ ପୁରୁଷ ସିଙ୍ଗଲ୍ସ ଏସଏଲ୍ ୩ ବର୍ଗରେ ସ୍ୱର୍ଣ୍ଣିମ ସଫଳତା ଲାଭ କରିଛନ୍ତି । ସେହିଭଳି ମିକ୍ସଡ ଡବଲ୍ସରେ ମଧ୍ୟ ପ୍ରମୋଦଙ୍କୁ ବ୍ରୋଞ୍ଜ ପଦକ ସଫଳତା ମିଳିଛି । ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ୨୩ -୨୧, ୨୧-୨୪ ଗେମରେ ଭାରତର ଅନ୍ୟତମ ପ୍ରତିଯୋଗୀ ନୀତିଶ କୁମାର ପରାଜିତ କରି ଟାଇଟଲ ଜିତିଛନ୍ତି । ଏହି ମ୍ୟାଚ ଜିତିବା ପାଇଁ ପ୍ରମୋଦଙ୍କୁ ୪୪ ମିନିଟ୍ ସମୟ ଲାଗିଥିଲା । ମିକ୍ସଡ ଡବଲ୍ସରେ ପ୍ରମୋଦ ଓ ମନୀଷା ରାମଦାସଙ୍କ ଯୋଡି ବ୍ରୋଞ୍ଜ ଜିତିଛନ୍ତି । ଡବଲ ପଦକ ସଫଳତା ପରେ ଅଲିମ୍ପିଆନ ପ୍ରମୋଦ ଭଗତ କହିଛନ୍ତି ସବୁ ପ୍ରତିଯୋଗିତାରେ ମୁଁ ନିଜକୁ ପରକ୍ଷିବା ଓ ପ୍ରମାଣିତ କରିବାର ସୁଯୋଗ ପାଇଛି । ଏହି ଦୁଇଟି ପଦକ ବର୍ଷ ତମାମ୍ ମୋ ମନବଳକୁ ସତେଜ ରଖିବ ବୋଲି ପ୍ରମୋଦ କହିଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଉଦ୍‌ଯାପିତ

## ତାମିଲନାଡୁ ଦଳଗତ ଚାମ୍ପିଅନ

ଭୁବନେଶ୍ୱର, ୨୮।୬(ସବ୍ୟୁ) : କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ୬୫ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଏକାଧିକ କୀର୍ତ୍ତିମାନ ସହ ତାମିଲନାଡୁ ଦଳଗତ ଚାମ୍ପିଅନ ହୋଇଛି । ସେହିଭଳି ପୁରୁଷରେ ଉତ୍ତରପ୍ରଦେଶ ଏବଂ ମହିଳାରେ ହରିୟାଣା ଚାମ୍ପିଅନ ହୋଇଛି । ଶ୍ରେଷ୍ଠ ଆଥଲେଟ୍ ଭାବେ ପୁରୁଷରେ ଶ୍ରୀ ଶଙ୍କର ମୁରଲି ଏବଂ ମହିଳାରେ ଆନସି ସୋଜନ କଳିଙ୍ଗରେ କୀର୍ତ୍ତିମାନ କରିଛନ୍ତି । ପ୍ରତିଯୋଗିତାର ଶେଷ ଦିନ ଏକାଧିକ ହଇଚମଟ ଦେଖିବାକୁ ମିଳିଥିଲା । ପୁରୁଷ ଜାଭେଲିନ୍ ଥ୍ରୋରେ ରୋହିତ ଯାଦବ ୮୭.୦୫ ମିଟର ଥ୍ରୋ କରି ଏସିଆନ ଗେମ୍ସ ଟିକେଟ୍ ହାସଲ କରିଛନ୍ତି । ସେ ଏହି ସଫଳତା ନିଜର ଶେଷ ପ୍ରୟାସରେ ପାଇଥିଲେ । ଏଥିସହ ସେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ରୋହିତଙ୍କ ପଛକୁ ସଚିନ ଯାଦବ ୮୨.୩୨ ମିଟର ସହ ତୃତୀୟ ଏବଂ ଜସବୀର ସିଂ ୮୩.୭୨ ମିଟର ସହ ଜାପାନ ଏସିଆନ ଗେମ୍ସ ଯୋଗ୍ୟତା ଅର୍ଜନ କରିଛନ୍ତି । ପୁରୁଷ ଓ ମହିଳା ୪୦୦ ମିଟର ରିଲେରେ ୯ ଜଣ ପ୍ରତିଯୋଗୀ ଏସିଆନ ଗେମ୍ସ ଯୋଗ୍ୟତା ଅର୍ଜନ କରିଛନ୍ତି । ମହିଳାରେ ୪ ଜଣ ତଥା ପୁରୁଷରେ ସର୍ବାଧିକ ୫ ଜଣ ପ୍ରତିଯୋଗୀଙ୍କୁ ଏହି ସଫଳତା ମିଳିଛି ।




## ଟି -୨୦ ବିଶ୍ୱକପରୁ ବିଦା ହେଲା ଭାରତ

ଇଂଲଣ୍ଡ, ୨୮।୬(ଏଜେନ୍ସି) : ଭାରତକୁ ଅଷ୍ଟ୍ରେଲିଆ ୬ ୱିକେଟରେ ପରାସ୍ତ କରିଛି । ଏହି ପରାଜୟ ସହିତ ଟିମ୍ ଇଣ୍ଡିଆ ବିଶ୍ୱକପରୁ ବାଦ ପଡ଼ିଛି । ଭାରତର ଚାମ୍ପିଅନ ହେବାର ସ୍ୱପ୍ନ ପୁଣି ଥରେ ଅଧାରେ ରହିଯାଇଛି । ସେମିଫାଇନାଲରେ ପହଞ୍ଚିବା ପାଇଁ ଭାରତ ପାଇଁ ଏହି ମ୍ୟାଚ୍ ଜିତିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । 'ଗ୍ରୁପ୍-ଏ'ରୁ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଅଧିନାୟିକା ହରମନପ୍ରୀତ କୌର ୫୬ ରନର ଲଢୁଆ ଇନିଂସ ଖେଳି ଭାରତର ସ୍କୋରକୁ ୧୭୦ ରନରେ ପହଞ୍ଚାଇଥିଲେ । ଜବାବରେ ଅଷ୍ଟ୍ରେଲିଆ ୬ଟି ବଲ୍ ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଅଷ୍ଟ୍ରେଲିଆ ପାଇଁ ଏଲିସ୍ ପେରି (୫୬ ରନ୍) ଏବଂ ଆଶ୍ଲେ ଗାର୍ଡନର ୫୩ ରନର ଏକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ । ଏଲିସ୍ ପେରି ଏବଂ ଆଶ୍ଲେ ଗାର୍ଡନରଙ୍କ ୧୦୦ ରନର ଭାଗୀଦାରି ଭାରତୀୟ ଦଳ ପାଇଁ ଏକ ବଡ଼ ଧକ୍କା ଦେଇଥିଲା । ଗୋଟିଏ ସମୟରେ ଅଷ୍ଟ୍ରେଲିଆ ୬୮ ରନରେ ୩ ୱିକେଟ ହରାଇଥିଲା । କିନ୍ତୁ ପରେ ପେରି ଏବଂ ଗାର୍ଡନରଙ୍କ ୧୦୦ ରନର ଭାଗୀଦାରି ଭାରତକୁ ବିଜୟରୁ ଦୂରେଇ ରଖିବାରେ ସାହାଯ୍ୟ କରିଥିଲା ।

## ଲଜ୍ଜାଜନକ ପରାଜୟ: ଶୃଙ୍ଖଳା ପୋଛିନେଲା ଆୟର୍ଲାଣ୍ଡ

ନୂଆଦିଲ୍ଲୀ : ଟି-୨୦ ୱାର୍ଲ୍ଡ ଚାମ୍ପିଅନକୁ ସେହି ଫର୍ମାଟରେ ଶୋଚନୀୟ ଭାବେ ସିରିଜ ହରାଇଲା ଆୟର୍ଲାଣ୍ଡ । ରବିବାର ଟି-୨୦ ସିରିଜର ଦ୍ୱିତୀୟ ତଥା ଅନ୍ତିମ ମ୍ୟାଚରେ ଆୟରଲାଣ୍ଡ ଟିମ୍ ଇଣ୍ଡିଆକୁ ମାତ୍ର ୧ ରନରେ ହରାଇ ୦-୨ ଶୃଙ୍ଖଳା ପୋଛି ନେଇଛି । ଆୟର୍ଲାଣ୍ଡ ପାଇଁ ଖୁସୀର କଥା ହେଲା ଏହି ଦେଶ ପ୍ରଥମ ଥର ପାଇଁ ଭାରତ ବିରୁଦ୍ଧରେ ଟି-୨୦ ସିରିଜ ଜିତିଛି । ବେଲଫାଷ୍ଟରେ ଦୁଇ ଦଳ ପ୍ରଥମ ଥର ପାଇଁ ଟି-୨୦ ଖେଳୁଥିବା ବେଳେ ଭାରତ ପରାଜୟ ହୋଇଛି । ମ୍ୟାଚରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ଭାରତକୁ ୧୫୫ ରନ୍ ଟାର୍ଗେଟ୍ ଦେଇଥିଲା । ହେଲେ ଭାରତ ନିର୍ଦ୍ଧାରିତ ୨୦ ଓଭର ଖେଳି ୯ ୱିକେଟ୍ ହରାଇ ମାତ୍ର ୧୫୩ ରନ୍ ହିଁ କରିପାରିଥିଲା ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି